# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩/୨୦୨୪ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 3/2024 | Page 18 | ₹ 7.00 | SAMBALPUR

୫୦ଶ ଭାଗ ୧୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 100 | ମୂଲ୍ୟ ₹୭/-











# ଅନୁଚ୍ଛେଦ ୨୧ ସମ୍ବିଧାନର ଆତ୍ମା

## ନାଗରିକମାନଙ୍କ ସ୍ୱାଧୀନତା ସର୍ବୋପରି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨ ।୩(ପି.ଟି.)



ନାଗରିକମାନଙ୍କ ସ୍ୱାଧୀନତା ସର୍ବୋପରି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଅନୁଚ୍ଛେଦ ୨୧ ସମ୍ବିଧାନର ଆତ୍ମା ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏ ସମ୍ପର୍କିତ ମାମଲାରେ ହାଇକୋର୍ଟ ଦ୍ରୁତ ନିଷ୍ପତ୍ତି ନେଇ ଜଣେ ବ୍ୟକ୍ତିଙ୍କୁ ତାଙ୍କର ମୂଲ୍ୟବାନ ଅଧିକାରରୁ ବଞ୍ଚିତ କରିପାରିବେ ନାହିଁ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି।

ଗତ ଜାନୁଆରୀ ୨୯ରେ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ପରେ ମହାରାଷ୍ଟ୍ରର ଜଣେ କର୍ପୋରେଟରଙ୍କୁ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଅମୋଲ ବିଠଲ ବାହିଲଙ୍କୁ ବମ୍ବେ ହାଇକୋର୍ଟ ଜାମିନ ପ୍ରଦାନ କରିଥିବା ଖଣ୍ଡପୀଠ କହିଛନ୍ତି। ତେବେ ଜାନୁଆରୀ ୨୯ରେ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶନାମା ପୂର୍ବରୁ ହାଇକୋର୍ଟ ଜାମିନ ଆବେଦନକୁ ବିଚାର କରିବା ପରିବର୍ତ୍ତେ ବିଭିନ୍ନ କାରଣ ଦର୍ଶାଇ ଏହାକୁ ଘୁଞ୍ଚାଇ ଚାଲିଥିଲେ। ନାଗରିକଙ୍କ ସ୍ୱାଧୀନତା ସହ ଜଡ଼ିତ ମାମଲାକୁ ତୁରନ୍ତ ବିଚାର ନ କରି ଗଡ଼ାଇ ଚାଲିବା ଦ୍ୱାରା ସମ୍ପୃକ୍ତ ପକ୍ଷଙ୍କୁ ତାଙ୍କ ମୂଲ୍ୟବାନ ଅଧିକାରରୁ ବଞ୍ଚିତ କରୁଛି। ସମ୍ବିଧାନର ଅନୁଚ୍ଛେଦ ୨୧ ନାଗରିକମାନଙ୍କ ଏହି ଅଧିକାରକୁ ସୁନିଶ୍ଚିତ କରୁଥିବା ଖଣ୍ଡପୀଠ କହିଛନ୍ତି। ବମ୍ବେ ହାଇକୋର୍ଟରେ ବିଭିନ୍ନ ମାମଲାରେ ଜାମିନ ଏବଂ ଅନ୍ତରୀଣ ଜାମିନ ଆବେଦନର ଦ୍ରୁତ୍ ନିଷ୍ପତ୍ତି ନିଆଯାଉ ନ ଥିବା ସର୍ବୋଚ୍ଚ ଅଦାଲତ ଜାଣିବାକୁ ପାଇଥିଲେ। ଏଭଳି ଏକ ମାମଲାରେ ଅନ୍ତରୀଣ ଜାମିନ ଆବେଦନକୁ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଝୁଲାଇ ରଖାଯାଇଥିଲା ବୋଲି ଖଣ୍ଡପୀଠ କହିଛନ୍ତି। ବିଚାରପତିମାନେ ମାମଲାର ଗୁରୁତ୍ୱକୁ ବିଚାରକୁ ନ ନେଇ ବିଭିନ୍ନ ବାହାନା କରି ସମୟ ଗଡ଼ାଇ ଚାଲୁଛନ୍ତି। ତେଣୁ ଅପରାଧିକ ମାମଲାର ବିଚାର କରୁଥିବା ସମସ୍ତ ବିଚାରପତିଙ୍କୁ ଜାମିନ କିମ୍ବା ଅନ୍ତରୀଣ ଜାମିନ ସମ୍ପର୍କିତ ମାମଲାଗୁଡ଼ିକର ବିଚାର ଯଥାସମ୍ଭବ ଶୀଘ୍ର କରିବା ନିମନ୍ତେ ସୁପ୍ରିମକୋର୍ଟଙ୍କ ଅନୁରୋଧ ଜଣାଇଦେବାକୁ ଖଣ୍ଡପୀଠ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ କହିଛନ୍ତି। ହାଇକୋର୍ଟର ରେଜିଷ୍ଟ୍ରାରଙ୍କୁ ଉପରୋକ୍ତ ନିର୍ଦ୍ଦେଶନାମା ଜଣାଇଦେବାକୁ ଖଣ୍ଡପୀଠ ସର୍ବୋଚ୍ଚ ଅଦାଲତଙ୍କ ରେଜିଷ୍ଟ୍ରାର (ଜୁଡିସିଆଲ୍)ଙ୍କୁ କହିଛନ୍ତି।

ସୂଚନାଯୋଗ୍ୟ, ଅଭିଯୁକ୍ତ ବାହିଲ ୭.୫ ବର୍ଷ ଜେଲରେ ବିତାଇବା ପରେ ନିୟମିତ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ହାଇକୋର୍ଟ ଆବେଦନକୁ ବିଚାରକୁ ନ ନେଇ ତଳକୋର୍ଟକୁ ଯିବା ପାଇଁ ଗତବର୍ଷ ମାର୍ଚ୍ଚ ୩୦ରେ ନିର୍ଦ୍ଦେଶ ଦେଇଥିଲେ। ଜାମିନର ଗୁରୁତ୍ୱକୁ ବିଚାରକୁ ନ ନେବା ନ୍ୟାୟପାଳିକା ଉପରେ ନ୍ୟସ୍ତ ଦାୟିତ୍ୱ ସମ୍ପାଦନ ନ କରିବା ସହ ସମାନ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି।

## ସଂକ୍ଷେପରେ

### ଆମେରିକାରେ ଭାରତୀୟ ନୃତ୍ୟଶିଳ୍ପୀଙ୍କୁ ହତ୍ୟା

**ନ୍ୟୁୟର୍କ,୨।୩:** ଆମେରିକାରେ ଭାରତୀୟ ତଥା ଭାରତୀୟ ବଂଶୋଦ୍ଭବଙ୍କ ଉପରେ ଆକ୍ରମଣ ଥମିବା ନାଁ ନେଉନାହିଁ। ମିସୌରୀ ଅନ୍ତର୍ଗତ ସେଣ୍ଟ ଲୁଇସ୍‌ଠାରେ ଜଣେ ୩୪ ବର୍ଷୀୟ ଭାରତୀୟ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀଙ୍କୁ ଗୁଳିକରି ହତ୍ୟା କରାଯାଇଛି। ନିଜର ନୃତ୍ୟ ସ୍ୱପ୍ନକୁ ସାକାର କରିବା ପାଇଁ ଗତବର୍ଷ ଆମେରିକା ଯାଇଥିବା କୁଚିପୁଡ଼ି ଏବଂ ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ଅମରନାଥ ଘୋଷଙ୍କୁ ସେଣ୍ଟ ଲୁଇସ୍ ଏକାଡେମୀ ନିକଟରେ ଏକାଧିକ ଗୁଳିମାଡ଼ କରାଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଶିକାଗୋରେ ଥିବା ଭାରତୀୟ କନ୍‌ସୁଲେଟ୍ କାର୍ଯ୍ୟାନୁଷ୍ଠାନ ନେଇ ସ୍ଥାନୀୟ ପୋଲିସ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### କେନ୍ଦ୍ରୀୟ କ୍ରାଇମ୍ ବ୍ରାଞ୍ଚ୍ ବେଙ୍ଗାଲୁରୁ ବିସ୍ଫୋରଣର ତଦନ୍ତ କରିବ

**ବେଙ୍ଗାଲୁରୁ,୨।୩:** ବେଙ୍ଗାଲୁରୁର ରାମେଶ୍ୱରମ୍ କାଫେ ବିସ୍ଫୋରଣ ମାମଲାର ତଦନ୍ତ କେନ୍ଦ୍ରୀୟ କ୍ରାଇମ୍ ବ୍ରାଞ୍ଚ କରିବ ବୋଲି ପୋଲିସ କମିଶନର ବି. ଦୟାନନ୍ଦ କହିଛନ୍ତି। ଶୁକ୍ରବାର ଘଟିଥିବା ଏହି ବିସ୍ଫୋରଣରେ ୧୦ ଜଣ ଆହତ ହୋଇଥିଲେ। ସିସିଟିଭି ଫୁଟେଜ୍‌ରୁ କାଫେରେ ବୋମା ରଖିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିବାବେଳେ ଏପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ। ପୋଲିସ ୪ ଜଣଙ୍କୁ ଥାନାକୁ ଡାକି ପଚରାଉଚରା କରିବା ପରେ ଛାଡ଼ିଦେଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ କେତେକ ଟିମ୍ ଗଠନ କରିଛି। ମାମଲାର ସମ୍ବେଦନଶୀଳତା ଦୃଷ୍ଟିରୁ ଗଣମାଧ୍ୟମ କୌଣସି ଗୁଜବରେ ସମ୍ପୃକ୍ତ ନ ହୋଇ ସହଯୋଗ କରିବାକୁ ପୋଲିସ କମିଶନର ନିବେଦନ କରିଛନ୍ତି। ବେଙ୍ଗାଲୁରୁରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଶନିବାର ବିସ୍ଫୋରଣ ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ।

## ହଟାଇଥିବା ଭାରତୀୟ ଆପ୍‌କୁ ରିଷ୍ଟୋର୍ କଲା ଗୁଗଲ୍

ନୂଆଦିଲ୍ଲୀ, ୨ ।୩

ଶୁକ୍ରବାର ଗୁଗଲ୍ ପକ୍ଷରୁ କିଛି ଭାରତୀୟ ମୋବାଇଲ ଆପ୍ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ସେଗୁଡ଼ିକୁ ପ୍ଲେ ଷ୍ଟୋରରୁ ହଟାଇ ଦିଆଯାଇଥିଲା। ତେବେ ଏନେଇ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ହସ୍ତକ୍ଷେପ ପରେ ଗୁଗଲ୍ ନିଷ୍ପତ୍ତି ବଦଳାଇଛି। ଶନିବାର ଏନେଇ ଗୁଗଲ୍ ଅଧିକାରିଙ୍କ ସହ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଧିକାରୀକ ଭାବେ ଆଲୋଚନା କରିବା ପରେ ଏହି ଭାରତୀୟ ଆପ୍‌ଗୁଡ଼ିକର ରିଷ୍ଟୋର୍ ପ୍ରକ୍ରିୟା ଆରମ୍ଭ ହୋଇଛି। ଇନ୍-ଆପ୍ ପେମେଣ୍ଟ ବାବଦରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ଗୁଗଲ୍‌ର ଫିସ୍ ଆଦାୟକୁ ଦୀର୍ଘ ସମୟ ଧରି ବିଭିନ୍ନ ଭାରତୀୟ କମ୍ପାନୀ ବିରୋଧ କରି ଆସୁଥିଲେ। ତେବେ ଏହି ଇନ୍ -ଆପ୍ ପେମେଣ୍ଟ ସିଷ୍ଟମର ଧାର୍ଯ୍ୟ ସର୍ଭିସ ଦେୟ ଦେଇ ନ ଥିବାରୁ ୧୦ ଭାରତୀୟ ଆପ୍ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଗୁଗଲ୍ ସେଗୁଡ଼ିକୁ ପ୍ଲେ ଷ୍ଟୋରରୁ ହଟାଇଥିଲା।

# ସତ୍ୟେନ୍ଦ୍ରଙ୍କ ବିରୋଧରେ ସିବିଆଇ ତଦନ୍ତ ହେବ

## କଏଦୀଙ୍କଠାରୁ ଚାନ୍ଦା ଆଦାୟ ମାମଲା

## ଉପ ରାଜ୍ୟପାଳଙ୍କ ଅନୁମତି

ନୂଆଦିଲ୍ଲୀ, ୨।୩

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଜେଲ୍‌ରେ ଥିବା କେଜ୍‌ରିୱାଲ୍ ସରକାରଙ୍କ ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ଝଟ୍‌କା ଲାଗିଛି। ଦିଲ୍ଲୀ ଉପ ରାଜ୍ୟପାଳ ବିନୟ କୁମାର ସକ୍ସେନା ସତ୍ୟେନ୍ଦ୍ରଙ୍କ ବିରୋଧରେ ସିବିଆଇ ତଦନ୍ତର ନିର୍ଦ୍ଦେଶ ଦେଇଛନ୍ତି। ଜୈନ କିଛି ଜେଲ୍ କର୍ମଚାରୀଙ୍କ ସହ ମିଶି ଅନ୍ୟ କଏଦୀଙ୍କଠାରୁ ଜବରଦସ୍ତି ଚାନ୍ଦା ଆଦାୟ କରୁଥିବା ଅଭିଯୋଗକୁ ନେଇ ଉପ ରାଜ୍ୟପାଳଙ୍କ ଏହି ନିର୍ଦ୍ଦେଶ ସାମ୍ନାକୁ ଆସିଛି। ଠକେଇ ଅଭିଯୋଗରେ ତିହାଡ଼ ଜେଲ୍‌ରେ ସଜା କାଟୁଥିବା ସୁକେଶ୍ ଚନ୍ଦ୍ରଶେଖରଙ୍କ ଠାରୁ ଜୈନ ଓ ତାଙ୍କ ସାଥୀ ୧୦ କୋଟି ଟଙ୍କା ଚାନ୍ଦା ହଡ଼ପ କରିଥିବା ନେଇ ସେ ଅଭିଯୋଗ ଆଣିଥିଲେ। ସୁକେଶ୍‌ଙ୍କ ବ୍ୟତୀତ ଜେଲ୍ ମଧ୍ୟରେ ରହିଥିବା କିଛି ହାଇ ପ୍ରୋଫାଇଲ୍ କଏଦୀଙ୍କ ଠାରୁ ମଧ୍ୟ ସୁରକ୍ଷା ରାଶି ବାବଦରେ ଚାନ୍ଦା ଆଦାୟ ହୋଇଥିବା ଅଭିଯୋଗ ଆସିଥିଲା। ବଦଳରେ ଏହି କଏଦୀମାନଙ୍କୁ ଶାନ୍ତି ଓ ଆରାମଦାୟକ ଜୀବନଶୈଳୀ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦିଆଯାଉଥିଲା। ଏହିପରି କଏଦୀଙ୍କଠାରୁ ଜବରଦସ୍ତି ଚାନ୍ଦା ଆଦାୟ କରୁଥିବା ରାକେଟରେ ଜେଲ୍‌ର କିଛି କର୍ମଚାରୀ ସାମିଲ ଥିବା ନେଇ ଆସିଥିବା ଅଭିଯୋଗର ସିବିଆଇ ତଦନ୍ତ ନେଇ ଅନୁମତି ଦେଇଛନ୍ତି ଦିଲ୍ଲୀ ଉପ ରାଜ୍ୟପାଳ। ସେପଟେ ଅବକାରୀ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୨୦୨୨ ମେ ମାସରେ ଜୈନଙ୍କୁ ଗିରଫ କରିଥିବା ବେଳେ ଏବେ ସେ ସ୍ୱାସ୍ଥ୍ୟଗତ କାରଣ ଯୋଗୁ କୋର୍ଟଙ୍କ ଦ୍ୱାରା ଅନ୍ତରୀଣ ଜାମିନରେ ରହିଛନ୍ତି।



ସତ୍ୟେନ୍ଦ୍ର ଜୈନ

## ଗୌତମ ଗମ୍ଭୀର, ଜୟନ୍ତ ସିହ୍ନା ନିର୍ବାଚନ ଲଢ଼ିବେନି

ନୂଆଦିଲ୍ଲୀ,୨।୩

ପୂର୍ବତନ କ୍ରିକେଟର ତଥା ଭାଜପା ଏମ୍‌ପି ଗୌତମ ଗମ୍ଭୀର ନିର୍ବାଚନୀ ରାଜନୀତିରୁ ଓହରିଯିବେ ବୋଲି ସୂଚନା ଦେବାର କିଛି ସମୟ ପରେ ଅନ୍ୟତମ ଏମ୍‌ପି ଜୟନ୍ତ ସିହ୍ନା ମଧ୍ୟ ଆଗାମୀ ଲୋକ ସଭା ନିର୍ବାଚନ ଲଢ଼ିବାକୁ ଚାହୁଁ ନ ଥିବା କହିଛନ୍ତି। ସେମାନଙ୍କୁ ପ୍ରତ୍ୟକ୍ଷ ନିର୍ବାଚନୀ କାର୍ଯ୍ୟରୁ ବାଦ୍ ଦେବାକୁ ଉଭୟ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ନିବେଦନ କରିଛନ୍ତି। ଜୟନ୍ତ ଦଳ ସହ ଅର୍ଥନୈତିକ ଏବଂ ଶାସନ ସମ୍ବନ୍ଧୀୟ ପ୍ରସଙ୍ଗରେ କାର୍ଯ୍ୟ ଜାରି ରଖିବେ ବୋଲି ଜଣାଇଛନ୍ତି। ଅନ୍ୟପକ୍ଷରେ ପ୍ରାର୍ଥୀ ଚୟନ ପାଇଁ ଭାଜପା ଲୋକପ୍ରିୟ ନେତାମାନଙ୍କ ଉପରେ ସର୍ଭେ କରିଥିଲା। ସର୍ଭେରେ ଗମ୍ଭୀର ଏବଂ ସିହ୍ନାଙ୍କ ପ୍ରଦର୍ଶନ ଭଲ ନ ଥିବାରୁ ସେମାନେ ଟିକେଟ ପାଇ ନ ପାରନ୍ତି ବୋଲି ଜଣାପଡ଼ିଥିଲା।

## ସୁଖୁ ସରକାରଙ୍କ ଅଡୁଆ ବଢ଼ାଇଲେ ବିକ୍ରମାଦିତ୍ୟ

ଶିମଳା,୨ ।୩



ହିମାଚଳପ୍ରଦେଶ ମନ୍ତ୍ରୀ ବିକ୍ରମାଦିତ୍ୟ ସିଂ ନିଜ ଫେସ୍‌ବୁକ ବାୟୋରୁ ସରକାରୀ ପଦବୀ ହଟାଇଦେଇ ପୁଣି ଥରେ କଂଗ୍ରେସ ନେତୃତ୍ୱ ପାଇଁ ଅଡୁଆ ସୃଷ୍ଟି କରିଛନ୍ତି। ପୂର୍ବରୁ ବିକ୍ରମାଦିତ୍ୟଙ୍କ ଫେସ୍‌ବୁକ୍ ବାୟୋରେ ପିଡବ୍ଲ୍ୟୁଡି ମନ୍ତ୍ରୀ ଏବଂ ଭାରତୀୟ ଜାତୀୟ କଂଗ୍ରେସ ସଦସ୍ୟ ଲେଖାଥିଲା। ତାହାକୁ ହଟାଇ ଦେଇ ସେ କେବଳ 'ହିମାଚଳର ସେବକ' ବୋଲି ଲେଖିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହାରିଯିବା ପରେ ସୁଖବିନ୍ଦର ସିଂ ସୁଖୁ ସରକାର ଭାଙ୍ଗିଯିବା ଆଶଙ୍କା ପ୍ରକାଶ ପାଇଥିଲା। ସେବେଠାରୁ ସରକାର ବଞ୍ଚାଇବା ପାଇଁ କଂଗ୍ରେସ ଲଢ଼େଇ କରୁଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂଙ୍କ ପୁଅ ବିକ୍ରମାଦିତ୍ୟ ଶୁକ୍ରବାର ଦିଲ୍ଲୀ ଯିବା ପୂର୍ବରୁ ବିଦ୍ରୋହୀ କଂଗ୍ରେସ ବିଧାୟକମାନଙ୍କୁ ଭେଟିଥିଲେ। ଦିଲ୍ଲୀରେ ସେ ଭାଜପା କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟିବା ନେଇ ଚର୍ଚ୍ଚା ହେଉଛି। ରାଜ୍ୟ ସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ୬ କଂଗ୍ରେସ ବିଧାୟକଙ୍କୁ ବିଧାନସଭାରୁ ଅଯୋଗ୍ୟ ଘୋଷଣା କରାଯାଇଛି। ସେମାନଙ୍କ ମଧ୍ୟରୁ ରାଜିନ୍ଦର ରାଣା କହିଛନ୍ତି, ଅନ୍ୟୁନ ୯ କଂଗ୍ରେସ ବିଧାୟକ ସେମାନଙ୍କ ସହ ସମ୍ପର୍କରେ ଅଛନ୍ତି। ତାଙ୍କ ସମେତ ଅଯୋଗ୍ୟ ଘୋଷିତ ହୋଇଥିବା ୬ ବିଧାୟକ କଂଗ୍ରେସକୁ ଫେରିବାକୁ ଚାହାନ୍ତି ନାହିଁ ବୋଲି ସେ କହିଛନ୍ତି।

# ୮୫ ବର୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କୁ ମିଳିବ ପୋଷ୍ଟାଲ ବାଲଟ ସୁବିଧା

## ପକ୍ଷପାତିତାରେ ସମ୍ପୃକ୍ତ ଅଫିସରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଅ: ଇସି

ଲକ୍ଷ୍ନୌ/ନୂଆଦିଲ୍ଲୀ,୨ ।୩(ପି.ଟି.)

ଆଗାମୀ ନିର୍ବାଚନରେ ୮୫ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକମାନଙ୍କୁ ପୋଷ୍ଟାଲ ବାଲଟ ସୁବିଧା ଯୋଗାଇଦେବା ପାଇଁ ସରକାର ନିର୍ବାଚନୀ ନିୟମାବଳୀରେ ସଂଶୋଧନ କରିଛନ୍ତି। ପୂର୍ବରୁ ଏହି ସୁବିଧା ୮୦ ବର୍ଷରୁ ଊର୍ଦ୍ଧ୍ୱ ଭୋଟରମାନଙ୍କୁ ମିଳୁଥିଲା। ଲୋକ ସଭା ଏବଂ ୪ ରାଜ୍ୟର ବିଧାନସଭା ନିର୍ବାଚନ ଲାଗି ତାରିଖ ଘୋଷଣା ହେବା ପୂର୍ବରୁ ନିର୍ବାଚନୀ ନିୟମାବଳୀରେ ସଂଶୋଧନ କରାଯାଇଛି। ନିର୍ବାଚନ କମିଶନଙ୍କ ପକ୍ଷରୁ ସଦ୍ୟ ଜାରି ହୋଇଥିବା ଭୋଟର ତାଲିକା ଅନୁଯାୟୀ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଭୋଟରଙ୍କ ସଂଖ୍ୟା ୧.୮୫ କୋଟି। ସେହିପରି ଶତାୟୁ ଭୋଟରଙ୍କ ସଂଖ୍ୟା ୨.୩୮ ଲକ୍ଷ ରହିଥିବା ଜଣାପଡ଼ିଛି।

ପକ୍ଷପାତିତାରେ ସମ୍ପୃକ୍ତ ଅଫିସରମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତର ନିର୍ବାଚନ କମିଶନ (ଇସି) ସମସ୍ତ ଜିଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକ ସଭା ନିର୍ବାଚନକୁ ପ୍ରଲୋଭନ ମୁକ୍ତ କରାଇବା ଏବଂ ସବୁ ରାଜନୈତିକ ଦଳଙ୍କୁ ସମାନ ସୁବିଧା ପ୍ରଦାନ ପାଇଁ ଇସି ଏଭଳି ପଦକ୍ଷେପ ନେଇଛନ୍ତି। ରାଜନୈତିକ ଦଳଗୁଡ଼ିକର ଅଭିଯୋଗ ଆଧାରରେ ଜିଲା ନିର୍ବାଚନ ଅଧିକାରୀମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଥିବା ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଲକ୍ଷ୍ନୌଠାରେ ଖବରଦାତାମାନଙ୍କୁ କହିଛନ୍ତି।

## ଫୁର୍‌ସତ୍

# ଶ୍ରବଣଶକ୍ତିର ଯତ୍ନକୁ ବାସ୍ତବତାରେ ପରିଣତ କରିବା

## ଆଜି ବିଶ୍ୱ ଶ୍ରବଣ ଦିବସ



**ଶ୍ର**ବଣଶକ୍ତି ପ୍ରଭାବିତ ହେଲେ ଜଣେ ପିଲାର ଭବିଷ୍ୟତ ଅନେକାଂଶରେ ପ୍ରଭାବିତ ହୋଇଥାଏ। ଏବେ ଏଭଳି ସମସ୍ୟା ଦୂର କରିବା ପାଇଁ ଆର୍ଟିଫିସିଆଲ ଶ୍ରବଣ ଯନ୍ତ୍ରର ସହାୟତା ନିଆଯାଉଛି। ଏ ବିଷୟରେ ପିଲାଟିର ଜନ୍ମ ସମୟରୁ ସଚେତନ ହେବାକୁ ପଡ଼ିଥାଏ। ଜନ୍ମ ପରେ ପିଲାଟି ଠିକ୍ ଭାବରେ ଶୁଣିପାରୁଛି କି ନାହିଁ ତାହାକୁ ଶିଶୁରୋଗ ବିଶେଷଜ୍ଞମାନେ ପରୀକ୍ଷା କରାଇ ନିଅନ୍ତି। ଯଦି କିଛି ସମସ୍ୟା ଥାଏ, ତେବେ ତାହାର ଉପଚାର ପାଇଁ ସେମାନେ ଉଚିତ ପରାମର୍ଶ ଦେଇଥାଆନ୍ତି। ଶ୍ରବଣ ଶକ୍ତି ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଲାଗି ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ଶ୍ରବଣ ଦିବସ ଭାବରେ ପାଳନ କରାଯାଇଆସୁଅଛି। ଏହି ଦିବସ ଅବସରରେ ଉଭୟ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି- 'ମନ ସ୍ଥିର ରଖିବା, କାନ ଏବଂ ଶ୍ରବଣ ଶକ୍ତିର ଯତ୍ନକୁ ବାସ୍ତବତାରେ ପରିଣତ କରିବା'। ୨୦୦୭ରେ ଏହାକୁ ପ୍ରଥମେ 'କାନ ଯତ୍ନ ଦିବସ' ଭାବରେ ପାଳନ କରାଯାଉଥିଲା। କିନ୍ତୁ ୨୦୧୬ ଠାରୁ ଏହାର ନାମକୁ ପରିବର୍ତ୍ତନ କରାଯାଇ 'ବିଶ୍ୱ ଶ୍ରବଣ ଦିବସ' ରଖାଯାଇଛି।



# ଫୁଟ୍‌ବଲର ହେବାକୁ ଚାହୁଁଥିଲେ ଟାଇଗର

ମୁମ୍ବାଇ

ବଲିଉଡ୍‌ରେ ଅନେକ ଉଦୀୟମାନ ତାରକା ରହିଥିବା ବେଳେ ବରିଷ୍ଠ ଅଭିନେତା ଜ୍ୟାକି ଶ୍ରଫ୍‌ଙ୍କ ପୁଅ ଟାଇଗର ଶ୍ରଫ୍ ସେମାନଙ୍କ ମଧ୍ୟରୁ ଅନ୍ୟତମ। ବଲିଉଡ୍‌ର ଏହି ଷ୍ଟାର ସନ୍ତାନ ଖୁବ୍‌ଶୀଘ୍ର ସଫଳତାର ଶୀର୍ଷକୁ ସ୍ପର୍ଶ କରିଛନ୍ତି। ଜୀବନରେ ଅନେକ ଉତ୍ଥାନ-ପତନ ଦେଇ ଗତି କରିଥିବା ଟାଇଗର୍ ଶନିବାର ନିଜ ୩୪ତମ ଜନ୍ମଦିନ ବହୁ ଧୁମଧାମରେ ପାଳନ କରିଛନ୍ତି। ଏହି ଅବସରରେ ସେ ପିଲାଦିନେ ଫୁଟବଲର ହେବାକୁ ଚାହୁଁଥିବା ନେଇ ପ୍ରକାଶ କରିଛନ୍ତି। ନିଜ ଜନ୍ମଦିନ ଅବସରରେ ଟାଇଗର୍ ଦେଇଥିବା ଏକ ସାକ୍ଷାତକାରରେ, ପିଲାବେଳୁ ସେ ଅଭିନୟ ପ୍ରତି ଆଗ୍ରହୀ ନ ଥିବା ଦର୍ଶାଇଛନ୍ତି। ପିଲାଦିନୁ ଫୁଟବଲ୍ ଖେଳ ପ୍ରତି ତାଙ୍କର ବେଶ୍ ଦୁର୍ବଳତା ଥିଲା ଓ ସେତେବେଳେ ସେ ଫୁଟବଲ୍ ଖେଳରେ ନିଜ କ୍ୟାରିୟର କରିବାକୁ ମନସ୍ଥ କରିଥିବା ଟାଇଗର କହିଛନ୍ତି। ଜ୍ୟାକି ଶ୍ରଫ୍‌ଙ୍କ ଭଳି ଜଣେ ଅଭିନେତାଙ୍କ ସନ୍ତାନ ହୋଇଥିବାରୁ ପିଲାବେଳେ ତାଙ୍କୁ ଅଭିନୟ କରିବାକୁ ବହୁ ଅଫର ଆସୁଥିବା ବେଳେ ସେଗୁଡିକୁ ସେ ମନା କରି ଦେଉଥିବା ନେଇ ଟାଇଗର୍ କହିଛନ୍ତି। ଫୁଟବଲ୍‌ରେ ଭାରତ ପାଇଁ ଖେଳିବାକୁ ଲକ୍ଷ୍ୟ ରଖିଥିବା ଟାଇଗର ପରେ ବିଶେଷ ସ୍କୋପ ନ ପାଇ ଅଭିନୟକୁ କ୍ୟାରିୟର ପାଇଁ ବାଛି ଥିବା ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି। ୨୦୧୪ରେ 'ହିରୋପନ୍ତି' ଚଳଚ୍ଚିତ୍ରରୁ ଟାଇଗର ତାଙ୍କ ବଲିଉଡ୍ କ୍ୟାରିୟର୍ ଆରମ୍ଭ କରିଥିବା ବେଳେ ଏହାପରେ ସେ ଆଉ ପଛକୁ ଫେରି ନାହାନ୍ତି। ନିଜର କଠିନ ପରିଶ୍ରମ ଓ ନିଖୁଣ ଅଭିନୟ ବଳରେ ବଲିଉଡ୍‌ରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩/୨୦୨୪ | Bhubaneswar, Sunday, March 3/2024


# ଭାଜପାର ପ୍ରଥମ ପ୍ରାର୍ଥୀ ତାଲିକାରେ ୩୪ ମନ୍ତ୍ରୀ


ନରେନ୍ଦ୍ର ମୋଦି (ବାରାଣସୀ)


ଅମିତ ଶାହା (ଗାନ୍ଧୀନଗର)


ରାଜନାଥ ସିଂ (ଲକ୍ଷ୍ନୌ)

## ଟିକେଟରୁ ବଞ୍ଚିତ


ମୀନାକ୍ଷୀ ଲେଖି


ପ୍ରବେଶ ସିଂ ବର୍ମା


ପ୍ରଜ୍ଞା ସିଂ ଠାକୁର

**ନୂଆଦିଲ୍ଲୀ,୨।୩(ପି.ଟି.)**

ଲୋକ ସଭା ନିର୍ବାଚନ ପାଇଁ ଭାଜପା ଶନିବାର ପ୍ରଥମ ପର୍ଯ୍ୟାୟରେ ୧୯୫ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ଉକ୍ତ ତାଲିକାରେ ୩୪ କେନ୍ଦ୍ରମନ୍ତ୍ରୀ ରହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣିଥରେ ବାରାଣସୀ ଆସନରୁ ଲଢ଼ିବାକୁ ଥିବାବେଳେ ଅମିତ୍ ଶାହା ଗୁଜରାଟର ଗାନ୍ଧୀନଗରରୁ ଏବଂ ରାଜନାଥ ସିଂ ଲକ୍ଷ୍ନୌରୁ ଲଢ଼ିବେ। ପ୍ରାର୍ଥୀ ତାଲିକାରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ ୨ ଜଣ ପୂର୍ବତନ ମନ୍ତ୍ରୀଙ୍କ ନାଁ ରହିଛି। ବିର୍ଲା ରାଜସ୍ଥାନର କୋଟା ଆସନରୁ ଲଢ଼ିବାକୁ ସ୍ଥିର ହୋଇଥିବାବେଳେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ବିଦିଶା ଆସନରୁ ପ୍ରାର୍ଥୀ ହେବେ। ପ୍ରାର୍ଥୀ ତାଲିକାରେ ଥିବା ଅନ୍ୟ କେନ୍ଦ୍ରମନ୍ତ୍ରୀମାନଙ୍କ ମଧ୍ୟରେ ଅଛନ୍ତି ସ୍ମୃତି ଇରାନୀ, ମନସୁଖ ମାଣ୍ଡବ୍ୟ, ଜିତେନ୍ଦ୍ର ସିଂ, ସର୍ବାନନ୍ଦ ସୋନୋୱାଲ, ଗଜେନ୍ଦ୍ର ଶେଖାୱତ୍, ଭୂପେନ୍ଦ୍ର ଯାଦବ, ଜି. କିଷନ ରେଡ୍ଡୀ, କିରେନ୍ ରିଜିଜୁ, ଜ୍ୟୋତିରାଦିତ୍ୟ ସିନ୍ଧିଆ, ☞ପୃଷ୍ଠା-୫

**ଭାଜପାର ୧୯୫ ଲୋକ ସଭା ପ୍ରାର୍ଥୀଙ୍କ ତାଲିକା** ☞ପୃଷ୍ଠା-୬

# କଟକ ତାରକସିକୁ ଜିଆଇ ଟ୍ୟାଗ୍

## ଦୀର୍ଘ ଦିନର ଦାବି ପୂରଣ ହେଲା

**କଟକ,୨।୩ (କାର୍ତ୍ତିକ ସାହୁ)**

ଦୀର୍ଘଦିନର ଦାବି ପୂରଣ ହୋଇଛି। ପ୍ରାଚୀନ କଟକ ସହରର ଅନ୍ୟତମ ଐତିହ୍ୟ ଭାବେ ପରିଗଣିତ ରୁପା ତାରକସିକୁ ଶନିବାର ଜିଓଗ୍ରାଫିକାଲ ଇଣ୍ଡିକେଶନ(ଜିଆଇ) ଟ୍ୟାଗ୍ ମିଳିଛି। ଏହାଦ୍ୱାରା ଓଡ଼ିଶାର ଜିଆଇ ଟ୍ୟାଗ୍ ତାଲିକାରେ ରୁପା ତାରକସି ୨୬ ନମ୍ବର ସ୍ଥାନରେ ରହିଛି। ଚେନ୍ନାଇସ୍ଥିତ ଜିଓଗ୍ରାଫିକାଲ ଇଣ୍ଡିକେଶନ ରେଜିଷ୍ଟ୍ରି ପକ୍ଷରୁ ଏହି ମାନ୍ୟତା ପ୍ରଦାନ କରାଯାଇଥିବା ଜଣାପଡିଛି।

କଟକର ରୁପା ତାରକସି କାରୁକାର୍ଯ୍ୟ ବିଶ୍ୱପ୍ରସିଦ୍ଧ। ହେଲେ ଏହି ଅନନ୍ୟ ଶିଳ୍ପକୁ ଜିଆଇ ଟ୍ୟାଗ୍ ମିଳିବା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ଦି ଓଡ଼ିଶା ଷ୍ଟେଟ୍ କୋଅପରେଟିଭ ହ୍ୟାଣ୍ଡିକ୍ରାଫ୍ଟସ୍ କର୍ପୋରେଶନ ଲିମିଟେଡ୍ (ଉତ୍କଳିକା) ପକ୍ଷରୁ ରୂପା ତାରକସିକୁ ଜିଆଇ ଟ୍ୟାଗ୍ ପ୍ରଦାନ ନିମନ୍ତେ ୨୦୨୧ରେ ଆବେଦନ କରାଯାଇଥିଲା। ଆବେଦନରେ ଦର୍ଶାଯାଇଥିଲା, ରୁପାର ତାରକସି କାରୁକାର୍ଯ୍ୟ ତ୍ରୟୋଦଶ ଶତାବ୍ଦୀରୁ କଟକ ସହରରେ ଆରମ୍ଭ ହୋଇଛି। ଏହି କାରୁକାର୍ଯ୍ୟ ଜରିଆରେ ଓଡ଼ିଶୀ ନୃତ୍ୟଶିଳ୍ପୀ ପିନ୍ଧୁଥିବା ଗହଣା ସମେତ ବିଭିନ୍ନ ଅଳଙ୍କାର, ସାଜସଜ୍ଜା ନିମନ୍ତେ ବ୍ୟବହାର କରାଯାଉଥିବା କାରୁଖଚିତ ସାମଗ୍ରୀ, ଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର, ମୁକ୍ତେଶ୍ୱର ମନ୍ଦିରର ପ୍ରତିକୃତି, ଦୁର୍ଗାପୂଜା ସମୟରେ ଦେବୀଙ୍କୁ ଲାଗି କରାଯାଉଥିବା ☞ପୃଷ୍ଠା-୫

**ଆଜିର ସମ୍ପାଦକୀୟ**

## ଭାଜପାର ଜନ୍ମ





DSPL - 766



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ସଫେଇ, ସ୍ଥାନ: ଲିଙ୍ଗରାଜ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ଚିଲିକା ଆଞ୍ଚଳିକ ବିକାଶ ପରିଷଦର ୧୧ତମ ବାର୍ଷିକୋତ୍ସବ ଓ ସାଧାରଣ ଅଧିବେଶନ, ସ୍ଥାନ: ରେଡକ୍ରସ ଭବନ, ୟୁନିଟ୍-୯, ସମୟ: ସକାଳ ୯ଟା ୩୦।
- ଭୁବନେଶ୍ୱର ମଧ ନିର୍ବାଚନୀମଣ୍ଡଳୀ ପକ୍ଷରୁ ବନ୍ଧୁ ମିଳନ, ସ୍ଥାନ: ବିର୍ଲା ଗେଷ୍ଟ ହାଉସ୍ ପାଖ, କଳ୍ପନା ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଏକାମ୍ର ନିର୍ବାଚନୀ ମଣ୍ଡଳୀ ପକ୍ଷରୁ ବିଜୁ ଛାତ୍ର ସମାବେଶ, ସ୍ଥାନ: ବରମୁଣ୍ଡା ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ପାଇଁ ସାନ୍ଧ୍ୟକାଳୀନ ସମ୍ପର୍କ କେନ୍ଦ୍ର ଉଦ୍‌ଘାଟିତ, ସ୍ଥାନ: ହୋଟେଲ ସୌକିନ, ଏକାମ୍ର ହାଟ, ସମୟ: ଅପରାହ୍ନ ୫ଟା ୩୯।
- ଓଡ଼ିଶା ମ୍ୟୁଜିକ୍ ହେରିଟେଜ୍‌ର ୩ୟ ବାର୍ଷିକୋତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଟୁଇନ ସିଟି ଇଲେକ୍ଟ୍ରିକାଲ ଟ୍ରେଡର୍ସ ଆସୋସିଏଶନର ଡାଏରି ଉଦ୍‌ଘାଟନ, ସ୍ଥାନ: ହୋଟେଲ ପଦ୍ମଜା ପ୍ରିମିୟମ୍, ଚନ୍ଦ୍ରଶେଖରପୁର, ସମୟ: ସନ୍ଧ୍ୟା ୭ଟା।

## କଟକ
- କଟକ ସଦର ବ୍ଲକ ଅନ୍ତର୍ଗତ ଆୟଉପୁର ପଞ୍ଚାୟତର ନାଗେଶ୍ୱରନାଥଙ୍କ ପୀଠରେ ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ଦାମୋଦରପୁର-୨, ସମୟ: ସକାଳ ୮ଟା।
- ବିଭିନ୍ନ ଦାବି ନେଇ ଯୋବ୍ରା ବାସିନ୍ଦା ଓ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଯୋବ୍ରା ହାଇସ୍କୁଲ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ରାଧାକୃଷ୍ଣ ସ୍ମୃତି ସଂସଦର ଦଶମ ବାର୍ଷିକ ସାହିତ୍ୟ ସଭା ଓ କବିତା ପାଠୋତ୍ସବ, ସ୍ଥାନ: ମାଣିଆବନ୍ଧ ବାଲୁଙ୍କେଶ୍ୱର ମନ୍ଦିର ସନ୍ନିକଟ ମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା।

## ପୁରୀ
- ଓଡ଼ିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ପୁରୀ ରକ୍ତ ଭଣ୍ଡାର, ସମୟ: ସକାଳ ୯ଟା।
- କଳିଙ୍ଗ ବାହିନି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଫାଦର୍ ସ୍କୁଲ, ସମୟ: ସକାଳ ୯ଟା।
- ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କୋଣାର୍କ ଲୋକକଳା ମହୋତ୍ସବ-୨୦୨୪, ସ୍ଥାନ: କଲ୍ୟାଣ ମଣ୍ଡପ, କୋଣାର୍କ, ସମୟ: ପୂର୍ବାହ୍ନ ୧୧ଟା।
- ନୀଳକଣ୍ଠେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଦେଶବନ୍ଧୁ ଖେଳ ପଡ଼ିଆ ଉଦ୍‌ଘାଟନ ସମାରୋହ, ସ୍ଥାନ: କଣ୍ଟିଆ, ସାଇଲୋ, ନିମାପଡ଼ା, ସମୟ: ଅପରାହ୍ନ ୧ଟା।
- ସମତା ସାହିତ୍ୟ ସମିତି ପକ୍ଷରୁ ସାହିତ୍ୟ ଆଲୋଚନା, ସ୍ଥାନ: ରାଣୀସତୀ ଭବନ, ସମୟ: ଅପରାହ୍ନ ୩ଟା।
- ସତ୍ୟବାଦୀ ଏନ୍‌ଏସି ଦାବି ମଞ୍ଚ ପକ୍ଷରୁ ସତ୍ୟବାଦୀକୁ ଏନ୍‌ଏସି ଦାବିରେ ବୈଠକ, ସ୍ଥାନ: ପଞ୍ଚସଖା ସମାଧି ପୀଠ ପରିସର, ସମୟ: ଅପରାହ୍ନ ୪ଟା।
- ୨୪ ତମ ଭଗତ ବାସୁଦେବ ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: କୋଠକୁସାଙ୍ଗ, ଗଣେଶ ବଜାର, ବଳଙ୍ଗା, ସମୟ: ସନ୍ଧ୍ୟା ୭ଟା।
- ସାମାଜିକ କର୍ମୀ ସ୍ୱର୍ଗତଃ ସଚ୍ଚିଦାନନ୍ଦ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଅଷ୍ଟପ୍ରହର ନାମ ଯଜ୍ଞ, ସ୍ଥାନ: ବଉଳପଦା ସାମିଲି ଲୋକେଇଗୋରଡ଼ା, ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- କଳିଙ୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପାନବରଜ ଖେଳପଡ଼ିଆ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ନିଯୁକ୍ତି ମେଳାର ଦ୍ୱିତୀୟ ଦିନ, ସ୍ଥାନ: ହାବେଳି ପଡ଼ିଆ,ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଭିଳାଷ ବୃଦ୍ଧାଶ୍ରମର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ:ଗୁରୁଜଙ୍ଗସ୍ଥିତ ବୃଦ୍ଧାଶ୍ରମ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଟିପିସିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ, ସ୍ଥାନ: ଟ୍ରାଫିକ କଲୋନୀସ୍ଥିତ ଖେଳପଡ଼ିଆ, ଜଟଣୀ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର
- ପଲସ୍ ପୋଲିଓ ଇମୁନାଇଜେଶନ୍ କାର୍ଯ୍ୟକ୍ରମ, ସ୍ଥାନ: ଇମୁନାଇଜେଶନ୍ ରୁମ୍, ପିପିସି ବାଲେଶ୍ୱର, ସମୟ: ସକାଳ ୮ଟା।
- ୧୦ମ କବି କବିତା ମହାକୁମ୍ଭ, ସ୍ଥାନ: ମାର୍କୋଣା ଡାକବଙ୍ଗଳା ସମ୍ମିଳନୀ କକ୍ଷ, ସିମୁଳିଆ, ସମୟ: ସକାଳ ୯ଟା ୩୦।
- ମାର୍ଚ୍ଚ ୪ରେ ହେବାକୁ ଥିବା ହଳଦୀପଦା ଷ୍ଟେଶନରେ ରେଳରୋକୋ ଆନ୍ଦୋଳନ ପାଇଁ ପ୍ରଗତିମଞ୍ଚ ସହ ପ୍ରଶାସନିକ ବୈଠକ, ସ୍ଥାନ: ହଳଦୀପଦା ରେଳଷ୍ଟେଶନ ପରିସର, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ପୋଡ଼ାଡିହା ମହୋତ୍ସବ ପଡ଼ିଆ, ରୂପସା, ସମୟ- ପୂର୍ବାହ୍ନ ୧୦ଟା।
- ଚିରନ୍ତନ ଚନ୍ଦ୍ରଶେଖର ମେମୋରିଆଲ ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ, ସମୟ: ପୂର୍ବାହ୍ନ ୧୧ଟା, ସ୍ଥାନ: ଖଇରା ବ୍ଲକର ପତିରାଜପୁର ଖେଳ ପଡିଆ।
- ରୂପସା ରେଳ ଜଙ୍କଶନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବୈଠକ, ସ୍ଥାନ: ରୂପସା ଡାକବଙ୍ଗଳା, ସମୟ: ଅପରାହ୍ନ ୪ଟା।

## ଭଦ୍ରକ
- ପଲସ୍ ପୋଲିଓ ଶୁଭାରମ୍ଭ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ଭଦ୍ରକ, ସମୟ: ସକାଳ ୯ଟା।
- ମା' ସୁବର୍ଣ୍ଣମୁଖୀଙ୍କ ସାମ୍ବତ୍ସରିକ ଯଜ୍ଞ ମହୋତ୍ସବ, ନାମଯଜ୍ଞ ଓ ସଂକୀର୍ତ୍ତନ, ସ୍ଥାନ: ସୋଧ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରଦ୍ଧାଞ୍ଜଳି ସଭା ଓ କବିତା ପାଠୋତ୍ସବ, ସ୍ଥାନ: ମାଳପୁର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- କଲ୍ୟାଣ ମଣ୍ଡପ, ମୁଖ୍ୟମନ୍ତ୍ରୀ ସଡ଼କ ଉଦ୍‌ଘାଟନ, ସ୍ଥାନ: ମଙ୍ଗଳପୁର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ମଧୁବୈଶ୍ୟ ଗୁଡ଼ିଆ ସଂଘର ଜିଲାସ୍ତରୀୟ ବୈଠକ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: କାନପୁର, ପୀରହାଟ, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ୫ମ ସର୍ବ ଭାରତୀୟ ସନ୍ତାଳ ସମ୍ମିଳନୀ ଉଦ୍‌ଯାପନ, ସ୍ଥାନ: ସିଲିସୁଆଁ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ଜନସମ୍ପର୍କ ବୈଠକ, ସ୍ଥାନ: ଚିତ୍ରଡ଼ା ସତ୍ୟସାଇ ମନ୍ଦିର ପାଖ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- କର୍ମୁଧର୍ମୁ ସେବା ଟ୍ରଷ୍ଟର ଶୁଭ ଉଦଘାଟନ, ସ୍ଥାନ: ସହିଦ ସ୍ମୃତି ଭବନ, ସମୟ: ଅପରାହ୍ନ ୩ଟା।
- ଆରୋଗ୍ୟ ଓଡ଼ିଶା ପକ୍ଷରୁ ବିନା ଔଷଧରେ ପାରମାଣ୍ଟେ ଚିକିତ୍ସାର କର୍ମଶାଳା, ସ୍ଥାନ- ଆୟୁର୍ବେଦ ଓଡ଼ିଶା ମଧୁବନ,ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଶିଳ୍ପ ଓ ଶିକ୍ଷାୟତନ ଯୋଗସୂତ୍ର ସମାବେଶ, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଔରଶ୍ରୀ ମିଲେଟ ହବ୍ ଉଦଘାଟନ, ସ୍ଥାନ: ବାଘଡାରୋଡ ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ପୋଲ୍ସ ପୋଲିଓର ପ୍ରତିରୋଧକ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଗୋପେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବର କଳସଯାତ୍ରା, ସ୍ଥାନ: ଶାମାଖୁଂଟା ବ୍ଲକ ସାତପୌଟିଆ, ସମୟ: ସକାଳ ୯ଟା।
- ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଉମଙ୍ଗ-୨୦୨୪', ସ୍ଥାନ-ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା।
- କଂଗ୍ରେସର ସାଙ୍ଗଠନିକ ବୈଠକ, ସ୍ଥାନ: ସନ୍ଧାନ ଗୃହ, ଉଦଳା, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ଆଦିବାସୀ ଜନଜାତି ବୈଠକ, ସ୍ଥାନ-ମାକୁନ୍ଦ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ପୋଲିଓ ବୁନ୍ଦା ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୮ ଟା

## ନବରଙ୍ଗପୁର
- ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍ ଉମରକୋଟ ବ୍ଲକ ଶାଖାର ସାଙ୍ଗଠନିକ ନିର୍ବାଚନ, ସ୍ଥାନ: ଉମରକୋଟସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ଭବନ, ସମୟ: ପୂର୍ବାହ୍ନ ୧୧ଟା

## କୋରାପୁଟ
- ପ୍ରଜାପିତା ବ୍ରହ୍ମକୁମାରୀ ଶାଖା ପକ୍ଷରୁ ଆର୍ଟ ଅଫ୍ ଲିଂଭି କାର୍ଯ୍ୟକ୍ରମ, ସ୍ଥାନ: ଶବରୀ ବିହାର, ସମୟ: ପୂର୍ବାହ୍ନ-୧୧ଟା।
- ନାଲ୍‌କୋ ଅନ୍ତଃବିଭାଗୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାନାଲ ମ୍ୟାଚ, ସ୍ଥାନ ଆମ୍ବେଡକର ଷ୍ଟାଡିୟମ, ସମୟ: ସକାଳ-୯ଟା।

## ସମ୍ବଲପୁର
- ପଶ୍ଚିମଓଡ଼ିଶା ଦଳିତ ସୁରକ୍ଷା ପରିଷଦ ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ନାମଯଜ୍ଞର ଦଧିଭଞ୍ଜନ କାର୍ଯ୍ୟକ୍ରମ, ସ୍ଥାନ: କେନଘାଟି ଶ୍ରୀରାମ ବିହାର, ସମୟ: ପୂର୍ବାହ୍ନ ୧୦ଟା।
- ଫାଇନାଲ ଟଚ୍ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଓଡ଼ିଶା ଲଳିତକଳା ଏକାଡେମୀସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରି, ସମୟ: ପୂର୍ବାହ୍ନ ୧୧ଟା।
- ସା' ଫାଉଣ୍ଡେଶନ ଆୟୋଜିତ ଜାତୀୟ ଜନଜାତି ମେଳାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଅଇଁଠାପାଲି ବିର୍ସା ମଇଦାନ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ସିଭିଲ କୋର୍ଟ କର୍ମଚାରୀ ଏବଂ ଓକିଲ ସଂଘ ସଭ୍ୟଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍, ସ୍ଥାନ: କଣ୍ଟାବାଞ୍ଜି ରେଳବାଇ ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।
- ୨୦୨୪ ନାଟକ ମହୋତ୍ସବର ଆଲୋଚନାଚକ୍ର, ସ୍ଥାନ: ଲୋଇସିଂହା ଆଇସିଡ଼ିଏସ୍ ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ୫-ଟି ଅଧ୍ୟକ୍ଷଙ୍କ ଛାତ୍ର ବୃତ୍ତି ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଟିଟିଲାଗଡ଼ ସିଟି ସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ: ୧୧ଟା।

- ୧୪ ତମ ଆନ୍ତଃଜିଲା ସୋନିଆ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ, ସ୍ଥାନ: ଖପ୍ରାଖୋଲ ବ୍ଲକ ଲାଠୋର ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ ଟା।
- ରେଳରୋକୋ ଆନ୍ଦୋଳନ ପାଇଁ ୨୬ଟି ପଞ୍ଚାୟତର ଲୋକଙ୍କୁ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଦେଓଗାଁ ସାପ୍ତାହିକ ବଜାର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ ଟା।

## ରାଉରକେଲା
- ବ୍ରହ୍ମାକୁମାରୀ ସପର୍ପଣ ଦିବସ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା।
- ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱିଶତତମ ଜୟନ୍ତୀ ପାଳନ, ସ୍ଥାନ: ରାଉରକେଲା-୪, ସମୟ: ପୂର୍ବାହ୍ନ ୯ଟା ୩୦।
- ଖଣ୍ଡାୟତ ମହାସଭା କାର୍ଯ୍ୟକ୍ରମ, ସ୍ଥାନ: ଇସ୍ପାତ ସହର ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ଏନ୍‌ଆଇଟିରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା, ସମୟ: ସକାଳ ୮ଟା।
- ବାଲାଜୀ ମନ୍ଦିରର ବାର୍ଷିକୋତ୍ସବର ୫ମ ଦିବସ, ସ୍ଥାନ: ଛେଣ୍ଡ, ସମୟ: ସକାଳ ୫ଟା।
- ପୋଲିଓ ଡ୍ରପ୍ ପ୍ରଦାନ, ସ୍ଥାନ: ଆଇଜିଏଚ୍, ସମୟ: ସକାଳ ୮ଟା।
- ବିଜୁ ଜୟନ୍ତୀ ଉଦ୍‌ଘାଟନ, ସ୍ଥାନ: ଫର୍ଟିଲାଇଜର, ସମୟ: ପୂର୍ବାହ୍ନ ୧୦ଟା।
- ଉନ୍ନୟନମୂଳକ କାର୍ଯ୍ୟ ଉଦ୍‌ଘାଟନ, ସ୍ଥାନ: ରାଉରକେଲା ଶିଳ୍ପାଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ ଭଲିବଲ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ସେକ୍ଟର-୨୦ ରାଇଜିଂ ପଡିଆ, ସମୟ: ରାତି ୮ଟା।

## ସୁନ୍ଦରଗଡ଼
- ମୋବାଇଲ ଟାୱାର ସ୍ଥାପନ ଦାବିରେ ରାଲି ଓ ଭୋଟ ବର୍ଜନ ପାଇଁ ସଭା,ସ୍ଥାନ:ବାମଡେରା ପଞ୍ଚାୟତ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୯ଟା।

## ବରଗଡ଼
- ଭଏସ୍ ଅଫ୍ ମିଡ଼ିଆର ସାଧାରଣ ପରିଷଦ ବୈଠକ, ସ୍ଥାନ: ଗାନ୍ଧୀ ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଶିବ ମନ୍ଦିର, ହନୁମାନ ମନ୍ଦିର ପ୍ରତିଷ୍ଠାରେ କଳସଯାତ୍ରା, ସ୍ଥାନ: ସାମକଟା, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।
- ନେତ୍ର ପରୀକ୍ଷା ଶିବିର, ସ୍ଥାନ: ଗାଇସିଲେଟ ପଞ୍ଚାୟତ ଭବନ, ସମୟ: ସକାଳ ୯ଟା।

## କଳାହାଣ୍ଡି
- ପାକ୍ସ ଓ ଲ୍ୟାମ୍ପସ କର୍ମଚାରୀଙ୍କ ଅନିର୍ଦ୍ଦିଷ୍ଟକାଳ ପାଇଁ ଆନ୍ଦୋଳନ, ସ୍ଥାନ: ଭବାନୀପାଟଣା ଜିଲା ଉପନିବନ୍ଧକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ: ୧୦ଟା।
- ନୂଆ ଓ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଗଡ଼ ପଞ୍ଚାୟତ କଲେଜ ସମ୍ମୁଖ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ, ସ୍ଥାନ: ୟୁପି ଏଚସି ଭବାନୀପାଟଣା, ସମୟ: ସକାଳ ୮ଟା।

## ବୌଦ୍ଧ
- ଗ୍ରୀଷ୍ମ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବୌଦ୍ଧ ଜିଲାପାଳଙ୍କ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ହୁଇଲ ଚେୟାର ଦିବସ, ସ୍ଥାନ: ଟାଉନ ହଲ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜନ୍ମରୁ ୫ବର୍ଷ ଭିତରେ ଶିଶୁଙ୍କୁ ପୋଲିଓ ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସହ ନିକଟସ୍ଥ ପୋଲିଓ କେନ୍ଦ୍ର, ସମୟ: ସକାଳ ୯ଟା।
- ଜିଲା କୃଷକ ସଂଘର୍ଷ ସଂଘର ବୈଠକ, ସ୍ଥାନ: ବାରକୋଟ ବ୍ଲକର ଦନ୍ତାରିବାହାଲ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବଜରଙ୍ଗ କ୍ରିକେଟ କପ୍ ଫାଇନାଲ, ଉଦ୍‌ଯାପନୀ ଦିବସ, ମହୁଲିଡିପା ସାହି, ନାଳ ପଡ଼ିଆ, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର
- ତରଭା ମାହେଶ୍ୱରୀ ସଂଗଠନ ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ତରଭା ମାରୱାଡି ଧର୍ମଶାଳା, ସମୟ: ସକାଳ ୯ଟା।
- ଓଡିଶା ସାମ୍ବାଦିକ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଡୁଙ୍ଗୁରିପାଲି ବସଷ୍ଟାଣ୍ଡ ଛକ, ସମୟ : ପୂର୍ବାହ୍ନ ୧୧ଟା।
- ୨୦ ତମ ମା' ମାଉଳି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ, ସ୍ଥାନ: ବୀରମହାରାଜପୁର ବ୍ଲକର ସାହାଜଲଥା, ସମୟ: ଅପରାହ୍ନ ୧ଟା।
- ଏକତା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ବୀରମହାରାଜପୁର ବ୍ଲକ କଦଳୀପାଲି, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ତରବୋଡ଼ ସପ୍ତାହିତ ବଜାର ପଡ଼ିଆ, ସମୟ: ସକାଳ ୭ଟା।

## ଅନୁଗୋଳ
- ବିଶ୍ୱଶାନ୍ତି ପାଇଁ ନଗର କୀର୍ତ୍ତନ, ସ୍ଥାନ: କଣିହାଁ ବ୍ଲକ ଧୁବାପାଳ ଗ୍ରାମ, ସମୟ: ସକାଳ ୮ ଟା।
- ପୋଲିଓ ବୁନ୍ଦା ବିତରଣ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ଅନୁଗୋଳ, ସମୟ: ସକାଳ ୮ଟା।
- ଜିଲା କଳାକାର ସାମୁଖ୍ୟ କଣିହାଁ ବ୍ଲକ ଶାଖାର ବୈଠକ, ସ୍ଥାନ: ରେଙ୍ଗାଳି ଥାନା ଦେନାଳି ଶିବମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ସାତକୋଶିଆରେ ପକ୍ଷୀ ସର୍ଭେ ପାଇଁ ସ୍ୱାଗତ, ସ୍ଥାନ: ତରଭା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ, ସ୍ଥାନ: ବ୍ରହ୍ମପୁର ସିଟି ହସ୍ପିଟାଲ, ସମୟ: ସକାଳ ୮ଟା।

## ଗଞ୍ଜାମ
- ଇସ୍କନ ପକ୍ଷରୁ ସତସଙ୍ଗ କାର୍ଯ୍ୟକ୍ରମ। ସ୍ଥାନ:ଭଞ୍ଜନଗର ନୂଆ ଜେଲ ନିକଟସ୍ଥ ହନୁମାନ ମନ୍ଦିର ,ସମୟ:ସନ୍ଧ୍ୟା ସାଢ଼େ ୫ଟାରୁ ସାଢ଼େ ୮ଟା।
- ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଭଞ୍ଜନଗର ବ୍ଲକ ଡୁରୁମୁ, ସମୟ: ପୂର୍ବାହ୍ନ ୧୧ ଟା।
- ଶିବ ସନ୍ଦେଶ ଯାତ୍ରା ପରିକ୍ରମା, ସ୍ଥାନ:ବେଲଗୁଣ୍ଠା ବ୍ଲକର ବିଭିନ୍ନ ଗ୍ରାମ,ସମୟ: ସକାଳ ୮ଟାରୁ ସନ୍ଧ୍ୟା ୭ ଟା।
- ନାଗରିକ ମଞ୍ଚର ଗଣଧାରଣା, ସ୍ଥାନ:ଭଞ୍ଜନଗର ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧୦ଟା୩୦।
- ବିଭିନ୍ନ ବିଭାଗ ଅଧିକାରୀଙ୍କୁ ନେଇ ଅର୍ଥମନ୍ତ୍ରୀଙ୍କ ସମୀକ୍ଷା, ସ୍ଥାନ: ଭଞ୍ଜନଗର ବନ ବିଭାଗ ଡାକ ବଙ୍ଗଳା, ସମୟ:ସନ୍ଧ୍ୟା ୬ ଟା।
- ଆଦିବାସୀ ଭାରତ ମହାସଭାର ଦିବାରାତ୍ରି ଗଣଧାରଣା, ସ୍ଥାନ: ଭଞ୍ଜନଗର ଉପ ଜିଲାପାଳ କାର୍ଯ୍ୟାଳୟ
- ସୋରଡ଼ା ଏନ୍‌ଏସିର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ସମୟ ପୂର୍ବାହ୍ନ ୧୧ ଟା
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡି ଇସ୍କନ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଉଦ୍ଭିଦ ବିଜ୍ଞାନ ବିଭାଗର ଆଲୁମ୍ନି ମିଟ୍। ସ୍ଥାନ:ବୁଗୁଡା ପିପୁଲ୍ସ କଲେଜ, ସମୟ:ପୂର୍ବାହ୍ନ ୧୧ଟା।
- ଗୌଡ଼ ସମାଜ ଗୃହର ଉଦଘାଟନ, ସ୍ଥାନ: ଡୁଙ୍ଗୁଣି, ଆସିକା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଚୈତନ୍ୟ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ, ସ୍ଥାନ: ମଣ୍ଡାପଡା, ଆସିକା, ସମୟ: ମଧ୍ୟାହ୍ନ ସାଢ଼େ ୧୨ଟା।

## କନ୍ଧମାଳ
- ଜଗନ୍ନାଥ ତତ୍ତ୍ୱ ପ୍ରବଚନ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର,କ.ନୂଆଗାଁ, ସମୟ: ରାତି ୬ଟାରୁ ୯ଟା
- ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରିତି ରଞ୍ଜନ ଘଡେଇଙ୍କ କନ୍ଧମାଳ ଗସ୍ତ, ସ୍ଥାନ-ଫିରିଙ୍ଗିଆ/ଚକାପାଦ, ସମୟ: ପୂର୍ବାହ୍ନ ୧୧ଟା
- ମନ୍ତ୍ରୀଙ୍କ ବିଭିନ୍ନ ରାସ୍ତା ଓ ସେତୁର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନ, ସମୟ: ପୂର୍ବାହ୍ନ ୧୧ଟାରୁ ଆରମ୍ଭ

## ଜଗତ୍‌ସିଂହପୁର
- ପଲ୍‌ସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ଏମ୍‌ସିଏଚ୍ ବିଲ୍ଡିଂ, ସମୟ:ସକାଳ ୮ଟା।
- ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କ ସମର୍ଥକଙ୍କ ସାଧାରଣ ସଭା, ସ୍ଥାନ: ନାଉଗାଁ ସାଧୁଗୋସ୍ୱାମୀ ସମ୍ମୁଖ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଗାଁ ସାହିତ୍ୟ ସଂସଦ ବାର୍ଷିକୋତ୍ସବ, ସ୍ଥାନ: ଦେଉଳିସାହି,ନାଳିବର,ରଘୁନାଥପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ବାଲିକୁଦା ତହସିଲ ଛକ ଭାଜପା କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଦିଘିବୁଡ଼ ସାଂସ୍କୃତିକ ପରିଷଦ ପକ୍ଷରୁ ୩ ଦିନ ବ୍ୟାପୀ ଯାତ୍ରା ମହୋତ୍ସବ, ସ୍ଥାନ: ମହମ୍ମଦାବାଦ, ପିପଳମାଧବ, ତିର୍ତ୍ତୋଲ, ସମୟ : ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ପୋଲିଓ ଟିକାକରଣ, ସ୍ଥାନ: କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୮ଟା।
- ରେସୱା ପକ୍ଷରୁ ପୋଲିଓ ନିରାକରଣ ସଚେତନତା ରାଲି, ସ୍ଥାନ: ମନକରପୁର, କେନ୍ଦ୍ରାପଡା, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ପୋଲିଓ ନିରାକରଣ ଦିବସ ପାଳନ, ସ୍ଥାନ: କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପାଇକା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ପୋଡାରି, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।
- ବିଶ୍ୱ ଜୀବଜନ୍ତୁ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ନରେନ୍ଦ୍ରନାଥ ପ୍ରାଥମିକ ବିଦ୍ୟାଳୟ, ଭାଟେଣୀ, ଜମ୍ବୁ ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ମିଶନ ଶକ୍ତି ଗୃହ ଉଦ୍‌ଘାଟନ, ସ୍ଥାନ: ମହୁ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ଆସ ଖୁସି ବାଣ୍ଟିବା ଫାଉଣ୍ଡେଶନ ପକ୍ଷରୁ ଗୃହ ପ୍ରଦାନ ଓ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କଇଁରପୁର, ନରେନ୍ଦ୍ରପୁର ପଞ୍ଚାୟତ, ଆଳି, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ବ୍ୟାସନଗର ପୌରପରିଷଦର ଧଳଗିରି ନିକଟ ସତ୍ୟନଗର,ସମୟ: ସନ୍ଧ୍ୟା ୭ଟା।
- ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଧର୍ମଶାଳା କ୍ଲବ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମୁନୀ ସମାଜର ବାର୍ଷିକ ସମ୍ମିଳନୀ,ସ୍ଥାନ: ଧର୍ମଶାଳା ବ୍ଲକ୍‌ର କୁରିକେଣାସ୍ଥିତ ମୁନି ସମାଜ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅଖିଳଚନ୍ଦ୍ର ସୁବର୍ଣ୍ଣ ଜୟନ୍ତୀ ପରିକ୍ରମା ଅବସରରେ ଆଲୋଚନାଚକ୍ର, ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ବଡ଼ଚଣା ବ୍ଲକ ନିଆଳି ବରପଦାସ୍ଥିତ ଶିବାନନ୍ଦ ଆଶ୍ରମ, ସମୟ: ପୂର୍ବାହ୍ନ ୧୧ଟା।
- ସାମଗ୍ରୀକ ପଲ୍ସ ପୋଲିଓ ବୁନ୍ଦା ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ଏମସିଏଚ୍ ବିଲ୍ଡିଂର ପିପି ସେଣ୍ଟର, ସମୟ: ସକାଳ ୮ଟା।

## ନୟାଗଡ଼
- ତୃତୀୟ ନୟାଗଡ଼ ସାହିତ୍ୟ ଉତ୍ସବରେ ଆଲୋଚନା, ତର୍କ, କବିତା ପାଠ, ସମ୍ବର୍ଦ୍ଧନା, ସ୍ଥାନ: ନୟାଗଡ ବଲାଙ୍ଗୀ ବନ୍ଧ ପ୍ରମୋଦ ଉଦ୍ୟାନ, ସମୟ: ସକାଳ ୯ଟା।
- ୪ର୍ଥ ରାଜ୍ୟସ୍ତରୀୟ ନାଟ୍ୟମେଳାର ୩ୟ ଦିବସରେ ନାଟକ ମଞ୍ଚମାୟା, ସ୍ଥାନ: ପଠାଣୀ ସାମନ୍ତ ଅଡିଟୋରିୟମ ନୟାଗଡ, ସମୟ: ସନ୍ଧ୍ୟା ୭ଟା।
- ମଧୁବୈଶ୍ୟ ସମାଜର ଅଧିବେଶନ, ସ୍ଥାନ: ନୟାଗଡ ବ୍ଲକର ତୁଳସୀପୁର, ସମୟ: ଅପରାହ୍ନ ୧ଟା ୩୦ ମିନିଟ୍।
- ମାଘ ଏକାଦଶୀ ମେଳାର ଦଶମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପଲଟନ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୦ଟା।

# କାର୍ ଧକ୍କାରେ ମା', ଝିଅ ମୃତ

## କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ



ଦୁର୍ଘଟଣା ପରେ ଲୋକେ ରାସ୍ତାରୋକୋ କରିଛନ୍ତି।

**ପାଟଣାଗଡ଼,୨।୩(ସଚ୍ଚିଦାନନ୍ଦ ମହାକୁର)** ବଲାଙ୍ଗୀର -ପାଟଣାଗଡ଼ ୪୨ନଂ. ରାଜ୍ୟ ରାଜପଥର ପାଟଣାଗଡ଼ ଥାନା ଅନ୍ତର୍ଗତ ଉଲବା ବସ୍‌ଷ୍ଟାଣ୍ଡଠାରୁ ଅନତିଦୂରରେ ଶନିବାର ଅପରାହ୍ନ ପ୍ରାୟ ୫ଟାରେ ଦୁର୍ଘଟଣା ଘଟିଛି। ଏକ କାର୍ ଧକ୍କାରେ ନିକଟସ୍ଥ ଉଲବା ଗ୍ରାମର ମା' ଓ ଝିଅଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେମାନେ ହେଲେ ସରୋଜିନୀ ଧରୁଆ (୪୫) ଓ ତାଙ୍କ ଝିଅ ରୀତି (୧୯)। ଘଟଣାସ୍ଥଳରୁ ଗାଡି ଚାଳକ କୌଶଳକ୍ରମେ ଫେରାର ହେଉଥିବାବେଳେ ଗ୍ରାମବାସୀଙ୍କ ଦ୍ୱାରା ଅଟକ ରଖାଯାଇଥିଲା। ପରେ ଗ୍ରାମବାସୀଙ୍କ ପକ୍ଷରୁ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରାଯାଇଥିଲା। ଘଟଣାସ୍ଥଳରେ ପାଟଣାଗଡ଼ ପୋଲିସ ଏସଡିପିଓ ସଦାନନ୍ଦ ପୂଝାରୀ ଓ ଅତିରିକ୍ତ ତହସିଲଦାର ଅର୍ଜୁନ ମାଝି ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। କ୍ଷତିପୂରଣ ମିଳିବା ପରେ ରାତି ୮ଟାରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା।

ସରୋଜିନୀ ଓ ରୀତି ନିଜ ଚାଷ ଜମିରୁ କାମ ସାରି ଫେରୁଥିବାବେଳେ ପାଟଣାଗଡ଼ ପଟରୁ ଦ୍ରୁତ ଗତିରେ ଆସୁଥିବା ଏକ କାର (ଓଡ଼ି ୦୩ ସି ୨୦୪୧) ସେମାନଙ୍କୁ ପଛପଟୁ ଜୋରରେ ଧକ୍କା ଦେଇଥିଲା। ଦୁର୍ଘଟଣା ସ୍ଥଳରୁ ୧୦୦ ମିଟର ଦୂରରେ କାର୍ ଓଲଟି ପଡିଥିଲା। କାରମାଲିକ ସୁନୀଲ ଅଗ୍ରୱାଲ ୨ଲକ୍ଷ ୫୦ ହଜାର ଟଙ୍କା ପରିବାର ବର୍ଗଙ୍କୁ କ୍ଷତିପୂରଣ ବାବଦକୁ ଦେଇଥିବାବେଳେ ରେଡକ୍ରସ ପାଣ୍ଠିରୁ ଉଭୟଙ୍କ ବାବଦରେ ୨୦ ହଜାର ଟଙ୍କାର ସହାୟତା ଦିଆଯାଇଥିବା ତହସିଲଦାର ରୁଦ୍ରମୋହନ ନାୟକ କହିଛନ୍ତି। ହରିଶ୍ଚନ୍ଦ୍ର ଯୋଜନାରେ ମଧ ୪ ହଜାର ଟଙ୍କା ସହାୟତା ରାଶି ଦିଆଯାଇଥିବା ବିଡ଼ିଓ ସୁମନ ମିଞ୍ଜଙ୍କଠାରୁ ଜଣାପଡିଛି। ରବିବାର ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମାନସିକ ଶିଥିଳତା ଯୋଗୁ ଆନନ୍ଦ ଉପଭୋଗ କରିପାରିବେ ନାହିଁ। ଅଟକି ରହିଥିବା ବୃତ୍ତିଗତ ଧନ୍ଦାକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବିଷାଦିତ ସମୟରେ ଆତ୍ମୀୟଙ୍କୁ ନିକଟରେ ପାଇ ନିଜକୁ କିଛି ସମୟ ପାଇଁ ଭୁଲିଯିବେ। ସଭାସମିତି, ଆନୁଷ୍ଠାନିକ କାମ କିମ୍ବା କୌଣସି କର୍ମାରମ୍ଭ କରିବାରେ ବ୍ୟସ୍ତ ରହିବାକୁ ପଡ଼ିପାରେ।

**ବୃଷ** ସ୍ଥଗିତ ରହିଥିବା କାମ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ସବୁ କାମରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ଅବଶ୍ୟ କଚେରି ମାମଲା, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରୁ ପ୍ରଶଂସିତ ହେବେ।

**ମିଥୁନ** ଶାରୀରିକ ଅସୁସ୍ଥତା ସହ ପାରିବାରିକ ଜୀବନରେ ଭୁଲ୍ ବୁଝାମଣା ମାନସିକ ଅଶାନ୍ତିର କାରଣ ହେବ। ଦିନ ଭିତରେ ଯେତିକି ଅର୍ଥ ପାଇବେ, ପ୍ରତିଦାନରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। କାହାରି କଥାରେ ପଡ଼ି କାମ କଲେ ପରେ ଅନୁତାପ କରିବାକୁ ପଡ଼ିପାରେ। ବାଣିଜ୍ୟ ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**କର୍କଟ** ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା କର୍ମକ୍ଷେତ୍ରର ସମସ୍ୟା ସମାଧାନ ଆଶାକୁ ଉଜ୍ଜ୍ୱଳ କରିବ। ବନ୍ଧୁ ସ୍ୱାର୍ଥସାଧନ ଲାଗି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଘରୋଇ କଥାରେ ମତପାର୍ଥକ୍ୟ ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ ଏବଂ ବ୍ୟବସାୟ, ଯାତ୍ରା, ବାଣିଜ୍ୟ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବେ।

**ସିଂହ** ଅର୍ଥ ସଂକଟ ଗୁରୁତ୍ୱପୂର୍ଣ୍ଣ କାମରେ ଅନ୍ତରାୟ ସୃଷ୍ଟି କରିପାରେ। ମଘା ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ପାଇବା କଷ୍ଟକର ହେବ। ପରିସ୍ଥିତିବିଶତଃ ଇଚ୍ଛା ନ ଥିଲେ ମାଧ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହୋଇପାରନ୍ତି। କେବଳ କଳା, ସାହିତ୍ୟ, ସଙ୍ଗୀତ, ବ୍ୟବସାୟ, ଯାତ୍ରା ପାଇଁ ବିଶେଷ ଅସୁବିଧା ହେବନାହିଁ।

**କନ୍ୟା** ସବୁ ଦିଗରୁ ଭଲ ହେଲେ ମଧ ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖାଦେଇପାରେ। ନିଜର ଏକାନ୍ତ କେତେକ ବ୍ୟକ୍ତିଗତ ଅପୂର୍ଣ୍ଣତା ମନକୁ ବାରମ୍ବାର ଆଲୋଡ଼ନ କରିବ। ଆର୍ଥିକ ସ୍ଥିତି, କର୍ମକ୍ଷେତ୍ର, ବ୍ୟବସାୟିକ ସ୍ଥିତି, ପାରିବାରିକ ଜୀବନ ଗତାନୁଗତିକ ରୀତିରେ ଗଡ଼ିଚାଲିବ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ର ଉନ୍ନତ ହେବ।

**ତୁଳା** ବନ୍ଧୁଙ୍କ ବାଧିଲାଭଳି କଥା ଶୁଣି ସବୁ ଆଶା ଓ ଅଭିଳାଷ ମିଳାଇ ଯାଇପାରେ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଫଳରେ ମନ ହାଲୁକା ହୋଇଯିବ। ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଳାନ୍ତି ଅନୁଭବ କରିପାରନ୍ତି। ବୈଷୟିକ କ୍ଷେତ୍ରରେ ଯାହା ଆଶା କରୁଥିଲେ କିଛି ପରିମାଣରେ ଅବଶ୍ୟ ପାଇବେ।

**ବିଛା** ଏକ ଭିନ୍ନ ପରିବେଶରେ ପରିସ୍ଥିତି ବଦଳିଯିବ, ଯାହାକି ଆପଣଙ୍କ ସକାଶେ ରୁଚିକର ହୋଇପାରେ। ଅନ୍ୟମାନଙ୍କ ମନଧରି କାମ କଲେ ମଧ ସମ୍ପର୍କୀୟମାନେ ଦୂରେଇ ରହୁଥିବାର ଅନୁଭବ କରିବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ଯୋଗୁ ବିଚଳିତ ହୋଇପାରନ୍ତି। କଳା, ସାହିତ୍ୟ ଓ ବନ୍ଧୁମିଳନ କ୍ଷେତ୍ରରେ ଆଦୃତ ହେବେ।

**ଧନୁ** ଭାଙ୍ଗି ପଡ଼ିଥିବା ସମ୍ପର୍କକୁ ଯୋଡ଼ିବା ସକାଶେ ଚେଷ୍ଟା କରି ମଧ କିଛି ଲାଭ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ, ପରିବହନରେ ଉନ୍ନତି କରିବେ। ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସମାଧାନ କେତେକାଂଶରେ ହୋଇପାରେ। ଯାନବାହନ ଚଳାଚଳ ସମୟରେ ଅନ୍ୟମନସ୍କତା ପରିହାର କରନ୍ତୁ।

**ମକର** ଦିନଟି ସବୁ ଦିଗରୁ ଭଲରେ ଯିବ, କିନ୍ତୁ ମାନସିକ ସ୍ତରରେ ନିରୁତ୍ସାହିତ ରହିପାରନ୍ତି। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ନିଜର ଭାବାବେଗକୁ ରୋକି ପାରିବେ ନାହିଁ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**କୁମ୍ଭ** ନିଜର ବ୍ୟବହାରରେ ସଂଯମତା ରକ୍ଷା ନକଲେ ବିବାଦ ଭିତରକୁ ଟାଣି ହୋଇ ପାରନ୍ତି। ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନଟା ଭାରାକ୍ରାନ୍ତ ରହିବ। ଶାରୀରିକ ଅସୁସ୍ଥତା ମଧ ଏହାର ଏକ କାରଣ ହେଇପାରେ। କର୍ମକ୍ଷେତ୍ରରେ କିମ୍ବା ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି।

**ମୀନ** ଯେତେ ପ୍ରକାର ଭାବିଚିନ୍ତି କାମ କଲେ ମଧ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିବ। କର୍ମ କ୍ଷେତ୍ରରେ ସାଧାରଣ ଘଟଣାରେ ବନ୍ଧୁଙ୍କ ସହ କଳହ ଘଟିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, କିନ୍ତୁ ସମ୍ପୂର୍ଣ୍ଣ ନିରାମୟର ଆଶା ତଥାପି ରହିବ। ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ।

ଆଜି ଫାଲ୍‌ଗୁନ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ରବିବାର, ମାର୍ଚ୍ଚ ୩ ତାରିଖ, ରାଷ୍ଟ୍ରୀୟ ପ୍ରତିରକ୍ଷା ଦିବସ, ବିଶ୍ୱ ବନ୍ୟପ୍ରାଣୀ ଦିବସ, ରାଶି ନକ୍ଷତ୍ର- ଅନୁରାଧା/ ବିଛା ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ ଓ ନବବଧୂ ଯାତ୍ରା ପାଇଁ ଶୁଭଦିନ। ସକାଳ ଘ.୦୬।୦୮ ଗତେ ଘ.୧୦।୦୧ ମଧ୍ୟେ, ଘ.୦୧।୨୬ ଗତେ ଘ.୦୧।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୧ ଗତେ ଘ.୦୫।୪୯ ମଧ୍ୟେ ରାହୁକାଳ।

ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩/୨୦୨୪ | Bhubaneswar, Sunday, March 3/2024


# ୫ ମେଡିକାଲ କଲେଜରେ ଟିଚିଂ ହସ୍ପିଟାଲ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲି ୫ ସରକାରୀ ମେଡିକାଲ କଲେଜରେ ଟିଚିଂ ହସ୍ପିଟାଲର ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

## ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

- ୪ ମେଡିକାଲ କଲେଜ ରୂପାନ୍ତରଣ ପାଇଁ ଭିତ୍ତିପ୍ରସ୍ତର
- ୬ରୁ ସମ୍ବଲପୁରରୁ ବିଏସ୍‌କେୱାଇ ନବୀନ କାର୍ଡର ଶୁଭାରମ୍ଭ

**ଭୁବନେଶ୍ୱର,୨।୩ (ଅସମାପିକା ସାହୁ)**

ରାଜ୍ୟର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭର୍ଚୁଆଲରେ ରାଜ୍ୟର ୫ ସରକାରୀ ମେଡିକାଲ କଲେଜରେ ଟିଚିଂ ହସ୍ପିଟାଲର ଉଦ୍‌ଘାଟନ କରିଛନ୍ତି। ଏଥିସହ ୪ ମେଡିକାଲ କଲେଜର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉଦ୍‌ଘାଟିତ ଟିଚିଂ ହସ୍ପିଟାଲଗୁଡ଼ିକ ହେଲା ବଲାଙ୍ଗୀରରେ ୬୫୦ ଶଯ୍ୟା ବିଶିଷ୍ଟ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ବାରିପଦାରେ ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ ଆଣ୍ଡ ହସ୍ପିଟାଲ, ସୁନ୍ଦରଗଡ଼ରେ ୫୦୦ ଶଯ୍ୟା ବିଶିଷ୍ଟ ସରକାରୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, କେନ୍ଦୁଝରରେ ୫୦୦ ଶଯ୍ୟା ବିଶିଷ୍ଟ ଧରଣୀଧର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଏବଂ ବାଲେଶ୍ୱରରେ ୬୫୦ ଶଯ୍ୟା ବିଶିଷ୍ଟ ଫକୀରମୋହନ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ। ଏଥିସହ କଟକ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କ୍ୟାନ୍ସର ଗବେଷଣା ପ୍ରତିଷ୍ଠାନ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ରାଉରକେଲା ସରକାରୀ ହସ୍ପିଟାଲ ଏବଂ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ ଓ ଗବେଷଣା ପ୍ରତିଷ୍ଠାନକୁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଇଦେବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ଆଜି ଦିନଟି ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମାଇଲ୍‌ଷ୍ଟୋନ ହୋଇ ରହିବ। ଗୋଟିଏ ଦିନରେ ୫ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ୨,୯୫୦ ଶଯ୍ୟା ଯୋଡ଼ିହେଲା। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ଏହାଦ୍ୱାରା ବଲାଙ୍ଗୀରରୁ ବାରିପଦା, ସୁନ୍ଦରଗଡ଼ରୁ କେନ୍ଦୁଝର ଓ ବାଲେଶ୍ୱର ସବୁ ଅଞ୍ଚଳର ଜନସାଧାରଣ ଉପକୃତ ହେବେ। ଦିନ ଥିଲା ଓଡ଼ିଶାରେ ମାତ୍ର ୩ଟି ସରକାରୀ ମେଡିକାଲ କଲେଜ ଥିଲା। ଗତ ୬ ବର୍ଷ ମଧ୍ୟରେ ୮ଟି ନୂଆ ମେଡିକାଲ କଲେଜ ଓ ୨ଟି ସ୍ନାତକୋତ୍ତର ପ୍ରତିଷ୍ଠାନ ଗଢ଼ି ଉଠିଛି। ଆଗାମୀ ଦିନରେ ଆଉ ୩ଟି ମେଡିକାଲ କଲେଜ ମଧ୍ୟ ହେବାକୁ ଯାଉଛି। ଆଗରୁ ବର୍ଷକୁ ମାତ୍ର ୩୨୧ଜଣ ଏମ୍‌ବିବିଏସ୍ ଡାକ୍ତର ଓ ୨୫୪ ଜଣ ସ୍ପେଶାଲିଷ୍ଟ ବାହାରୁଥିଲେ। ଏବେ ୨,୫୨୫ ଏମ୍‌ବିବିଏସ୍ ଡାକ୍ତର ଓ ୯୭୨ ସ୍ପେଶାଲିଷ୍ଟ ବାହାରୁଛନ୍ତି। ୪ ସ୍ୱାସ୍ଥ୍ୟାନୁଷ୍ଠାନକୁ ବିଶ୍ୱସ୍ତରୀୟ ହସ୍ପିଟାଲରେ ରୂପାନ୍ତର କରିବା ପାଇଁ ଭିତ୍ତି ଦିଆଗଲା। ଏଥିପାଇଁ ୩,୪୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବୁର୍ଲା କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ, ଲୋକଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରୁଛନ୍ତି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଞ୍ଚାଳନାକରି ଏସବୁ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶରେ ସହଯୋଗ କରିଥିବା ☞ପୃଷ୍ଠା-୫









# ଭୀମ ଭୋଇଙ୍କ ଜନ୍ମମାଟିକୁ ଆସି ଧନ୍ୟ ମନେକରୁଛି: ରାଷ୍ଟ୍ରପତି




ନାଗରିକ ସମ୍ବର୍ଦ୍ଧନା ସଭାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ।

## ମହିମାଧର୍ମର ଉପାସକଙ୍କ ଦ୍ୱାରା ନାଗରିକ ସମ୍ବର୍ଦ୍ଧନା

ରେଢ଼ାଖୋଲ,୨।୩ (ଅଚ୍ୟୁତାନନ୍ଦ ପୁରୋହିତ)

ସନ୍ଥକବି ଭୀମ ଭୋଇଙ୍କ ଜନ୍ମ ମାଟିକୁ ଆସି ମୁଁ ନିଜକୁ ଧନ୍ୟ ମନେ କରୁଛି। ସମ୍ବଲପୁର ଜିଲାର ରେଢ଼ାଖୋଲ ଗସ୍ତରେ ଆସି ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା କହିଛନ୍ତି। ସେ ଆହୁରି କହିଛନ୍ତି, ରାଷ୍ଟ୍ରପତି ଭାବେ ଶପଥ ନେବାବେଳେ ଭୀମ ଭୋଇଙ୍କ ବାଣୀ 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ' ଉଚ୍ଚାରଣ କରିଥିଲି। ଏହାକୁ ହିନ୍ଦୀ ଭାଷାରେ ବୁଝାଇବା ପରେ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ କରତାଳିର ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ଏହି ଧ୍ୟେୟବାକ୍ୟକୁ ପାଥେୟ କରିଥିଲେ ହେଁ ଏହି ପବିତ୍ର ମାଟିକୁ ଆସିବାର ସୌଭାଗ୍ୟ ପାଇ ନ ଥିଲି। ଆପଣମାନଙ୍କ ଆମନ୍ତ୍ରଣ ପାଇ ସନ୍ଥକବିଙ୍କ ମାଟିକୁ ଆସି ମୁଁ ଆନନ୍ଦିତ। ଆଜି ଦିନଟି ମୋ ପାଇଁ ସ୍ମରଣୀୟ ହୋଇ ରହିବ। ଭୀମ ଭୋଇ ଜନ୍ମାନ୍ଧ ଥିଲେ ହେଁ ତାଙ୍କର ଅନ୍ତଃଦୃଷ୍ଟି ଥିଲା ପ୍ରଖର। ତାଙ୍କର କାଳଜୟୀ କବିତା ଓ ସାହିତ୍ୟ ମାଧ୍ୟମରେ ସେ ସମାଜରୁ ଭେଦଭାବ ଦୂର କରିବାକୁ ପ୍ରୟାସ କରିଥିଲେ। ସନ୍ଥକବିଙ୍କ ଜୀବନୀ ଓ ସାହିତ୍ୟ ବିଭିନ୍ନ ଭାଷାରେ ପ୍ରକାଶିତ ହୋଇ ସାରା ବିଶ୍ୱରେ ପ୍ରସାରିତ ହେବା ଆବଶ୍ୟକ। ଭୀମ ଭୋଇଙ୍କ ବାଣୀ ଯୁବ ସମାଜଙ୍କ ପାଥେୟ ହେଉ ବୋଲି ରାଷ୍ଟ୍ରପତି କହିଥିଲେ।

ପ୍ରାରମ୍ଭରେ ଗୁରୁବ୍ରହ୍ମ ମହିମା ଅଲେଖ ଶରଣଂ କହି ଉପସ୍ଥିତ ମହିମା ସାଧୁସନ୍ଥମାନଙ୍କୁ ସମ୍ବୋଧନ କରିବା ସହ ଜୟ ଜଗନ୍ନାଥ ବୋଲି କହି ସମସ୍ତଙ୍କୁ ଜୁହାର କହିଥିଲେ। ସନ୍ଥକବି ଭୀମ ଭୋଇ ସ୍ମୃତି କମିଟି ଦ୍ୱାରା ମିନି ଷ୍ଟାଡିୟମରେ ଆୟୋଜିତ ସଭାରେ ମହିମାଧର୍ମୀମାନେ ରାଷ୍ଟ୍ରପତିଙ୍କୁ ନାଗରିକ ସମ୍ବର୍ଦ୍ଧନା ଦେଇଥିଲେ। ଏହି ସଭାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶା ସରକାରଙ୍କ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ଭୀମ ଭୋଇ ସ୍ମୃତି କମିଟି ସଭାପତି ଚକ୍ରଧର ପ୍ରଧାନ, ଆନନ୍ଦ ବାବା, ସୌଭାଗ୍ୟ ବାବା, କାହ୍ନୁ ବାବା, ପ୍ରଭାକର ବାବା ମଞ୍ଚାସୀନ ଥିଲେ। ମନ୍ତ୍ରୀ ସାହୁ ତାଙ୍କ ଭାଷଣରେ ରାଷ୍ଟ୍ରପତିଙ୍କୁ ପାଇ ସମ୍ବଲପୁର ମାଟି ଧନ୍ୟ ହୋଇଛି ବୋଲି କହିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ରାଷ୍ଟ୍ରପତିଙ୍କୁ ଯୋରନ୍ଦା ଓ ଭୀମ ଭୋଇଙ୍କ ସମାଧି ପୀଠ ଖଲିଆପାଲି ଆସିବାକୁ ନିମନ୍ତ୍ରଣ କରିବା ସହ ସନ୍ଥକବିଙ୍କ ରଚିତ ସ୍ତୁତି ଚିନ୍ତାମଣି କବିତା ସଙ୍କଳନ ରାଷ୍ଟ୍ରପତିଙ୍କୁ ଉପହାର ଦେଇଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଛତିଶଗଡର ବିଳାସପୁରସ୍ଥିତ ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ ଓ କୋରାପୁଟ ବିଶ୍ୱବିଦ୍ୟାଳୟରେ ସନ୍ଥକବି ଭୀମ ଭୋଇ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଭବିଷ୍ୟତରେ ଭୀମ ଭୋଇଙ୍କ ଜୀବନୀ ଓ ସାହିତ୍ୟକୁ ସ୍କୁଲ କଲେଜ ପାଠ୍ୟକ୍ରମରେ ସାମିଲ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ନାଗରିକ ସମ୍ବର୍ଦ୍ଧନା ସଭାକୁ ହରପ୍ରସାଦ ଦାସ ସଂଯୋଜନା କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ପୂର୍ବାହ୍ନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଆସି କଦଳୀଗଡ ହାଇସ୍କୁଲ ଖେଳପଡିଆରେ ଅବତରଣ କରିଥିଲେ। ସେଠାରୁ ସେ ମଧୁପୁର ଗ୍ରାମକୁ ଯାଇ ସନ୍ଥକବିଙ୍କ ପ୍ରାପ୍ତି ପୀଠରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଚଉଷଠୀ ସିଦ୍ଧଙ୍କ ଧୁନିମଣ୍ଡପ ଦର୍ଶନ କରିଥିଲେ। ପରେ କନ୍ଦରାସ୍ଥିତ ଦିବ୍ୟଜ୍ଞାନ ପ୍ରାପ୍ତି ପୀଠ ପରିଦର୍ଶନ କରିବା ସହ ସାଧୁସନ୍ଥଙ୍କ ଦ୍ୱାରା ଆୟୋଜିତ ଯଜ୍ଞରେ ଘୃତ ଆହୁତି ପ୍ରଦାନ କରିଥିଲେ। କନ୍ଦରାର ଦିବ୍ୟଜ୍ଞାନ ପ୍ରାପ୍ତି ପୀଠରେ ଛାତ୍ରୀଛାତ୍ରଙ୍କୁ ଚକୋଲେଟ ଦେବା ସହ ଚାରାରୋପଣ କରିଥିଲେ।

# ୬ ପ୍ରକଳ୍ପର ଉଦ୍‌ଘାଟନ, ୪୬ର ଭିତ୍ତିପ୍ରସ୍ତର ସ୍ଥାପନକଲେ ମୁଖ୍ୟମନ୍ତ୍ରୀ

## ଚାଷୀ ଆମ ଅର୍ଥନୀତିର ସାରଥି, ସେମାନଙ୍କ ପାଇଁ କାମ କରୁଥିବି: ନବୀନ

ଭୁବନେଶ୍ୱର,୨।୩(ସୁନିତ୍ ମିଶ୍ର)

ଚାଷୀର କଲ୍ୟାଣ ଓ କୃଷିର ବିକାଶ ତାଙ୍କ ପାଇଁ ସବୁବେଳେ ପ୍ରାଥମିକତା ହୋଇ ରହିଆସିଛି। ପ୍ରତିଦିନ ବିଭିନ୍ନ ଅଞ୍ଚଳର ଚାଷୀ ଭଉଣୀଭାଇମାନଙ୍କୁ ଭୁବନେଶ୍ୱରରେ ଭେଟୁଛି। ଚାଷୀଙ୍କ ପାଇଁ ଆମର ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଖୁବ୍ ଭଲ କାମ କରୁଛି। ଗତ କିଛିଦିନ ଧରି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଛୋଟ ବଡ଼ ଅନେକ ଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଆସୁଛି। ଏହା ସହ ନୂଆ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ରଖାଯାଉଛି। ଏହିସବୁ ପ୍ରକଳ୍ପରେ ୫-ଟି ଉପକ୍ରମ ଅଧୀନରେ ଟେକ୍ନୋଲୋଜିର ପ୍ରୟୋଗ କରାଯାଇ ପ୍ରକଳ୍ପଗୁଡିକୁ ତ୍ୱରାନ୍ୱିତ କରାଯାଉଛି। ଭୂତଳ ପାଇପଲାଇନ ଜରିଆରେ ଜଳସେଚନ ଯୋଗୁ ବିସ୍ଥାପନ ସମସ୍ୟା ଦୂରହୋଇଛି। ଚାଷୀ ଆମ ଅର୍ଥନୀତିର ସାରଥି। ସେମାନଙ୍କ ପାଇଁ କାମ କରୁଛନ୍ତି ଏବଂ କରୁଥିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ ଗୋଟିଏ ଦିନରେ ୩,୦୩୭ କୋଟି ଟଙ୍କାରେ ୫୨ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ରଖିଛନ୍ତି। ଏଥିରେ ୪ ଜିଲାରେ ୧୩୧ କୋଟି ଟଙ୍କା ବ୍ୟୟରେ ୬ଟି ପ୍ରକଳ୍ପର ଉଦ୍‌ଘାଟନ ହୋଇଥିବା ବେଳେ ୧୫ ଜିଲାରେ ୨୯୦୬ କୋଟି ଟଙ୍କାରେ ୪୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାକୁ ଉଦ୍‌ଘାଟନ କରିବା ପରେ ଜଳସେଚନ କ୍ଷେତ୍ରରେ ବର୍ତ୍ତମାନ ଏକ ସୁବର୍ଣ୍ଣ ଅଧ୍ୟାୟ ସୃଷ୍ଟି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଧ୍ୟରେ ନୟାଗଡ଼ର କୁସୁମୀ ବ୍ୟାରେଜ ଉଦ୍‌ଘାଟିତ ହୋଇଛି। ୭୦.୮୮ କୋଟି ଟଙ୍କା ବ୍ୟୟରେ ନିର୍ମିତ କୁସୁମୀ ବ୍ୟାରେଜରୁ ଜଳ ଯୋଗାଣ ନିମନ୍ତେ ୧୪୮.୧୭ କୋଟି ଟଙ୍କା ବ୍ୟୟରେ ଭୂତଳ ପାଇପଲାଇନ ବଣ୍ଟନ ବ୍ୟବସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାଦ୍ୱାରା ୯୨୫୪ ଏକର ଜମିକୁ ଜଳସେଚନ ଯୋଗାଇ ଦିଆଯାଇପାରିବ ଏବଂ ୩ଟି ବ୍ଲକର ୪୯ଟି ଗ୍ରାମର ୧.୫ ଲକ୍ଷ ଲୋକ ଉପକୃତ ହେବେ। ଏହା ସହ ୫ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଜଳକୁ ଭୂତଳ ପାଇପଲାଇନ ଦ୍ୱାରା ବଣ୍ଟନ ବ୍ୟବସ୍ଥାର ଲୋକାର୍ପଣ ମଧ୍ୟ କରାଯାଇଛି। ହାଡୁଆ ଡ୍ୟାମ୍ ଓ ତା'ର ଭୂତଳ ପାଇପ ଲାଇନ ବଣ୍ଟନ ବ୍ୟବସ୍ଥାର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା। ଏହାଦ୍ୱାରା କଟକ ଜିଲାର ୮୬ ଗ୍ରାମର ୮୯୯୭ ଏକର ଚାଷଜମିକୁ ଜଳସେଚନ ଯୋଗାଇବା ସହ ୨୯୩ ଗ୍ରାମକୁ ପାନୀୟ ଜଳ ଯୋଗାଣ ଓ ୧ ମେଗାୱାଟର ବିଦ୍ୟୁତ୍ ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ହାଡୁଆ ଡ୍ୟାମ୍ ଓ ତା'ର ଭୂତଳ ପାଇପ ଲାଇନ ବଣ୍ଟନ ବ୍ୟବସ୍ଥାର ବ୍ୟୟ ଅଟକଳ ଯଥାକ୍ରମେ ୨୬୫.୨୪ କୋଟି ଓ ୧୯୫.୮୯ କୋଟି ଟଙ୍କା। କଟକ ଡିମିରିଆ-ରାଉତପଡ଼ା ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ, ବୈଦେଶ୍ୱର-ଗୋପୀନାଥପୁର ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ଓ ନବରଙ୍ଗପୁର ଫଟକି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ- ଏହିପରି ୩ଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ସହ ୩୯ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭୂତଳ ପାଇପଲାଇନ ଓ ଅନ୍ୟାନ୍ୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ବଲାଙ୍ଗୀର ପାଟଣାଗଡ଼ରେ ଉପସ୍ଥିତ ଜଳ ସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ କହିଛନ୍ତି, ମୁଖ୍ୟମନ୍ତ୍ରୀ ସଂକଳ୍ପବଦ୍ଧ ଭାବେ ଓଡ଼ିଶାର ବିକାଶକୁ ଆଗେଇ ନେଉଛନ୍ତି। ପ୍ରତ୍ୟେକ ଚାଷୀଙ୍କ ଜମିକୁ ଯେପରି ପର୍ଯ୍ୟାପ୍ତ ପରିମାଣର ପାଣି ପହଞ୍ଚିବ ସେ ଦିଗରେ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ମନ୍ତ୍ରୀ ସାହୁ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରି କହିଛନ୍ତି , ମୁଖ୍ୟମନ୍ତ୍ରୀ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ଜିଲା ଗସ୍ତ ସମୟରେ ଜଳସେଚନ ଉପରେ ଯେଉଁସବୁ ସମସ୍ୟା ବାବଦରେ ଅଭିଯୋଗ ଆସିଥିଲା, ସେଥିମଧ୍ୟରୁ ପ୍ରାୟ ୮୦% ସମାଧାନ ହୋଇସାରିଲାଣି। ଆଜି ଭିତ୍ତିପ୍ରସ୍ତର ଦିଆଯାଇଥିବା ପ୍ରକଳ୍ପଗୁଡିକ ପାଇଁ ସମସ୍ତଙ୍କ ସହଯୋଗ ମିଳିଲେ କାମ ଖୁବ୍‌ଶୀଘ୍ର ଶେଷ ହେବ। ନୟାଗଡ଼ ଜିଲାବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ପୁରୀ ଶ୍ରୀମନ୍ଦିରଠାରୁ ଆରମ୍ଭକରି ସମଲେଇ ମନ୍ଦିର ପର୍ଯ୍ୟନ୍ତ ରୂପାନ୍ତରଣ କାର୍ଯ୍ୟ କରାଯାଇଛି। ଖୁବ୍‌ଶୀଘ୍ର କଣ୍ଟିଲୋ ନୀଳମାଧବ ପୀଠର ରୂପାନ୍ତରଣ କାମ ଶେଷ ହୋଇ ଲୋକାର୍ପଣ ହେବ।




ଚାଷୀର କଲ୍ୟାଣ ଓ କୃଷିର ବିକାଶ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲାରେ ୬ ପ୍ରକଳ୍ପର ଉଦ୍‌ଘାଟନ ସହ ୪୬ଟିର ଭିତ୍ତିପ୍ରସ୍ତର ଶିଳାନ୍ୟାସ କରିଛନ୍ତି। ନିକଟରେ ଅଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

# ଗୁଣାତ୍ମକ ଉତ୍ପାଦକୁ ଗୁରୁତ୍ୱ



**କଳା ଓ ସଂସ୍କୃତି ସହ ଜଡ଼ିତ ଜଣେ କଳାପ୍ରେମୀ ତଥା ସାମାଜିକ କର୍ମୀ ସମୟ କ୍ରମେ ପରିବାରର ଆବଶ୍ୟକତାକୁ ନଜରରେ ରଖି ପ୍ରାଥମିକ ପର୍ଯ୍ୟାୟରେ ଛୋଟ ଚକି ଅଟାକଳ ଜରିଆରେ ବ୍ୟବସାୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ନିଜର ଦୃଢ଼ ସଂକଳ୍ପ ବଳରେ ସେ ବ୍ୟବସାୟର କଳେବରକୁ ବୃଦ୍ଧି କରିଥିଲେ। କାଳକ୍ରମେ ସେ ଏକ ବୃହତ୍ ଅଟାକଳ ପ୍ରତିଷ୍ଠା କରି ତାଙ୍କ ସ୍ୱପ୍ନକୁ ସାକାର କରିବା ସହ ଜଣେ ସଫଳ ଶିଳ୍ପୋଦ୍ୟୋଗୀ ହୋଇପାରିଛନ୍ତି। ସେହି ସଫଳ ଶିଳ୍ପୋଦ୍ୟୋଗୀ ତଥା କସ୍ତୁରୀ ଫ୍ଲୋର ମିଲ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ପାତ୍ରଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ...**

ସୁରେଶ ଚନ୍ଦ୍ର ପାତ୍ର

ଧରିତ୍ରୀ | OrissaPOST BUSINESS EMINENCE AWARDS

**ପ୍ର- ବଜାରରେ କସ୍ତୁରୀ ଫୁଡ୍‌ର ଚାହିଦା କିଭଳି ରହିଛି?**

ଉ- ବର୍ତ୍ତମାନ କସ୍ତୁରୀ ଫୁଡ୍‌ର ଚାହିଦା ବଜାରରେ ଭଲ ରହିଛି। ଏପରିକି ଫୁଡ୍‌ର ବିଭିନ୍ନ ଉତ୍ପାଦ ଭିନ୍ନ ଭିନ୍ନ ବର୍ଗର ଲୋକଙ୍କ ପାଇଁ ପ୍ରିୟ ଖାଦ୍ୟ ପାଲଟିଥିବାବେଳେ ଗୁଣାତ୍ମକ ଖାଦ୍ୟ ଓ ଗ୍ରାହକ ଚାହିଦା ପୂରଣ କରିବା ପାଇଁ ଆମେ ସର୍ବଦା ପ୍ରୟାସ କରିଥାଉ। ରାଜ୍ୟରେ ଅନ୍ୟ ଉତ୍ପାଦକ ଥିଲେ ମଧ୍ୟ ଆମର ସ୍ୱତନ୍ତ୍ର ଗ୍ରାହକ ରହିଛନ୍ତି। ଏପରିକି ଆମର ଉତ୍ପାଦଗୁଡିକ ଉଚ୍ଚମାନର ହୋଇଥିବାବେଳେ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଗବେଷଣାତ୍ମକ ପଦ୍ଧତିରେ ଆମେ ଉତ୍ପାଦନ କରିଆସୁଛୁ।

**ପ୍ର- ବ୍ରାଣ୍ଡର ବିଶେଷତ୍ୱ କ'ଣ ରହିଛି?**

ଉ- ଆମେ ଗ୍ରାହକଙ୍କୁ ସର୍ବଦା ବିଶୁଦ୍ଧ ଓ ଗୁଣାତ୍ମକ ଖାଦ୍ୟ ସାମଗ୍ରୀ ଯୋଗାଇବାକୁ ଅଧିକ ଗୁରୁତ୍ୱ ଦେଇଥାଉ। କାରଣ ବ୍ରାଣ୍ଡର ପରିଚୟ ତା'ର ଖାଦ୍ୟ ସାମଗ୍ରୀର ମାନ ଓ ବିଶୁଦ୍ଧତା ଉପରେ ନିର୍ଭର କରିଥାଏ। ଏପରିକି ଗ୍ରାହକଙ୍କ ବିଶ୍ୱାସଭାଜନ ପାଇଁ ଖାଦ୍ୟ ଉତ୍ପାଦକମାନଙ୍କୁ ସ୍ୱଚ୍ଛତା ଓ ସାଧୁତା ଅବଲମ୍ବନ କରିବାକୁ ପଡ଼ିଥାଏ। ଥରେ ଗ୍ରାହକ ଖାଦ୍ୟର ମାନ ଉପରେ ପ୍ରଶ୍ନ କରିବା ଆରମ୍ଭ କଲେ ବ୍ରାଣ୍ଡର ମୂଲ୍ୟ କିଛି ରହି ନ ଥାଏ। ସେଥିପାଇଁ ଆମେ ସର୍ବଦା ଗ୍ରାହକଙ୍କୁ ଉଚ୍ଚମାନର ଉତ୍ପାଦ ଓ ଆବଶ୍ୟକତା ପୂରଣକୁ ପ୍ରାଧାନ୍ୟ ଦେଇଥାଉ।

**ପ୍ର - ବଜାରରେ ବ୍ରାଣ୍ଡର କେଉଁ ସବୁ ଉତ୍ପାଦ ଉପଲବ୍ଧ?**

ଉ- ବର୍ତ୍ତମାନ ସମୟରେ ଆମର ଛତୁଆ ଏବଂ ଅଟାର ବହୁ ଉତ୍ପାଦ ବଜାରରେ ଉପଲବ୍ଧ। ବିଶେଷକରି ଆମେ ବିଭିନ୍ନ ବର୍ଗର ଗ୍ରାହକଙ୍କ ପାଇଁ ଉତ୍ପାଦଗୁଡ଼ିକୁ ବଜାରରେ ଉପଲବ୍ଧ କରାଉଛୁ, ଛୋଟ ପିଲାଠାରୁ ଆରମ୍ଭକରି ବରିଷ୍ଠ ନାଗରିକ ଏବଂ ମଧୁମେହ (ଡାଇବେଟିସ୍) ରୋଗୀଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଅଟା ଓ ଛତୁଆ ଉତ୍ପାଦନ କରାଯାଉଛି। ଓଡ଼ିଶାର ପ୍ରମୁଖ ସହରରେ କସ୍ତୁରୀ ବ୍ରାଣ୍ଡର ଚାହିଦା ଅନ୍ୟ ବ୍ରାଣ୍ଡଠାରୁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଘରୋଇ ବଜାରରେ ବ୍ରାଣ୍ଡ୍ ଆବଶ୍ୟକତା ମଧ୍ୟ ଅଧିକ ରହିଛି।

**ପ୍ର - ଗ୍ରାହକ ସନ୍ତୁଷ୍ଟିକୁ କିଭଳି ଗୁରୁତ୍ୱ ଦେଇଥାନ୍ତି?**

ଉ- ଖାଦ୍ୟ ବ୍ୟବସାୟରେ ଗ୍ରାହକ ଓ ଉତ୍ପାଦ ମୁଦ୍ରାର ଉଭୟ ପାର୍ଶ୍ୱ ଭଳି କାର୍ଯ୍ୟ କରିଥାଏ। ଗୁଣାତ୍ମକ ଉତ୍ପାଦ ଓ ବିଶ୍ୱସନୀୟତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥାଏ। ଗ୍ରାହକଙ୍କ ପ୍ରତିକ୍ରିୟା ଓ ପରାମର୍ଶ ସହ ଖାଦ୍ୟର ମାନ ଓ ବ୍ରାଣ୍ଡର ଚାହିଦାକୁ ଆହୁରି କିଭଳି ଅଧିକ ଭଲ କରାଯାଇପାରିବ। ଏପରିକି ବ୍ରାଣ୍ଡ୍ ସମ୍ପର୍କରେ ଉଭୟ ଘରୋଇ ଓ ଡିଜିଟାଲ ପ୍ଲାଟ୍‌ଫର୍ମରେ ଦିଆଯାଉଥିବା ପରାମର୍ଶ ଓ ଗ୍ରାହକଙ୍କ ଆବଶ୍ୟକତା ଉପରେ ମଧ୍ୟ ଆମେ ବିଶେଷ ଧ୍ୟାନ ଦେଇଥାଉ। ବ୍ରାଣ୍ଡର ବିକାଶ ଓ ବ୍ୟବସାୟରେ ଅଭିବୃଦ୍ଧି ପାଇଁ ଆମେ ଗ୍ରାହକଙ୍କ ଆବଶ୍ୟକତା ଓ ଚାହିଦାକୁ ସର୍ବାଧିକ ଗୁରୁତ୍ୱ ଦେଇଥାଉ।

**ପ୍ର -ବର୍ତ୍ତମାନର ପ୍ରତିଦ୍ୱନ୍ଦ୍ୱିତାମୂଳକ ବଜାରକୁ କିଭଳି ଦେଖୁଛନ୍ତି?**

ଉ- ବ୍ୟବସାୟରେ ପ୍ରତିଯୋଗିତା ଏକ ଉତ୍ତମ ବାତାବରଣ ସୃଷ୍ଟି କରିଥାଏ। ହେଲେ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଆବଶ୍ୟକ ସମନ୍ୱୟ ରଖି ଗ୍ରାହକଙ୍କ ବିଶ୍ୱାସଭାଜନ ହେବା ଜରୁରୀ। ଏଥିସହିତ ଗୁଣାତ୍ମକ ସେବା ଓ ବ୍ୟବସାୟରେ ସ୍ୱଚ୍ଛତା ରକ୍ଷା କରିପାରିଲେ ଆପଣ ସଫଳତା ପାଇପାରିବେ।

**ପ୍ର- ବ୍ରାଣ୍ଡର ସମ୍ପ୍ରସାରଣ ସମ୍ପର୍କରେ କ'ଣ କହିବେ?**

ଉ- ବ୍ରାଣ୍ଡର ସମ୍ପ୍ରସାରଣ ବଜାର ଚାହିଦାକୁ ଆଖି ଆଗରେ ରଖି କରିବାକୁ ହୋଇଥାଏ। ସମ୍ପ୍ରସାରଣ ବିନା ସଫଳତା ମିଳିବା କଷ୍ଟକର। ଆମେ ବ୍ୟବସାୟର ଅଭିବୃଦ୍ଧି ଓ ବଜାର ଆବଶ୍ୟକତାକୁ ପୂରଣ କରିବା ପାଇଁ କ୍ଷମତା ବୃଦ୍ଧି ସହ ଆଉଟ୍‌ଲେଟ ସଂଖ୍ୟାରେ ମଧ୍ୟ ଅଧିକ ଷ୍ଟୋରକୁ ଯୋଡ଼ିବାକୁ ଗୁରୁତ୍ୱ ଦେଉଛୁ। ସେହିଭଳି ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟରେ ମଧ୍ୟରେ ଆମର ଉତ୍ପାଦ ଚାହିଦା ବୃଦ୍ଧି ପାଉଛି। ଗ୍ରାହକଙ୍କ ଚାହିଦା ପୂରଣ ପାଇଁ ଆମେ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ପ୍ଲାଟ୍‌ଫର୍ମକୁ ସୁଦୃଢ଼ କରିବାକୁ ଯାଉଛି।

**ପ୍ର - ଆଶାୟୀ ଉଦ୍ୟୋଗୀମାନଙ୍କ ପାଇଁ ଆପଣଙ୍କ ବାର୍ତ୍ତା କ'ଣ ରହିବ?**

ଉ- ବର୍ତ୍ତମାନ ସମୟରେ ବ୍ୟବସାୟ କରିବା ବା ଉଦ୍ୟୋଗ ଆରମ୍ଭ କରିବା ବହୁ ସହଜ ହୋଇଥିଲେ ମଧ୍ୟ ଯୁବଗୋଷ୍ଠୀଙ୍କ ନିକଟରେ ସହନଶୀତଳାର ବ୍ୟାପକ ଅଭାବ ରହିଛି। ଖାଦ୍ୟ ଶିଳ୍ପରେ ପ୍ରବେଶ କରିବା ପୂର୍ବରୁ ଅଭିଜ୍ଞତା ହାସଲ ସହିତ ମାନବ ସମ୍ବଳ ଓ କଠିନ ପରିଶ୍ରମକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଶିଳ୍ପ ପାଇଁ ସରକାର ସବୁ କିଛି ଯୋଗାଇ ଦେଉଥିବାବେଳେ ବ୍ୟବସାୟରେ ସମୟ ଓ ସ୍ୱଚ୍ଛତାକୁ ମୂଳମନ୍ତ୍ର କଲେ ନୂତନ ବ୍ୟବସାୟୀ ଏବଂ ଯୁବୋଦ୍ୟୋଗୀମାନେ ସଫଳତା ପାଇପାରିବେ।




# ଘରୋଇ କଳହରୁ ଭଉଣୀଭାଇଙ୍କ ଆତ୍ମହତ୍ୟା

ଭଦ୍ରକ(ସନାତନ ରାଉତ)/ ଧାମନଗର (ସନ୍ତୋଷ କୁମାର ମହାପାତ୍ର), ୨।୩

ଜମିବାଡ଼ି ବିବାଦକୁ ନେଇ ଅନେକ ଦିନ ଧରି ପାରିବାରିକ କଳହ ଲାଗି ରହିଥିଲା। ଭାଇ-ଭାଇଙ୍କ ମଧ୍ୟରେ ଝଗଡ଼ା ମଧ୍ୟ ହେଉଥିଲା। ଶନିବାର ସକାଳେ ଘର ଛପର କରିବାକୁ କେନ୍ଦ୍ର କରି ୨ ଭାଇଙ୍କ ମଧ୍ୟରେ କଳି ଝଗଡ଼ା ହେବାରୁ ଏଥିରେ ମର୍ମାହତ ହୋଇ ସାନବାପାଙ୍କ ପୁଅ ଆତ୍ମହତ୍ୟା କରିବା ପରେ ଏହାକୁ ସହି ନ ପାରି ବଡ଼ବାପାଙ୍କ ଝିଅ ମଧ୍ୟ ଆତ୍ମହତ୍ୟା କରିଛନ୍ତି। ଏପରି ଦୁଃଖଦ ଘଟଣା ଘଟିଛି ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ କୋଠାର ପାଟଣାସାହିରେ।

ସୂଚନା ଅନୁଯାୟୀ, ପାଟଣାସାହିର ଦୁଇଭାଇ କାଳନ୍ଦୀ ବେହେରା ଓ ବିଦ୍ୟାଧର ବେହେରାଙ୍କ ମଧ୍ୟରେ ଘର ଛପରକୁ ନେଇ କଳିଝଗଡ଼ା ହୋଇଥିଲା। ଏଥିରେ ମର୍ମାହତ ହୋଇ ସାନଭାଇ ବିଦ୍ୟାଧରଙ୍କ ପୁଅ ସନାତନ ବେହେରା(୨୨) ବେକରେ ରଶି ଦେଇ ଆତ୍ମହତ୍ୟା କରିଥିଲେ। ସନାତନ ବାହାରେ ରହି କାମ କରୁଥିବା ବେଳେ ୧୫ଦିନ ତଳେ ଘରକୁ ଫେରିଥିଲେ। ସେ ଜଣେ ଶାନ୍ତ, ସରଳ ପିଲା ଥିଲେ। ପରିବାର ମଧ୍ୟରେ ଝଗଡ଼ାକୁ ସହି ନ ପାରି ଏପରି ଚରମ ନିଷ୍ପତ୍ତି ନେଇଥିବା ଗାଁରେ ଆଲୋଚନା ହେଉଛି। ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ସନାତନଙ୍କ ମୃତଦେହ ବ୍ୟବଚ୍ଛେଦ ହେଉଥିବା ବେଳେ ତାଙ୍କ ବଡ଼ବାପା କାଳନ୍ଦୀ ବେହେରାଙ୍କ ଝିଅ ନିରୁପମା(୨୯) ବେକରେ ରଶି ଲଗାଇ ଘର ଭିତରେ ଆତ୍ମହତ୍ୟା କରିଥିବା ଖବର ଆସିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ଆସିଥିବା ସମ୍ପର୍କୀୟମାନଙ୍କୁ ଏହି ଖବର ହତବାକ୍ କରିଥିଲା। ଗୋଟିଏ ପରିବାର ଭିତରେ ଗୋଟିଏ ଦିନରେ ଭାଇ ଭଉଣୀଙ୍କ ଆତ୍ମହତ୍ୟାକୁ କେହି ସହଜେ ଗ୍ରହଣ କରିପାରୁ ନ ଥିବା ବେଳେ କାନ୍ଦବୋବାଳିରେ ଗାଁଦାଣ୍ଡ ଫାଟିପଡୁଛି। ଭାଇଭଉଣୀ ଦୁଇଜଣଙ୍କ ମଧ୍ୟରେ ଖୁବ୍ ଭଲ ସମ୍ପର୍କ ଥିଲା। ପରସ୍ପରକୁ ବହୁତ ଭଲ ପାଉଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଘରୋଇ କଳିରୁ ୨ଟି ନିରୀହ ଜୀବନ ଅକାଳରେ ଝଡ଼ି ପଡ଼ିଲା କୁହାଯାଉଛି। ଧୂଷୁରୀ ଥାନା ପୋଲିସ ଦୁଇ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏନେଇ ୨ଟି ଅପମୃତ୍ୟୁ ମାମଲା (ନଂ. ୬/୨୪ ଓ ୮/୨୪) ରୁଜୁ କରାଯାଇଛି। ଘଟଣାର ଅଧିକ ତଦନ୍ତ କରାଯାଉଛି ବୋଲି ଧୂଷୁରୀ ଥାନା ଅଧିକାରୀ ଶାନ୍ତନୁ ଜେନା କହିଛନ୍ତି।


ସନାତନ ବେହେରା


ନିରୁପମା ବେହେରା

# ୧୫ରୁ ୧ମରୁ ୮ମ ବାର୍ଷିକ ପରୀକ୍ଷା

ଭୁବନେଶ୍ୱର,୨।୩(ଅସମାପିକା ସାହୁ)

ରାଜ୍ୟରେ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ୧ମରୁ ୮ମ ଶ୍ରେଣୀ ବାର୍ଷିକ ପରୀକ୍ଷା ବା ସମ୍ମେଟିଭ-୨ ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବ। ଏହି ଲିଖିତ ପରୀକ୍ଷା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ମୌଖିକ ପରୀକ୍ଷା ୧୩ ଏବଂ ୧୪ ତାରିଖରେ ଅନୁଷ୍ଠିତ ହେବ। ୧ମ ଓ ୨ୟ ଶ୍ରେଣୀ ପିଲାଙ୍କ ପରୀକ୍ଷା ୧୯ ତାରିଖରେ ଶେଷ ହେବାକୁ ଥିବାବେଳେ ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷା ୨୦ ତାରିଖରେ ସରିବ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଷୟର ପରୀକ୍ଷା ଦେଢ଼ଘଣ୍ଟା ଏବଂ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷା ଅବଧି ୨ଘଣ୍ଟା ରହିବ। ଏ ନେଇ ଶନିବାର ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଛି। ପରୀକ୍ଷା ପରିଚାଳନା ପାଇଁ ପୂର୍ବରୁ ଏସ୍ଓପି ପ୍ରସ୍ତୁତ ହୋଇ ଦିଆଯାଇଥିଲା। ତାହାକୁ ପାଳନ କରିବା ପାଇଁ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

**ଦେଶ ପାଇଁ ପ୍ରଥମ ଭୋଟ କାର୍ଯ୍ୟକ୍ରମ ଆୟୋଜିତ**

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବୈଷୟିକ ମହାବିଦ୍ୟାଳୟ ପକ୍ଷରୁ ଦେଶ ପାଇଁ ପ୍ରଥମ ଭୋଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଦେବେନ୍ଦ୍ରନାଥ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭାରତର ଗଣତାନ୍ତ୍ରିକ ପରମ୍ପରା ବଜାୟ ରଖିବା ସହ ଶାନ୍ତି ଓ ଶୃଙ୍ଖଳା ସହ ଭୋଟଦାନ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସହଯୋଗ କରିବା ପାଇଁ ଛାତ୍ରୀଛାତ୍ର ଶପଥ ପାଠ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଏଥିରେ ସହଯୋଗ କରିଥିଲେ ।

# ୬୫୦ ଶଯ୍ୟା ବିଶିଷ୍ଟ ହସ୍‌ପିଟାଲ ଉଦ୍‌ଘାଟିତ

**ଭୀମଭୋଇ ମେଡିକାଲ କଲେଜ ଟିଚିଂ ହସ୍ପିଟାଲ ଉଦ୍‌ଘାଟିତ**

■ ସ୍ୱାସ୍ଥ୍ୟ, ଶିକ୍ଷା ଓ ସେବା କ୍ଷେତ୍ରରେ ଯୋଡି ହେଲା ଆଉ ଏକ ଉଜ୍ଜ୍ୱଳ ଫର୍ଦ୍ଦ

ବଲାଙ୍ଗୀର,୨।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଗନ୍ଧରେଲ ସ୍ଥିତ ଭୀମଭୋଇ ମେଡିକାଲ କଲେଜ ପରିସରରେ ୬୫୦ ଶଯ୍ୟା ବିଶିଷ୍ଟ ନୂଆ ଟିଚିଂ ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ଶନିବାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ସ୍ୱାସ୍ଥ୍ୟ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଉଜ୍ଜ୍ୱଳ ଫର୍ଦ୍ଦ ଯୋଡି ହୋଇଛି ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ, ଆଜି ଦିନଟି ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମାଇଲଷ୍ଟୋନ ହୋଇ ରହିବ। ଆଜି ଗୋଟିଏ ଦିନରେ ୫ଟି ମେଡିକାଲ କଲେଜ ହସ୍‌ପିଟାଲରେ ୨,୯୫୦ ଶଯ୍ୟା ଯୋଡି ହେଲା। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ବଲାଙ୍ଗୀରରୁ ବାରିପଦା, ସୁନ୍ଦରଗଡ଼ରୁ କେନ୍ଦୁଝର ଓ ବାଲେଶ୍ୱର ସବୁ ଅଞ୍ଚଳର ଜନସାଧାରଣ ଏହା ଦ୍ୱାରା ଉପକାର ପାଇବେ। ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସ ବଢ଼ିଛି। ଲୋକଙ୍କୁ ଉତ୍ତମ ଚିକିତ୍ସା ଓ ସେବା ଯୋଗାଇଦେବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ। ଦିନ ଥିଲା ଓଡିଶାରେ ମାତ୍ର ୩ଟି ସରକାରୀ ମେଡିକାଲ କଲେଜ ଥିଲା। ଗତ ୬ ବର୍ଷ ମଧ୍ୟରେ ୮ଟି ନୂଆ ମେଡିକାଲ କଲେଜ ଓ ୨ଟି ସ୍ନାତକୋତ୍ତର ପ୍ରତିଷ୍ଠାନ ଗଢି ଉଠିଛି। ଆଗାମୀ ଦିନରେ ଆଉ ୩ଟି ମେଡିକାଲ କଲେଜ ମଧ ହେବାକୁ ଯାଉଛି। ପ୍ରତିବର୍ଷ ଡାକ୍ତର ଓ ପାରାମେଡିକ୍ ଷ୍ଟାଫଙ୍କୁ ନିଯୁକ୍ତି ଦିଆଯାଉଛି। ଆଗରୁ ବର୍ଷକୁ ମାତ୍ର ୩୨୧ ଜଣ ଏମବିବିଏସ୍ ଡାକ୍ତର ଓ ୨୫୪ ଜଣ ସ୍ପେଶିଆଲିଷ୍ଟ ବାହାରୁ ଥିଲେ। ଏବେ ୨୫୨୫ ଏମବିବିଏସ୍ ଡାକ୍ତର ଓ ୯୭୨ ସ୍ପେଶିଆଲିଷ୍ଟ ବାହାରୁଛନ୍ତି। ଆଜିର କାର୍ଯ୍ୟକ୍ରମକୁ ୫-ଟି ତଥା ନବୀନ ଓଡିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ସଞ୍ଚାଳନ କରିଥିଲେ। ବଲାଙ୍ଗୀର ଉଦ୍‌ଘାଟନୀ ସଭାରେ ମନ୍ତ୍ରୀ ଟୁକୁନୀ ସାହୁ, ରାଜ୍ୟସଭା ଏମ୍‌ପି ନିରଞ୍ଜନ ବିଶି, ବିଧାୟକ ନରସିଂହ ମିଶ୍ର, ଜିଲା ପରିଷଦ ସଭାପତି ଦେବକୀ ସାହୁ, ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ପୌରାଧକ୍ଷା ଲିକା ସାହୁ, ମେଡିକାଲ କଲେଜ ଡିନ୍ ପ୍ରଫେସର ଡ. ସ୍ୱୟଂପ୍ରଭା ପ୍ରଧାନ ମଞ୍ଚାସୀନ ହୋଇଥିଲେ। ଏହି ବୈଠକରେ ମନ୍ତ୍ରୀ ଟୁକୁନୀ ସାହୁ ଓଡିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶିତାକୁ ସେ ପ୍ରଶଂସା କରିଥିଲେ। ବଲାଙ୍ଗୀରରେ ଉଦ୍‌ଘାଟିତ ନୂଆ ହସ୍ପିଟାଲ ବଲାଙ୍ଗୀର ଓ ପଡୋଶୀ ଜିଲାବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବ ବୋଲି କହିଥିଲେ। ତେବେ ତାଙ୍କ ବକ୍ତବ୍ୟ ପରେ ବିଧାୟକ ମିଶ୍ର ସଭା ଛାଡି ତଳକୁ ଓହ୍ଲାଇ ଆସିଥିଲେ। ସମ୍ପ୍ରତି ନୂଆ ହସ୍ପିଟାଲରେ ମେଡିସିନ୍, ମାନସିକ ରୋଗ, ଚର୍ମ ଏବଂ ଦନ୍ତ ବିଭାଗ ଓପିଡି ସେବା ଆରମ୍ଭ ହୋଇଛି ବୋଲି ହସ୍ପିଟାଲ ଅଧୀକ୍ଷିକା ଡା. ମାନସୀ ପଣ୍ଡା ସୂଚନା ଦେଇଥିଲେ। ସଭାରେ ମେଡିକାଲ କଲେଜ ଛାତ୍ରୀଛାତ୍ର, ସହସ୍ରାଧିକ ମହିଳା ଓ ଜନସାଧାରଣ ଉପସ୍ଥିତ ଥିଲେ।



ବଲାଙ୍ଗୀରରେ ଭୀମଭୋଇ ମେଡିକାଲ କଲେଜ ଟିଚିଂ ହସ୍ପିଟାଲ ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି।

## ତିନି ନେତାଙ୍କ ଏକାଠି ଫଟୋକୁ ନେଇ ଚର୍ଚ୍ଚା




୩ ନେତା ଏକାଠି ବସିଛନ୍ତି।

ପାଟଣାଗଡ଼,୨।୩(ସଚ୍ଚିଦାନନ୍ଦ ମହାକୁର)

ରାଜ୍ୟ ସରକାରଙ୍କ ପଦବୀରେ ଥିବା ୨ଜଣ ନେତା ଓ ଜଣେ ଆଦିବାସୀ ନେତାଙ୍କ ଏକାଠି ଥିବା ଫଟୋ ଭାଇରାଲକୁ ନେଇ ପାଟଣାଗଡ଼ ସହର ତଥା ଉପଖଣ୍ଡରେ ଚର୍ଚ୍ଚା ଯୋର ଧରିଛି। ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ପୂର୍ବତନ ଲୋକସଭା ସାଂସଦ ତଥା ବର୍ତ୍ତମାନର ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଓ ଜିଲା ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇଙ୍କ ଏକାଠି ଥିବା ଫଟୋ ସୋସିଆଲ ମିଡ଼ିଆରେ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି। ତେବେ ଏହି ଫଟୋ ଗତ ଫେବୃଆରୀ ୧୯ର ବୋଲି ଜଣାପଡୁଛି। ଜିଲା ଆଦିବାସୀ କଲ୍ୟାଣ ସଂଘ ଗଡଭିତର ଯାତ୍ରାପଡିଆ ସ୍ଥିତ ପାଟଣେଶ୍ୱରୀ ଉତ୍ସବ ଭବନରେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେରଙ୍କୁ ଦଳୀୟ ଟିକେଟ ଦେଲେ ପାଟଣାଗଡ଼ ନିର୍ବାଚନମଣ୍ଡଳୀରେ ଥିବା ଆଦିବାସୀ ସମ୍ପ୍ରଦାୟର ଲୋକେ ତୀବ୍ର ବିରୋଧ କରିବେ ବୋଲି ଆଦିବାସୀ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାରଙ୍କୁ ସଂଘ ତରଫରୁ ଧମକ ଦିଆଯାଇଥିଲା। ତେବେ ଖବରଦାତା ସମ୍ମିଳନୀ ପୂର୍ବରୁ ଏହି ୩ ଜଣ ନେତା ଏକାଠି ଏକ କୋଠରୀ ଭିତରେ ବସିବା ଘଟଣା ଚର୍ଚ୍ଚା ହେଉଛି। ତେବେ ଏକାଠି ବସିବା କେଉଁ ରାଜନୈତିକ ଉଦ୍ଦେଶ୍ୟକୁ ସୂଚାଉଛି ତାହା ଆଲୋଚନା ହେଉଛି।

### ସଂକ୍ଷେପରେ

## ମୁଖ୍ୟ ରାସ୍ତାକୁ ଝୁଲି ବିପଦ ସୃଷ୍ଟି କରୁଛି ଡାଳ

ଲାଠୋର, ୨।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ମହୁଲପାଟି ଗ୍ରାମ ମୁଖ୍ୟ ରାସ୍ତାରେ ପମ୍ପ ହାଉସକୁ ଲାଗି ରହିଥିବା ଏକ ଗଛର ଡାଳ ଭାଙ୍ଗି ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଥିଲେ ମଧ କେହି ତାକୁ କାଟି ସଫା କରୁ ନ ଥିବା ଅଭିଯୋଗ ହେଉଛି। ଲାଠୋର କଣ୍ଟାବାଞ୍ଜି ମୁଖ୍ୟ ରାସ୍ତା ମହୁଲପାଟି ପମ୍ପ ହାଉସକୁ ଲାଗି ରହିଥିବା ଏକ ଗଛ ଡ଼ାଳ ଆଜକୁ ୬ ମାସ ହେବ ପବନରେ ଭାଙ୍ଗି ଝୁଲି ରହିଛି। ଡାଳଟି ଅଧା ରାସ୍ତାକୁ ଝୁଲି ରହିଛି । ସେହି ରାସ୍ତା ଦେଇ ପ୍ରତ୍ୟହ ଦୁଇ ଏବଂ ଚାରି ଚକିଆ ଯାନ ବାହନ ଯିବା ଆସିବା ବେଳେ ନାନା ସମସ୍ୟା ସୃଷ୍ଟି ହେଉଛି। ଉଭୟ ଦିଗରୁ ଦୁଇଟି ଗାଡ଼ି ପାସ କଲା ବେଳକୁ ଦୁର୍ଘଟଣା ଘଟିବାର ଆଶଙ୍କା ଯୋଗୁଁ ଗୋଟେ ଗାଡ଼ି ପାସ କଲା ପରେ ଆଉ ଗୋଟେ ଗାଡ଼ି ପାସ କରୁଛି । ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଡାଳକୁ ରାସ୍ତାରୁ ହଟାଇବାକୁ ସାଧାରଣରେ ଦାବି ହେଉଛି ।

## ଲୋଇସିଂହା ମିଶନ ଶକ୍ତି କାଫେ: ଉଦ୍‌ଘାଟନ ପରେ ତାଲା ଝୁଲିଲା

ଲୋଇସିଂହା,୨।୩(ସୁଶାନ୍ତ ବାରିକ)

ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ବହୁ ପ୍ରତିକ୍ଷିତ ଲୋଇସିଂହା ବ୍ଲକ ପରିସରସ୍ଥ ମିଶନ ଶକ୍ତି କାଫେ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ବିଭାଗ ପକ୍ଷରୁ ପ୍ରସ୍ତୁତି ନ ଥାଇ ତରବାରିଆ ଭାବେ ଉଦଘାଟନ କରାଯାଇଛି। ଫଳରେ ଉକ୍ତ କାଫେରେ ତାଲା ଝୁଲୁଥିବା ଶନିବାର ଦେଖିବାକୁ ମିଳିଛି। ଶନିବାର ବ୍ଲକ, ତହସିଲ କର୍ମଚାରୀ ଏବଂ ବ୍ଲକକୁ ଆସୁଥିବା ଜନସାଧାରଣ ଏଠାକୁ ଆସି ନିରାଶ ହୋଇ ଫେରି ଯାଉଥିବା ଦେଖିବାକୁ ମିଳିଥିଲା। ଲୋଇସିଂହା ବ୍ଲକ ମିଶନ ଶକ୍ତି, ଶିଶୁ ବିକାଶ ପ୍ରକଳ୍ପରେ ନିୟୋଜିତ ମହିଳା ଗୋଷ୍ଠୀ ତଥା ସ୍ଥାନୀୟ ପଞ୍ଚାୟତ ସମିତିକୁ ବିଭିନ୍ନ କାମ ପାଇଁ ଆସୁଥିବା ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଉକ୍ତ କାଫେ ପରିକଳ୍ପନା କରାଯାଇଛି । ଉକ୍ତ କାଫେରେ ଚା, ଜଳଖିଆଠୁ ଆରମ୍ଭ କରି ଫାଷ୍ଟଫୁଡ ଏବଂ ମଧାହ୍ନ ଭୋଜନ ଉପଲବ୍ଧ ହେବ। ତେବେ ଯେଉଁ ବୃହତ୍ତର ସ୍ୱାର୍ଥନେଇ କାଫେ ଉଦଘାଟନ କରାଗଲା, ତାହା ସୁଦୂର ପରାହତ ହୋଇଥିବା ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ସୂଚନା ଅନୁଯାୟୀ ଆସନ୍ତା ମାର୍ଚ୍ଚ ୬ ତାରିଖ ବୁଧବାରଠାରୁ ଆନୁଷ୍ଠାନିକ ଭାବେ ଉକ୍ତ କାଫେ କାର୍ଯ୍ୟକାରୀ ବା ଉଦଘାଟନ ପାଇଁ ମିଶନ ଶକ୍ତି ବିଭାଗ ତାରିଖ ସ୍ଥିରୀକୃତ କରିଛି। ହେଲେ ପ୍ରଶାସନର ଚାପ ଯୋଗୁ ତରବରିଆ ଭାବେ ଉଦ୍‌ଘାଟନ କରାଯାଇଥିବା ମିଶନ ଶକ୍ତି ସଭାପତି ଗାୟିତ୍ରୀ ଗଡତ୍ୟା କହିଛନ୍ତି। କାହା ସ୍ୱାର୍ଥରେ ଅତି ତରବରିଆ ଭାବେ ଏହାକୁ ଉଦ୍‌ଘାଟନ କରାଗଲା, ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାଫେ ତାଲା ଝୁଲିବା ନେଇ ପ୍ରତିକ୍ରିୟା ନେବା ପାଇଁ ଲୋଇସିଂହା ବ୍ଲକ ମିଶନ ଶକ୍ତି ସଂଯୋଜିକା ସ୍ୱର୍ଣ୍ଣପ୍ରଭା ନାଗ ଓ ସିଡ଼ିପିଓ ଗାୟତ୍ରୀ ବାରିକ ଶନିବାର କାର୍ଯ୍ୟାଳୟରେ ନ ଥିବାରୁ ଉଭୟଙ୍କ ପ୍ରତିକ୍ରିୟା ମିଳିପାରି ନ ଥିଲା ।

# ପୁରୀ-ଦୁର୍ଗ ଏକ୍ସପ୍ରେସ୍ ଟ୍ରେନ୍‌ର ପୁନଃ ରହଣି




ଟ୍ରେନ ରହଣି ଅବସରରେ ମୁରିବାହାଲ ଷ୍ଟେଶନରେ ଉପସ୍ଥିତ ଜନସାଧାରଣ।

ମୁରିବାହାଲ,୨।୩(ଶ୍ରୀବସ୍ତ ବେହେରା)

**ମୁରିବାହାଲ ରେଳଷ୍ଟେଶନ**

ବଲାଙ୍ଗିର ଜିଲା ମୁରିବାହାଲ ରେଳଷ୍ଟେଶନରେ ଶନିବାରଠାରୁ ପୁରୀ-ଦୁର୍ଗ ଏକ୍ସପ୍ରେସର ଉଭୟ ପଟରୁ ରହଣି ଆରମ୍ଭ ହୋଇଛି। ମହାମାରୀ କୋଭିଡ୍ ପରେ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଥିବା ଦୁଇ ଏକ୍ସପ୍ରେସ ଟ୍ରେନ ପୁରୀ-ଦୁର୍ଗ (ନଂ. ୧୮୪୨୫-୧୮୪୨୬ ) ଓ କୋର୍ବା--ବିଶାଖାପାଟଣା ଲିଙ୍କ ଏକ୍ସପ୍ରେସ (ନଂ. ୧୮୫୧୭-୧୮୫୧୮)ର ପୁଣିଥରେ ରହଣି ଦାବିରେ ମୁରିବାହାଲ ରେଳ ଅଧିକାର ମଞ୍ଚ ନେତୃତ୍ୱରେ ମୁରିବାହାଲ ଜନସାଧାରଣଙ୍କ ପକ୍ଷରୁ ଦୀର୍ଘ ୪ବର୍ଷରୁ ଉର୍ଦ୍ଧ୍ୱ ଧରି ବାରମ୍ବାର କେନ୍ଦ୍ର ରେଳମନ୍ତ୍ରୀ, ବଲାଙ୍ଗିର ଲୋକସଭା ସାଂସଦ ଓ ସମ୍ବଲପୁର ଡିଆରଏମ୍‌ଙ୍କୁ ରେଳଷ୍ଟେଶନ ମ୍ୟାନେଜରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଆସୁଥିଲା। ଶେଷରେ ଦୀର୍ଘଦିନ ପରେ କେନ୍ଦ୍ର ରେଳବିଭାଗ ପକ୍ଷରୁ ପ୍ରଥମେ ଏହି ରେଳଷ୍ଟେସନରେ ପୁରୀ-ଦୁର୍ଗ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ସବୁଜ ସଙ୍କେତ ମିଳିଥିଲା। ଶନିବାର ଠାରୁ ଏହି ଏକ୍ସପ୍ରେସ ଟ୍ରେନ ମୁରିବାହାଲ ଷ୍ଟେଶନରେ ପରୀକ୍ଷାମୂଳକ ଭାବେ ରହଣି ଆରମ୍ଭ କରିଛି। ପୁରୀରୁ ଛାଡୁଥିବା ୧୮୪୨୫ ନମ୍ବର ଟ୍ରେନଟି ସକାଳ ୬ଟା୧୦ ପହଞ୍ଚିବ ଓ ୬ଟା ୧୨ରେ ଛାଡ଼ିବ। ଦୁର୍ଗରୁ ଛାଡୁଥିବା ୧୮୪୨୬ ନମ୍ବର ଟ୍ରେନ ରାତି ୮ଟା୨୫ରେ ପହଞ୍ଚିବ ଓ ୮ଟା ୨୭ରେ ଛାଡ଼ିବ। ୨ମିନିଟ ପାଇଁ ରହଣି କରିବ ବୋଲି ରେଳ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଶନିବାର ସକାଳେ ଟ୍ରେନ ରେଳଷ୍ଟେସନରେ ପହଞ୍ଚିବା ପରେ ମୁରିବାହାଲ ରେଳ ଅଧିକାର ମଞ୍ଚ,ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ସମସ୍ତ ଜନସାଧାରଣଙ୍କ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସେହିପରି ସନ୍ଧ୍ୟାରେ ରେଳଷ୍ଟେସନ ପରିସରରେ ଅନୁଷ୍ଠିତ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ବଲାଙ୍ଗିର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଏଡ଼ିଆରଏମ୍ ଆନନ୍ଦ ସିଂ, ଭାଜପା ନେତା ଲକ୍ଷ୍ମଣ ବାଗ, ଡିଆରୟୁସିସି ମେମ୍ବର ରାଜେଶ କୁମାର ଅଗ୍ରୱାଲ, ରେଳ ଅଧିକାର ମଞ୍ଚ କାର୍ଯ୍ୟକାରୀ ସଭାପତି ତଥା ଲୋକସଭା ସାଂସଦଙ୍କ ପ୍ରତିନିଧି ଶ୍ରୀବସ୍ତ ବେହେରା, ଉପସଭାପତି ଗଙ୍ଗାଧର ହେର୍ଣା, ସାଧାରଣ ସମ୍ପାଦକ ଦୁର୍ଗାନନ୍ଦ ମହାକୁର, କାର୍ଯ୍ୟକାରୀ ସମ୍ପାଦକ ଭରତ ଦାସ, ସମ୍ପାଦକ ପଦ୍ମଲୋଚନ ବାଗ, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ନାରାୟଣ ସାହୁ, ରାଜୀବ ମହାନ୍ତି, ଜୟଦିପ ପୁରୋହିତ, ସୁରେଶ ଶର୍ମା, ଅଜିତ ତରିଆ, ଭିକି ମହାରଣା, ତରଣୀସେନ ମେହେର, ସୁଦର୍ଶନ ଖର୍ସେଲ, ସୁଧାଂଶୁ ଶେଖର ପୋଡ଼, ଦିବ୍ୟରଞ୍ଜନ ସାହୁ, ଭୀଷ୍ମରାଜ ମେହେର, କୁନ୍ତ ପୋଡ଼, ଖଗେଶ୍ୱର ସାହୁ, ସୁଶାନ୍ତ ପଧାନ, ତରୁଣ ପୋଡ଼, ଲକ୍ଷ୍ମୀକାନ୍ତ ଧରୁଆ, ସୁଜିତ ପାଢ଼ୀ, ଆଶିଷ ମହାପାତ୍ରଙ୍କ ସହ ଦଳମତ ନିର୍ବିଶେଷରେ ମୁରିବାହାଲ ବ୍ଲକ ଅଞ୍ଚଳର ଶତାଧିକ ଜନସାଧାରଣ ତଥା ଯାତ୍ରୀମାନେ ଏହି ଟ୍ରେନ ରହଣିକୁ ସ୍ୱାଗତ କରିଥିଲେ।

## ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ



ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

ଖପ୍ରାଖୋଲ, ୨।୩(ଅଭୟ ତ୍ରିପାଠୀ)

**ଅନୁସୂଚିତ ଜନଜାତିଙ୍କ ସଂସ୍କୃତି ପରମ୍ପରାକୁ ବଞ୍ଚାଇବାକୁ ଉଦ୍ୟମ**

ସ୍ଥାନୀୟ ବ୍ଲକ ସଭା ଗୃହଠାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ହେବାକୁ ଥିବା ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ ଅଧ୍ୟକ୍ଷତା କରିଥିଲେ। ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ଲାଠୋର ଥାନା ଅଧିକାରୀ ରାକେଶ ବେହେରା, ସିଡିପିଓ ସୁଜାତା ଦୋରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଦସ୍ୟ ଯୋଗଦେଇଥିଲେ। ଆଗାମୀ ୬ ତାରିଖରେ ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ସ୍ଥିରୀକୃତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଗାଁରୁ ଅନୁସୂଚିତ ଜନଜାତିଙ୍କ ସଂସ୍କୃତି, ପରମ୍ପରା, ଲୋକନୃତ୍ୟ, ଲୋକବାଦ୍ୟ ଆଦି ପରିବେଷିତ ହେବ ବୋଲି ଜଣାଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ପ୍ରଥମ ଥର ଲାଗି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର

କଣ୍ଟାବାଞ୍ଜି,୨।୩ (ଗୁରୁ ଦୟାଲ ହଂସ)

**୨୬୫ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ହେମାଲ ଭବନରେ ରାୟପୁର ଏମ୍ଏମ୍ଆଇ ନାରାୟଣ ଡାକ୍ତରଖାନା ପକ୍ଷରୁ କୋଶେଳସରୀ ଯୁବ ମାଳୀ ସମାଜ ସହଯୋଗରେ ଏକ ଦିବସୀୟ ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଶନିବାର ଅନୁଷ୍ଠିତ ହୋଇଥିଲା। ଶିବିର ଆରମ୍ଭ ପୂର୍ବରୁ ଏକ ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ସମ୍ମାନିତ ଅତିଥି ଭାବେ ମାଳି ସମାଜ ଜିଲା ସଭାପତି କାର୍ତ୍ତିକ ପୁଟେଲ, ମାଳି ସମାଜ ଆଞ୍ଚଳିକ ସଭାପତି ଶେଷଦେବ ପୁଟେଲ, ଯୁବ ସଭାପତି କଣ୍ଟାବାଞ୍ଜି ଶାଖା ରାଜୁ ପୁଟେଲ, ରାଜ୍ୟ ସଭାପତି ନୀତିନ ପୁଟେଲ, ସମ୍ପାଦକ ଘନଶ୍ୟାମ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ଡାକ୍ତରଖାନାରେ ମୂତ୍ର ରୋଗ ବିଶେଷଜ୍ଞ ଡାକ୍ତର ବରୁଣ ଶର୍ମା, ଅସ୍ଥିଶଲ୍ୟ ବିଶେଷଜ୍ଞ ପଙ୍କଜ ପଟେଲ, ଡାକ୍ତର ସପ୍ନିକ କଟାରିଆ, ଡାକ୍ତର ପ୍ରଦୀପ ଅଗ୍ରୱାଲ ଯୋଗଦେଇଥିଲେ। ୨୬୫ରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଆବଶ୍ୟକ ସ୍ଥଳେ ଔଷଧ ଦିଆଯାଇଥିଲା। ଅନେକ ରୋଗୀଙ୍କୁ ନିଶୁଳ୍କ ରକ୍ତଚାପ, ମଧୁମେହ ଏବଂ ଇସିଜି ପରୀକ୍ଷା ମଧ କରାଯାଇଥିଲା। ଡାକ୍ତର ଟିମ୍‌ରେ ସହଯୋଗୀ ଭାବେ ଯତୀନ ପଟେଲ ଏବଂ ଦିନେଶ ସାହୁ ଥିବାବେଳେ କୋଶେଳସରୀ ଯୁବ ମାଳୀ ସମାଜ ସଭାପତି ରାଜୁ ପୁଟେଲ, ସମ୍ପାଦକ ଘନଶ୍ୟାମ ପୁଟେଲ, ଉପସଭାପତି ଅଶୋକ ପୁଟେଲ, ରାଜ୍ୟ ସଭାପତି ନିତିନ ପୁଟେଲ, ସମ୍ପାଦକ ପ୍ରମାନନ୍ଦ ପୁଟେଲ, ଗୌରବ ପୁଟେଲ, ଗଙ୍ଗା ପୁଟେଲ, ଡୁଙ୍ଗର ପୁଟେଲ, ସଞ୍ଜୟ ପୁଟେଲ, ବିଜୟ ପୁଟେଲ, ଶୁକ୍ର ପୁଟେଲ ସହ ସମାଜର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।



ସ୍ୱାସ୍ଥ୍ୟ ଶିବିରରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ଦେଓଗାଁରେ ଏକ୍ସପ୍ରେସ୍ ଟ୍ରେନ୍ ରହଣି ଦାବିକୁ ଉପେକ୍ଷା

ଦେଓଗାଁ ,୨।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ରେଳ ଷ୍ଟେସନଠାରେ ଦୀର୍ଘ ବର୍ଷ ହେଲା ଇସ୍ପାତ ଏକ୍ସପ୍ରେସ ଓ ପୁରୀ ଦୁର୍ଗ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ହେଲେ ଉକ୍ତ ଦାବିକୁ ବାରମ୍ବାର ଉପେକ୍ଷା କରାଯାଉଥିବାରୁ ଏବେ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଦେଓଗାଁ ଓ ଜରାସିଂହା ଅଞ୍ଚଳବାସୀଙ୍କ ପକ୍ଷରୁ ଶନିବାର ଅପରାହ୍ନରେ ସ୍ଥାନୀୟ ସାପ୍ତାହିକ ବଜାର ପ୍ରାଙ୍ଗଣରେ ସରପଞ୍ଚ ନିନା ଛତ୍ରିଆଙ୍କ ସଭାପତିତ୍ୱରେ ଏକ ବୈଠକ ବସିଥିଲା। ଇତି ମଧ୍ୟରେ ଦେଓଗାଁ ରେଳ ଷ୍ଟେଶନର ନବୀକରଣ ହୋଇଥିବାବେଳେ ଗମନାଗମନର ମଧ ସୁବ୍ୟବସ୍ଥା ହୋଇଛି। ଏହା ସହ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ଆବଶ୍ୟକ ଟିକେଟ ବିକ୍ରି ମଧ ହେଉଛି। ଏହି ଷ୍ଟେସନ ଉପରେ ଦେଓଗାଁ ବ୍ଲକର ୨୬ଟି ପଞ୍ଚାୟତର ୧୨୬ ଖଣ୍ଡ ଗାଁ ତଥା ଗୁଡଭେଲା ବ୍ଲକର ତୁଷୁରା ବିଜ୍ଞାପିତ ଅଞ୍ଚଳ ଓ ସଦର ବ୍ଲକର ପ୍ରାୟ ଆଠଟି ପଞ୍ଚାୟତର ଜନସାଧାରଣ ନିର୍ଭରଶୀଳ ରହୁଥିବାବେଳେ ଏକ୍ସପ୍ରେସ ଟ୍ରେନ ରହଣି କାହିଁକି ହୋଇପାରୁନାହିଁ ବୋଲି ପ୍ରଶ୍ନ ଉଠିଥିଲା । ବାରମ୍ବାର ଏନେଇ ସ୍ଥାନୀୟ ଏମ୍‌ପି ସଙ୍ଗିତା କୁମାରୀ ସିଂଦେଓ ତଥା ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କୁ ଅଞ୍ଚଳର ବିଭିନ୍ନ ସଙ୍ଗଠନ ତଥା ଅଞ୍ଚଳବାସୀଙ୍କ ତରଫରୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ସହ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବଲାଙ୍ଗିର ଗସ୍ତ ସମୟରେ ଏକ ପ୍ରତିନିଧି ଦଳ ସାକ୍ଷାତ କରି ଦାବିପତ୍ର ଓ ଡିପିଆର ପ୍ରଦାନ କରିଥିବାବେଳେ ଗତ ୨୦୧୮ ଅଗଷ୍ଟ ୩ ତାରିଖରେ ସମସ୍ତ ଅଞ୍ଚଳବାସୀ ଏକଜୁଟ ହୋଇ ମହାରେଳରୋକୋ ଆନ୍ଦୋଳନ କରିଥିଲେ। ଏଥିରେ ଇସ୍ପାତ ଏକ୍ସପ୍ରେସ ଟ୍ରେନକୁ ୬ ଘଣ୍ଟାଧରି ଅଟକ ରଖାଯାଇଥିଲା। ସେ ସମୟରେ ଏକ୍ସପ୍ରେସ ରହଣି ପାଇଁ ନିର୍ଭର ପ୍ରତିଶୃତ ମିଳିଥିଲା। ହେଲେ ଏ ଦିଗରେ କୌଣସି ପଦକ୍ଷେପ ନ ହେବାରୁ ପୁନଶ୍ଚ ୨୦୨୦ ରେ ଅଞ୍ଚଳବାସୀ ରେଳ ଷ୍ଟେଶନଠାରେ ସାତଦିନ ଧରି ଧାରଣା ଦେଇଥିଲେ। ଉକ୍ତ ଦାବି ଉପରେ ଅଦ୍ୟାବଧି କୌଣସି ପଦକ୍ଷେପ ନ ହେବାରୁ ପୁଣି ଏକ ମହାରେଳରୋକୋ ଆନ୍ଦୋଳନ ପାଇଁ ରବିବାର ଅପରାହ୍ନ ୩ ଟାରେ ଦେଓଗାଁ ବଜାର ପ୍ରାଙ୍ଗଣରେ ସମସ୍ତ ପଞ୍ଚାୟତବାସୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରିବା ପାଇଁ ଶନିବାର ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା। ଦ୍ରୁତଗାମୀ ଟ୍ରେନ ରହଣି ଉପରେ ସାଂସଦ ସଙ୍ଗିତା କୁମାରୀ ସିଂଦେଓଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ କେବଳ ପ୍ରତିଶୃତି ଛଡା କିଛି ଅଞ୍ଚଳବାସୀ ପାଇ ନାହାନ୍ତି। ଏହାକୁ ନେଇ ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂଦେଓ ଗତ ସାତଦିନ ତଳେ ଅଞ୍ଚଳର ବୃହତ୍ତ ସ୍ୱାର୍ଥ ଦୃଷ୍ଟିରୁ ରେଳମନ୍ତ୍ରୀଙ୍କୁ ପତ୍ରଲେଖି ଦେଓଗାଁ ରେଳଷ୍ଟେଶନରେ ଟ୍ରେନ ରହଣି ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅବଗତ କରିଥିଲେ। ଏହି ପଦକ୍ଷେପକୁ ଦଳମତ ନିର୍ବିଶେଷରେ ସମସ୍ତେ ପଦକ୍ଷେପ ନେବାକୁ ଦାବି କରିଆସୁଥିବାବେଳେ କାହିଁକି ରେଳ ବିଭାଗ ଏ ଦିଗରେ ପଦକ୍ଷେପ ନେବାକୁ କୁଣ୍ଠବୋଧ କରୁଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଶେଷରେ ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବିଶ୍ୱଜିତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ରେଳରୋକୋ ଆନ୍ଦୋଳନ ପାଇଁ ପୁଣି ସଜବାଜ**



ରେଳରୋକୋ ପାଇଁ ବସିଥିବା ପ୍ରସ୍ତୁତି ବୈଠକରେ ଜନସାଧାରଣ।

## ସଂକ୍ଷେପରେ

### ବିନିକା ସବ୍‌ଡିଭିଜନ ଦାବି ଜୋର ଧରୁଛି

ବିନିକା,୨।୩ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକାକୁ ସବ୍‌ଡିଭିଜନ ଦାବି ନେଇ ଅଞ୍ଚଳବାସୀଙ୍କ ତରଫରୁ ଚନ୍ଦ୍ରମା ସଭାଗୃହରେ ପଞ୍ଚାନନ ବାବୁଙ୍କ ସଭାପତିତ୍ୱରେ ଶନିବାର ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ବୈଠକରେ ସମସ୍ତ ରାଜନୈତିକ ଦଳ, ବିଭିନ୍ନ ଅନୁଷ୍ଠାନର ମୁଖ୍ୟ, ଓକିଲ ସଂଘର କର୍ମକର୍ତ୍ତାଙ୍କ ସମେତ ସଚେତନ ନାଗରିକ ଯୋଗ ଦେଇଥିଲେ। ଆଗାମୀ ଦିନରେ ସରକାରୀ ଅଫିସ ଅଚଳ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ତହସିଲ ଅଫିସ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରକାଶଥାଉ କି, ସବ୍‌ଡିଭିଜନ ଦାବି ନେଇ ଅଞ୍ଚଳବାସୀଙ୍କ ତରଫରୁ ଗତ ମଙ୍ଗଳବାର ଦିନ ବିନିକା ବନ୍ଦ ପାଳନ କରାଯାଥିଲା । ଶେଷରେ କ୍ଷୀର ସାଗର ବିଭାର ଧନ୍ୟବାଦ ଅର୍ପଣ କରଥିଲେ।

### ସ୍କୁଲର ବାର୍ଷିକ ଉତ୍ସବ

ବିନିକା,୨।୩ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଜଗନ୍ନାଥନଗରଠାରେ ଥିବା ମୋ ଛୋଟ ସ୍କୁଲର ପ୍ରଥମ ବାର୍ଷିକୋତ୍ସବ ସଭାପତି ଇଂ ଅଶୋକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡା. ରବୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ବିଇଓ ଲକ୍ଷଣ ମିଶ୍ର, ସମ୍ମାନିତ ଅତିଥି ଭାବେ ଏବିଇଓ ବସନ୍ତ ଭୋଇ, ଅଧ୍ୟାପିକା ବୈଜୟନ୍ତୀ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କର ଭବିଷ୍ୟତ ଗଠନ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାମାଜିକ କାର୍ଯ୍ୟ ପାଇଁ ହେଲ୍ପ ଟୁ ଅଦର ଯୁବ ସଂଗଠନ ଓ କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସୋମ୍ୟରଞ୍ଜନ ପୂଜାରୀ ମଞ୍ଚ ପରିଚାଳନା କରିଥିଲେ । ଅଧ୍ୟକ୍ଷ ଏସ.ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସୌଦାମିନୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଶ୍ରୀରାମ ମହାବିଦ୍ୟାଳୟରେ ନୂତନ ଅଧ୍ୟାପିକାଙ୍କୁ ସ୍ୱାଗତ

ଡୁଙ୍ଗୁରିପାଲି,୨।୩(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶ୍ରୀରାମ ମହାବିଦ୍ୟାଳୟରେ ଓଡିଶା ଏସଏସବି ଦ୍ୱାରା ଚୟନ ହୋଇଥିବା ବୌଦ୍ଧ ଜିଲାର ଶାଶ୍ୱତୀ ଦେହୁରୀ ଇତିହାସ ବିଭାଗରେ ଅଧ୍ୟାପିକା ଭାବେ ଶନିବାର ଯୋଗଦାନ କରିଛନ୍ତି। ଏହି ଅବସରରେ ନବନିଯୁକ୍ତ ଅଧ୍ୟାପିକାଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷ ତରଣୀସେନ ବେହେରାଙ୍କ ସମେତ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରମେଶ ଚନ୍ଦ୍ର ପୂଜାରୀ, ଇତିହାସ ବିଭାଗର ବିଭାଗୀୟ ମୁଖ୍ୟ, ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଶୁଭେଚ୍ଛା ଜଣାଇବା ସହିତ ସ୍ୱାଗତ କରିଛନ୍ତି । ଅଧ୍ୟାପିକା ଯୋଗ ଦେବା ପରେ ଛାତ୍ରୀଛାତ୍ର ମହଲରେ ଖୁସିର ଲହରୀ ଖେଳିଯାଇଛି।

### ଖବରଦାତା ବିନୟ ରଞ୍ଜନଙ୍କ ପରଲୋକ

ସୋନପୁର,୨।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ବରିଷ୍ଠ ଖବରଦାତା ବିନୟ ରଞ୍ଜନ ପ୍ରଧାନ(୮୦)ଙ୍କ ଶନିବାର ପରଲୋକ ହୋଇଯାଇଛି। ବୁର୍ଲା



ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମୟରେ ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଛି । ବିନୟ ରଞ୍ଜନଙ୍କ ଘର ସୁବର୍ଣ୍ଣପୁର ସହରର ବଡବଜାର ଅଞ୍ଚଳରେ। ସେ ଦୀର୍ଘ ବର୍ଷ ଧରି ବିଭିନ୍ନ ସାପ୍ତାହିକ ଓ ପାକ୍ଷିକ ପତ୍ରପତ୍ରିକାରେ କାମ କରିବା ସହ କବିତା ଲେଖୁଥିଲେ। ତାଙ୍କ ବିୟୋଗରେ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ରବିବାର ସକାଳେ ରାମେଶ୍ୱର ଶ୍ମଶାନ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଜଣାପଡିଛି। ତାଙ୍କ ବିୟୋଗରେ ଓଡିଶା ସାମ୍ବାଦିକ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।ପ୍ରଧାନ।

# ଅନ୍ୟ ବ୍ଲକର କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି ପରୀକ୍ଷାର୍ଥୀ

ଅମରପାଲି,୨।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନତୈଲା ପଞ୍ଚାୟତର ସାଗଯୋରୀ ଉନ୍ନୀତ ହାଇସ୍କୁଲର ଦଶମ ଶ୍ରେଣୀ ପରୀକ୍ଷାର୍ଥୀମାନେ ନିଜ ବ୍ଲକର ପରୀକ୍ଷା କେନ୍ଦ୍ର ବଦଳରେ ଅନ୍ୟ ବ୍ଲକର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ସରକାର ନିଜ ସ୍କୁଲ ନିକଟରେ ଥିବା ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ମାତ୍ର ସାଗଯୋରୀ ଉନ୍ନୀତ ହାଇସ୍କୁଲ ନିକଟରେ କୌଣସି ପରୀକ୍ଷା କେନ୍ଦ୍ର କରାଯାଇ ନାହିଁ। ଉକ୍ତ ସ୍କୁଲର ନିକଟତମ ପରୀକ୍ଷା କେନ୍ଦ୍ର ହେଲା ଲୁଡୁରପଙ୍କ ହାଇସ୍କୁଲ। ମାତ୍ର ଏହି ପରୀକ୍ଷାକେନ୍ଦ୍ର ସାଗଯୋରୀ ହାଇସ୍କୁଲ ଠାରୁ ୧୫ କିଲୋମିଟର ହେବ। ଏହାସହିତ ମୁର୍ଷୁଣ୍ଡିସ୍ଥିତ ରଘୁନାଥ ହାଇସ୍କୁଲ ପରୀକ୍ଷା କେନ୍ଦ୍ର ୨୩ କିଲୋମିଟର ହେବ। ଖଣ୍ଡହତାସ୍ଥିତ ଇନ୍ଦିରାଗାନ୍ଧୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ୨୦ କିଲୋମିଟର ଦୂର ହେବ। ସାଗଯୋରୀ ହାଇସ୍କୁଲ ନିକଟରେ ଅମରପାଲି ହାଇସ୍କୁଲ ଥିଲେ ମଧ୍ୟ ଏଠାରେ ପରୀକ୍ଷା କେନ୍ଦ୍ର କରାଯାଇନାହିଁ। ତେଣୁ ଉକ୍ତ ସ୍କୁଲର ପରୀକ୍ଷାର୍ଥୀମାନେ ନିଜ ବ୍ଲକର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇ ପାରୁ ନାହାନ୍ତି। ସେମାନେ ବାଧ୍ୟ ହୋଇ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ



ସାଗଯୋରି ଉନ୍ନୀତ ହାଇସ୍କୁଲର ପରୀକ୍ଷାର୍ଥୀମାନେ ।

**ସାଗଯୋରି ଉନ୍ନୀତ ହାଇସ୍କୁଲ**

■ ନିଜ ବ୍ଲକରେ ସ୍କୁଲ ନିକଟରେ ପରୀକ୍ଷା କେନ୍ଦ୍ର କରିବାକୁ ଦାବି

କୋଟସମଲେଇର ଶ୍ରୀ ଜଗନ୍ନାଥ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ବ୍ଲକର ଅନ୍ୟ ହାଇସ୍କୁଲଗୁଡିକର ପରୀକ୍ଷାର୍ଥୀମାନେ ନିଜ ବ୍ଲକର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଥିବା ବେଳେ କେବଳ ଉକ୍ତ ହାଇସ୍କୁଲର ପରୀକ୍ଷାର୍ଥୀମାନେ ଅନ୍ୟ ବ୍ଲକର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ତେଣୁ ଉକ୍ତ ସ୍କୁଲର ପରୀକ୍ଷାର୍ଥୀମାନଙ୍କ ପ୍ରତି ପାତରଅନ୍ତର କରାଯାଇଥିବା ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। କେବଳ ଚଳିତବର୍ଷ ନୁହେଁ , ପ୍ରତିବର୍ଷ ଏହି ସ୍କୁଲର ପରୀକ୍ଷା କେନ୍ଦ୍ର ଉଲୁଣ୍ଡା ବ୍ଲକରେ ପଡୁଛି । ଚଳିତବର୍ଷ ସାଗଯୋରୀ ଉନ୍ନୀତ ହାଇସ୍କୁଲରେ ଦଶମ ଶ୍ରେଣୀରେ ସମୁଦାୟ ୬୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ପଞ୍ଜୀକୃତ ହୋଇଥିଲେ। ୩୦ ଜଣ ଛାତ୍ରୀ ଓ ୩୦ ଜଣ ଛାତ୍ରଙ୍କ ମଧ୍ୟରୁ ଏବେ ୫୮ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଉଛନ୍ତି। କୌଣସି କାରଣରୁ ଜଣେ ଲେଖାଏ ଛାତ୍ରୀ ଓ ଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଉକ୍ତ ସ୍କୁଲ ଠାରୁ ୫ କି.ମି. ଦୂର ଅମରପାଲି ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର କରିବାର ସବୁ ସୁବିଧା ଥିଲେ ମଧ୍ୟ କାହିଁକି ବିଭାଗ ଏଠାରେ କେନ୍ଦ୍ର ନ କରି ପିଲାଙ୍କୁ ଅଲଗା ବ୍ଲକର କେନ୍ଦ୍ରରେ ପରୀକ୍ଷା ଦେବାକୁ ବାଧ୍ୟ କରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର କୁମ୍ଭକାରଙ୍କୁ ପଚାରିବାରେ ଯେହେତୁ ବୀରମହାରାଜପୁର ବ୍ଲକ ରେ ଉକ୍ତ ସ୍କୁଲ ନିକଟରେ କୌଣସି ପରୀକ୍ଷା କେନ୍ଦ୍ର ନାହିଁ ତେଣୁ ସେହି ସ୍କୁଲ ପାଖରେ ଥିବା ଉଲୁଣ୍ଡା ବ୍ଲକର କୋଟସମଲେଇ ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଛି। ତେବେ ବିଭାଗ ଏହିଘଟଣାକୁ ଗୁରୁତ୍ୱ ଦେଇ ଆଗାମୀ ବର୍ଷଗୁଡିକରେ ନିଜ ବ୍ଲକରେ ପରୀକ୍ଷା କେନ୍ଦ୍ର କରିବାକୁ ସାଧାରଣରେ ଦାବି ହେଉଛି।

## ଖଜୁରିଆପାଲି ବନ ସୁରକ୍ଷା ସମିତି ପରିଦର୍ଶନ

ଅମରପାଲି,୨।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ବନଖଣ୍ଡ ଅନ୍ତର୍ଗତ ଉଲୁଣ୍ଡା ବନାଞ୍ଚଳର ଖଜୁରିଆପାଲି ବନ ସୁରକ୍ଷା ସମିତିକୁ ରାଜ୍ୟ ସ୍ତରୀୟ ମୁଖ୍ୟ ପରିଚାଳନା ୟୁନିଟର ସଦସ୍ୟମାନେ ପରିଦର୍ଶନ କରିଛନ୍ତି। ଟିମ୍ ଲିଡର ଭାବେ କେ.କ୍ରିଷ୍ଣକୁମାର ଏବଂ ଅଣୁଯୋଜନା ବିଶାରଦ ଚିତ୍ତରଞ୍ଜନ ମିଶ୍ର ପରିଦର୍ଶନ କରି ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ –୨ ରେ ଚାଲୁଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, ପରିବେଶ ସୁରକ୍ଷା,ଉଜୁଡା ଜଙ୍ଗଲର ପୁନଃରୁଦ୍ଧାର,ବନ୍ୟପ୍ରାଣୀଙ୍କ ସୁରକ୍ଷା, ଔଷଧୀୟ ବୃକ୍ଷଲତାର ସୁରକ୍ଷା, ମୃତ୍ତିକା ସଂରକ୍ଷଣ, ବନାଗ୍ନି ନିରାକରଣ, ଜୀବନଜୀବିକାରେ ଅଭିବୃଦ୍ଧି, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଆବର୍ତ୍ତନ ପାଣ୍ଠିର ସୁପରିଚାଳନା, ଭିଏସଏସରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ଆୟବୃଦ୍ଧି ଓ ଅଣୁଯୋଜନାରେ ପୁନଃ ସଂଶୋଧନ ଭଳି ଭିଏସଏସରେ ଚାଲୁ ରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୋନପୁର ଏସିଏଫ ତଥା ଉଲୁଣ୍ଡା ବନାଞ୍ଚଳ ଅଧିକାରୀ ସଞ୍ଜୀବ କୁମାର ରାଉତ ଯୋଗ ଦେଇଥିବା ବେଳେ ବିଷୟବସ୍ତୁ ବିଶାରଦ ପ୍ରକାଶ କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମ ବିଷୟରେ ବୁଝାଇଥିଲେ। ପ୍ରକୃତିବନ୍ଧୁ ସତ୍ୟଜିତ ଗଡୁଆ ସଭା ପରିଚାଳନା କରିଥିଲେ। ବନରକ୍ଷୀ ରଘୁମଣି ଭୋଇ, ଓଏଫଏସଡିପିର ସଂଯୋଜକ କିଶୋର ନାଏକ, ସୁନୀଲା ସାହୁ, ପି.ଏନ.ଜି.ଓ ଟିମ୍ ଲିଡର ସଞ୍ଜୀବ କୁମାର ନାଗ, ବିଶ୍ୱମୋହନ ପୁରୋହିତ, ସୁଚରିତା ନାୟକ, ସଭାପତି କିଶୋର ଗଡୁଆ, କୋଷାଧକ୍ଷ ଗୁପ୍ତେଶ୍ୱର ଦେହେରିଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।



ଖଜୁରିଆପାଲିରେ ପରିଦର୍ଶନକାରୀ ଦଳ ।

# ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇଲେ ଜିଲାପାଳ



ଘଣ୍ଟାପଡ଼ା,୨।୩(ପ୍ରଭାତ କୁମାର ସାହୁ)

**ଉପାନ୍ତ ଅଞ୍ଚଳର ବିଦ୍ୟାଳୟକୁ ଅଚାନକ ପରିଦର୍ଶନ**

ଶୁକ୍ରବାର ଅପରାହ୍ନରେ ବୌଦ୍ଧ ଜିଲାପାଳ ଜେ. ସୋନାଲ ବୌଦ୍ଧ ଜିଲା ଘଣ୍ଟାପଡ଼ା ଥାନା ଅଧୀନ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ ନାରାୟଣପ୍ରସାଦ ପଞ୍ଚାୟତର ବିଭିନ୍ନ ଗ୍ରାମ ଗସ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମର ନିର୍ମାଣାଧୀନ ରାସ୍ତା, ପୋଲ ଓ ଲୋକଙ୍କ ସମସ୍ୟା ବୁଝିଥିଲେ। ଲେନ୍ଦେରମାଲ, ନାରାୟଣପ୍ରସାଦ, ନାଦେନ ବିଦ୍ୟାଳୟକୁ ଯାଇ ବିଦ୍ୟାଳୟରେ ପାଠପଢ଼ାଠୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ, ପରିବେଶ ଆଦି ବିଭିନ୍ନ ଦିଗ ଉପରେ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ନାଦେନର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲାପାଳ ସୋନାଲ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇ ଥିଲେ। ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ବୌଦ୍ଧ ଜିଲା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦଙ୍କ ସହ ବ୍ଲକର କନିଷ୍ଠ ଯନ୍ତ୍ରୀ ଦିବ୍ୟଲୋକନ ନାଏକ, ପିଇଓ ଭୁଲେଶର ନାଗଙ୍କ ସମେତ ଅନେକ ଅଧିକାରୀ ଉପସ୍ଥିତ ରହିଥିଲେ।

## ପ୍ରସ୍ତୁତି ବୈଠକ

ବାଉଁଶୁଣୀ,୨।୩ (ଦେବାଶିଷ ନେପାକ)

ଆସନ୍ତା ସୋମବାର ଦିନ ବୌଦ୍ଧ ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଣ୍ଡାପଡା ଗସ୍ତ କରିବାକୁ ଥିବା ବେଳେ ଏହାକୁ ବିରୋଧ କରି ଶନିବାର ଅପରାହ୍ନରେ ବୌଦ୍ଧ ବ୍ଲକ ଅନ୍ତର୍ଗତ ମୁଣ୍ଡାପଡ଼ା ହାଟପଦାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଧର୍ମୁଧର ପୋଢଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ଆଦିବାସୀ କନ୍ଧ ସମାଜ, ସାମାଜିକ ସୁରକ୍ଷା ପରିଷଦ, ମୁଣ୍ଡାପଡା ନାଗରିକ କମିଟିର କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ଦୀର୍ଘ ୩ ମାସ ଧରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହିତାଧିକାରୀମାନେ ନାମ ସାମିଲ ଦାବିରେ ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇ ଆସୁଥିବା ବେଳେ ମନ୍ତ୍ରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆସନ୍ତା ସୋମବାର ଏକ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ ପାଇଁ ମନ୍ତ୍ରୀ ଅମାତଙ୍କ ମୁଣ୍ଡାପଡା ଗସ୍ତ କାର୍ଯ୍ୟକ୍ରମ ଥିବାରୁ ବିରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ଜଳନ୍ଧର ଦରବାର ଉଦ୍‌ଘାଟିତ

ଡୁଙ୍ଗୁରିପାଲି,୨।୩(ଦୀନବନ୍ଧୁ ସୁନା)

**ମନ୍ଦିର ପ୍ରତିଷ୍ଠା ଉତ୍ସବ**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗ୍ରାମରେ ନବନିର୍ମିତ ଶିବ ମନ୍ଦିର, ବିନ୍ଧ୍ୟବାସିନୀ ମନ୍ଦିର, ଚଣ୍ଡୀ ମନ୍ଦିର, ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ପ୍ରତିଷ୍ଠା ଉତ୍ସବ ୭ ଦିନ ଧରି ଅନୁଷ୍ଠିତ ହେବ । ଏହି ଅବସରରେ ରାମପୁର ରୋଡସ୍ଥିତ ରାଧାକୃଷ୍ଣ ମୀନବଜାର ପଡିଆରେ ରାତିରେ ଜଳନ୍ଧର ଦରବାର ଅନୁଷ୍ଠିତ ହୋଇଥିଲା ।

ଜଳନ୍ଧର ଦରବାରକୁ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ମନ୍ଦିର ପ୍ରତିଷ୍ଠା କମିଟିର ସଭାପତି ଲକ୍ଷ୍ମୀଧର ନାୟକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରିପାଲି ପଞ୍ଚାୟତ ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ପୂର୍ବତନ ସରପଞ୍ଚ ଭାଗିରଥୀ ବିଶ୍ୱାଳ, ଡୁଙ୍ଗୁରିପାଲି ସମବାୟ ସମିତିର ସଭାପତି ଦାଶରଥି ବିଶ୍ୱାଳ, ଗାନ୍ଧୀ ସାହୁ, ତକ୍ଷକ ସାହୁ, କନ୍ଦର୍ପ ସାହୁ, ମୁକୁନ୍ଦ ବିଶ୍ୱାଳ,ବିପ୍ରଚରଣ ସାହୁ, ପବିତ୍ର ମୋହନ ପାଣ୍ଡିଆ, ନବୀନ ରଣା, ଗୋପାଳ ବାରିକ, ବିରଞ୍ଚି ସାହୁ, ଟୁନା ପାଣ୍ଡେ, ବିଜୁ ପଧାନ, ସରୋଜ ଦାସ, ସଞ୍ଜୀବ ସାହୁ ମଞ୍ଚାସୀନ ଥିଲେ । କମିଟିର ଧର୍ମେନ୍ଦ୍ର ବିଶ୍ୱାଳ ଅତିଥିମାନଙ୍କ ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଳନ୍ଧର ଭୂମିକାରେ ମଞ୍ଚ କଳାକାର ଜଗଦାନନ୍ଦ ମିଶ୍ର ଅଭିନୟ କରୁଥିବା ବେଳେ ଆଲବମ୍ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



ଜଳନ୍ଧର ଦରବାର ଉଦ୍‌ଘାଟନ ଉତ୍ସବରେ ଅତିଥି ବୃନ୍ଦ।

## ଅଗ୍ନିକାଣ୍ଡରେ ୩ ବଖରା ଭସ୍ମୀଭୂତ



ବଘିଆପଡା,୨।୩(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ବିରୀଗଡ ଗ୍ରାମର ତଳାଗୁରାପଡ଼ାରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୩ ଗୋଟି ପରିବାରର ୩ ବଖରା ଭସ୍ମୀଭୂତ ହୋଇ ଯାଇଥିବା ଜଣାପଡିଛି। ଅଗ୍ନିକାଣ୍ଡରେ ତାରିଣୀ ପ୍ରଧାନ, ପତିତ ପ୍ରଧାନ ଓ ଭାବିନ୍ଦ୍ର ପ୍ରଧାନଙ୍କ ଘରେ ଥିବା ଧାନ, ଚାଉଳ ଓ ସମସ୍ତ ଆସବାବପତ୍ର ପୋଡିଯାଇଛି। ଦମକଳ ଗାଡ଼ି ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ବୌଦ୍ଧରୁ ଦମକଳବାହିନୀ ବିଳମ୍ବରେ ପହଞ୍ଚିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରାଜନୈତିକ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରଛନ୍ତି। ଖବର ପାଇ ବଘିଆପଡ଼ା ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିବା ଜଣାପଡିଛି।

## ୧୦୦ କେଜି ବାରହା ମାଂସ ଜବତ: ଅଭିଯୁକ୍ତ ଗିରଫ

ବୌଦ୍ଧ,୨।୩(ଅଜିତ କୁମାର ବାରିକ)

ନୟାଗଡ ବନ୍ୟପ୍ରାଣୀ ବନଖଣ୍ଡର କୁଶଙ୍ଗ ବନ୍ୟପ୍ରାଣୀ ରେଞ୍ଜ ପକ୍ଷରୁ ୧୦୦ କେଜି ବାର୍‌ହା ମାଂସ ଜବତ କରାଯାଇଛି। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଗତ ଶୁକ୍ରବାର ରାତିରେ କୁଶଙ୍ଗ ବନ୍ୟପ୍ରାଣୀ ରେଞ୍ଜର ସାତକୋଶିଆ ଅଭୟାରଣ୍ୟର ନନ୍ଦାଗାଡୁ ବିଟର ସାରୁଗଡାଠାରେ ବନ କର୍ମଚାରୀମାନେ ରାତ୍ରି ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ପୁରୁଣାକଟକ ଥାନା ଜାମୁପଦର ଗ୍ରାମର ସୁଧୀର ଦେହୁରୀ (୩୦) ଦୁଇଟି ଜରି ବସ୍ତାରେ ବାର୍‌ହା ମାଂସ ଧରି ଆସୁଥିବା ବେଳେ ବନ କର୍ମଚାରୀଙ୍କ ହାବୁଡରେ ପଡିଥିଲେ। ବନ କର୍ମଚାରୀ ଯାଞ୍ଚ କରି ଉକ୍ତ ବସ୍ତା ମଧ୍ୟରୁ ୧୦୦ କେଜି ବାର୍‌ହା ମାଂସ ଜବତ କରିଥିଲେ। ବାର୍‌ହା ଶିକାର କରି ଆଣୁଥିବା ଅଭିଯୋଗରେ ଅଭିଯୁକ୍ତ ସୁଧୀରଙ୍କୁ ଗିରଫ କରାଯାଇ ଶନିବାର ଦିନ କୋର୍ଟ ଚାଲାଣ କରାଯାଇଥିବା ରେଞ୍ଜର ସାଂସାର ବର୍ଗିଆ ପ୍ରକାଶ କରିଛନ୍ତି । ଏ ନେଇ ଏକ ମାମଲା ରୁଜୁ ହୋଇଛି ।



ଅଭିଯୁକ୍ତ ଓ ବନ କର୍ମଚାରୀ ।

# ସ୍ୱଚ୍ଛ, ସବୁଜ ପରିବେଶ ବାର୍ତ୍ତା ନେଇ ସାଇକେଲ ଯାତ୍ରା

ସୋନପୁର,୨।୩(ମୃତ୍ୟୁଞ୍ଜୟ ଶତପଥୀ)

ପରିବେଶ ପ୍ରଦୂଷଣ ଜୀବଜଗତ ପାଇଁ ବିପଦ ସୃଷ୍ଟି କରିଛି। ପ୍ଲାଷ୍ଟିକର ବହୁଳ ବ୍ୟବହାର ଜୀବଜନ୍ତୁ ଓ ମୃତ୍ତିକାର ସ୍ୱାସ୍ଥ୍ୟହାନି କରୁଛି। ତେଣୁ ସ୍ୱଚ୍ଛ ଓ ସବୁଜ ପରିବେଶ ବାର୍ତ୍ତା ନେଇ ମିଜୋରାମର ଭି.ବାର୍ତେ(୩୪) ଭାରତ ଭ୍ରମଣ କରୁଛନ୍ତି। ଗତ ଜାନୁୟାରୀ ୨୫ ତାରିଖରେ ସେ ମିଜୋରାମର ରାଜଧାନୀ ଆଇଜାଲରୁ ସାଇକେଲରେ ନିଜର ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ଶନିବାର ଅପରାହ୍ନରେ ସେ ବୌଦ୍ଧ ଜିଲା ଅତିକ୍ରମ କରି ସୁବର୍ଣ୍ଣପୁର ସହରରେ ପହଞ୍ଚିଥିଲେ। ତାଙ୍କୁ ସହରର ବୁଦ୍ଧିଜୀବୀମାନେ ସ୍ୱାଗତ କରିବା ସହ ଏଭଳି ସଚେତନତାମୂଳକ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ। ବାର୍ତେଙ୍କ କହିବା ଅନୁଯାୟୀ, ବିଭିନ୍ନ କାରଣରୁ ସମଗ୍ର ବିଶ୍ୱରୁ ସବୁଜ ବନାନୀ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। କଳକାରଖାନା ଓ ଯାନବାହାନରୁ ନିର୍ଗତ ଅଙ୍ଗାରକାମ୍ଳ ଭବିଷ୍ୟତ ପିଢି ପାଇଁ ବିପଦ ସୃଷ୍ଟି କରିଛି। ତେଣୁ ମାଟିରେ ମିଶୁ ନ ଥିବା ପ୍ଲାଷ୍ଟିକ ବ୍ୟାଗର ବ୍ୟବହାର ହ୍ରାସ କରିବାକୁ ପଡିବ।



ସୁବର୍ଣ୍ଣପୁରରେ ଭି.ବାର୍ତେଙ୍କୁ ସ୍ୱାଗତ କରାଯାଉଛି।

ସୌର ଶକ୍ତିର ବିନିଯୋଗ ସହ ଇଲେକ୍ଟ୍ରିକ୍ ବାଇକ୍ ଓ ଯାନକୁ ଆପଣାଇବାକୁ ହେବ। ସ୍ୱଚ୍ଛ ପରିବେଶ ଓ ସ୍ୱଚ୍ଛ ବାୟୁ ପାଇଁ ସବୁଜ ବନାନୀର ସୁରକ୍ଷା ଓ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ସେ ଦେଶବାସୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ୟମ କରୁଛନ୍ତି। ଏଥିପାଇଁ ସେ ସାଇକେଲରେ ୧୬ ହଜାର ୩୦୦କିଲୋମିଟର ଯାତ୍ରା କରିବେ। ଏହି ଯାତ୍ରା ୧ ମାସ ୫ ଦିନରେ ପହଞ୍ଚିଛି। ଇତିମଧ୍ୟରେ ସେ ୩ହଜାର ୩୦୦କିଲୋମିଟର ରାସ୍ତା ଅତିକ୍ରମ କରିଥିବା କହିଛନ୍ତି। ଅପରାହ୍ନରେ ସେ ସୁବର୍ଣ୍ଣପୁରରୁ ବିନିକା ଅଭିମୁଖେ ଯାତ୍ରା କରିଛନ୍ତି । ପରେ ବରଗଡ ଜିଲାର

**ମିଜୋରାମର ଯୁବକ ଭି. ବାର୍ତେ ୧୬୩୦୦ କିଲୋମିଟର ଭାରତ ଭ୍ରମଣ କରିବେ**

ବରପାଲି ଦେଇ ରାୟପୁର ଅଭିମୁଖେ ଯାତ୍ରା କରିବେ। ରାୟପୁରରୁ ହାଇଦ୍ରାବାଦ୍, ଚେନ୍ନାଇ, କନ୍ୟାକୁମାରୀ, ମହାରାଷ୍ଟ୍ର, ଗୁଜୁରାଟ, ଦିଲ୍ଲୀ, ବିହାର ଓ ସିଲିଗୁଡି ଅତିକ୍ରମ କରି ଲୋକଙ୍କୁ ସ୍ୱଚ୍ଛ ପରିବେଶ ସମ୍ପର୍କରେ ସଚେତନ କରିବେ ବୋଲି କହିଛନ୍ତି । ତାଙ୍କର ଏହି ଅଭିଯାନକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବଲାଙ୍ଗୀର ର ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ବରିବର୍ତ୍ତନ ବିଭାଗ ଏବଂ ସୁବର୍ଣ୍ଣପୁର ଜିଲା ରାଇସ୍ ମିଲ୍ ସଂଘ ପକ୍ଷରୁ ସ୍ୱାଗତ କରାଯିବା ସହ ସହଯୋଗ କରାଯାଇଛି। ଡା. ଅଭାସ କୁମାର ବାବୁ, ମନୀଷ କୁମାର ଅଗ୍ରୱାଲ, ମନୋଜ କୁମାର ଅଗ୍ରୱାଲ, ଆଦର୍ଶ ଅଗ୍ରୱାଲ ଓ ଆଦିତ୍ୟ ବିକ୍ରମ ଗୋଏଲ ପ୍ରମୁଖ ସୋନପୁରରେ ଭି ବାର୍ତେଙ୍କୁ ସ୍ୱାଗତ କରିବା ସହ ଯାତ୍ରାର ସଫଳତା କାମନା କରିଥିଲେ।

## ବନାଗ୍ନି ନିୟନ୍ତ୍ରଣ ସଚେତନତା ରଥ ପରିକ୍ରମା ଆରମ୍ଭ

ରାଉରକେଲା, ୨।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବନଖଣ୍ଡ ଅଧୀନ ଜଙ୍ଗଲ ଅଞ୍ଚଳରେ ବନାଗ୍ନି ରୋକିବା ସହ ବନ ଜଙ୍ଗଲର ସୁରକ୍ଷା ପାଇଁ ଏକ ସଚେତନତା ରଥ ଶନିବାର ପରିକ୍ରମା ଆରମ୍ଭ କରିଛି। ଏହି ସଚେତନତା ରଥ ରାଉରକେଲା ବନଖଣ୍ଡ ଅଧୀନ ପାନପୋଷ ଫରେଷ୍ଟ ରେଞ୍ଜ୍ ଅଞ୍ଚଳରୁ ବାହାରି ୧ ମାସ ବ୍ୟାପୀ ବିଶ୍ରା, ବାଙ୍କି, କୁଆଁରମୁଣ୍ଡା, ବୀରମିତ୍ରପୁର ଏବଂ ରାଜଗାଙ୍ଗପୁର ଫରେଷ୍ଟ ରେଞ୍ଜ୍ ଅଞ୍ଚଳର ପ୍ରତ୍ୟେକ ଜନବସତିରେ ପରିକ୍ରମା କରି ଜନସଚେତନତା ସୃଷ୍ଟି କରିବ। ଏହି ପରିପ୍ରେକ୍ଷୀରେ ରାଉରକେଲାର ବିଶ୍ରା ଛକରେ ବନାଗ୍ନି ହ୍ରାସ ଜନିତ ପଥପ୍ରାନ୍ତ ନାଟକ ଏବଂ ନୃତ୍ୟ ସଙ୍ଗୀତ ଜଙ୍ଗଲ ବିଭାଗ ପକ୍ଷରୁ ଆୟୋଜିତ ହୋଇଥିଲା। ଶନିବାର ପାନପୋଷ ଫରେଷ୍ଟ ରେଞ୍ଜ୍ ଅଞ୍ଚଳରେ ବନ ଅଧିକାରୀ ଜ୍ଞାନେନ୍ଦ୍ର ଲିମାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ପାନପୋଷ ଫରେଷ୍ଟର ପ୍ରଦୀପ କୁମାର ସାହୁ, ଶ୍ରଦ୍ଧାଞ୍ଜଳି ଶତପଥୀ, ରଜତ ମହାନ୍ତି, ବନରକ୍ଷୀ ଅଳିଅଳ ବେହେରା ଏବଂ ପାନପୋଷ ବନାଞ୍ଚଳର ଫରେଷ୍ଟ ସ୍କ୍ୱାଡ୍ ଉପସ୍ଥିତ ରହି ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ।

# ସମାଜ ସୁଧାରକ ଥିଲେ ଦୟାନନ୍ଦ ସରସ୍ୱତୀ

ରାଉରକେଲା, ୨।୩ (ବିପ୍ଳବ ରଞ୍ଜନ ଦାଶ)


କାର୍ଯ୍ୟକ୍ରମରେ ଉପସ୍ଥିତ ବିଦ୍ୱାନ ବ୍ୟକ୍ତିଗଣ।

### ଜୟନ୍ତୀ ମହାସମାରୋହରେ ମତପ୍ରକାଶ

ରାଉରକେଲା-୪ ଦୟାନନ୍ଦ ନଗରରେ ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱିଶତତମ ଜୟନ୍ତୀ ସମାରୋହ ଶନିବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ରାଉରକେଲା-୪ ଦୟାନନ୍ଦ ନଗର ଆର୍ଯ୍ୟ ସମାଜର ଦଶମ ବାର୍ଷିକ ଉତ୍ସବ, ଯଜୁର୍ବେଦ ପାରାୟଣ ସହିତ ଆର୍ଯ୍ୟ ସମାଜର ନୂତନ ଯଜ୍ଞଶାଳା ଉଦ୍‌ଘାଟିତ ହୋଇଥିଲା। ଦୟାନନ୍ଦ ନଗର ଆର୍ଯ୍ୟ ସମାଜ ସଭାପତି ଅକ୍ଷେଶ୍ୱର ଆର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମାରୋହରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଯଜ୍ଞଶାଳାକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଆର୍ଯ୍ୟ ସମାଜର ଧାର୍ମିକ ନିରପେକ୍ଷତା ଶୀର୍ଷକରେ ଏକ ସଭା ହୋଇଥିଲା। ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁରୁକୁଳ ସଂସ୍କୃତ କଲେଜ ଅଧ୍ୟକ୍ଷ ତଥା ଆର୍ଯ୍ୟବ୍ରତ ଡ. ଉମାକାନ୍ତ ଆର୍ଯ୍ୟ କହିଥିଲେ ଯେ, ମହର୍ଷି ମନୁ ବିଶ୍ୱର ପ୍ରଥମ ସମ୍ବିଧାନ ଜ୍ଞାତା ଥିଲେ। ଯିଏ ବେଦୋକ୍ତ ଶିକ୍ଷା ଯୋଗ୍ୟତା ଦ୍ୱାରା ମାନବୀୟ ସଭ୍ୟତା ବର୍ଣ୍ଣ ବ୍ୟବସ୍ଥା ନିର୍ଦ୍ଧାରଣ କରିବା ପ୍ରକ୍ରିୟାରେ ଏକମତ ଥିଲେ। ମାତ୍ର ମଧ୍ୟଯୁଗରେ କେତେକ ମୁଷ୍ଟିମେୟ ବ୍ୟକ୍ତି ବିଶେଷଙ୍କ ତତ୍ତ୍ୱହୀନ ବିଭ୍ରାନ୍ତିକର ବିନ୍ଦୁ ମୌଳିକ ଗ୍ରନ୍ଥ ମନୁସ୍ମୃତିରେ ସଂଲଗ୍ନ କରାଗଲା। ଯାହା ଭାରତୀୟ ସଂସ୍କୃତିକୁ କଳୁଷିତ ଏବଂ କଳଙ୍କିତ କରିବାର ଷଡ଼ଯନ୍ତ୍ର ଥିଲା। ମାତ୍ର ସମାଜ ସୁଧାରକ ମହର୍ଷି ଦୟାନନ୍ଦ ସରସ୍ୱତୀ ଗୁଣ, କର୍ମ ଓ ସ୍ୱଭାବ ଆଧାରିତ ବର୍ଣ୍ଣ ବ୍ୟବସ୍ଥାକୁ ସମର୍ଥନ କରି ମନୁସ୍ମୃତିରେ ସୁଧାର ଆଣିଥିଲେ। ଏହାକୁ ଡ. ରାଧାକ୍ରିଷ୍ଣନ, ରବିନ୍ଦ୍ର ନାଥ ଟାଗୋର, ମହାତ୍ମା ଗାନ୍ଧୀ ଏବଂ ବ୍ରିଟିଶ ବୁଦ୍ଧିଜୀବୀ ବିଲିୟମ ଜୋନ ମଧ୍ୟ ସ୍ୱୀକାର କରିଥିଲେ। ଏଣୁ ଗୁଣ, କର୍ମ ଏବଂ ସ୍ୱଭାବରୁ ହିଁ ମାନବୀୟ ସଭ୍ୟତା ମଧ୍ୟରେ ଥିବା ବର୍ଣ୍ଣ ଚତୁର୍ଜାତି ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ରର ଅସଲ ପରିଚୟ ମିଳିଥାଏ ବୋଲି ମୁଖ୍ୟବକ୍ତା ଆର୍ଯ୍ୟ କହିଥିଲେ। ପରେ ପ୍ରବଚକ ତଥା ଭଜନ ଉପଦେଶକ ଧର୍ମ ପ୍ରକାଶ ଶାସ୍ତ୍ରୀ, ଗୀତିକା ଆର୍ଯ୍ୟା, ପ୍ରତିମା ଆର୍ଯ୍ୟା, ଧନୁର୍ଦ୍ଧର ମହାପାତ୍ର, ଆଚାର୍ଯ୍ୟ ସ୍ୱାମୀ କୈବଲ୍ୟ ମୁନି ଓ ଗୋଡଭଗାର ପ୍ରବଚକ ସୋମଦେବଜୀ ଯୋଗଦେଇ ଭାରତୀୟ ସଂସ୍କୃତିର ମୂଳ ହେଉଛି ବେଦ ଏବଂ ଭାରତୀୟ ବେଦ ସଂସ୍କୃତି ଅବିନାଶୀ ବୋଲି କହିଥିଲେ। ଆର୍ଯ୍ୟ ସମାଜ ଟ୍ରଷ୍ଟବୋର୍ଡ ଉପସଭାପତି ସୁରେଶ ଚନ୍ଦ୍ର ଆର୍ଯ୍ୟ, ଦୟାନିଧି ଆର୍ଯ୍ୟ, ଅଶୋକ ଆର୍ଯ୍ୟ, ସୂର୍ଯ୍ୟମଣି ଆର୍ଯ୍ୟ, ଉମାକାନ୍ତ ଆର୍ଯ୍ୟ, ନୃସିଂହ ଚରଣ ଆର୍ଯ୍ୟ, ରାମଚନ୍ଦ୍ର ଆର୍ଯ୍ୟ, ସୁରେଶ ଆର୍ଯ୍ୟ, ବିନୋଦ ଆର୍ଯ୍ୟ, ବିଶ୍ୱରଞ୍ଜନ ଆର୍ଯ୍ୟ ଓ କେଦାର ନାଥ ଆର୍ଯ୍ୟଙ୍କ ସମେତ ବେଦବ୍ୟାସ ଗୁରୁକୁଳ ଆଶ୍ରମର ବାଲ୍ ବ୍ରହ୍ମଚାରୀ ସହଯୋଗ କରିଥିଲେ।

## ଏନ୍‌ଆଇଟିରେ ଫ୍ଲାଗଶିପ୍ ହାକାଥନ

ରାଉରକେଲା, ୨।୩ (ସଙ୍ଗୀତା ଜେନା)

### ସର୍ବଭାରତୀୟ ସ୍ତରରେ ଯୋଗଦେଲେ ୨୪୦ ଛାତ୍ରୀଛାତ୍ର

ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି)ରେ ଫ୍ଲାଗଶିପ୍ ହାକାଥନ ଏନ୍‌ଆଇଟିଆର୍ ୫.୦ ଶନିବାର ଉଦ୍‌ଘାଟିତ ହୋଇଛି। ଉକ୍ତ ଦ୍ୱିଦିବସୀୟ ହାକାଥନ୍ ଉତ୍ସବରେ ସର୍ବଭାରତୀୟସ୍ତରରେ ୩୨ଶହ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୪୦ ଛାତ୍ରୀଛାତ୍ରଙ୍କୁ ମନୋନୀତ କରାଯାଇଥିଲା। ଶନିବାର ଭୁବନେଶ୍ୱର ବେହେରା ଅଡିଟୋରିୟମରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ସୋସାଇଟିର ଉପାଧ୍ୟକ୍ଷ ଡ. କୌସ୍ତୁଭ ଚୌଧୁରୀ କହିଲେ, ୱାକାଥନରେ ସାଧାରଣତଃ ଚାଲିବାକୁ ପଡ଼ିଥାଏ। ସେହିପରି ହାକାଥନ୍‌ରେ ଅଂଶଗ୍ରହଣକରୀମାନେ ପ୍ରୋଗ୍ରାମିଂ, ଡିଜାଇନ୍ ଓ ସେମାନଙ୍କର ଦକ୍ଷତା ପ୍ରତିପାଦନ କରିବାକୁ ପଡ଼ିଥାଏ। ବିଶ୍ୱରେ ଏହି ଚ୍ୟାଲେଞ୍ଜକୁ ସମାଧାନ କରିବା ପାଇଁ ଟେକ୍‌ନୋଲୋଜି ଓ କୋଡିଂ, ଏହାର ଉଦ୍ଭାବନ, ଶିଖିବା ଓ ଉପଯୋଗିତା ଉପରେ ଦୃଷ୍ଟିକେନ୍ଦ୍ରିତ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ଚୌଧୁରୀ କହିଥିଲେ। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଉଦ୍‌ଘାଟକ ଭାବେ ଯୋଗଦେଇ ୫ଜି ଓ ଆଗାମୀ ୬ଜି ଟେକ୍‌ନୋଲୋଜିର ଅଗ୍ରଗତି ସହିତ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବିଜ୍ଞାନରେ ନୂତନ ରାସ୍ତା ଖୋଲିଛି ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଶିକ୍ଷାବିତ୍ ଓ ସ୍ଥାନୀୟ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ଏନ୍‌ଆଇଟିରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

## ଆଞ୍ଚଳିକ ଗଙ୍ଗା ଗୁଡ଼ି ମହୋତ୍ସବ

ବାଲିଶଙ୍କରା, ୨।୩ (ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକ ଡୁମୁଲିଆ ପଞ୍ଚାୟତ ସାପଡଗର ଗ୍ରାମରେ କୁଶହାଁ କିସାନ ସମାଜର ଆଞ୍ଚଳିକ ଗଙ୍ଗା ଗୁଡ଼ି ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାପଡଗର ଗଙ୍ଗା ଗୁଡିର ସଭାପତି ଦୁତିଆ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ମୁଖ୍ୟ ଅତିଥିଭାବେ ସବ୍‌ଡେଗା ବ୍ଲକ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଯୋଗଦେଇ ନିଜ ପରମ୍ପରା, ଶିକ୍ଷା, ସଂସ୍କୃତିକୁ ବଜାୟ ରଖି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ୫୫୦ କୁଶହାଁ ସମାଜର ଜିଲା ସ୍ତରୀୟ ସଭ୍ୟ ଅଭିମନ୍ୟୁ ମାଝି, ଛତାସର୍ଗି ଗଙ୍ଗା ଗୁଡିର ସଭାପତି ମିତ୍ର କିଷାନ, ରାମପୁର ଗଙ୍ଗା ଗୁଡିର ସଭାପତି ଜେନାମଣି କିଷାନ, ସାପଡଗର ମହିଳା ସଂଘର ସଭାନେତ୍ରୀ ବିଶାଖା କିଷାନ, ବର୍ହାଡେମା ମହିଳା ସଂଘର ସଭାନେତ୍ରୀ ବନିତା କିଷାନ, ପେରୁଆଅଡା ଗ୍ରାମ ସଭାର ସଭାପତି ଜଗଦୀଶ କିଷାନ ପ୍ରମୁଖ ଯୋଗଦେଇ ସମାଜର ଉନ୍ନତି, ଦୁଃଖ ବିପଦରେ ସମସ୍ତେ ଏକଜୁଟ ହୋଇ ପରସ୍ପରକୁ ସହଯୋଗ କରିବା, ସମାଜର ରୀତିନୀତିକୁ ବଞ୍ଚାଇ ରଖିବା ପାଇଁ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି କୁନ୍ତୀ ପ୍ରଧାନ ମହାଗୁଡ଼ି ପ୍ରତିଷ୍ଠା ପାଇଁ କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରିଥିଲେ। ଏହି ବୈଠକରେ ୭ଟି ଗୁଡି ସମାଜର କର୍ମକର୍ତ୍ତା ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ରବିବାର ସାପଡଗର ଗଙ୍ଗା ଗୁଡିରେ ବାଲିଶଙ୍କରା ବ୍ଲକ, ସବ୍‌ଡେଗା ବ୍ଲକ ତଥା ଛତିଶଗଡ଼ ରାଜ୍ୟର ୨ଟି ବ୍ଲକକୁ ନେଇ କୁଶହାଁ ମହିଳା ସମ୍ମିଳନୀ ହେବାର କାର୍ଯ୍ୟକ୍ରମ ରହିଛି। ଶେଷରେ ସାପଡଗର ଗୁଡିର ସଭାପତି ଦୁତିଆ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଜିଏଚ୍‌ରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିଶ୍ୱସ୍ତରୀୟ ହେବ

ରାଉରକେଲା, ୨।୩ (ସଙ୍ଗୀତା ଜେନା)

### ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ


କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଧାୟକଙ୍କ ଏବଂ ପ୍ରଶାସନିକ ଅଧିକାରୀ।

ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ମଧ୍ୟାହ୍ନ ୧୨ଟାରେ ବିଭିନ୍ନ ମେଡ଼ିକାଲ କଲେଜର ଶୁଭ ଉଦ୍‌ଘାଟନ ସହିତ ୪ଟି ମେଡ଼ିକାଲ କଲେଜରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବା ପାଇଁ ଆଭାସୀ ଜରିଆରେ ଭିତ୍ତିପ୍ରସ୍ତର କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଉରକେଲା ଏୟାରପୋର୍ଟ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ରଘୁନାଥପାଲୀ ବିଧାୟକ ସୁବ୍ରତ ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ରାଜ୍ୟ ସ୍ୱାସ୍ଥ୍ୟକ୍ଷେତ୍ରରେ ଐତିହାସିକ ସଫଳତା ଲାଭ କରିଛି। କିଛିବର୍ଷ ମଧ୍ୟରେ ରାଉରକେଲା ସରକାରୀ ଡାକ୍ତରଖାନାର ବିକାଶ ହୋଇଛି। ଏଥିରେ କେବଳ ଜିଲାବାସୀ ଚିକିତ୍ସିତ ହେଉନାହାନ୍ତି ବରଂ ପଡୋଶୀ ରାଜ୍ୟର ବହୁ ଲୋକଙ୍କ ଭରସା ରହିଛି। ନୂତନ ପ୍ରକଳ୍ପ ଜରିଆରେ ୬୬୦ କୋଟି ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ ସହିତ ଉକ୍ତ ହସ୍ପିଟାଲକୁ ୮ଶହ ଶଯ୍ୟା ବିଶିଷ୍ଟ କରାଯିବ। କ୍ରିଟିକାଲ କେୟାର, ନେଫ୍ରୋଲୋଜି, ନ୍ୟୁରୋଲୋଜି ବିଭାଗ ଖୋଲାଯିବ। ଏଠାରେ ପରୀକ୍ଷା ସହ ଚିକିତ୍ସା ବ୍ୟବସ୍ଥା ରହିବ ବୋଲି ବିଧାୟକ ତରାଇ କହିଥିଲେ। କାର୍ଯ୍ୟକ୍ରମରେ ଆର୍‌ଏମ୍‌ସି କମିଶନର ତଥା ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀ, ଆର୍‌ଜିଏଚ୍ ସୁପରିଣ୍ଟେଣ୍ଡେଣ୍ଟ ଡା. ଗଣେଷ ପ୍ରସାଦ ଦାସ, ଆର୍‌ଏମ୍‌ସି ଡେପୁଟି କମିଶନର ପଲ୍ଲବୀ ନାୟକ, ଯୁଗ୍ମ କମିଶନର ଅନୀତା ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଆଇସିଡିଏସ୍ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ପାନୀୟ ଜଳ ସମସ୍ୟା, ଏଡିଏମ୍‌ଙ୍କୁ ଫେରାଦ

ରାଉରକେଲା, ୨।୩(ଦିନେଶ ମିଶ୍ର)

ଖରାଦିନ ନ ଆସିବା ପୂର୍ବରୁ ରାଉରକେଲା ସହରର ବିଭିନ୍ନ ବସ୍ତିରେ ଏବେଠାରୁ ପାନୀୟ ଜଳ ସମସ୍ୟା ଦେଖାଦେଲାଣି। ଏନେଇ ଶନିବାର ବାସନ୍ତୀ କଲୋନୀ ସ୍ଥିତ ଖଟାଲବସ୍ତିରେ ବାସ କରୁଥିବା ବସ୍ତିବାସୀ ଆର୍‌ଏମ୍‌ସି କମିସନରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବାସନ୍ତୀ କଲୋନୀ ଖଟାଲ ବସ୍ତିରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ପରିବାର ବାସ କରନ୍ତି। ଉକ୍ତ ବସ୍ତିରେ ପାନୀୟ ଜଳ ପାଇଁ ଏକ ନଳକୂପ ବ୍ୟବସ୍ଥା ଥିବାବେଳେ ପିଏଚ୍‌ଡି ବିଭାଗ ପକ୍ଷରୁ ଏକ ପାଣି ଟ୍ୟାପ୍ ବ୍ୟବସ୍ଥା କରାଯାଇଛି। ଉକ୍ତ ବସ୍ତିଟି ଦୁର୍ଗାପୁର ପାହାଡ ତଳେ ଗଢି ଉଠିଥିବାରୁ ଖରାଦିନେ ନଳକୂପରୁ ପାଣି ଶୁଖିଯାଉଛି। ଫଳରେ ସ୍ଥାନୀୟ ବସ୍ତିବାସୀ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତିକି ବସ୍ତିବାସୀ ଖରାଦିନେ ପାନୀୟ ଜଳ ନ ପାଇ ପାଖରେ ଥିବା କଲୋନୀ କ୍ୱାଟର୍ସରୁ ପାଣି ଆଣି ବ୍ୟବହାର କରୁଛନ୍ତି। ବିଶେଷ କରି ବସ୍ତି ନିକଟରେ ଥିବା ଏକ ଚୂଆ ଉପରେ ସେମାନେ ନିର୍ଭର କରିଥାନ୍ତି। ଏହି ଚୁଆଟି ମେ ଓ ଜୁନ୍ ମାସରେ ଶୁଖିଯାଉଥିବାରୁ ସ୍ଥାନୀୟ ଲୋକେ ପାନୀୟ ଜଳ ପାଇଁ ପିଏଚ୍‌ଡି ଓ ଆରଏମ୍‌ସି ଗାଡି ଉପରେ ନିର୍ଭର କରନ୍ତି। ତେଣୁ ଆଗକୁ ଖରାଦିନ ଆସୁଥିବାରୁ ବସ୍ତିବାସୀଙ୍କ ପାନୀୟ ଜଳ ସମସ୍ୟା କିଭଳି ଦୂର ହେବ ସେନେଇ ଆରଏମ୍‌ସି କମିଶନରଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଆଗାମୀ ଦିନରେ ଖଟାଲବସ୍ତିରେ କିଭଳି ପାନୀୟ ଜଳ ସମସ୍ୟା ଦୂର ହେବ ସେନେଇ ଆରଏମ୍‌ସି କମିସନର ଆଶୁତୋଷ କୁଲକର୍ଣ୍ଣି ୱାଟକେ ବିଭାଗୀୟ ଅଧିକାରୀଙ୍କ ଆଲୋଚନା ପରେ ଉକ୍ତ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଖଟାଲବସ୍ତିର ବରିଷ୍ଠ ସଦସ୍ୟ ମାଠୁଲାଲ ବାଗ, ଏମ୍‌ଡି ଇମତିହାଜ, ରାମ ପ୍ରସାଦ, ଦିଲେଶ୍ୱର ଗୌଡ, ଶମ୍ଭୁ ପ୍ରସାଦ, କୈଳାସ ସାହୁ, ଗୌରହରି ମିଶ୍ର, ଲକ୍ଷ୍ମଲ ଲାଲ, ଗୌରୀ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ

ରାଉରକେଲା, ୨।୩(ସଙ୍ଗୀତା ଜେନା):

ଟଙ୍କା ଫେରସ୍ତକୁ କେନ୍ଦ୍ର କରି ସେକ୍ଟର-୭ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୪୭/୨୪) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ସେକ୍ଟର-୮ ଅଞ୍ଚଳର ଜଣେ ବ୍ୟକ୍ତି ପ୍ରାୟ ୬ବର୍ଷ ତଳେ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇ ଫେରସ୍ତ କରୁ ନ ଥିଲେ। ମହିଳା ଜଣଙ୍କ ଟଙ୍କା ମାଗିବା ପାଇଁ ଉକ୍ତ ବ୍ୟକ୍ତିଙ୍କ ଘରକୁ ଯାଇଥିବା ବେଳେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଉକ୍ତ ବ୍ୟକ୍ତିଙ୍କ ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ କରାଯାଇଛି। ପୋଲିସ ଅନ୍ୟ ଏକ ମାମଲା (ନଂ.୪୮/୨୪) ରୁଜୁ କରିଛି।

# ‘ଗଣତନ୍ତ୍ରରେ ମତଦାନର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି’

ରାଉରକେଲା, ୨।୩(ବିପ୍ଳବ ରଞ୍ଜନ ଦାଶ)



କାର୍ଯ୍ୟକ୍ରମରେ ଉପସ୍ଥିତ କଲେଜ ଛାତ୍ରୀଗଣ।

### ମୋର ପ୍ରଥମ ଭୋଟ୍ ଦେଶ ବିକାଶରେ ସମର୍ପିତ କାର୍ଯ୍ୟକ୍ରମ

ରାଉରକେଲା ସେକ୍ଟର-୨ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ମୋର ପ୍ରଥମ ଭୋଟ୍ ଦେଶ ବିକାଶରେ ସମର୍ପିତ ଶୀର୍ଷକ ଏକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସେବା ଯୋଜନାର ବହୁ ଛାତ୍ରୀ ସାମିଲ ହୋଇଥିଲେ। କଲେଜ ଅଧ୍ୟକ୍ଷା ପଦ୍ମଜା ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ମତଦାତା ସାକ୍ଷରତା ବିଷୟରେ ଦିଗ୍‌ଦର୍ଶନ ଦେବା ସହ ଗଣତନ୍ତ୍ରରେ ମତଦାନର ମହତ୍ତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହାପରେ ମୋର ସର୍ବପ୍ରଥମ ଭୋଟ ଦେଶ ବିକାଶରେ ସମର୍ପିତ ଆଧାରିତ ଲିପି ଚିତ୍ରଣ, ଚିତ୍ରାଙ୍କନ, ନାରା ଲେଖନୀ, ସାଧାରଣ ଜ୍ଞାନ, ପ୍ରବନ୍ଧ ଲିଖନ, ବିତର୍କ ଏବଂ ଡିଜିଟାଲ ସମୀକ୍ଷା ଆଦି ବିଭିନ୍ନ ପ୍ରତିଯୋଗିତା କଲେଜର ଛାତ୍ରୀମାନଙ୍କ ମଧ୍ୟରେ ହୋଇଥିଲା। କଲେଜର ରାଷ୍ଟ୍ରୀୟ ସେବା ଯୋଜନା ବିଭାଗ ଅଧିକାରୀ ମାନସ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କଲେଜର ସହକାରୀ ପ୍ରାଧ୍ୟାପକ ପ୍ରକାଶ କୁମାର ସୋରେଙ୍ଗ ଏବଂ ସୋନିଆ ମାଝୀ ପିଲାମାନଙ୍କୁ ଆସନ୍ନ ସାଧାରଣ ନିର୍ବାଚନ ଏବଂ ନୂତନ ମତଦାତାଙ୍କ ସାଧାରଣ ନିର୍ବାଚନରେ ରହିଥିବା ନୈତିକ କର୍ତ୍ତବ୍ୟ ଉପରେ ଦିଗ୍‌ଦର୍ଶନ ଦେଇଥିଲେ। କଲେଜର ସହକାରୀ ଅଧ୍ୟାପିକା ଲୋପାମୁଦ୍ରା ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅର୍ପନା କୁଜୁର, ରଶ୍ମିତା ପଣ୍ଡା, ଶ୍ରୋତସ୍ୱିନୀ ପ୍ରଧାନ, ମାନସୀ ସାହୁଙ୍କର ସମେତ ସମସ୍ତ ଅଧ୍ୟାପିକାଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ସାଇକେଲରେ ରାଉରକେଲାରୁ ଅଯୋଧ୍ୟା ଯାତ୍ରା

ରାଉରକେଲା, ୨।୩(ସଙ୍ଗୀତା ଜେନା)

ରାଉରକେଲାର ୬ଜଣ ସମାଜସେବୀ ଶନିବାର ସାଇକେଲରେ ଅଯୋଧ୍ୟାସ୍ଥିତ ଶ୍ରୀରାମ ଜନ୍ମଭୂମି ଯାତ୍ରା ଆରମ୍ଭ କରିଛନ୍ତି। ସେମାନେ ହେଲେ ରାଉରକେଲା ନିବାସୀ କୁଶଲ ଅଗ୍ରୱାଲ, କୁନାଲ ରାଓଲେ, ରାକେଶ ଅଗ୍ରୱାଲ, ବିଶନ ସିଂହ, ଅଭିଷେକ ବଂଶଲ ଏବଂ ଅଙ୍କୁଶ ଆହୁଜା। ସେମାନେ ହନୁମାନ ବାଟିକା ନିକଟରୁ ଯାତ୍ରା ଆରମ୍ଭ କରିଥିବା ବେଳେ ରାଉରକେଲାରୁ ଝାଡ଼ଖଣ୍ଡର ନେତ୍ରହାଟ, ବିହାର, ବନାରସ ଉତ୍ତରପ୍ରଦେଶ ଦେଇ ଅଯୋଧ୍ୟା ପର୍ଯ୍ୟନ୍ତ ୭୬୦ କି.ମି. ଯିବେ। ସୁସ୍ଥ ରହିବା ଓ ଜୀବନ ପ୍ରଣାଳୀକୁ ଅଧିକ ସ୍ୱାସ୍ଥ୍ୟକର କରିବା ଉଦ୍ଦେଶ୍ୟରେ ଏହି ଯାତ୍ରା କରାଯାଉଛି ବୋଲି ସେମାନେ ପ୍ରକାଶ କରିଛନ୍ତି।


ହନୁମାନ ବାଟିକାରୁ ଆରମ୍ଭ ହୋଇଥିବା ସାଇକେଲ ଯାତ୍ରା।

## ୪ରେ ଅଲ୍ ଇଣ୍ଡିଆ ଫୁଟବଲ ଟୁର୍ନାମେଣ୍ଟ

ରାଉରକେଲା, ୨।୩(ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମରେ ଆସନ୍ତା ୪ତାରିଖରେ ଅଲ ଇଣ୍ଡିଆ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏ ନେଇ ଏକ ଖବରଦାତା ସମ୍ମିଳନୀ ସେକ୍ଟର-୬ ସ୍ଥିତ ଆରଏସ୍‌ଏ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ସ୍ପୋର୍ଟସ ଆସୋସିଏଶନ (ଆରଏସ୍‌ଏ) ସଭାପତି ମିହିର ରାୟ ଅଧ୍ୟକ୍ଷତା କରି ସୂଚନା ଦେଇଥିଲେ, ଆରଏସ୍‌ଏ ପକ୍ଷରୁ ଆୟୋଜିତ ୧୮ତମ ସର୍ବଭାରତୀୟ ବିଜୁ ପଟ୍ଟନାୟକ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଓ ସପ୍ତମ ରାଉରକେଲା ଓପନ ଫୁଟବଲ ଟୁର୍ନାମେଣ୍ଟ ମାର୍ଚ୍ଚ ରୁ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମସ୍ତ ମ୍ୟାଚ ଫ୍ଲଡ୍ ଲାଇଟ୍‌ରେ ଖେଳାଯିବା ସହ ଜାତୀୟ ସ୍ତରରେ ଟାଟା ଜାମସେଦପୁର, ଚେନାଇ, ଛତିଶଗଡ ଆଦି ୮ଟି ଦଳ ଅଂଶଗ୍ରହଣ କରିବେ। ସେହିପରି ଆଞ୍ଚଳିକ ସ୍ତରରେ ରାଉରକେଲା ତଥା ଆଖପାଖ ଅଞ୍ଚଳର ୧୨ଟି ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ସଭାପତି ରାୟ ସୂଚନା ଦେଇଥିଲେ। ଜାତୀୟ ସ୍ତରରେ ଚାମ୍ପିୟନ ଦଳକୁ ଲକ୍ଷେ ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ସେହିପରି ଆଞ୍ଚଳିକ ସ୍ତରରେ ଚାମ୍ପିୟନ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୨ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଏହି ଅବସରରେ ୫ ତାରିଖରେ ଷ୍ଟାଡିୟମ ପରିସରରେ ଏକ ମେଗା ରକ୍ତଦାନ ଶିବିର ସାଙ୍ଗକୁ ମାର୍ଚ୍ଚ ୧୦ ତାରିଖରେ ଦ୍ୱାଦଶ ବିଜୁ ପଟ୍ଟନାୟକ ମାରାଥନ ଅନୁଷ୍ଠିତ ହେବ। ଏହି ମାରାଥନରେ ପ୍ରତ୍ୟେକ ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତା ପାଇଁ ଯଥାକ୍ରମେ ୩ ହଜାର, ୨ ହଜାର, ୧ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ଏହି ମାରାଥନ ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମରୁ ଆରମ୍ଭ ହୋଇ ସେକ୍ଟର-୨ ବିଜୁ ପଟ୍ଟନାୟକ ଛକ ହୋଇ ପୁନଃ ଷ୍ଟାଡିୟମରେ ଶେଷ ହେବ ବୋଲି ଉପସଭାପତି ଅର୍ଜୁନ ଭୂୟାଁ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଆରଏସ୍‌ଏର ଉପସଭାପତି ନଟରାଜ ବେହେରା, ସମ୍ପାଦକ ସୁବାଷ ପଣ୍ଡା, ସୂର୍ଯ୍ୟ କୁମାର ପାତ୍ର, ସୁଧୀର ସୁନ୍ଦର ରାୟ, ମନୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତାଗଣ।

## ଅଲ ଇଣ୍ଡିଆ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରାଉରକେଲା, ୨।୩(ଦିନେଶ ମିଶ୍ର)

ସେକ୍ଟର-୨୦ ସ୍ଥିତ ରାଇଜିଂ କ୍ଲବ ପକ୍ଷରୁ ୧୫ତମ ଅଲ ଇଣ୍ଡିଆ ଭଲିବଲ ଟୁର୍ନାମେଣ୍ଟ ଶନିବାର ରାଇଜିଂ ପଡିଆରେ ଅନୁଷ୍ଠିତ ହୋଇଛି। ଏହି ଟୁର୍ନାମେଣ୍ଟକୁ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଡିଏଫ୍‌ଓ ଜଶୋବନ୍ତ ସେଠୀ, ଆର୍‌ଏସ୍‌ପି ଇଡି ସୋମନାଥ ତ୍ରିପାଠୀ, ରାଉରକେଲା ଅତିରିକ୍ତ ଏସ୍‌ପି ରମାକାନ୍ତ ସୁନା, ଆରଏସ୍‌ପି ଟାଉନଶିପ୍‌ର ସିଜିଏମ୍ ପ୍ରତାପ ଚନ୍ଦ୍ର ସ୍ୱାଇଁ, ନିରଞ୍ଜନ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ରାଜସ୍ଥାନ, ଉତ୍ତରପ୍ରଦେଶ, ଗୁଜୁରାଟ, ହରିୟାନା, ୱେଷ୍ଟବେଙ୍ଗଲ ଆଦି ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ଚାମ୍ପିୟନ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଦଳକୁ ୧୧ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ପ୍ରଥମ ମ୍ୟାଚ ଓଡିଶା ଓ ୟୁପି ମଧ୍ୟରେ ଖେଳାଯାଇଥିଲା। ଏଥିରେ ଓଡିଶା ଦଳ ଉତ୍ତରପ୍ରଦେଶ (ୟୁପି) ଦଳକୁ ୨-୦ ସେଟ୍‌ରେ ପରାସ୍ତ କରି ବିଜୟୀ ହୋଇଛି। ଓଡିଶାର ଅନୀଲଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ରାଜସ୍ଥାନ ଓ ଗୁଜୁରାଟ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଗୁଜୁରାଟ ଦଳ ରାଜସ୍ଥାନକୁ ୨-୦ ସେଟ୍‌ରେ ପରାସ୍ତ କରି ବିଜୟୀ ହୋଇଛି। ଗୁଜୁରାଟ ଦଳର କାର୍ତ୍ତିକଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମ୍ୟାଚକୁ ରେଫରି ଭାବେ ସଞ୍ଜୟ ନାୟକ, ଶୁଶାନ୍ତ ଶେଖର ଗୌଡ, ଦୁର୍ଗାମାଧବ ନାୟକ, ସଞ୍ଜୀବ ଚାନ୍ଦ, ଆନ୍ନା କେରକେଟ୍ଟା, ସଞ୍ଜୀବ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। କ୍ଲବର ସଭାପତି ଶିଶିର ନାୟକ, ସମ୍ପାଦକ ଶିଶିର ସାହୁ, ସାଧାରଣ ସମ୍ପାଦକ ଦେବୀପ୍ରସାଦ ମିଶ୍ର, ବିନୋଦ ରାୟ, ଇନ୍ଦ୍ରଜିତ ସିଂ, କମଳାକାନ୍ତ ନାୟକ, ସୌଭାଗ୍ୟ ମିଶ୍ର, ବିରେନ ପ୍ରଧାନ, ଅନୀଲ ସିଂ, ଅମର ଦାଶ, ତିରୁପତି ରଞ୍ଜନ ଦାସ, ଧରଣୀଧର ବିଶ୍ୱାଳ, ସତ୍ୟ ପ୍ରଧାନ, ମାନସ ନାୟକ, ଶୁଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ନିରଞ୍ଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳି।

# ରାଷ୍ଟ୍ରପତିଙ୍କ ରେଢ଼ାଖୋଲ ଗସ୍ତର ଝଲକ...


କନ୍ଧରାସ୍ଥିତ ଭୀମ ଭୋଇ ଦିବ୍ୟଜ୍ଞାନ ପ୍ରାପ୍ତି ପୀଠରେ ଚାରା ରୋପଣ କରୁଛନ୍ତି ରାଷ୍ଟ୍ରପତି।


ସାଧୁସନ୍ଥଙ୍କ ଦ୍ୱାରା ଆୟୋଜିତ ଯଜ୍ଞରେ ଘୃତାହୁତି ପ୍ରଦାନ କରୁଛନ୍ତି ରାଷ୍ଟ୍ରପତି।


ମିନି ଷ୍ଟାଡିୟମରେ ଆୟୋଜିତ ସଭାରେ ଯୋଗଦେଇଥିବା ସାଧୁସନ୍ଥ।

## ଘାଟି ତଳକୁ ଓଲଟିଲା କୋଇଲା ଟ୍ରକ୍: ଚାଳକ ମୃତ

କୁଚିଣ୍ଡା, ୨।୩(ବିରଞ୍ଚି ଦର୍କା)

ମହୁଲପାଲି ଥାନା ଅନ୍ତର୍ଗତ କୁଚିଣ୍ଡା-ବାମରା ୨୪ନଂ. ରାଜ୍ୟ ରାଜପଥ ଘୁନଘୁଟି ଘାଟି ବୁଲାଣିରେ ଶୁକ୍ରବାର ରାତିରେ ଏକ କୋଇଲା ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଘାଟି ତଳକୁ ଓଲଟି ପଡ଼ିଥିଲା। ଫଳରେ ଟ୍ରକ୍ ତଳେ ଚାପିହୋଇ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସେ ହେଲେ ଦେବଗଡ଼ ଜିଲା ରିଆମାଳ ଥାନା କେନ୍ଦୁଘାଟ ଗ୍ରାମର ଅମିତ ବେହେରା (୩୨)। ଏ ନେଇ ମହୁଲପାଲି ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ


ଘାଟି ତଳକୁ ଓଲଟିପଡିଥିବା ଟ୍ରକ୍।

ଶନିବାର ଗୋବିନ୍ଦପୁର ଡାକ୍ତରଖାନାରେ ଅମିତଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ (ଓଡି୩୫ଜି-୩୯୧୧)କୁ ଜବତକରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, କୋଇଲା ବୋଝେଇ ୧୬ ଚକ ବିଶିଷ୍ଟ ଏହି ଟ୍ରକ୍‌ଟି ତାଳଚେରରୁ କୁଚିଣ୍ଡା-ବାମରା ଦେଇ ରାୟଗଡ଼କୁ ଯାଉଥିଲା। ଶୁକ୍ରବାର ରାତି ପ୍ରାୟ ୧୧ଟା ସମୟରେ ଘୁନଘୁଟି ଘାଟି ବୁଲାଣିରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ଘାଟି ଡାହାଣ ପଟ ସୁରକ୍ଷା ପାଚେରି ଭାଙ୍ଗି ପ୍ରାୟ ୩୦ଫୁଟ୍ ତଳକୁ ଓଲଟି ପଡ଼ିଥିଲା। ଖବରପାଇ ଗୋବିନ୍ଦପୁର ଓ ମହୁଲପାଲି ପୋଲିସ ଅଗ୍ନିଶମ ବାହିନୀ ସହ ଘଟଣାସ୍ଥଳରେ ପହଞ୍ଚି ଚାପି ହୋଇଥିବା ଚାଳକଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଶନିବାର ଅପରାହ୍ନ ପର୍ଯ୍ୟନ୍ତ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଉଦ୍ଧାର କରାଯାଇପାରି ନାହିଁ।

## ବନାଞ୍ଚଳସ୍ତରୀୟ ବନାଗ୍ନି ନିୟନ୍ତ୍ରଣ ସଚେତନତା ଶିବିର

ସମ୍ବଲପୁର, ୨।୩(ବି.ଶଙ୍କର)- ସମ୍ବଲପୁର ଜିଲା ସଦର ବନାଞ୍ଚଳସ୍ତରୀୟ ବନାଗ୍ନି ନିୟନ୍ତ୍ରଣ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ସଦର ବନାଞ୍ଚଳ ଅଧିକାରୀ ହରିଶଙ୍କର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବନଖଣ୍ଡ ଅଧିକାରୀ ବିଶ୍ୱନାଥ ନୀଳାମ୍ବର ଯୋଗଦେଇ ଜନସାଧାରଣ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ଲକ କୃଷି ଅଧିକାରୀ ମନୋରଞ୍ଜନ ସେଟ କୃଷିକ୍ଷେତ୍ରରେ ନିଆଁ ନିର୍ବାପିତ ଉପରେ ବକ୍ତବ୍ୟ ରଖିଥିଲେ। ବନାଗ୍ନି ନିୟନ୍ତ୍ରଣ ଉପରେ କେ ଦେହେରି ନିଜର ଅଭିଭାଷଣ ପ୍ରଦାନ କରିଥିଲେ। କେନ୍ଦୁପତ୍ର ବିଭାଗର ବନପାଳ ମନିଷା ମାଝି ଜଙ୍ଗଲ ନିଆଁ ନିବାରଣ ଉପରେ ଆଲୋଚନା କରିଥିଲେ। ଅତିରିକ୍ତ ବନାଞ୍ଚଳ ଅଧିକାରୀ ପ୍ରଦୀପ ପାଢ଼ୀ, ଗଡଗଡବାହାଲ ସଭାପତି ସୁରେଶ୍ୱର ପ୍ରଧାନ, ସିଂହପାଲି ବନସୁରକ୍ଷା ସମିତି କୋଷାଧ୍ୟକ୍ଷ କ୍ଷୀରସିନ୍ଧୁ ବିଶ୍ୱାଳ, ବନପାଳ ରୋଶନୀ ନାୟକ ଓ ବିଭିନ୍ନ ବନସୁରକ୍ଷା ସମିତି ସଭାପତି, ସଭ୍ୟାସଭ୍ୟ ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ସଦର ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କ୍ଷେତ୍ର ସଂଯୋଜକ ଉମାକାନ୍ତ ପୋଢ ଶିବିର ପରିଚାଳନା କରିଥିବାବେଳେ ବୃନ୍ଦାବନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସମବାୟ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଆନ୍ଦୋଳନରେ ସାମିଲ ହୋଇଥିବା ସମବାୟ ସମିତି କର୍ମଚାରୀ।

ନାକଟିଦେଉଳ, ୨।୩(ବୈକୁଣ୍ଠନାଥ ସାହୁ)

ନିଖିଳ ଉତ୍କଳ ପାକ୍ସ କର୍ମଚାରୀ ମହାସଂଘର ଆହ୍ୱାନକ୍ରମେ ୩ଦଫା ଦାବି ନେଇ ସମବାୟ କର୍ମଚାରୀମାନେ ଶୁକ୍ରବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏଥିରେ ନାକଟିଦେଉଳ ବ୍ଲକର ଡଙ୍ଗଁଚା, କିସିଣ୍ଡା, ନାକଟିଦେଉଳ ଓ ବାଟଗାଁ ସମବାୟ ସମିତିର ପ୍ରାୟ ୨୦ଜଣ କର୍ମଚାରୀ ସାମିଲ ହୋଇଛନ୍ତି। ଫଳରେ ୨ଦିନ ହେଲା ବ୍ଲକର ୪ଟି ଯାକ ସମିତିର କାର୍ଯ୍ୟ ପ୍ରଭାବିତ ହୋଇଛି। କର୍ମଚାରୀମାନଙ୍କୁ କ୍ୟାଡରଭୁକ୍ତ କରି ବଦଳି କରିବା, ଷଷ୍ଠ ବେତନ କମିଶନ ହାରରେ ପାଉଥିବା କର୍ମଚାରୀଙ୍କ ଡିଏ ୧୬୪ରୁ ୨୩୦ପ୍ରତିଶତକୁ ବୃଦ୍ଧି ଓ ଷଷ୍ଠ ବେତନ କମିଶନ ହିସାବରେ ସପ୍ତମ ବେତନ କମିଶନକୁ ସମସ୍ତ ପାକ୍ସ ଏବଂ ଲ୍ୟାମ୍ପସରେ କାର୍ଯ୍ୟକାରୀ କରିବା ଆଦି ଦାବି ନେଇ ଆନ୍ଦୋଳନ ଚଳାଇଛନ୍ତି। ଡଙ୍ଗଁଚା ସମବାୟ ସମିତି ସମ୍ପାଦକ ଆର୍ତ୍ତତ୍ରାଣ ରାଉଳ, ସହ ସମ୍ପାଦକ ସୁଦର୍ଶନ ପ୍ରଧାନ, ନାକଟିଦେଉଳ ସମିତି ସମ୍ପାଦକ ମଞ୍ଜିତ ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ବେହେରା, କିସିଣ୍ଡା ସମିତି ସମ୍ପାଦକ ଅକ୍ଷୟ କୁମାର ନାଏକ, ରାଜା ପ୍ରଧାନ, ବାଟଗାଁ ସମିତି ସମ୍ପାଦକ ଶରତ ଚନ୍ଦ୍ର ପ୍ରଧାନ, କୈଳାସ ମାଝି ପ୍ରମୁଖ ନାକଟିଦେଉଳସ୍ଥିତ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## ସୁଇଟରେ ତିନିଦିନିଆ ଜାତୀୟ କର୍ମଶାଳା

ସମ୍ବଲପୁର, ୨।୩(ବି.ଶଙ୍କର)- ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ଓ ପ୍ରଦ୍ୟୋଗିକ ସଂସ୍ଥାନ (ସୁଇଟ) କମ୍ପ୍ୟୁଟର ସାଇନ୍ସ ବିଭାଗ ପକ୍ଷରୁ ତିନିଦିନିଆ ଜାତୀୟ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ଡ. ସୁଦର୍ଶନ ଜେନା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ସଂଯୁକ୍ତା ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ନୃପରାଜ ସାହୁ ଓ ଏମ୍‌ଏମ୍‌ସିସି ସମ୍ବଲପୁର ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ବୁଲୁ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁଇଟ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ଆଲୋଚନା ଚକ୍ରର ସହସଂଯୋଜକ ପ୍ରଦ୍ୟୁମ୍ନ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବଂଶୀଧର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳା ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କ ପୃଷ୍ଠପୋଷକତାରେ ଆୟୋଜିତ କର୍ମଶାଳାରେ ବ୍ଲକ ଚେନ ଆଣ୍ଡ ମେଶିନ ଲର୍ଣ୍ଣିଂ ଉପରେ ତିନିଦିନଧରି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।

## କେନ୍ଦ୍ରୀୟ ବିଦ୍ୟାଳୟରେ ଅଭିଭାବକ ସଂଘ ବୈଠକ

ସମ୍ବଲପୁର, ୨।୩ (ଭବାନୀ ଶଙ୍କର ଭୋଇ)

ବୁର୍ଲାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର ୨ରେ ଶନିବାର ଅଭିଭାବକ ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସୁସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଅଭିଭାବକ ସଂଘ ପକ୍ଷରୁ ବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ବିଦ୍ୟାଳୟରେ ଆଗାମୀ ବର୍ଷଠାରୁ ଲାଗୁ ହେବାକୁ ଥିବା ଜାତୀୟ ଶିକ୍ଷାନୀତି ବିଷୟରେ ଅଧ୍ୟକ୍ଷା ସୂଚନା ଦେଇଥିଲେ। ଅଭିଭାବକମାନେ ବିଦ୍ୟାଳୟରେ ରହିଥିବା ଖେଳ ପଡିଆର ବିକାଶ, ଛାତ୍ରୀଛାତ୍ରଙ୍କ ପିଇବା ପାଇଁ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଷ୍ଟେଜ ନିକଟରେ ସେଡ୍ ବ୍ୟବସ୍ଥା, ବାଲବାଟିକା ପାଇଁ ଅତିରିକ୍ତ କୋଠରି, ଏନ୍‌ଏସି ମହାବିଦ୍ୟାଳୟ ନିକଟରେ ଶୋଚନୀୟ ରାସ୍ତାର ମରାମତି ପାଇଁ ସମ୍ପୃକ୍ତ ବିଭାଗକୁ ଅନୁରୋଧ କରିବାକୁ ଦାବି କରିଥିଲେ। ଏହାସହ ବିଦ୍ୟାଳୟରେ ଶିକ୍ଷାର ମାନ ବୃଦ୍ଧି ନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବିଦ୍ୟାଳୟକୁ ଅଧିକ ଶୃଙ୍ଖଳିତ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଦିଗରେ ପଦକ୍ଷେପ ନେବା ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟରେ ଏନ୍‌ସିସିର ଶାଖା ଖୋଲିବା ଦିଗରେ ପଦକ୍ଷେପ ନେବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଭିଭାବକ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା। ବିଦ୍ୟାଳୟ ବାମ ପାର୍ଶ୍ୱରେ ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ବିଷୟରେ ମହାନଗର ନିଗମ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା କୁହାଯାଇଥିଲା। ବୈଠକରେ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଅଭିଭାବକ ସଂଘ ଉପସଭାପତି ଏ.କେ. ପଟ୍ଟନାୟକ, ଡ. ସରୋଜ ପ୍ରଧାନ, ସଂଘମିତ୍ରା ଜେନା, ସୁରଭି ରାନୀ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।


ବୈଠକରେ ଉପସ୍ଥିତ ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକ।

## ଶିବରାତ୍ରୀ ପାଳନ ପାଇଁ ପ୍ରସ୍ତୁତି

ପଡିଆବାହାଲ, ୨।୩ (ରାଧାମୋହନ ଷଡ଼ଙ୍ଗୀ)- ଆଗାମୀ ଶିବରାତ୍ରୀ ପାଇଁ ଝୁଝୁମୁରା ବ୍ଲକ ପଡିଆବାହାଲ ଅଞ୍ଚଳର ଖଲିଆପାଲି ଜଳେଶ୍ୱର ବାବା, ପଧାନପାଲି ମଙ୍ଗଳେଶ୍ୱର ବାବା, ବଡଡୁରାଙ୍ଗ ରାମେଶ୍ୱର ବାବା, ପଟୁଆବାହାଲ କପିଳେଶ୍ୱର, କହ୍ଲାର କହ୍ଲେଶ୍ୱର, ନୀଳଡୁଙ୍ଗୁରିର ନୀଳକଣ୍ଠେଶ୍ୱର ଆଦି ପୀଠରେ ବ୍ୟାପକ ପ୍ରସ୍ତୁତି ଚାଲିଛି। କମିଟି ସଦସ୍ୟ ମନ୍ଦିରରେ ରଙ୍ଗ ଲଗାଇବା ସହ ସାଜସଜା କାମରେ ଲାଗିପଡିଛନ୍ତି। ମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କୀର୍ତ୍ତନ, ପାଲା ଓ ଭଜନ ସମାରୋହ ଆୟୋଜନ କରାଯାଇଥିବା କମିଟି କର୍ମକର୍ତ୍ତାଙ୍କଠାରୁ ଜଣାପଡିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଖଲିଆପାଲିର ଲୋକନାଥ ବାବା ଓ ଚନ୍ଦ୍ରଶେଖରଙ୍କ ବିମାନ ଶୋଭାଯାତ୍ରା ମଧ୍ୟ ଆୟୋଜନ ହେବା କାର୍ଯ୍ୟକ୍ରମ ରହିଛି।

## ସାହାସପୁର ପଞ୍ଚାୟତରେ କୁକୁଡ଼ା ଚିଆଁ ବଣ୍ଟନ


ଫଟୋ:ସାହସପୁର ପଞ୍ଚାୟତରେ କୁକୁଡା ଚିଆଁ ବଣ୍ଟନ କାର୍ଯ୍ୟକ୍ରମ ।ଏସ ୩

ସମ୍ବଲପୁର, ୨।୩(ବି.ଶଙ୍କର)- ରାଜ୍ୟ ସରକାରଙ୍କ ଅପପୃଷ୍ଟି ଓ ରକ୍ତହୀନତା ନିରାକରଣ ଯୋଜନାରେ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ମାନେଶ୍ୱର ବ୍ଲକ ଅନ୍ତର୍ଗତ ସାହସପୁର ଗ୍ରାମ ପଞ୍ଚାୟତରେ ଶନିବାର କୁକୁଡା ଚିଆଁ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୭୨ଜଣ ହିତାଧିକାରୀଙ୍କୁ ୫ ଗୋଟି ଲେଖାଏ ୨୮ ଦିନିଆ କୁକୁଡ଼ାଚିଆଁ ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର କୃଷି ଭବନଠାରେ କୃଷି ଓ କୃଷକ ସଶକ୍ତୀକରଣ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଭାସୀ ଜରିଆରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାହସପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପର୍ଶୁରାମ ପଣ୍ଡା ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ କୁକୁଡ଼ା ଚିଆଁ ବଣ୍ଟନ କରିଥିଲେ। ସରପଞ୍ଚ ଦିବାକର ବିଶ୍ୱାଳ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଲ-ଅଫିସରଙ୍କ ଫି ବୃଦ୍ଧିକୁ ସ୍ୱାଗତ

ସମ୍ବଲପୁର, ୨।୩(ପ୍ରମୋଦ ବହିଦାର): ବିଭିନ୍ନ ଅଦାଲତରେ କାର୍ଯ୍ୟରତ ଲ-ଅଧିକାରୀମାନଙ୍କ ଫି ବୃଦ୍ଧି ନେଇ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ସମ୍ବଲପୁର ଆଇନ ସାନ୍ନିଧ୍ୟ ସ୍ୱାଗତ କରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ସାନ୍ନିଧ୍ୟର ସଭାପତି ବସନ୍ତ ମିଶ୍ର କୃତଜ୍ଞତା ଜ୍ଞାପନ କରିଛନ୍ତି। ସୂଚନା ଅନୁସାରେ, ରାଜ୍ୟରେ କାର୍ଯ୍ୟରତ ଲ ଅଧିକାରୀଙ୍କ ଦୈନିକ ଓ ରିଟେନର ଫିକୁ ସରକାର ୫୦ ପ୍ରତିଶତ ବୃଦ୍ଧି କରିଛନ୍ତି। ବର୍ଦ୍ଧିତ ଫି ଅନୁସାରେ ୧୮୪ ଅତିରିକ୍ତ ସରକାରୀ ଓକିଲ, ୮୫ ଜଣ ସ୍ୱତନ୍ତ୍ର ସରକାରୀ ଓକିଲ, ୨୯ ଜଣ ସରକାରୀ ପ୍ଲିଡର ଓ ୧୧୩ ଜଣ ସହକାରୀ ସରକାରୀ ପ୍ଲିଡର୍ ବର୍ତ୍ତମାନ ଦୈନିକ ଫି ୧୮୫୭ ଟଙ୍କା ଓ ରିଟେନର ଫି ବାବଦକୁ ୧୨୩୦୦ ଟଙ୍କା ପାଇବେ। ସେହିପରି ୭୪୦ ସହକାରୀ ସରକାରୀ ଓକିଲ ଦୈନିକ ଫି ୧୬୫୦ ଟଙ୍କା ଓ ରିଟେନର ଫି ୬୦୦୦ ଟଙ୍କା ପାଇବେ।

## ବିକାଶ ଅନୁଷ୍ଠାନରେ ରକ୍ତଦାନ ଶିବିର

### ୩୨ ୟୁନିଟ୍ ରକ୍ତ ସଂଗୃହୀତ

ସମ୍ବଲପୁର, ୨।୩(ପ୍ରମୋଦ ବହିଦାର):

ଶାସନସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏନ୍‌ଏସ୍‌ଏସ୍ ବିଭାଗ ଓ ବିକାଶ ନର୍ସିଂ ମହାବିଦ୍ୟାଳୟର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିକାଶ ଗ୍ରୁପର ନିର୍ଦ୍ଦେଶକ ଜି ରାମକ୍ରିଷ୍ଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ, ଉପାଧ୍ୟକ୍ଷ ଡ. ଦିବ୍ୟସିଂ ମହାନ୍ତ, ବିକାଶ ଦ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ଡ. ପୁଷ୍ମିତା ନନ୍ଦ ଓ ବିକାଶ ନର୍ସିଂ ମହାବିଦ୍ୟାଳୟ ଅଧ୍ୟକ୍ଷ ଡେରିକ ଡନସନ୍ ନନ୍ଦ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରକୁ ଏନ୍‌ଏସ୍‌ଏସ୍ ଅଧିକାରୀ ମନୋରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ଏଥିରେ ସମ୍ବଲପୁର ରକ୍ତଭଣ୍ଡାର କର୍ମଚାରୀ ସହଯୋଗ କରିଥିଲେ। ଏଥିରେ ମୋଟ ୩୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପରେ ପ୍ରତ୍ୟେକ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦନ କରାଯାଇଥିଲା।



ଶିବିରରେ କର୍ମଚାରୀମାନେ ରକ୍ତ ସଂଗ୍ରହ କରୁଛନ୍ତି।

## ଭିମ୍‌ସାର ମେଡିକାଲ ସମ୍ପ୍ରସାରଣ ପାଇଁ ଭିତ୍ତିପ୍ରସ୍ତର

ସମ୍ବଲପୁର, ୨।୩ (ଭବାନୀ ଶଙ୍କର ଭୋଇ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ଜରିଆରେ ଶନିବାର ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲର ରୂପାନ୍ତରଣ ଏବଂ ସମ୍ପ୍ରସାରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କ୍ରମରେ ବୁର୍ଲା ଭିମ୍‌ସାର ମେଡିକାଲକୁ ବିଶ୍ୱସ୍ତରୀୟ ହସ୍ପିଟାଲରେ ରୂପାନ୍ତର କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଭିମ୍‌ସାର ମେଡିକାଲରେ ୯୫୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ଭିତ୍ତିଭୂମି ନିର୍ମାଣ କରାଯିବାକୁ ଘୋଷଣା କରାଯାଇଛି। ଏଥିରେ ୪୦୦ ବେଡ୍ ବିଶିଷ୍ଟ ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ପାଇଁ ଦଶତାଲା କୋଠା ଏବଂ ୫୦୦ ବେଡ୍ ବିଶିଷ୍ଟ ଶିଶୁ ବିଭାଗ ପାଇଁ ଦଶ ତାଲା କୋଠା ନିର୍ମାଣ କରାଯିବ। ଏହାସହିତ ରୋଗୀ ପରିଜନଙ୍କ ପାଇଁ ୨ ତାଲା କୋଠାରେ ଫୁଡ୍‌କୋର୍ଟ ନିର୍ମାଣ କରାଯିବ। ଏହି ଅବସରରେ ଆସନ୍ତା ମାର୍ଚ୍ଚ ୬ରୁ ସମ୍ବଲପୁରରେ ବିଏସ୍‌କେୱାଇ ନବୀନ କାର୍ଡର ଶୁଭାରମ୍ଭ କରାଯିବ ବୋଲି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆଭାସି ମାଧ୍ୟମରେ ସୂଚନା ଦେଇଥିଲେ। ଭିମ୍‌ସାର ମେଡିକାଲରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ରେଢାଖୋଲ ବିଧାୟକ ରୋହିତ୍ ପୂଜାରୀ ପ୍ରମୁଖ ଯୋଗଦେଇଥିଲେ।


ଭିମ୍‌ସାରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

## ସଂକ୍ଷେପରେ

### ଆମ ପୋଖରୀ ଜଳାଶୟ ନବୀକରଣ ଯୋଜନାରେ କାର୍ଯ୍ୟ ଆରମ୍ଭ



ଖଡ଼ିଆଲ,୨।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳସ୍ଥିତ ହିରାମୁଣ୍ଡା ଏବଂ କମଳା ସାଗର ପୋଖରୀକୁ ଆମ ପୋଖରୀ ଜଳାଶୟ ନବୀକରଣ ଯୋଜନା ସାମିଲ କରାଯାଇଛି। ଏହି ଅବସରରେ ଶନିବାର କାର୍ଯ୍ୟ ଆରମ୍ଭ ନେଇ ପ୍ରକଳ୍ପ ଉଦଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହିଳା ଗୋଷ୍ଠୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ପ୍ରାଚୀନ ଜଳାଶୟ ରକ୍ଷଣା ବେକ୍ଷଣ କରିବା ପାଇଁ ଅର୍ଥ ବରାଦ ହୋଇଥିବା ବେଳେ ହୀରାମୁଣ୍ଡା ପୋଖରୀ ନବୀକରଣ ପାଇଁ ୧ କୋଟି ୩୦ ଲକ୍ଷ ରହିଥିବା ବେଳେ କମଳା ସାଗର ଉନ୍ନତୀକରଣ ପାଇଁ ୩୦ ଲକ୍ଷ ଅର୍ଥ ବରାଦ ହୋଇଛି। ଖଡିଆଳ ନଗରପାଳ ଉଜ୍ଜଳ ଗୁପ୍ତା ଯୋଗଦେଇ ପ୍ରକଳ୍ପ କାର୍ଯ୍ୟ ଶୁଭାରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଶକୁନ୍ତଳା ରାଉତ, ୱାର୍ଡସଭ୍ୟ ସୁବେର ସିଂ ଦେଓ, ନରେନ୍ଦ୍ର ଶବର, ଯଶୋଦା ସିନ୍ଧୁର, ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ, ବିଭାଗୀୟ ଯନ୍ତ୍ରୀ ଅରୁଣ କୁମାର ପାତ୍ର, ପଲ୍ଲବୀ ମହାନ୍ତିଙ୍କ ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଯୋଗଦେଇଥିଲେ।

### ଉଦ୍ୟାନବନ୍ଧଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବର

କୋମନା,୨।୩(ସୋବିନ ଛତ୍ରିଆ)

ନୂଆପଡା ଜିଲା କୋମନା ବ୍ଲକ ଅଧୀନ କୁରେଶ୍ୱର ପଞ୍ଚାୟତ ଉଦ୍ୟାନବନ୍ଧ ସତ୍ୟସାଇ ମନ୍ଦିର ପ୍ରାଙ୍ଗଣରେ ଶନିବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୬୫ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ଔଷଧ ଓ ଚଷମା ପ୍ରଦାନ କରାଯାଇଥିଲା। ୩୦ ଜଣଙ୍କୁ ଚକ୍ଷୁ ଅପରେସନ ପାଇଁ ଏସସିଡି ଚକ୍ଷୁ ହସ୍ପିଟାଲ ପିପଲପଦର, ଟିଟିଲାଗଡକୁ ପଠାଯିବ ବୋଲି ଜଣାପଡ଼ିଛି। କାଞ୍ଚନବେନ ରସିକ ଲାଲ ଢୋଲକିଆ ଚାରି ଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଶ୍ରୀସତ୍ୟସାଇ ସେସେବା ସଙ୍ଗଠନ ଜିଲା ସଭାପତି ନଟବର କ୍ଷତ୍ରୀ, କୁରେଶ୍ୱର ସରପଞ୍ଚ ବିଜୟଲକ୍ଷ୍ମୀ ବରାଲ, ଜିଲା ଯୁବ ସଂଯୋଜକ ସୁବ୍ରତ ମନୋହର ନାୟକ, ମେସମିଚନ ଅହିର, ଜୟରାମ ଅହିର, ଉଦ୍ୟାନବନ୍ଧ ବଣିକ ସଂଘ ସଭାପତି ଜହରଲାଲ ସୁନାନୀ, ସମିତି ସଭ୍ୟ କମଣ୍ଡଲୁ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମାନବ ସେବା ହିଁ ମାଧବ ସେବା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସତ୍ୟସାଇ ସଙ୍ଗଠନ ପୂର୍ବତନ ସଭାପତି କୈଳାଶ ଚନ୍ଦ୍ର ନାୟକ, ଶିକ୍ଷା ସଂଯୋଜକ ଗୋଲକ ବିହାରୀ ନାୟକ, ଉମ୍ବରୁ ଧର ମାଝି, ମହେଶ୍ୱର ହଂସ, ଦିଗାମ୍ବର ମାଝି, ଆବାହକ ହରିପାଲ ଶବର ପ୍ରମୁଖ ପରିଚାଳନା କରିଥିଲେ।

# ଯକ୍ଷ୍ମା ସ୍ଥିତି ଉଦ୍‌ବେଗଜନକ

ଭବାନୀପାଟଣା,୨।୩(ଉତ୍ତମ କୁମାର ଦାଶ)




**କଳାହାଣ୍ଡି ଜିଲା**
- ୭ ବର୍ଷରେ ଜିଲାରେ ୧୧୭୫୭ ଯକ୍ଷ୍ମାରୋଗୀ ଚିହ୍ନଟ
- ୭୩୯ଜଣ ରୋଗୀଙ୍କ ମୃତ୍ୟୁ

କଳାହାଣ୍ଡି ଜିଲାରେ ଯକ୍ଷ୍ମା (ଟିଭି)ରୋଗ ଉଦବେଗ ଜନକ ରହିଛି। ଯାହାକି ଗତ ୭ ବର୍ଷର ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡୁଛି। ଗତ ୭ ବର୍ଷରେ ଜିଲାରେ ୧୧୭୫୭ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଛି। ସେମାନଙ୍କ ମଧ୍ୟରୁ ୭୩୯ଜଣ ରୋଗୀଙ୍କ ମୃତ୍ୟୁ ଘଟିଛି। ଜିଲା ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ୨୦୧୭ରେ କଳାହାଣ୍ଡି ଜିଲାରେ ୧୫୧୮ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିଲେ। ତନ୍ମଧ୍ୟରୁ ୧୨୪୪ଜଣ ସୁସ୍ଥ ହୋଇଥିବା ବେଳେ ୯୬ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୮ରେ ଚିହ୍ନଟ ୧୫୯୯ ରୋଗୀଙ୍କ ମଧ୍ୟରୁ ୧୩୬୭ଜଣ ସୁସ୍ଥ ଓ ୧୧୯ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୧୯ରେ ୧୬୬୯ ଚିହ୍ନଟଙ୍କ ମଧ୍ୟରୁ ୧୪୫୨ ସୁସ୍ଥ ଓ ୧୧୯ ଜଣଙ୍କ ମୃତ୍ୟୁ, ୨୦୨୦ରେ ୧୪୮୬ଜଣ ଚିହ୍ନଟଙ୍କ ମଧ୍ୟରୁ ୧୩୦୨ ସୁସ୍ଥ ଓ ୧୦୬ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୧ ମସିହାରେ ୧୬୩୫ ଜଣ ଚିହ୍ନଟଙ୍କ ମଧ୍ୟରୁ ୧୪୫୦ଜଣ ସୁସ୍ଥ ଓ ୧୧୨ ଜଣଙ୍କ ମୃତ୍ୟୁ, ୨୦୨୨ ମସିହାରେ ୧୮୧୦ଜଣ ରୋଗୀଙ୍କ ମଧ୍ୟରୁ ୧୫୯୦ଜଣ ସୁସ୍ଥ ଓ ୧୧୫ ଜଣଙ୍କ ମୃତ୍ୟୁ, ୨୦୨୩ରେ ୧୮୫୮ଜଣ ରୋଗୀ ଚିହ୍ନଟ ହୋଇଥିବା ବେଳେ ୯୪୦ଜଣ ସୁସ୍ଥ ଓ ୭୨ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ଚଳିତବର୍ଷ ଏପର୍ଯ୍ୟନ୍ତ ଗତ ୨ ମାସ ମଧ୍ୟରେ ୨୧୧ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ଚିକିତ୍ସା ଜାରି ରହିଛି। ଅନ୍ୟପକ୍ଷରେ ଗତ ୭ ବର୍ଷରେ ୭୩୯ ଜଣ ଯକ୍ଷ୍ମା ରୋଗୀଙ୍କ ମୃତ୍ୟୁ ହେବା ଘଟଣା ଜିଲାବାସୀଙ୍କୁ ଚକିତ କରିଛି। ୨୦୧୬ରେ ବହୁଚର୍ଚ୍ଚିତ ଦାନ ମାଝିଙ୍କ ପତ୍ନୀ ଅମଙ୍ଗ ଦେଇ ଯକ୍ଷ୍ମା ରୋଗରେ ପୀଡ଼ି ହୋଇ ଭବାନୀପାଟଣା ସଦର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ପରେ ମୃତ ବାହକ ଗାଡ଼ି ନ ମିଳିବାରୁ ଅମଙ୍ଗଙ୍କ ମୃତଦେହକୁ କାନ୍ଧରେ ବୋହି ଦାନ ମାଝି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ସେହି ସମୟରେ ଯକ୍ଷ୍ମାରୋଗୀଙ୍କ ଚିକିତ୍ସା ଉପରେ ମଧ ଚର୍ଚ୍ଚା ହୋଇଥିଲା। ତେବେ ତୃଣମୂଳସ୍ତରରେ ଏହାର ସଚେତନତା ଅଭାବ ଓ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ପର୍ଯ୍ୟାପ୍ତ ତତ୍ୱ ଔଷଧ ମହଜୁଦ ରହୁ ନ ଥିବା ଯୋଗୁ ବିଳମ୍ବରେ ଚିକିତ୍ସା ମୃତ୍ୟୁର କାରଣ ହୋଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ନେଇ ଭାରପ୍ରାପ୍ତ ସିଡିଏମଓ ଡା. ନୀହାରେନ୍ଦ୍ର ପଣ୍ଡାଙ୍କୁ ପଚାରିଯିବାରୁ ଯକ୍ଷ୍ମା ରୋଗୀଙ୍କ ପାଇଁ କେନ୍ଦ୍ର ସରକାରଙ୍କଠାରୁ ଔଷଧ ଆସିଥାଏ। ବିଭିନ୍ନ ବୟସର ବ୍ୟକ୍ତିଙ୍କ ପାଇଁ ଭିନ୍ନ ଭିନ୍ନ ଔଷଧ ଆସିଥାଏ। ଔଷଧ ଆସିବାରେ ବିଳମ୍ବ ହେଲେ ଯେଉଁ ଡାକ୍ତରଖାନାରେ ଷ୍ଟକ ମହଜୁଦ ଥାଏ ସେଠାରୁ ଆବଶ୍ୟକତା ଥିବା ଡାକ୍ତରଖାନାକୁ ଔଷଧ ପଠାଯାଇଥାଏ ବୋଲି ସେ କହିଥିଲେ।

## ଜୁନାଗଡ଼ ଏନ୍‌ଏସିରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା




ଜଣେ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଜୁନାଗଡ଼,୨।୩(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ସ୍ଥିତ ଭୈରବ ନଗର ପୂଜା ମଣ୍ଡପଠାରେ ଶନିବାର ଉତ୍କଳମଣି ସେବା ସଂସ୍ଥା ଦ୍ୱାରା ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ସମସ୍ତ ସଫେଇ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ସଂସ୍ଥା ସଭାପତି ମଧୁସୂଦନ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ନଗରପାଳ ମୁକେଶ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ହିମାଦ୍ରୀ ନାଏକ, ମୁଖ୍ୟବକ୍ତା ଭାବେ ସନ୍ତୋଷ କୁମାର ସିଂହଦେଓ ଯୋଗଦେଇଥିଲେ। ସଫେଇ କର୍ମଚାରୀମାନେ ହେଉଛନ୍ତି ସମାଜର ପ୍ରକୃତ ଯୋଦ୍ଧା କୋଭିଡ ସମୟରେ ସେମାନଙ୍କ କାର୍ଯ୍ୟ ବେଶ ଉଲ୍ଲେଖନିୟ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ସଂସ୍ଥା ସମ୍ପାଦକ ଅଜୟ କୁମାର ଦାସ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥାର ବରିଷ୍ଠ ସଦସ୍ୟ ଉଦ୍ଧବ ସାହୁ, ଦାମୋଦର ବେହେରା, ଅଶୋକ ସାହୁ, ଜୟନ୍ତ ଜେନା, ନିରଞ୍ଜନ ସାହାଣୀ, ରଶ୍ମି ରଞ୍ଜନ ନାୟକ କାଉନସିଲର ହିମାଦ୍ରୀ ସିନ୍ଧୁର ପ୍ରମୁଖ ଉଦବୋଧନ ଦେବା ସହ ସଫେଇ କର୍ମଚାରୀମାନଙ୍କ ସମାଜ ପ୍ରତି କିଭଳି ଅବଦାନ ରହିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସଭା ପରିଚାଳନା କରିଥିଲେ ନବଘନ ସାହୁ । ଶେଷରେ ସଭା ସଭାପତି ପଣ୍ଡା ଉପସ୍ଥିତ ଧନ୍ୟବାଦ ପ୍ରଦାନ କରିଥିଲେ।

## ପାକ୍ସ କର୍ମଚାରୀଙ୍କ ଆନ୍ଦୋଳନ, ରବି ଧାନଚାଷ ବାଧାପ୍ରାପ୍ତ



ଧାରଣାରେ ପାକ୍ସ କର୍ମଚାରୀ।

ନୂଆପଡ଼ା,୨।୩(ମକାରୁ ବେମାଲ)

ଅଲ ଓଡିଶା ପାକ୍ସ-ଲେମ୍ପସ କର୍ମଚାରୀ ଫେଡେରେସନଙ୍କ ନିର୍ଦ୍ଦେଶକ୍ରମେ ୩ ଦଫା ଦାବି ନେଇ ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀମାନେ ଶୁକ୍ରବାରଠାରୁ କାର୍ଯ୍ୟବନ୍ଦ ଡାକରା ଦେଇ ଧାରଣାରେ ବସିଛନ୍ତି। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସମର୍ଥନ ଜଣାଇ ନୂଆପଡା ଜିଲାରେ ଥିବା ୨୬ଟି ପାକ୍ସ ଓ ଲେମ୍ପସର ୧୨୫ରୁ ଊର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟବନ୍ଦ କରି ବ୍ଲକ ଓ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ପାକ୍ସ-ଲେମ୍ପସ କର୍ମଚାରୀଙ୍କୁ କ୍ୟାଡର ଭୁକ୍ତ କରି ବଦଳି କରିବା, ଷଷ୍ଠ ବେତନ କମିଶନ ହାରରେ ପାଉଥିବା କର୍ମଚାରୀଙ୍କ ଡିଏ ୧୬୪%ରୁ ୨୩୦%କୁ ବୃଦ୍ଧି, ଷଷ୍ଠ ବେତନ କମିଶନ ହିସାବରେ ସପ୍ତମ ବେତନ କମିଶନକୁ ସମସ୍ତ ପାକ୍ସ-ଲେମ୍ପସରେ ତୁରନ୍ତ କାର୍ଯ୍ୟକାରୀ ବରିବା ଆଦି ଦାବିଗୁଡିକ ଦୀର୍ଘ ବର୍ଷ ହେବ ସରକାରଙ୍କଠାରେ ଉପସ୍ଥାପନ କରିଥିଲେ ମଧ୍ୟ ଏଯାଏଁ କୌଣସି ସୁଫଳ ମିଳି ନ ଥିବାରୁ କାର୍ଯ୍ୟବନ୍ଦ ଡାକରା ଦେଇ ଧାରଣାରେ ବସିଛନ୍ତି। ଦାବିଗୁଡିକ ପୂରଣ ନ ହେବା ଯାଏଁ ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବସିବୁ ବୋଲି ଚେତାବନୀ ଦେଇଛନ୍ତି। ପ୍ରାଥମିକ କୃଷି ସମବାୟ ସମିତି ବନ୍ଦ ଡାକରା ଦେଇଥିବାରୁ ରବି ଧାନ ଫସଲରେ ବାଧା ସୃଷ୍ଟି ହେଉଛି। ଚାଷୀମାନେ ବର୍ତ୍ତମାନ ରବି ଚାଷ କାମ ଆରମ୍ଭ କରି ଦେଲେଣି। ପଲ୍ଲା ତଳି ଉଠି ରୋଇବା ବତର ହୋଇଗଲାଣି। ଚାଷୀମାନେ ପ୍ରାଥମିକ କୃଷି ସମବାୟ ସମିତିକୁ ବିଭିନ୍ନ ରାସାୟନିକ ସାର ଓ କୀଟନାସକ ଔଷଧ ପାଇଁ ଆସି ନିରାଶ ହୋଇ ଫେରି ଯାଉଛନ୍ତି। ଚାଷୀ ଖରିଫ ଋତୁରେ ଋଣ ନେଇ ରବି ଋତୁରେ ପରିଶୋଧ କରି ନୂତନ ଭାବରେ ଋଣ ନେଇ ଚାଷ କାର୍ଯ୍ୟ କରିଥାନ୍ତି। ସମବାୟ ସମିତି ବନ୍ଦ ରହିଥିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ରବି ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ କାର୍ଯ୍ୟ ମଧ୍ୟ ହୋଇପାରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

## ଏସ୍‌ବିଆଇ ଏଫ୍-ସିଲିଡ୍ସ ପ୍ରକଳ୍ପ ଉଦ୍‌ଘାଟିତ

ଭବାନୀପାଟଣା,୨।୩(ଉତ୍ତମ କୁମାର ଦାଶ)

ଏସବିଆଇ ଫାଉଣ୍ଡେସନ ଓ କଳିଙ୍ଗ କୁସୁମ ଫାଉଣ୍ଡେଶନର ମିଳିତ ଆନୁକୁଲ୍ୟରେ ଶନିବାର ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପରେ ଏସବିଆଇ ଏଫ-ସିଲିଡ୍ସ ପ୍ରକଳ୍ପର ଉଦଘାଟନ କରାଯାଇଥିଲା। ଏହି ସମାରୋହରେ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୩୦୦ ମହିଳା ଯୋଗଦେଇଥିଲେ। ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଭବାନୀପାଟଣା ପୌରପାଳିକାର ଅଧ୍ୟକ୍ଷା ସଂଯୁକ୍ତା ବେହେରା, ଭବାନୀପାଟଣା ପୌରପାଳିକାର ଉପାଧ୍ୟକ୍ଷ ବିଷ୍ଣୁ ପ୍ରଧାନ ଓ ବରିଷ୍ଠ ଆଇନଜୀବୀ ହରଜିନ୍ଦର ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ସିଂହ ମହିଳାମାନଙ୍କ ସହିତ ଜଡିତ ବିଭିନ୍ନ ଆଇନ ଉପରେ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିଥିଲେ। ସାମାଜିକ କର୍ମୀ ସୁମିତ କୁମାର ସାହୁ ଓ ରୁପେନ୍ଦ୍ର ଛତ୍ରିଆ ଡିଜିଟାଲ ସାକ୍ଷରତା, ଆର୍ଥିକ ସାକ୍ଷରତା ଉପରେ ଅଧିବେଶନ କରିଥିଲେ। ରାଜ୍ୟ ସଭା ସଦସ୍ୟ କୁମାର ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ ଅଂଶଗ୍ରହଣକାରୀମାନଙ୍କୁ ଡିଜିଟାଲ ଓ ଆର୍ଥିକ ସ୍କାମ ବିଷୟରେ ଅବଗତ କରାଇଥିଲେ। ମିତ୍ରଜିତ ସିଂ, ଚିନ୍ମୟ ମିଶ୍ର, ସମ୍ବିତ ପୁରୋହିତ, ଜୁଜେଷ୍ଟି ହରପାଲ ଏବଂ ଶିବ ପ୍ରସାଦ ସାମଲଙ୍କ ସମେତ କଳିଙ୍ଗ କୁସୁମ ଫାଉଣ୍ଡେସନ ସଦସ୍ୟମାନେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏସବିଆଇ ଏଫ-ସିଲିଡ୍ସ ଅଧୀନରେ କଳାହାଣ୍ଡି ଓ ନୂଆପଡ଼ା ଜିଲାର ୩ ହଜାରରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ଆର୍ଥିକ, ଡିଜିଟାଲ ଏବଂ ଆଇନଗତ ସାକ୍ଷରତା ଉପରେ ତାଲିମ ଦିଆଯିବ।

## ବିଶିଷ୍ଟ ଶିଳ୍ପପତି ତଥା ସାମାଜିକ କର୍ମୀଙ୍କ ବିୟୋଗରେ ଶୋକସଭା



ଆୟୋଜିତ ଶୋକସଭା।

କୋକସରା,୨।୩(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁର ବିଶିଷ୍ଟ ଶିଳ୍ପପତି ତଥା ସାମାଜିକ କର୍ମୀ ତ୍ରିଲୋଚନ ଅଗ୍ରୱାଲଙ୍କ ଅକାଳ ବିୟୋଗରେ ଶନିବାର ଲଡୁଗାଁସ୍ଥିତ ଶ୍ରୀରାମ ମାମୋ ଦେବୀ ଧର୍ମଶାଳାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶୋକସଭାରେ କଳାହାଣ୍ଡି ଜିଲାର ବିଭିନ୍ନ ପ୍ରାନ୍ତରୁ ବ୍ୟକ୍ତି ବିଶେଷ ବୁଦ୍ଧିଜୀବୀ, ସଚେତନ ନାଗରିକମାନେ ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରିଥିଲେ। ଦିବଙ୍ଗତ ଅଗ୍ରୱାଲ ଜଣେ ଶିଳ୍ପପତି ସହ ଜଣେ ସମାଜସେବୀ ଭାବେ ଜିଲାରେ ଜଣେ ପରିଚିତ ନାମ ରହିଥିଲେ। ତାଙ୍କ ଉଦ୍ୟମରେ ଲଡୁଗାଁଠାରେ ମାମୋଦେବୀ ଦାତବ୍ୟ ସ୍ୱାସ୍ଥ୍ୟସେବା କେନ୍ଦ୍ର ଖୋଲି ଅଞ୍ଚଳର ହଜାର ହଜାର ଅସହାୟ, ନିରୀହ, ଗରିବ ଶ୍ରେଣୀର ଲୋକଙ୍କ ଚିକିତ୍ସା ସେବା ସହ ମାଗଣାରେ ଔଷଧ ଓ ଆମ୍ବୁଲାନ୍ସ ସେବା, ଗରିବ ଛାତ୍ରୀଛାତ୍ର ହେଉ ଅବା ବିବାହ ଯୋଗ୍ୟ କନ୍ୟାଙ୍କୁ କନ୍ୟାଦାନ କରି ଜନସାଧାରଣଙ୍କ ସେବା କରି ଆସୁଥିଲେ। ଶୋକସଭାରେ ଉପସ୍ଥିତ ବୁଦ୍ଧିଜୀବୀ, ସଚେତନ ନାଗରିକମାନେ ତାଙ୍କ ଏହି ମହତ କାର୍ଯ୍ୟ ଚିରସ୍ମରଣୀୟ ହୋଇରହିବ ବୋଲି ମତପ୍ରକାଶ କରିଥିଲେ। ସ୍ୱର୍ଗତ ତ୍ରିଲୋଚନଙ୍କ ଭାଇ ରମେଶ ଅଗ୍ରୱାଲ, ଅମର ଅଗ୍ରୱାଲ, କୃଷ୍ଣା କୁମାରୀ ଅଗ୍ରୱାଲ, ରାଜୀବ କୁମାର ଅଗ୍ରୱାଲ, ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଯୁବନେତା ମାନସ ରଞ୍ଜନ ବାଗ, ଭାଜପା ନେତା ବିଜୟଦେ ସାହୁ, ଦୀପଜ୍ୟୋତି ମୁଣ୍ଡ, ଶିକ୍ଷାବିତ ତ୍ରିନାଥ ଠାକୁର, ଅଶୋକ କୁମାର ଦାସ, ଲଡୁଗାଁ ସରପଞ୍ଚ ନକୁଳ ନାଏକ ଓ ଜିଲାର ସମସ୍ତ ବ୍ଲକ ଅଞ୍ଚଳରୁ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଦିବଙ୍ଗତ ଆତ୍ମା ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମଞ୍ଚ ପରିଚାଳନା ପଙ୍କଜ ମୁଖ ଚୌଧୁରୀ କରିଥିଲେ।

## ପୁରାଣ ଜାତିକୁ ଆଦିବାସୀ ମାନ୍ୟତା ଦାବି ଜୋର ଧରିଲା

ମୋରଡା,୨।୩(ସ୍ମାରକ ମାଜୀ)

ପୁରାଣ ଜାତିକୁ ଆଦିବାସୀ ମାନ୍ୟତା ପ୍ରଦାନରେ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବକୁ ଜୋରଦାର ପ୍ରତିବାଦ କରାଯାଇଛି। ଏ ନେଇ ଓଡ଼ିଶା ପୁରାଣ ସମାଜ କ୍ରିୟାନୁଷ୍ଠାନ କମିଟି ବିଭିନ୍ନ ସ୍ଥାନରେ ସଭା ସମିତି ଆୟୋଜନ କରି ଆଦିବାସୀ ମାନ୍ୟତା ପାଇଁଚାଲିଥିବା ସଂଗ୍ରାମର ସ୍ଥିତି, କେନ୍ଦ୍ର ସରକାରଙ୍କ ଭୂମିକା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ବାବଦରେ ଲୋକଙ୍କୁ ସଚେତନ କରାଉଛି। ଏହି ପରିପ୍ରେକ୍ଷୀରେ ମୋରଡ଼ା ବ୍ଲକ୍ ଦାନ୍ତିଆମୁହାଁ ଏବଂ ଗଡ଼ିଆ ପଞ୍ଚାୟତଠାରେ ପୂର୍ବତନ ବିଧାୟକ ଡ଼. ଛତିଶଚନ୍ଦ୍ର ଧଳଙ୍କ ପୌରହିତ୍ୟରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସବକା ସାଥ ସବକା ବିକାଶର ନାରାଦେଉଥିବା ଭାଜପାର ଦୋମୁହାଁ ନୀତି ଏବଂ ସ୍ଥାନୀୟ ଏମ୍‌ପିଙ୍କ ଅସହଯୋଗ ମନୋଭାବକୁ ଦୃଢ଼ ନିନ୍ଦା କରାଯାଇଥିଲା। ଆଗାମୀ ଦିନରେ ଶାନ୍ତିପୂର୍ଣ୍ଣ ଭାବେ ଦାନ୍ତିଆମୁହାଁଠାରେ ଜାତୀୟ ରାଜପଥ ଅବରୋଧ ଓ ସ୍ଥାନୀୟ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁଙ୍କ ବାସଭବନ ଘେରାଉ କରିବାକୁ ମତ ପ୍ରକାଶ ପାଇଥିଲା।

## ଭବାନୀପାଟଣା ପୌରପାଳିକାର ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ

ଭବାନୀପାଟଣା,୨।୩(ଉତ୍ତମ କୁମାର ଦାଶ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଭବାନୀପାଟଣା ପୌରପାଳିକାର ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ କରିଛନ୍ତି। ଏଥିରେ ଭବାନୀପାଟଣା ସହରରେ ମୁକ୍ତା ଅଧୀନରେ ସମାପ୍ତ ହୋଇଥିବା ପେଭର ରାସ୍ତା, ଭେଣ୍ଡିଙ୍ଗ ଜୋନ, ଖେଳ ପଡିଆ, ଖୋଲା ସ୍ଥାନର ଉନ୍ନତିକରଣ, ମୁକ୍ତାକାଶ ବ୍ୟାୟାମଶାଳା, ପାନୀୟ ଜଳ ଯୋଗାଣ ନିମନ୍ତେ ବାନ୍ଦୋପଲା ଅତିରିକ୍ତ ପାଇପ ଲାଇନ ବ୍ୟବସ୍ଥାର ଲୋକାର୍ପଣ କରିଥିଲେ। ସେହିପରି ପୌରପାଳିକାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଅଞ୍ଚଳର ଭୂ-ତଳ ଜଳ ଭଣ୍ଡାର ଓ ଉଚ୍ଚସ୍ଥ ଜଳ ଭଣ୍ଡାର ଲୋକାର୍ପଣ ମଧ୍ୟ କରିଥିଲେ। ଏହି ଅବସରରେ ଭବାନୀପାଟଣା ଟାଉନ ହଲଠାରେ ଅନୁଷ୍ଠିତ ଲୋକାର୍ପଣ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଭାଗ୍ୟଧର ମହାନ୍ତି, ଅତିରିକ୍ତ ନିର୍ବାହୀଯନ୍ତ୍ରୀ ବିଶ୍ୱନାଥ ଯୋଶୀ, ପୌରଧ୍ୟକ୍ଷା ସଂଯୁକ୍ତା ବେହେରା, ନିର୍ବାହୀ ଅଧିକାରୀ ଡା. ସତ୍ୟସମର୍ପ୍ତା ରାଉତ, ସମସ୍ତ ପାରିଷଦ ବୃନ୍ଦ ତଥା ପୌରପାଳିକା କର୍ମଚାରୀ ବୃନ୍ଦ, ଜଳସାଥୀ ଓ ସହରବାସୀ ଉପସ୍ଥିତ ଥିଲେ। ସେହିପରି ଓସୱାନ ସମ୍ମିଳନୀ କକ୍ଷରେ ଜିଲାପାଳ ଅନଷୋ ରେଡ୍ଡୀ, ପ୍ରକଳ୍ପ ନିର୍ଦ୍ଦେଶକ ମୁନିନ୍ଦ୍ର ହନଗା, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା କଳାହାଣ୍ଡି ଓ କର୍ମଚାରୀ ବୃନ୍ଦ ତଥା ମୁକ୍ତାର କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ ।



ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ୩ ମାସ ହେବ ବିଏସ୍‌ଏନ୍‌ଏଲ୍ ଫେଲ୍

**ବଡଛତରଙ୍ଗ, ମହୁଲପାଟଣା ପଞ୍ଚାୟତ**
- ଟାୱାର ମରାମତି କରିବା ଦାବି
- ଥାନା, ବିଡିଓଙ୍କ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ
- ବିଏସ୍‌ଏନ୍‌ଏଲ୍ ଏକ୍ସଚେଞ୍ଜ କାର୍ଯ୍ୟାଳୟରେ ତାଲା ଚେତାବନୀ

ଥୁଆମୂଳ ରାମପୁର,୨।୩(ଦୁର୍ଗା କୀର୍ତ୍ତି)



ଅଞ୍ଚଳବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଧୀନ ବଡଛତରଙ୍ଗ ଏବଂ ମହୁଲପାଟଣା ଏହି ୨ଟି ଗ୍ରାମପଞ୍ଚାୟତରେ ବିଏସ୍‌ଏନ୍‌ଏଲ୍ ଟାୱାର ବସାଯାଇଛି। ଏହି ଗୋଟିଏ ଟାୱାର ଉପରେ ଉକ୍ତ ଅଞ୍ଚଳବାସୀ ନିର୍ଭର କରନ୍ତି। ହେଲେ ଗତ ୩ ମାସରୁ ଊର୍ଦ୍ଧ୍ୱ ହେଲା ଅଚଳ ଅବସ୍ଥାରେ ପଡ଼ି ରହିଛି। ଫଳରେ ବଡଛତରଙ୍ଗ ଏବଂ ମହୁଲପାଟଣା ଗ୍ରାମପଞ୍ଚାୟତ ମୁଖ୍ୟାଳୟରେ ଥିବା ବିଦ୍ୟାଳୟ, ଆରଆଇ କାର୍ଯ୍ୟାଳୟ, ଡାକଘର, ପ୍ରାଇମେରୀ ଏନ.ଏମ କେନ୍ଦ୍ର, ୫-ଟି ହାଇସ୍କୁଲ, ଯୁକ୍ତ ୨ କଲେଜ ଭଳି ଅନେକ ସରକାରୀ ବେସରକାରୀ କାର୍ଯ୍ୟାଳୟ ରହିଛି। ଟାୱାର ଅଚଳାବସ୍ଥା ହେତୁ ଅନଲାଇନ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଛି। ଏହାକୁ ନେଇ ଉକ୍ତ ୨ଟି ଗ୍ରାମ ପଞ୍ଚାୟତ ଲୋକେ ପ୍ରଥମେ ଥୁଆମୂଳ ରାମପୁର ଥାନାରେ ଲିଖିତ ମାଧ୍ୟମରେ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ବାରମ୍ବାର ବିଭାଗୀୟ ବିଏସଏନଏଲ ଅଧିକାରୀ କିମ୍ବା ଟାୱାର ନିର୍ମାଣ ସଂସ୍ଥାଙ୍କୁ ଆମେ ଯୋଗାଯୋଗ କରିଥିଲେ। ସେମାନେ ଶୁଣୁନାହାନ୍ତି କିମ୍ବା ଟାୱାର ମରାମତି କରିବା ପାଇଁ ଆସୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଯଦି ଆସନ୍ତା ୩ ଦିନ ମଧ୍ୟରେ ଏହି ସମସ୍ୟା ସମାଧାନ ନ ଗଲେ ଆଗାମୀ ଦିନରେ ବିଏସଏନଏଲ ଏକ୍ସଚେଞ୍ଜ କାର୍ଯ୍ୟାଳୟରେ ତାଲା ପକାଇବକୁ ବୋଲି ଲିଖିତ ଆକାରରେ ଥାନା ଭାରପ୍ରପ୍ତ ଅଧିକାରୀଙ୍କୁ ଜଣାଇବା ସହ ଥୁଆମୂଳ ରାମପୁର ବିଡିଓଙ୍କୁ ମଧ ଲିଖିତ ମାଧ୍ୟମରେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ବିଏସଏନଏଲ କାର୍ଯ୍ୟାଳୟକୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଲେ କୌଣସି ପ୍ରକାର ଉତ୍ତର ମିଳି ନ ଥିଲା ବା ବିଭାଗୀୟ ଅଧିକାରୀ ଫୋନ ଉଠାଉ ନ ଥିଲେ। ବିଏସଏନଏଲ ଅଧିକାରୀ କେତେ ଶୀଘ୍ରଉକ୍ତ ସମସ୍ୟା ସମାଧାନ କରୁଛନ୍ତି, ତାହା ଦେଖିବାକୁ ବାକିରହିଲା।

# ଯକ୍ଷ୍ମା ସ୍ଥିତି ଉଦ୍‌ବେଗଜନକ

ଭବାନୀପାଟଣା,୨।୩(ଉତ୍ତମ କୁମାର ଦାଶ)




**କଳାହାଣ୍ଡି ଜିଲା**
- ୭ ବର୍ଷରେ ଜିଲାରେ ୧୧୭୫୭ ଯକ୍ଷ୍ମାରୋଗୀ ଚିହ୍ନଟ
- ୭୩୯ଜଣ ରୋଗୀଙ୍କ ମୃତ୍ୟୁ

କଳାହାଣ୍ଡି ଜିଲାରେ ଯକ୍ଷ୍ମା (ଟିଭି)ରୋଗ ଉଦବେଗ ଜନକ ରହିଛି। ଯାହାକି ଗତ ୭ ବର୍ଷର ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡୁଛି। ଗତ ୭ ବର୍ଷରେ ଜିଲାରେ ୧୧୭୫୭ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଛି। ସେମାନଙ୍କ ମଧ୍ୟରୁ ୭୩୯ଜଣ ରୋଗୀଙ୍କ ମୃତ୍ୟୁ ଘଟିଛି। ଜିଲା ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ୨୦୧୭ରେ କଳାହାଣ୍ଡି ଜିଲାରେ ୧୫୧୮ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିଲେ। ତନ୍ମଧ୍ୟରୁ ୧୨୪୪ଜଣ ସୁସ୍ଥ ହୋଇଥିବା ବେଳେ ୯୬ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୮ରେ ଚିହ୍ନଟ ୧୫୯୯ ରୋଗୀଙ୍କ ମଧ୍ୟରୁ ୧୩୬୭ଜଣ ସୁସ୍ଥ ଓ ୧୧୯ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୧୯ରେ ୧୬୬୯ ଚିହ୍ନଟଙ୍କ ମଧ୍ୟରୁ ୧୪୫୨ ସୁସ୍ଥ ଓ ୧୧୯ ଜଣଙ୍କ ମୃତ୍ୟୁ, ୨୦୨୦ରେ ୧୪୮୬ଜଣ ଚିହ୍ନଟଙ୍କ ମଧ୍ୟରୁ ୧୩୦୨ ସୁସ୍ଥ ଓ ୧୦୬ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୧ ମସିହାରେ ୧୬୩୫ ଜଣ ଚିହ୍ନଟଙ୍କ ମଧ୍ୟରୁ ୧୪୫୦ଜଣ ସୁସ୍ଥ ଓ ୧୧୨ ଜଣଙ୍କ ମୃତ୍ୟୁ, ୨୦୨୨ ମସିହାରେ ୧୮୧୦ଜଣ ରୋଗୀଙ୍କ ମଧ୍ୟରୁ ୧୫୯୦ଜଣ ସୁସ୍ଥ ଓ ୧୧୫ ଜଣଙ୍କ ମୃତ୍ୟୁ, ୨୦୨୩ରେ ୧୮୫୮ଜଣ ରୋଗୀ ଚିହ୍ନଟ ହୋଇଥିବା ବେଳେ ୯୪୦ଜଣ ସୁସ୍ଥ ଓ ୭୨ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ଚଳିତବର୍ଷ ଏପର୍ଯ୍ୟନ୍ତ ଗତ ୨ ମାସ ମଧ୍ୟରେ ୨୧୧ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ଚିକିତ୍ସା ଜାରି ରହିଛି। ଅନ୍ୟପକ୍ଷରେ ଗତ ୭ ବର୍ଷରେ ୭୩୯ ଜଣ ଯକ୍ଷ୍ମା ରୋଗୀଙ୍କ ମୃତ୍ୟୁ ହେବା ଘଟଣା ଜିଲାବାସୀଙ୍କୁ ଚକିତ କରିଛି। ୨୦୧୬ରେ ବହୁଚର୍ଚ୍ଚିତ ଦାନ ମାଝିଙ୍କ ପତ୍ନୀ ଅମଙ୍ଗ ଦେଇ ଯକ୍ଷ୍ମା ରୋଗରେ ପୀଡ଼ି ହୋଇ ଭବାନୀପାଟଣା ସଦର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ପରେ ମୃତ ବାହକ ଗାଡ଼ି ନ ମିଳିବାରୁ ଅମଙ୍ଗଙ୍କ ମୃତଦେହକୁ କାନ୍ଧରେ ବୋହି ଦାନ ମାଝି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ସେହି ସମୟରେ ଯକ୍ଷ୍ମାରୋଗୀଙ୍କ ଚିକିତ୍ସା ଉପରେ ମଧ ଚର୍ଚ୍ଚା ହୋଇଥିଲା। ତେବେ ତୃଣମୂଳସ୍ତରରେ ଏହାର ସଚେତନତା ଅଭାବ ଓ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ପର୍ଯ୍ୟାପ୍ତ ଡଟ୍ସ ଔଷଧ ମହଜୁଦ ରହୁ ନ ଥିବା ଯୋଗୁ ବିଳମ୍ବରେ ଚିକିତ୍ସା ମୃତ୍ୟୁର କାରଣ ହୋଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ନେଇ ଭାରପ୍ରାପ୍ତ ସିଡିଏମଓ ଡା. ନୀହାରେନ୍ଦ୍ର ପଣ୍ଡାଙ୍କୁ ପଚାରିଯିବାରୁ ଯକ୍ଷ୍ମା ରୋଗୀଙ୍କ ପାଇଁ କେନ୍ଦ୍ର ସରକାରଙ୍କଠାରୁ ଔଷଧ ଆସିଥାଏ। ବିଭିନ୍ନ ବୟସର ବ୍ୟକ୍ତିଙ୍କ ପାଇଁ ଭିନ୍ନ ଭିନ୍ନ ଔଷଧ ଆସିଥାଏ। ଔଷଧ ଆସିବାରେ ବିଳମ୍ବ ହେଲେ ଯେଉଁ ଡାକ୍ତରଖାନାରେ ଷ୍ଟକ ମହଜୁଦ ଥାଏ ସେଠାରୁ ଆବଶ୍ୟକତା ଥିବା ଡାକ୍ତରଖାନାକୁ ଔଷଧ ପଠାଯାଇଥାଏ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ୪ରୁ କ୍ରିକେଟ୍ ପାଇଁ ପଞ୍ଜୀକରଣ

**ବରଗଡ଼,୨।୩(ପ୍ରେମାନନ୍ଦ ଖମାରୀ):** ଏପ୍ରିଲ ପ୍ରଥମ ସପ୍ତାହରୁ ବରଗଡ଼ ଜିଲା ୧୯ବର୍ଷରୁ କମ୍ ବୟସ ବର୍ଗର କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହେବ। ଏନେଇ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ଆସନ୍ତା ୪ତାରିଖରୁ ୧୦ ପର୍ଯ୍ୟନ୍ତ ପଞ୍ଜୀକରଣ ପ୍ରକ୍ରିୟା ଚାଲିବ। ୨ଟି ପର୍ଯ୍ୟାୟରେ ପଞ୍ଜୀକରଣ ପ୍ରକ୍ରିୟା ହେବ। କ୍ଲବମାନେ ନିଜେ ନିଜର କ୍ଲବର ସିଧାସଳଖ ପଞ୍ଜୀକରଣ କରି ପାରିବେ। ସେହିପରି ୧୦ବର୍ଷରୁ କମ୍ ବୟସ୍କ କ୍ରିକେଟ ଖେଳାଳିମାନେ ନିଜେ ମଧ ସିଧାସଳଖ ପଞ୍ଜୀକରଣ କରି ପାରିବେ। ଇଚ୍ଛୁକ କ୍ଲବମାନେ ଖେଳାଳିଙ୍କ ଆଧାର କାର୍ଡ, ଡିଜିଟାଲ ଜନ୍ମ ପ୍ରମାଣପତ୍ର, ସ୍କୁଲ, କଲେଜ ପରିଚୟ ପତ୍ର, ପ୍ରଧାନ ଶିକ୍ଷକ, ଅଧ୍ୟକ୍ଷଙ୍କ ଅନୁମତି ପତ୍ର, ପାସପୋର୍ଟ ଫଟୋ ଦେଇ ପଞ୍ଜୀକରଣ କରି ପାରିବେ ବୋଲି ସୂଚନା ଦିଆଯାଇଛି ।

### ଗଞ୍ଜେଇ ଜବତ, ଜଣେ ଗିରଫ

**ବରଗଡ଼,୨।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ଥାନା ପୋଲିସ ଶନିବାର ବଡ଼ଧରା ଛକରେ ଗଞ୍ଜେଇ ଜବତ ସହିତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କାଶିପାଲି ଗ୍ରାମର ଗୌରାଙ୍ଗ ଖରସେଲ(୪୫)। ତାଙ୍କ ପାଖରୁ ୩କି.ଗ୍ରା ୮୦୦ଗ୍ରାମ ଗଞ୍ଜେଇ, ବ୍ୟବହୃତ ବାଇକ୍ ଜବତ ହୋଇଛି। ଏ ନେଇ ଅମ୍ବାଭୋନା ଥାନାରେ ଏକ ମାମଲା(ନଂ.୪୭/୨୪) ରୁଜୁ ହୋଇଛି ।

### ଶିକ୍ଷକ ସଂଘର ସମ୍ବର୍ଦ୍ଧନା ସମାରୋହ

**ଅତାବିରା/ସରଣ୍ଡା୨।୩(ହୃଷୀକେଶ ଖମାରୀ/ ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନୂତନ ଅଧ୍ୟକ୍ଷ ରଜନୀକାନ୍ତ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତପନ କୁମାର ଦାଶ, ରବିନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନୂତନ ଅଧ୍ୟକ୍ଷ ଦାଶ ଏବଂ ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ କଚ୍ଛପଙ୍କୁ ଗୋଟିଏ ଲେଖାଏଁ ବୃକ୍ଷଚାରା ଉପହାର ଦିଆଯାଇଥିଲା। ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ମନୋରଞ୍ଜନ ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ। ବେଣୁଧର ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ନିଶିକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ବରିଷ୍ଠ ନାଗରିକଙ୍କ ପରଲୋକ

**ବରଗଡ଼,୨।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ବରା ଗ୍ରାମର ବରିଷ୍ଠ ନାଗରିକ ବଳି ପ୍ରଧାନଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୬୨ବର୍ଷ ହୋଇଥିଲା। ସେ ଜଣେ ଧର୍ମପରାୟଣ ଲୋକ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକପ୍ରକାଶ ପାଇଛି।

### ଆମ ପୋଖରୀ ଜଳାଶୟ ନବୀକରଣ ଯୋଜନାରେ କାର୍ଯ୍ୟ ଆରମ୍ଭ

**ଖଡ଼ିଆଳ,୨।୩(ସୁଜିତ୍ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳସ୍ଥିତ ହିରାମୁଣ୍ଡା ଏବଂ କମଳା ସାଗର ପୋଖରୀକୁ ଆମ ପୋଖରୀ ଜଳାଶୟ ନବୀକରଣ ଯୋଜନା ସାମିଲ କରାଯାଇଛି। ଏହି ଅବସରରେ ଶନିବାର କାର୍ଯ୍ୟ ଆରମ୍ଭ ନେଇ ପ୍ରକଳ୍ପ ଉଦଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହିଳା ଗୋଷ୍ଠୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ପ୍ରାଚୀନ ଜଳାଶୟ ରକ୍ଷଣାବେକ୍ଷଣ କରିବା ପାଇଁ ଅର୍ଥ ବରାଦ ହୋଇଥିବା ବେଳେ ହୀରାମୁଣ୍ଡା ପୋଖରୀ ନବୀକରଣ ପାଇଁ ୧ କୋଟି ୩୦ ଲକ୍ଷ ରହିଥିବା ବେଳେ କମଳା ସାଗର ଉନ୍ନତୀକରଣ ପାଇଁ ୩୦ ଲକ୍ଷ ଅର୍ଥ ବରାଦ ହୋଇଛି। ଖଡିଆଳ ନଗରପାଳ ଉଜ୍ଜଳ ଗୁପ୍ତା ଯୋଗଦେଇ ପ୍ରକଳ୍ପ କାର୍ଯ୍ୟ ଶୁଭାରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଶକୁନ୍ତଳା ରାଉତ, ୱାର୍ଡସଭ୍ୟ ସୁବେର ସିଂ ଦେଓ, ନରେନ୍ଦ୍ର ଶବର, ଯଶୋଦା ସିନ୍ଧୁର, ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ, ବିଭାଗୀୟ ଯନ୍ତ୍ରୀ ଅରୁଣ କୁମାର ପାତ୍ର, ପଲ୍ଲବୀ ମହାନ୍ତିଙ୍କ ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଯୋଗଦେଇଥିଲେ।

# ମିଳୁନି ସିଏମଆରଏଫ ସହାୟତା: ଅତିରିକ୍ତ ଜିଲାପାଳଙ୍କୁ ଫେରାଦ

ବରଗଡ଼,୨।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ବ୍ଲକ ଜମୁର୍ଡ଼ା ଗ୍ରାମର କାହ୍ନୁଚରଣ ବେହେରାଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି(ସିଏମଆର୍‌ଏଫ)ରୁ ମଞ୍ଜୁର ହୋଇଥିବା ୩ଲକ୍ଷ ଟଙ୍କା ସହାୟତା ରାଶି ଏପର୍ଯ୍ୟନ୍ତ ମିଳିପାରି ନାହିଁ। ଏନେଇ ସେ ଅତିରିକ୍ତ ଜିଲାପାଳଙ୍କୁ ଫେରାଦ ହୋଇ ମଞ୍ଜୁର ହୋଇଥିବା ସହାୟତା ରାଶି ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ପ୍ରକାଶ ଯେ, ଗତବର୍ଷ ଜୁଲାଇ ମାସ ୧୨ତାରିଖରେ କାହ୍ନୁଚରଣଙ୍କ ଏକମାତ୍ର ପୁଅ ଧର୍ମରାଜଙ୍କ କ୍ରୋନିକ ଲିଭର ଡିଜିଜ୍ ରୋଗରେ ମୃତ୍ୟୁ ଘଟିଥିଲା। ତାଙ୍କ ଚିକିତ୍ସା ପାଇଁ କାହ୍ନୁଚରଣ ଜମିବାଡ଼ି ବିକ୍ରି କରି ପ୍ରାୟ ୪୦ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ମାତ୍ର ପୁଅର ଜୀବନ ରକ୍ଷା ହୋଇ ପାରି ନ ଥିଲା। ଫଳରେ ସେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଆବେଦନ କରିଥିଲେ । ତାଙ୍କ ଆବେଦନକୁ ଭିତ୍ତି କରି ୩ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଗତବର୍ଷ ଡିସେମ୍ବର ମାସରୁ ଏହି ସହାୟତା ରାଶି ମଞ୍ଜୁର ହୋଇଥିବାବେଳେ ଏପର୍ଯ୍ୟନ୍ତ ତାଙ୍କୁ ମିଳି ପାରି ନ ଥିବା ସେ ଅଭିଯୋଗ କରିଛନ୍ତି। ଫଳରେ ମଞ୍ଜୁର ସହାୟତା ରାଶି ତୁରନ୍ତ ଯୋଗାଇବା ଦିଗରେ ବିହିତ ପଦକ୍ଷେପ ନେବାକୁ ସେ ଅତିରିକ୍ତ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

# ମୁଖ୍ୟମନ୍ତ୍ରୀ ସଭାଗୃହ ଲୋକାର୍ପିତ



ବରଗଡ଼ ବିଧାୟକ ମୁଖ୍ୟମନ୍ତ୍ରୀ ସଭାଗୃହ ଲୋକାର୍ପଣ କରୁଛନ୍ତି।

ବରଗଡ଼,୨।୩(ପ୍ରେମାନନ୍ଦ ଖମାରୀ)

ବରଗଡ ବ୍ଲକ ବରାହଗୋଡ଼ା ପଞ୍ଚାୟତ ପତ୍ରାପାଟଠାରେ ଶନିବାର ବହୁ ପ୍ରତିକ୍ଷୀତ ମୁଖ୍ୟମନ୍ତ୍ରୀ ସଭାଗୃହ ଲୋକାର୍ପିତ ହୋଇଯାଇଛି। ଭାରପ୍ରାପ୍ତ ସରପଞ୍ଚ ଶରତ କୁମ୍ଭାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବା ସହ ଏହି ସଭାଗୃହ ବହୁମୁଖୀ ବ୍ୟବହାର ଉପଯୋଗୀ ହୋଇ ପାରିବ ବୋଲି ସେ କହିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ବିଜେଡି ପର୍ଯ୍ୟବେକ୍ଷକ ଡି. ବିଶ୍ୱନାଥ ଯୋଗଦେଇ ନବର୍ନିମିତ ସଭାଗୃହ ପରିଦର୍ଶନ କରି ଜନ ସାଧାରଣଙ୍କୁ ରାଜ୍ୟର ବିକାଶ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ଉମା ଚରଣ ରାଉତ, ପଦ୍ମଲୋଚନ ପ୍ରଧାନ, ବରିଷ୍ଠ ବିଜେଡି ନେତା ଅରବିନ୍ଦ ପ୍ରଧାନ, ମଣି ବାବୁ, ଇନ୍ଦ୍ରଜିତ ଶର୍ମା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପତ୍ରାପାଟ ମନ୍ଦିର ନିକଟରେ ଏପରି ଏକ ସାମୂହିକ ବ୍ୟବହାର ଉପଯୋଗୀ ଗୃହ ନିର୍ମାଣ ହେବା ଫଳରେ ବରାହଗୋଡ଼ା ପଞ୍ଚାୟତବାସୀ ବିଧାୟକ ଆଚାର୍ଯ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭାଗୀୟ ଅଧିକାରୀବୃନ୍ଦ ଏବଂ ଜନସାଧାରଣ ଉପସ୍ଥିତ ଥିଲେ ।

# ଚା’ ଖଟିରେ ବିଜେଡି ପର୍ଯ୍ୟବେକ୍ଷକ



ବରଗଡ଼ ସରକାରୀ ବସଷ୍ଟାଣ୍ଡରେ ବିଜେଡି ପର୍ଯ୍ୟବେକ୍ଷକ ଲୋକଙ୍କ ସହିତ ଆଲୋଚନା କରୁଛନ୍ତି।

ବରଗଡ଼,୨।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଏବଂ ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଦଳ ପକ୍ଷରୁ ନିଯୁକ୍ତ ବିଜେଡି ପର୍ଯ୍ୟବେକ୍ଷକ ଡି. ବିଶ୍ୱନାଥ ବରଗଡ଼ରେ ଶୁକ୍ରବାର ପହଞ୍ଚିଛନ୍ତି। ସେ ବିଭିନ୍ନ ଅଞ୍ଚଳ ଗସ୍ତ କରି ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ସାଧାରଣ ଜନତାଙ୍କୁ ଭେଟୁଛନ୍ତି। ଏହାସହିତ ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ସେ ଯୋଗଦାନ କରୁଛନ୍ତି। ଶନିବାର ସକାଳେ ବିଜେଡି ପର୍ଯ୍ୟବେକ୍ଷକ ବିଶ୍ୱନାଥ ବରଗଡ଼ ସରକାରୀ ବସଷ୍ଟାଣ୍ଡ ଚା’ ଖଟିରେ ପହଞ୍ଚିଥିଲେ। ସେଠାରେ ସେ ଉପସ୍ଥିତ କିଛି ଲୋକଙ୍କ ସମେତ ଦଳୀୟ କର୍ମୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ବରଗଡ଼ରେ ଦଳୀୟ ସଙ୍ଗଠନ ଠିକ୍ ରହିଛି, ଦଳ ମଧ୍ୟରେ ସେଭଳି କିଛି ବିଦ୍ରୋହ ନାହିଁ ବୋଲି ସେ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନା ଗୁଡ଼ିକରେ ଲୋକେ ଖୁସି ଥିବା ବିଶ୍ୱନାଥ ପ୍ରକାଶ କରିଛନ୍ତି।

# ଏସ୍‌ବିଆଇ ଏଫ୍-ସିଲିଜ୍ଞ ପ୍ରକଳ୍ପ ଉଦ୍‌ଘାଟିତ

ଭବାନୀପାଟଣା,୨।୩(ଉତ୍ତମ କୁମାର ଦାଶ)

ଏସବିଆଇ ଫାଉଣ୍ଡେସନ ଓ କଳିଙ୍ଗ କୁସୁମ ଫାଉଣ୍ଡେଶନର ମିଳିତ ଆନୁକୁଲ୍ୟରେ ଶନିବାର ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପରେ ଏସବିଆଇ ଏଫ-ସିଲିଜ୍ଞ ପ୍ରକଳ୍ପର ଉଦଘାଟନ କରାଯାଇଥିଲା। ଏହି ସମାରୋହରେ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୩୦୦ ମହିଳା ଯୋଗଦେଇଥିଲେ। ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଭବାନୀପାଟଣା ପୌରପାଳିକାର ଅଧ୍ୟକ୍ଷା ସଂଯୁକ୍ତା ବେହେରା, ଭବାନୀପାଟଣା ପୌରପାଳିକାର ଉପାଧ୍ୟକ୍ଷ ବିଷ୍ଣୁ ପ୍ରଧାନ ଓ ବରିଷ୍ଠ ଆଇନଜୀବୀ ହରଜିନ୍ଦର ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ସିଂହ ମହିଳାମାନଙ୍କ ସହିତ ଜଡିତ ବିଭିନ୍ନ ଆଇନ ଉପରେ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିଥିଲେ। ସାମାଜିକ କର୍ମୀ ସୁମିତ କୁମାର ସାହୁ ଓ ରୁପେନ୍ଦ୍ର ଛତ୍ରିଆ ଡିଜିଟାଲ ସାକ୍ଷରତା, ଆର୍ଥିକ ସାକ୍ଷରତା ଉପରେ ଅଧିବେଶନ କରିଥିଲେ। ରାଜ୍ୟ ସଭା ସଦସ୍ୟ କୁମାର ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ ଅଂଶଗ୍ରହଣକାରୀମାନଙ୍କୁ ଡିଜିଟାଲ ଓ ଆର୍ଥିକ ସ୍କାମ ବିଷୟରେ ଅବଗତ କରାଇଥିଲେ। ମିତ୍ରଜିତ ସିଂ, ଚିନ୍ମୟ ମିଶ୍ର, ସମ୍ବିତ ପୁରୋହିତ, ଜୁଜେଷ୍ଟି ହରପାଲ ଏବଂ ଶିବ ପ୍ରସାଦ ସାମଲଙ୍କ ସମେତ କଳିଙ୍ଗ କୁସୁମ ଫାଉଣ୍ଡେସନ ସଦସ୍ୟମାନେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏସବିଆଇ ଏଫ-ସିଲିଜ୍ଞ ଅଧୀନରେ କଳାହାଣ୍ଡି ଓ ନୂଆପଡ଼ା ଜିଲାର ୩ ହଜାରରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ଆର୍ଥିକ, ଡିଜିଟାଲ ଏବଂ ଆଇନଗତ ସାକ୍ଷରତା ଉପରେ ତାଲିମ ଦିଆଯିବ।

# ବିଜୁ ସେତୁର ଶିଳାନ୍ୟାସ କଲେ ବିଧାୟିକା

ଭେଡେନ,୨।୩( ସୁଦନ ମହାକୁର)



ବିଧାୟିକା ବିଜୁ ସେତୁର ଶିଳାନ୍ୟାସ କରୁଛନ୍ତି।

ବରଗଡ଼ ଜିଲା ଭେଡେନ ବ୍ଲକ ଅର୍ଜୁଣ୍ଡା ପଞ୍ଚାୟତ ପଣ୍ଡକି ପାଲିରୁ ଲିମଛୋଡ ମଧ୍ୟରେ ପ୍ରବାହିତ ଝାଇଁଜୋର ନାଳଠାରେ ରାଜ୍ୟ ସରକାରଙ୍କ ବିଜୁ ସେତୁ ଯୋଜନାରେ ୭କୋଟି ବ୍ୟୟ ଅଟକଳରେ ନିର୍ମିତ ବ୍ରିଜର ଶିଳାନ୍ୟାସ ଶନିବାର କରାଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଝାଇଁଜୋର ନାଳରେ ବ୍ରିଜ ହେବା ଫଳରେ ଅଞ୍ଚଳର ୭ଟି ଗ୍ରାମର ଚାଷୀ, ଯୁବବ୍ୟବସାୟୀ, ଜନସାଧାରଣ ବହୁତ ସୁବିଧାରେ ଯାତାୟତ କରିପାରିବେ। ଭେଡେନ ବ୍ଲକ ବିଜୁ ଜନତାଦଳର ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ,ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ,ଉପାଧ୍ୟକ୍ଷ ଡୋଳାମଣି ଖେତି ଜିଲାପରିଷଦ ସଭ୍ୟାସଭ୍ୟ ପଦ୍ମିନୀ ଗଡତିଆ, ପିଙ୍କି ବଢେଇ, ସତ୍ୟଜିତ ପୁରୋହିତ,ସରପଞ୍ଚ କେଏରି ଦୀପ, ଜନେଞ୍ଜୟ ମିଶ୍ର,ଅର୍ଜୁଣ୍ଡା ସରପଞ୍ଚ ସୁରେନ୍ଦ୍ର କର୍ମୀ, କଏରି ଦୀପ, ସସ୍ମିତା ହୋତା, ସମିତି ସଭ୍ୟା ସୁଧାଞ୍ଜଳି ମେହେର, ବୁଧୁରାମ ଭୁଏ,କୃଷ୍ଣଚନ୍ଦ୍ର ସେଠ,ମହିଳା ବିଜୁଜନତା ଦଳ ସଭାନେତ୍ରୀ ନମିତା ସୁନା ଏବଂ ଅନ୍ୟମାନେ ଯୋଗଦେଇଥିଲେ।

# ନୂତନ ଡିଆଇପିଆର୍‌ଓଙ୍କ ଯୋଗଦାନ



ନୂତନ ଡିଆଇପିଆରଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଯାଉଛି ।

ବରଗଡ଼,୨।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ନୂତନ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) ଭାବେ ଶନିବାର ପୂର୍ବାହ୍ନରେ ପ୍ରହଲ୍ଲାଦ ଖୋସ୍ଲା (ଓଇଏସ୍) ଯୋଗଦାନ କରିଛନ୍ତି। ସେ ଏହାପୂର୍ବରୁ କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। କାର୍ଯ୍ୟରେ ଯୋଗଦାନ ପରେ ଖୋସ୍ଲା ପ୍ରଥମେ ଜିଲା ସୂଚନା କେନ୍ଦ୍ର ଓ ପାଠାଗାର ପରିଦର୍ଶନ କରି ପାଠାଗାର ସମ୍ପର୍କିତ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଜିଲା ସୂଚନା କେନ୍ଦ୍ର ଓ ପାଠାଗାରର ପାଠିକା, ପାଠକ, ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ।

# ଗୋଷ୍ଠୀ ସାଧନ କେନ୍ଦ୍ର ଉଦ୍‌ଘାଟିତ

ବରଗଡ଼,୨।୩(ପ୍ରେମାନନ୍ଦ ଖମାରୀ)

ବରଗଡ ବ୍ଲକ ନୁନିଆ ଜାମପାଲି ପଞ୍ଚାୟତ ସରଲା ଆନ୍ଧ୍ରପଡ଼ାରେ ଶନିବାର କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ବରଗଡ଼ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଭବନକୁ ଉଦ୍‌ଘାଟନ କରିଥିଲେ। ବିଜେଡି ପର୍ଯ୍ୟବେକ୍ଷକ ଡି. ବିଶ୍ୱନାଥ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ସ୍ଥାନୀୟ ଲୋକଙ୍କ ସହିତ ଭାବ ବିନିମୟ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକାଶର ପ୍ରତୀକ ବୋଲି କହିଥିଲେ। ରାଜ୍ୟର ବିକାଶ ପ୍ରକ୍ରିୟାରେ ସାମିଲ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ସ୍ଥାନୀୟ ସରପଞ୍ଚ ସଞ୍ଜୁ ରାୟ, ସମିତି ସଭ୍ୟ ପ୍ରମୋଦ ପ୍ରଧାନ ପ୍ରମୁଖଙ୍କ ସମେତ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ପଡ଼ାବାସୀ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ଦାବି କରି ଆସୁଥିବା ବେଳେ ବିଧାୟକ ଆଚାର୍ଯ୍ୟଙ୍କ ଉଦ୍ୟମ ବଳରେ ଏହା ସମ୍ଭବ ହୋଇ ପାରିଥିବାରୁ ପଡ଼ାବାସୀ ବିଧାୟକ ଆଚାର୍ଯ୍ୟ ଓ ପର୍ଯ୍ୟବେକ୍ଷକ ବିଶ୍ୱନାଥଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।



ଗୋଷ୍ଠୀ ସାଧନ କେନ୍ଦ୍ରକୁ ଉଦ୍‌ଘାଟନ କରାଯାଉଛି।

# ୩ ମାସ ହେବ ବିଏସ୍‌ଏନ୍‌ଏଲ୍ ଫେଲ୍

**ବଡଛତରଙ୍ଗ, ମହୁଲପାଟଣା ପଞ୍ଚାୟତ**
- ଟାୱାର ମରାମତି କରିବା ଦାବି
- ଥାନା, ବିଡିଓଙ୍କ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ
- ବିଏସ୍‌ଏନ୍‌ଏଲ୍ ଏକ୍ସଚେଞ୍ଜ କାର୍ଯ୍ୟାଳୟରେ ତାଲା ଚେତାବନୀ



ଅଞ୍ଚଳବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଥୁଆମୂଳ ରାମପୁର,୨।୩(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଧୀନ ବଡଛତରଙ୍ଗ ଏବଂ ମହୁଲପାଟଣା ଏହି ୨ଟି ଗ୍ରାମପଞ୍ଚାୟତରେ ବିଏସ୍‌ଏନ୍‌ଏଲ୍ ଟାୱାର ବସାଯାଇଛି। ଏହି ଗୋଟିଏ ଟାୱାର ଉପରେ ଉକ୍ତ ଅଞ୍ଚଳବାସୀ ନିର୍ଭର କରନ୍ତି। ହେଲେ ଗତ ୩ ମାସରୁ ଉର୍ଦ୍ଧ୍ୱ ହେଲା ଅଚଳ ଅବସ୍ଥାରେ ପଡ଼ି ରହିଛି। ଫଳରେ ବଡଛତରଙ୍ଗ ଏବଂ ମହୁଲପାଟଣା ଗ୍ରାମପଞ୍ଚାୟତ ମୁଖ୍ୟାଳୟରେ ଥିବା ବିଦ୍ୟାଳୟ, ଆରଆଇ କାର୍ଯ୍ୟାଳୟ, ଡାକଘର, ପ୍ରାଇମେରୀ ଏନ.ଏମ କେନ୍ଦ୍ର, ୫-ଟି ହାଇସ୍କୁଲ, ଯୁକ୍ତ ୨ କଲେଜ ଭଳି ଅନେକ ସରକାରୀ ବେସରକାରୀ କାର୍ଯ୍ୟାଳୟ ରହିଛି। ଟାୱାର ଅଚଳାବସ୍ଥା ହେତୁ ଅନଲାଇନ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଛି। ଏହାକୁ ନେଇ ଉକ୍ତ ୨ଟି ଗ୍ରାମ ପଞ୍ଚାୟତ ଲୋକେ ପ୍ରଥମେ ଥୁଆମୂଳ ରାମପୁର ଥାନାରେ ଲିଖିତ ମାଧ୍ୟମରେ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ବାରମ୍ବାର ବିଭାଗୀୟ ବିଏସଏନଏଲ ଅଧିକାରୀ କିମ୍ବା ଟାୱାର ନିର୍ମାଣ ସଂସ୍ଥାଙ୍କୁ ଆମେ ଯୋଗାଯୋଗ କରିଥିଲେ। ସେମାନେ ଶୁଣୁନାହାନ୍ତି କିମ୍ବା ଟାୱାର ମରାମତି କରିବା ପାଇଁ ଆସୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଯଦି ଆସନ୍ତା ୩ ଦିନ ମଧ୍ୟରେ ଏହି ସମସ୍ୟା ସମାଧାନ ନ ଗଲେ ଆଗାମୀ ଦିନରେ ବିଏସଏନଏଲ ଏକ୍ସଚେଞ୍ଜ କାର୍ଯ୍ୟାଳୟରେ ତାଲା ପକାଇବକୁ ବୋଲି ଲିଖିତ ଆକାରରେ ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ଜଣାଇବା ସହ ଥୁଆମୂଳ ରାମପୁର ବିଡିଓଙ୍କୁ ମଧ ଲିଖିତ ମାଧମରେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ବିଏସଏନଏଲ କାର୍ଯ୍ୟାଳୟକୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଲେ କୌଣସି ପ୍ରକାର ଉତ୍ତର ମିଳି ନ ଥିଲା ବା ବିଭାଗୀୟ ଅଧିକାରୀ ଫୋନ ଉଠାଉ ନ ଥିଲେ। ବିଏସଏନଏଲ ଅଧିକାରୀ କେତେ ଶୀଘ୍ରଉକ୍ତ ସମସ୍ୟା ସମାଧାନ କରୁଛନ୍ତି, ତାହା ଦେଖିବାକୁ ବାକିରହିଲା।

# ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ, ହସ୍ପିଟାଲ ଉଦ୍‌ଘାଟିତ

ସୁନ୍ଦରଗଡ,୨।୩ (ଜୟ ନାରାୟଣ ମେଣ୍ଡୁଲି)

ବହୁ ପ୍ରତୀକ୍ଷିତ ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ୫୦୦ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲରେ ଆନୁଷ୍ଠାନିକ ଭାବେ ରୋଗୀସେବା ଆରମ୍ଭ ହୋଇଛି। ସୁନ୍ଦରଗଡ ଜିଲା ସମେତ ପଡୋଶୀ ଝାରସୁଗୁଡା ଓ ସମ୍ବଲପୁର ସୀମାବର୍ତ୍ତୀ ଏବଂ ପଡୋଶୀ ରାଜ୍ୟ ଝାଡଖଣ୍ଡ ଓ ଛତିଶଗଡ଼ ସୀମାନ୍ତ ଅଞ୍ଚଳବାସୀ ଏହାର ସୁବିଧା ପାଇପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାର ସ୍ୱାସ୍ଥ୍ୟ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହୋଇଛି। ଲୋକଙ୍କୁ ଉତ୍ତମ ଚିକିତ୍ସା ଓ ସେବା ଯୋଗାଇବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଆମ ସ୍ୱାସ୍ଥ୍ୟ ସେବା ଉପରେ ଲୋକଙ୍କ ବିଶ୍ୱାସ ରହିଛି। ଦିନ ଥିଲା ଓଡ଼ିଶାରେ ମାତ୍ର ୩ଟି ମେଡିକାଲ କଲେଜ ଓ ହସ୍ପିଟାଲ ଥିଲା। ଗତ ୬ବର୍ଷ


ଉଦ୍‌ଘାଟନର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ମଧ୍ୟରେ ଏବେ ୮ଟି ମେଡିକାଲ କଲେଜ ଓ ୨ଟି ସ୍ନାତକୋତ୍ତର ପ୍ରତିଷ୍ଠାନ ଗଢିଉଠିଛି।

ଆଗାମୀ ଦିନରେ ଆଉ ୩ଟି ମେଡିକାଲ କଲେଜ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନରେ କହିଛନ୍ତି। ସୁନ୍ଦରଗଡରେ ଆୟୋଜିତ ସମାରୋହରେ ଆମ ଓଡ଼ିଆ, ନବୀନ ଓଡ଼ିଶାର ସଂଯୋଜକ ଯୋଗେଶ କୁମାର ସିଂହ ଯୋଗଦେଇ ଜିଲା ତଥା ରାଜ୍ୟବାସୀଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ସମାରୋହରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ,ହକି ଇଣ୍ଡିଆ ସଭାପତି ଡ. ଦିଲ୍ଲୀପ ତିର୍କୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ରାଜଗାଙ୍ଗପୁର ବିଧାୟକ ଡା. ସିଏସ ରାଜନ ଏକ୍କା, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲି, ମେଡିକାଲ କଲେଜ ଡିନ୍ ଦୈତାରୀ ରାଉତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ,ଏନଟିପିସି ଦର୍ଲିପାଲି ପକ୍ଷରୁ ପାରିପାର୍ଶ୍ୱିକ ଉନ୍ନୟନ ଓ ସାମାଜିକ ଦାୟିତ୍ୱ ବୋଧ ପାଣ୍ଠିରୁ ୪୧୭.୭୭କୋଟିବ୍ୟୟରେ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ହୋଇଛି। ୨୦୨୨-୨୩ଶିକ୍ଷା ବର୍ଷରୁ ଏଠାରେ ଡାକ୍ତରୀ ପାଠ ପଢା ଆରମ୍ଭ ହୋଇଥିଲା। ହେଲେ ଏହି ହସ୍ପିଟାଲରେ ରୋଗୀ ସେବା ଆରମ୍ଭ ହୋଇ ନ ଥିଲା। ମେଡିକାଲ କଲେଜ ଓ ହସ୍ପିଟାଲ ଆରମ୍ଭ ହେବା ପରେ ଜିଲାବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ସଂକ୍ଷେପରେ

### ବିଷ ଖାଇ ଯୁବତୀ ମୃତ

ବେଦବ୍ୟାସ, ୨।୩ (ଆଲୋକ ସ୍ୱାଇଁ): ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ଲୁଙ୍ଗେଇ ବସ୍ତିରେ ରହୁଥିବା ଜଣେ ଯୁବତୀ କଳସ ଗିଧି ଗତ ୨୩ତାରିଖରେ ବିଷ ଖାଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଅବସ୍ଥା ନ ସୁଧୁରିବାରୁ ତାଙ୍କୁ ପୁନଃ ରାଉରକେଲା ଜେପି ହସ୍ପିଟାଲକୁ ସ୍ଥାନାନ୍ତର କରାଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ମୋ ବସ୍‌ଷ୍ଟାଣ୍ଡ ପାଇଁ ଦାବି

ଲାଠିକଟା,୨।୩ (ରାମେଶ୍ୱର ଖାଡ଼ଙ୍ଗା): ସାର ନଗରୀ ରେ ମୋ ବସ ଚଳାଚଳ କରୁଥିବାରୁ ଅଞ୍ଚଳ ବାସୀ ବେସ ଖୁସି। ଆଜିକୁ ପ୍ରାୟ ୬ ମାସରୁ ଅଧିକ ହେବ ଅଞ୍ଚଳରେ ମୋ ବସ ଗଡୁଛି। ମାତ୍ର ବିଡମ୍ବନାର ବିଷୟ ମୋ ବସ୍ ପାଇଁ ଷ୍ଟାଣ୍ଡ ନାହିଁ। ଫଳରେ ଅଞ୍ଚଳବାସୀ ସମସ୍ୟା ଭୋଗୁଛନ୍ତି। କେଉଁ ଜାଗାରେ ବସ୍‌କୁ ଅପେକ୍ଷା କରିବେ ଯାତ୍ରୀମାନେ ଜାଣି ପାରୁନାହାଁନ୍ତି। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

### ଥାନା ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ବନ୍ଧମୁଣ୍ଡା,୨।୩ (ସୁବ୍ରତ ଦେ) : ବନ୍ଧମୁଣ୍ଡା ଥାନା ଇନ୍ସପେକ୍ଟର ରଞ୍ଜନ କୁମାର ନାୟକଙ୍କ ବଦଳି ଉଦ୍ଦେଶ୍ୟରେ ଏକ ବିଦାୟ ସମାରୋହ କାର୍ଯ୍ୟକ୍ରମ ଶନିବାର ଆୟୋଜିତ ହୋଇଥିଲା। ସାମାଜିକ କର୍ମୀ ପରମଜିତ ସିଂ ସନ୍ଧୁଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ଲୋକ ଏହି କାର୍ଯ୍ୟକ୍ରମରେ ସାମିଲ ହେଇ ଇନ୍ସପେକ୍ଟର ରଞ୍ଜନ ନାୟକଙ୍କୁ ପୁଷ୍ପଗୁଚ୍ଛ ଏବଂ ସ୍ମୃତି ଚିହ୍ନ ଦେଇ ସମ୍ମାନିତ କରିଥିଲେ। ଏହି ଅବସରରେ ପରମଜିତ ସିଂ ସନ୍ଧୁ, ବନ୍ଧମୁଣ୍ଡା ସମିତି ସଦସ୍ୟ ରବି ନାରାୟଣ ମାଝି, ଡିଲେଶ୍ୱର ପାଲ, ନାଗେଶ ଜଗଦଲା, ବୁଲି ରାଓ, ଡି ବାଗ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ବଡ଼ଗାଁ,୨।୩(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଟିମନା ଗ୍ରାମରେ ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇଥିବା ବିଜୟ ମିଞ୍ଜ(୩୬)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ବିଜୟ ତାଙ୍କ ଶଶୁର ଗ୍ରାବିଏଲଙ୍କ ସହିତ ବାଇକ୍ ଯୋଗେ ଦେଓଗାଁ ନିକଟ ସେମେଲକାନିଗାଁକୁ କୌଣସି କାମରେ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ଟିମନା ଗାଁ ନିକଟ ବୁଲାଣୀଠାରେ ନିୟନ୍ତ୍ରଣ ହରାଇ ରାସ୍ତା କଡରେ ଥିବା ଗଛରେ ପିଟି ହୋଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ସୁନ୍ଦରଗଡ ମେଡିକାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା।

### କେଡି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ବନ୍ଧମୁଣ୍ଡା, ୨।୩ (ସୁବ୍ରତ ଦେ):ବିଶ୍ରା ସହର ସ୍ଥିତ କେଡି ପବ୍ଲିକ ସ୍କୁଲର ୨୨ତମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଯୋଗଦେଇଥିଲେ। ଏହି ଅବସରରେ ଡିଏସପି ନିର୍ମଳ ମାହାତୋ, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ରାଜେଶ ପାଣ୍ଡେ, ସ୍କୁଲ ସଭାପତି ରାମ କୁମାର ପାଣ୍ଡେ, ସ୍କୁଲ ସଚିବ ସଞ୍ଜୟ ପାଣ୍ଡେ, ସାମାଜିକ କର୍ମୀ ଗୋପାଳ ସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ପଲ୍‌ସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ

ସୁନ୍ଦରଗଡ଼,୨।୩(ଜୟ ନାରାୟଣ ମେଣ୍ଡୁଲି): ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶନିବାର ପଲସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଜନ୍ମରୁ ୫ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପୋଲିଓ ଦିଆଯିବ। ଜିଲାର ମୋଟ ୧,୮୮,୬୦୩ ଜଣ ଶିଶୁଙ୍କୁ ପୋଲିଓ ଦେବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଠିକ ଭାବେ ପରିଚାଳନା କରିବାପାଇଁ ୧୯୦୬ଟି ପୋଲିଓ ବୁଥ କରାଯିବ। ୨୦୪ଜଣ ସୁପରଭାଇଜର କାର୍ଯ୍ୟକ୍ରମର ତଦାରଖ କରିବେ। ଟ୍ରାନଜିଟ ଟିମ୍ ୫୮ଏବଂ ମୋବାଇଲ ଟିମ୍ ୩୩ ଦ୍ୱାରା ପୋଲିଓ ଦିଆଯିବ। ବୁଥ କାର୍ଯ୍ୟକ୍ରମ ୩ ତାରିଖରେ କରାଯିବ। ୪ ଓ ୫ତାରିଖରେ ଘରକୁ ଘର ପରିଦର୍ଶନ କରି ପୋଲିଓ ନେଇ ନ ଥିବା ଶିଶୁରଙ୍କୁ ପୋଲିଓ ପ୍ରଦାନ କରାଯିବ।

# ରକ୍ଷିତାଙ୍କୁ ହତ୍ୟା, ସ୍ୱାମୀ କୋର୍ଟ ଚାଲାଣ

କୁଆଁରମୁଣ୍ଡା,୨।୩ (ମହେନ୍ଦ୍ର କୁମାର ସାହୁ)

ବିବାହିତା ସ୍ତ୍ରୀଙ୍କ ମୃତ୍ୟୁ ପରେ ଅନ୍ୟ ଜଣେ ବିଧବାଙ୍କୁ ଭଲପାଇ ଗତ ୧ ବର୍ଷ ହେଲା ନିଜ ଘରେ ରଖିଥିଲେ ଜଣେ ୬୦ ବର୍ଷୀୟ ବ୍ୟକ୍ତି। ହେଲେ ଶୁକ୍ରବାର ତାଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କଲେ। ଏହି ଘଟଣା ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଜଳଙ୍ଗବିରା ଗ୍ରାମର ଗନ୍ଧୁରାଟୋଲିରେ ଘଟିଛି। ଶନିବାର ସକାଳୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଅଭିଯୁକ୍ତ ସାମୁଏଲ ସଏଙ୍କୁ ଗିରଫ କରିଛି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ମୃତା ମହିଳା ହେଲେ ଫୁଲମଣି ସଏ(୫୫)। ଏ ନେଇ ବୀରମିତ୍ରପୁର ଥାନାରେ ଦଫା ୩୦୨ ଆଇପିସିରେ ଏକ ମାମଲା(୯୮/୨୪) ରୁଜୁ କରାଯାଇଛି ବୋଲି ଆଇଆଇସି ବନ୍ଦନା ପାତ୍ର ସୂଚନା ଦେଇଛନ୍ତି। ରାଉରକେଲାର ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ହତ୍ୟାରେ ବ୍ୟବହୃତ ଠେଙ୍ଗାକୁ ଜବତ କରି ଘଟଣାର ଯାଞ୍ଚ ଚଳାଇଛି। ଆଇଆଇସି ପାତ୍ରଙ୍କ ସୂଚନା ଅନୁଯାୟୀ, ଫୁଲମଣିଙ୍କ ଘର ବିଶ୍ରା ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ ପୂର୍ବରୁ କୁମଝରିଆ ପଞ୍ଚାୟତର ଲାସେରେଙ୍କୁ ବିବାହ କରିଥିଲେ। ପ୍ରଥମ ସ୍ୱାମୀଙ୍କ


ସାମୁଏଲ ସଏ।

ମୃତ୍ୟୁ ଓ କୌଣସି ସନ୍ତାନ ନ ଥିବା ଜାଣି ଫୁଲମଣିଙ୍କୁ ସାମୁଏଲ ପ୍ରେମରେ ଫସାଇ ଗତ ୧ ବର୍ଷ ହେଲା ନିଜ ଘରେ ରଖିଥିଲେ। ସାମୁଏଲଙ୍କର ଜଣେ ବିବାହିତା ଝିଅ ଥିବା ବେଳେ ତାଙ୍କ ସ୍ତ୍ରୀଙ୍କ କିଛି ବର୍ଷ ତଳେ ମୃତ୍ୟୁ ଘଟିଥିଲା। ସାମୁଏଲ ଫୁଲମଣିଙ୍କୁ ପିଟି ମାରିବା ପଛର କାରଣ ଜଣାପଡ଼ି ନ ଥିବା ବେଳେ ଗତ କିଛି ଦିନ ହେଲା ଉଭୟଙ୍କ ମଧ୍ୟରେ ପ୍ରାୟ ବଚସା ହେଉଥିଲା ବୋଲି ଜଣାପଡିଛି। ଗତ ୩ ଦିନ ତଳେ ମୃତା ଫୁଲମଣି ଲାସେସ୍ଥିତ ମୃତ ସ୍ୱାମୀଙ୍କ ଘରକୁ ପଳାଇ ଆସିଥିଲେ। ଏହା ଜାଣି ସାମୁଏଲ ତାଙ୍କୁ ସେଠାରୁ ପୁଣି ବୁଝାଇ ନିଜ ଘରକୁ ନେଇଥିଲେ। ହେଲେ ଶୁକ୍ରବାର ରାତିରେ ଉଭୟଙ୍କ ମଧ୍ୟରେ ବଚସା ହୋଉଥିବା ସ୍ଥାନୀୟ ବାସିନ୍ଦାଙ୍କଠାରୁ ଜଣାପଡିଛି।

# କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ



ଜଣେ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ବଣାଇଁ,୨।୩ (ପ୍ରଦୀପ ତ୍ରିପାଠୀ)

ବଣାଇଁ ଉପଖଣ୍ଡର ଗୁରୁଣ୍ଡିଆ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ଶନିବାର ଗୁରୁଣ୍ଡିଆ ମିଶନ ଶକ୍ତି ସଭାଗୃହରେ ୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ଋଣ ଚେକ ପ୍ରଦାନ କରାଯାଇଛି। ଏଥିସହ ଦୁର୍ଘଟଣା ଜନିତ ମୃତ୍ୟୁ ବରଣ କରିଥିବା ୨ଟି ପରିବାର ଲୋକଙ୍କୁ ସୁନ୍ଦରଗଡ଼ ଜିଲା ସମବାୟ ବ୍ୟାଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏଁ ଚେକ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ସମବାୟ ବ୍ୟାଙ୍କ ସମୂହ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ସମବାୟ ବ୍ୟାଙ୍କ ଡାଇରେକ୍ଟର ଆଲୋକ ପ୍ରକାଶ ପଟେଲ, ଗୁରୁଣ୍ଡିଆ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଚନ୍ଦନ କୁମାର କର, ହିସାବ ରକ୍ଷକ ମାନସ ରଞ୍ଜନ ପରିଡା, ଜର୍ଡା ଲ୍ୟାମ୍ପସ ସଭାପତି ହୀରାମଣି ଓରାମ, ଜର୍ଡା ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଭରତ ପଣ୍ଡା, ଗୁରୁଣ୍ଡିଆ ସମବାୟ ସମିତି ଆକାଉଣ୍ଟାଣ୍ଟ ଲିପୁନ ବେହେରା, ସୋଲ ସମବାୟ ସମିତି ପରିଚାଳନା ନିର୍ଦ୍ଦେଶକ ଅରକ୍ଷିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ ।

କେନ୍ଦ୍ର ସମବାୟ ବ୍ୟାଙ୍କର ନିୟମ ଅନୁସାରେ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ଓ କୌଣସି ଦୁର୍ଘଟଣା ଜନିତ ମୃତ୍ୟୁବରଣ କରିଥିବା ପରିବାର ଲୋକଙ୍କୁ ସହାୟତା ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସୂଚନା ଯୋଗ୍ୟ ଯେ, ଗତ ଦେଢବର୍ଷ ତଳେ ଭୁରୁମ ଗ୍ରାମର ମହିଳା ମମତା ରାଣୀ ପାତ୍ରଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ରାଜେଶ ତିର୍କୀଙ୍କୁ ସମବାୟ ବ୍ୟାଙ୍କ ତରଫରୁ ୫ ଲକ୍ଷ ଟଙ୍କା ଚେକ ପ୍ରଦାନ କରାଯାଇଛି। ସେହିପରି କଂସର ଗ୍ରାମର ବିରଞ୍ଚି ନାରାୟଣ ନାଏକ ବାଇକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବାରୁ ତାଙ୍କ ସ୍ତ୍ରୀ ସୁଶମାଙ୍କୁ ୫ ଲକ୍ଷ ଟଙ୍କାର ବିମା ରାଶି ଚେକ ପ୍ରଦାନ କରାଯାଇଛି। ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ମା ତୁଳସୀ, ଜୟ ଦରମ, ମା ମଙ୍ଗଳା, ରଶ୍ମିତା ଏବଂ ମା ସିଂହ ବାହୀନି ମହିଳାମାନଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ଋଣ ପାଇଁ ଚେକ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଗୁରୁଣ୍ଡିଆ ସମବାୟ ବ୍ୟାଙ୍କର ଦୟା ସାଗର ମାହାନ୍ତ, ପ୍ରଭାତ ଦେବ, ଅଞ୍ଜନ ତିର୍କୀ, ସୁଶାନ୍ତ ନନ୍ଦ, ପୂର୍ଣ୍ଣଚନ୍ଦ୍ର ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ସହାୟତା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଏକ୍ସ କ୍ୟାଡର ଶିକ୍ଷକ ସଂଘ

ବଡ଼ଗାଁ,୨।୩ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ଏକ୍ସ କ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଶିକ୍ଷକ ସଂଘର ୫ ଦଫା ଦାବିରୁ କିଛି ଦାବି ସରକାର ପୂରଣ କରିଥିବାରୁ ସଂଘର ଜିଲା ସଭାପତି ଦୀପକ ପୁରୋହିତ, ବଡ଼ଗାଁ ବ୍ଲକ ସଭାପତି ଜୟଦେବ ସାହୁ, ସମ୍ପାଦକ ଦୀପକ ନାଏକଙ୍କ ସହିତ ଅମିୟ ପାଣିଗ୍ରାହୀ, ସୁବାସ ଚନ୍ଦ୍ର ସାହୁ , ସଞ୍ଜୀବ ବିଶି ପ୍ରମୁଖ ସଂଘ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫ -ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ଗଣଶିକ୍ଷା ମନ୍ତ୍ରୀ ଓ ଶିକ୍ଷା ସଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହା ସହିତ ରାଜ୍ୟ ସଂଘ କର୍ମକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ସୁଫଳ ମିଳିଥିବା କହି ସେମାନଙ୍କୁ ଜିଲା ଓ ବ୍ଲକ ସଂଘ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଶିକ୍ଷକ ସଂଘ ପକ୍ଷରୁ କରାଯାଇଥିବା ଦାବି ମଧ୍ୟରୁ ସରକାର ଇନ୍‌କ୍ରିମେଣ୍ଟ ପ୍ରଦାନ କରିଥିଲେ ମଧ୍ୟ ବାକିଥିବା ଆଉ କେତେକ ଦାବି ପୂରଣ ହେଲେ ଶିକ୍ଷକମାନେ ଉପକୃତ ହେବେ ବୋଲି ସଂଘ କର୍ମକର୍ତ୍ତା ଆଶା ପ୍ରକଟ କରିଛନ୍ତି।

ସୂଚନାଯୋଗ୍ୟ, ଏକ୍ସ କ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ଇନ୍‌କ୍ରିମେଣ୍ଟ ପ୍ରଦାନ, ଏକ୍ସ କ୍ୟାଡର ଉଚ୍ଛେଦ, ଟ୍ରେଜେରି ମାଧ୍ୟମରେ ଦରମା ପ୍ରଦାନ, ନିୟମିତ ହୋଇ ନ ଥିବା ଶିକ୍ଷକଙ୍କୁ ନିୟମିତ କରିବା ଓ ଓଟିଇଟି ଉଚ୍ଛେଦ କରିବାକୁ ଦାବି କରିଥିଲେ। ଦାବି ପୂରଣ ନ ହେବାରୁ ଗତବର୍ଷ ଜୁଲାଇ ୩୧ରୁ ଭୁବନେଶ୍ୱରରେ ସେମାନେ ଦୀର୍ଘ ୧୭୫ ଦିନ ଧାରଣାରେ ବସିଥିଲେ। ୨୦୧୭ରେ ଏକ୍ସ କ୍ୟାଡର ଶିକ୍ଷକଙ୍କୁ ସରକାର ନିୟମିତ କରିଥିଲେ ମଧ୍ୟ ୫ ଦଫା ଦାବି ପୂରଣ କରି ନ ଥିଲେ। ଦୀର୍ଘବର୍ଷର ଆନ୍ଦୋଳନ, ବିକ୍ଷୋଭ ପରେ ସରକର କିଛି ଦାବି ପୂରଣ କରିଥିବାରୁ ଶିକ୍ଷକ ସଂଘ ଖୁସି ପ୍ରକଟ କରି କୃତଜ୍ଞତା ଜଣାଇଛି।

# ବିଜେଡିର ନିର୍ବାଚନମଣ୍ଡଳୀ ସ୍ତରୀୟ କର୍ମୀ ସମ୍ମିଳନୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ସବ୍‌ଡେଗା,୨।୩ (ଅନନ୍ତ ପଟେଲ)

ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନକୁ ଆଖି ଆଗରେ ରଖି ତଳସରା ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନ ମଣ୍ଡଳୀ ସ୍ତରୀୟ କର୍ମୀ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ସବ୍‌ଡେଗା ବ୍ଲକ କରମଡିହି ଦାଇଜମହୁଲଠାରେ ଜିଲା ବିଜେଡି ସଭାପତି ବିନୟ ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରିତିରଞ୍ଜନ ଘଡ଼େଇ ଯୋଗଦେଇ ବୁଥ ସ୍ତରରୁ ଦଳକୁ ମଜବୁତ କରିବା ପାଇଁ ବୁଥ କମିଟି ଗଠନ ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇ ଏହାର ପ୍ରଚାର ପ୍ରସାର ପାଇଁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ଜିଲା ସହ ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ, ଡବ୍ଲ୍ୟୁଡିସି ଏକ୍ସପର୍ଟ ମେମ୍ବର ଏବଂ ତଳସରା ସହ ପର୍ଯ୍ୟବେକ୍ଷକ ବୈକୁଣ୍ଠ ନାଏକ, ବରିଷ୍ଠ ନେତା ସନ୍ତୋଷ ଅମାତ, ରାଜ୍ୟ ପରିଷଦ ସଭ୍ୟ ମହମ୍ମଦ ହାରୁନ ରସିଦ, ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି, ରାଜ୍ୟ ଯୁବ ବିଜେଡି ସମ୍ପାଦକ ମୁକେଶ ପୁରୋହିତ, ସବ୍‌ଡେଗା ବ୍ଲକ ବିଜୁଯୁବ ସଭାପତି ଅନନ୍ତ ପଟେଲ, ଜିଲାପରିଷଦ ସଭ୍ୟ ମନୋଜ ବାରୁଆ, ବିନୋଦ କୁଜୁର, ଜୟନ୍ତୀ ଏକ୍କା, ବୈଷ୍ଣବ ମାଝି, ଜଳନି କେରକେଟା, ବାଲିଶଙ୍କରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ସବ୍‌ଡେଗା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁନ୍ତୀ ପ୍ରଧାନ,ବାଲିଶଙ୍କରା ବ୍ଲକ ଉପାଧ୍ୟକ୍ଷ ପିତାମ୍ବର ଶେଖର ଦେଓ, ଜିଲା ସମ୍ପାଦକ ଅରୁଣ ଦୀକ୍ଷିତ, ଉମେଶ ପ୍ରସାଦ ସାହୁ, ବ୍ଲକ ବିଜେଡି ସଭାପତି ଦେବାଶିଷ ମିଶ୍ର, କେଶବ ରଣା, ପ୍ରଶାନ୍ତ ପୃଷେଠ, ଧବଳେଶ୍ୱର ନେଗୀ, ଗୀତାଞ୍ଜଳି ପଟେଲ, ଶିବାଜୀ ନାଏକ, ସୁବ୍ରତ ନାଏକ, ଅଜୟ ପାଣିଗ୍ରାହୀ, ଈଶ୍ୱର କାକଙ୍କ ସମେତ ବାଲିଶଙ୍କରା, ଲେଫ୍ରିପଡ଼ା, ବଡ଼ଗାଁ ଓ ସବ୍‌ଡେଗା ବ୍ଲକରୁ ଆସିଥିବା ବିଜୁ ଜନତା ଦଳର ସମସ୍ତ ପଞ୍ଚାୟତ ସଭାପତି, ବରିଷ୍ଠ ନେତୃବୃନ୍ଦ,ବିଜୁ ଯୁବ,ଛାତ୍ର ଓ ମହିଳା ଜନତା ଦଳର ସମସ୍ତ କର୍ମିବୃନ୍ଦ ଯୋଗଦେଇଥିଲେ ।

# ଡ୍ରୋନ୍ ସର୍ବେକ୍ଷଣ ଦଳକୁ ଫେରାଇଦେଲେ ଗ୍ରାମବାସୀ

ହେମଗିର,୨।୩ (ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିରସ୍ଥିତ ଝାରପଲମ ପଞ୍ଚାୟତର ବିଜାହାଣ୍ଡି ଖଣିର ଡ୍ରୋନ ସର୍ବେକ୍ଷଣ ଦଳକୁ ଫାଇଦେଲ ଗ୍ରାମବାସୀ। ସୂଚନା ଅନଯାୟୀ, ବିଜାହାଣ୍ଡି କୋଇଲା ଖଣି ଅଞ୍ଚଳରେ କମ୍ପାନୀ ପକ୍ଷରୁ ଡ୍ରୋନ ସର୍ଭେ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ଗ୍ରାମବାସୀ ପହଞ୍ଚି ଏହାକୁ ତୀବ୍ର ବିରୋଧ କରିବା ସହିତ ଖଣି ଖନନ ପାଇଁ ଗ୍ରାମ ସଭା ନ ହେବା ପର୍ଯ୍ୟନ୍ତ ଏହି ସର୍ଭେ କରାଯିବ ନାହିଁ ବୋଲି କହିଥିଲେ। ମେସସ ମହାନଦୀ ଖଣି ଏବଂ ଖଣିଜପଦାର୍ଥ କମ୍ପାନୀକୁ ବିଜାହାଣ୍ଡି କୋଇଲା ଖଣି ଆବଣ୍ଟିତ ହୋଇଛି। ହେମଗିର ତହସିଲ ଅନ୍ତର୍ଗତ ବିଜାହାଣ୍ଡି, ଭୋଗ୍ରାକଛାର, ଗିରିସିମା ଏବଂ ଝାରପାଲମରେ ୧୧ଶହ ହେକ୍ଟର ଖଣି ଲିଜ ଫିଲ୍ଡ ପୂର୍ଣ୍ଣ କ୍ଷମତାରେ ବାର୍ଷିକ ୫୨ ଲକ୍ଷ ଟନ କୋଇଲା ଉତ୍ତୋଳନ ହେବାକୁ ରହିଛି। ଯେ ପର୍ଯ୍ୟନ୍ତ ବିସ୍ଥାପିତଙ୍କ ଲୋକଙ୍କ ଦାବି ଗୁଡିକ ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ଡ୍ରୋନ ସର୍ବେକ୍ଷଣ ପାଇ ଅନୁମତି ଦିଆଯିବ ନାହିଁ ବୋଲି ବିସ୍ଥାପିତମାନେ କହିଛନ୍ତି।

# ଆଇଟିଆଇରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ

ବଡ଼ଗାଁ,୨।୩ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଅନୁଷ୍ଠିତ ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ ଶନିବାର ସମାପନ ହୋଇଛି। ଗୁରୁବାର କଳସ ଶୋଭାଯାତ୍ରାରେ ଅନୁଷ୍ଠାନର କର୍ମଚାରୀ ଓ ଗ୍ରାମବାସୀ ଗ୍ରାମ ପରିକ୍ରମା କରି କୀର୍ତ୍ତନ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ଶୁକ୍ରବାର ଅହୋରାତ୍ର ନାମ ସଂକୀର୍ତ୍ତନ ହୋଇଥିଲା। ଶନିବାର ନଗର ସଂକୀର୍ତ୍ତନ, ଯମୁନା ସ୍ନାନ ଓ ଦଧିହାଣ୍ଡି ଭଞ୍ଜନ ସହିତ ନାମ ସଂକୀର୍ତ୍ତନ ସମାପନ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ଏହି ନାମ ସଂକୀର୍ତ୍ତନରେ ବରଗଡ ଓ ରାଉରକେଲାର ଇସ୍କନ ନାମ ସଂକୀର୍ତ୍ତନ ଦଳ ସହିତ ବଡ଼ଗାଁ ବ୍ଲକର ୧୨ଟି ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ କରିଥିଲେ। ଶିଳ୍ପ ତାଲିମ କେନ୍ଦ୍ରର ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକ ଓ ନାମ ସଂକୀର୍ତ୍ତନ ପରିଚାଳନା କମିଟିର କର୍ମକର୍ତ୍ତା ଦିବ୍ୟ ଲୋଚନ ପୃଷେଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯକ୍ରମ ପରିଚାଳିତ ହୋଇଥିଲା। ଅନୁଷ୍ଠାନର କର୍ମଚାରୀ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।


ଭକ୍ତମାନେ ନାମ ସଂକୀର୍ତ୍ତନ କରୁଛନ୍ତି।

# ବିଜେଡିରେ ସାମିଲ ହେଲେ ୧ ହଜାରରୁ ଊର୍ଦ୍ଧ୍ୱ କର୍ମୀ

**ସୁନ୍ଦରଗଡ଼ରେ ବିଜେଡିର ମହା ମିଶ୍ରଣ ପର୍ବ**

ସୁନ୍ଦରଗଡ଼,୨।୩ (ଜୟ ନାରାୟଣ ମେଣ୍ଡୁଲି)



ସୁନ୍ଦରଗଡ଼ ସଦରମହକୁମା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନରେ ଏକ ମହାମିଶ୍ରଣ ପର୍ବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ, ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ତଥା ନୂଆ ଓ ନବୀନ ଓଡିଶାର ଜିଲା ସଂଯୋଜକ ଯୋଗେଶ ସିଂଙ୍କ ନେତୃତ୍ୱରେ ଏବଂ ଉପନଗରପାଳ ତଥା ଟାଉନ ବିଜୁଜନତା ଦଳ ସଭାପତି ଲଲାଟ ପରିଡ଼ାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ତଥା କଂଗ୍ରେସ ନେତା କାଶୀନାଥ ରାଉତଙ୍କ ସମେତ ଭାଜପା, କଂଗ୍ରେସ ଏବଂ ଅନ୍ୟ ସଂଗଠନ ଗୁଡିକର ଏକ ହଜାରରୁ ଊର୍ଦ୍ଧ୍ୱ ଦଳରେ ଯୋଗଦେଇଥିଲେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି,ରାଜ୍ୟର ବିକାଶ ସହିତ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ପ୍ରତି ଆସ୍ଥା ଓ ବିଶ୍ୱାସ କରି ସେମାନେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ଏହି ମିଶ୍ରଣ ପର୍ବରେ କଂଗ୍ରେସର ଟାଣୁଆନେତା, ପୂର୍ବତନ ଜିଲା ପରିଷଦର ଉପସଭାପତି, ଜିଲା କଂଗ୍ରେସର ଉପସଭାପତି, ଟ୍ରେଡ ୟୁନିୟନ ନେତା କାଶୀନାଥ ରାଉତ, ରଞ୍ଜିତ ପଟେଲ, ଦୀନବନ୍ଧୁ ସା, କରୁଣାକର ରାୟ, ଲଳିତ ବଗାର, ଦୀପକ ପାଣାୟତ, ସୁନୀଲ ଭୋଇ, ସୋମ୍ୟସେତୁ ପାଟଯୋଶୀ, ତରୁଣକାନ୍ତ ବହିଦାର, ନିଧିଚରଣ କାଲୋ, ଅଧିଷ ପଟ୍ଟନାୟକ, ରାହୁଲ ଅଗ୍ରୱାଲ, ସଚିନ୍ଦ୍ର ମାଝି, ମହେନ୍ଦ୍ର ଅମାତ, ଚନ୍ଦ୍ରକାନ୍ତ ନାଏକ, ଗୋପୀନାଥ ପଟ୍ଟନାୟକ, ନାରାୟଣ ଧରୁଆ, ସନ୍ତୋଷ ପଧାନ, କିଶୋର କୁମାର ରାୟଙ୍କ ସହିତ ଶତାଧିକ ହେମଗିର ଅଞ୍ଚଳର କଂଗ୍ରେସ ନେତା ଓ କର୍ମୀ, ଆଠ କୋଶିଆ ଲୋକ ସଙ୍ଗଠନର ସଭାପତି ତଥା ଆଦିବାସୀ ମହିଳା ନେତ୍ରୀ ଆନ୍ନା କୁଜୁର, ଉପସଭାପତି ବିର୍ସା ଲାକ୍ରା, ରୀନା ମୁଣ୍ଡାଙ୍କ ସମେତ ଏକ ହଜାରରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଶ୍ରମମନ୍ତ୍ରୀ ସାରଦାପ୍ରସାଦ ନାୟକ, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ସଦର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ, ହକି ଇଣ୍ଡିଆ ସଭାପତି ଦିଲୀପ ତୀର୍କି,ଏସଡିସି ଚେୟାରମ୍ୟାନ ବିନୟ ଟପ୍ପୋ, ଜିଲା ଉପସଭାପତି ଜୟ ନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ,ଗୋପାଳ ପ୍ରଧାନ, ସୁକାନ୍ତ ପତି, ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ସେହେବାଜ ହୁସେନ, ସୁନୀଲ ମହାପାତ୍ରଙ୍କ ସହିତ ସମସ୍ତ ବରିଷ୍ଠ ନେତା, ମହିଳା, ଛାତ୍ର, ଯୁବ ବିଜେଡି କର୍ମକର୍ତ୍ତାଙ୍କ ସହିତ ୩ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଏହି ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ଭବାନୀପାଟଣା,୨।୩(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଖଏରମାଲ ଛକ ନିକଟରେ ଶନିବାର ରାତିରେ ବେଦାନ୍ତ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଗନ୍ନାଥପୁରର ଯୁଗଳ ଶବର (୪୦)। ଏହି ଦୁର୍ଘଟଣାରେ ଯୁବକଙ୍କ ସ୍ତ୍ରୀ ଉର୍ମିଳା (୩୩) ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଉଭୟ ସ୍ୱାମୀ ସ୍ତ୍ରୀ କାଉଗୁଡାରେ ପଢୁଥିବା ନିଜ ଝିଅକୁ ଦେଖା କରି ବାଇକରେ ଫେରୁଥିବାବେଳେ ବାଟରେ ଖଏରମାଲ ଛକ ନିକଟରେ ବେଦାନ୍ତର ଟ୍ରକ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଯୁଗଳଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ମାଟିତଳୁ ମହିଳାଙ୍କ ମୃତଦେହ ଉଦ୍ଧାର

**ହତ୍ୟା କରାଯାଇଥିବା ସନ୍ଦେହ**

ଦେବଗଡ଼/ରିଆମାଳ, ୨।୩
(ଶଶାଙ୍କଶେଖର ଝାଙ୍କର/ନିରଞ୍ଜନ ବେହେରା)

ଦେବଗଡ଼ ଜିଲା ରିଆମାଳ ଥାନା ତାଳକୁଣ୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମଧପୁର ଗ୍ରାମ ଖେଳପଡିଆ ନିକଟରେ ମାଟି ତଳୁ ଜଣେ ମହିଳାଙ୍କ ଗଳିତ ମୃତଦେହ ଠାବ କରାଯାଇଥିବାବେଳେ ଶନିବାର ଉଦ୍ଧାର କରାଯାଇ ବ୍ୟବଚ୍ଛେଦ କରାଯାଇଥିଲା। ମୃତା ମହିଳା ଜଣକ ସମ୍ବଲପୁର ଜିଲା ରେଢାଖୋଲ ଥାନା ଅନ୍ତର୍ଗତ ବଡଖୋଲ ଗ୍ରାମର ମୀନା କିଷାନ(୨୫) ବୋଲି ଜଣାପଡିଛି। ମୀନାଙ୍କ ମା' ଜାନକୀ ମୃତଦେହ ତାଙ୍କ ଝିଅଙ୍କର ବୋଲି ଚିହ୍ନଟ କରିବା ପରେ ମୃତଦେହକୁ ମାଟିରେ ପୋତି ଦିଆଯାଇଛି। ଜାନକୀଙ୍କ କହିବା ଅନୁଯାୟୀ କିଛି ବର୍ଷ ପୂର୍ବେ ତାଙ୍କ ବଡ ଝିଅକୁ ନାକଟିଦେଉଳ ଥାନା ଅନ୍ତର୍ଗତ କେଲୋବକମ ଗ୍ରାମର ଦାଶରଥି କିଷାନଙ୍କ ସହିତ ବିବାହ ଦେଇଥିଲେ।



ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

ମାତ୍ର ତାଙ୍କ ଝିଅ ଅନ୍ୟ ଜଣେ ଯୁବକ ସହିତ ଫେରାର ହୋଇଯିବାରୁ ସାନଝିଅ ମୀନା କିଷାନଙ୍କୁ ଦାଶରଥିଙ୍କ ସହିତ ବିବାହ କରାଇଥିଲେ। ମାତ୍ର ପ୍ରାୟ ୨ ବର୍ଷ ପୂର୍ବେ ମୀନା କୁଆଡ଼େ ଚାଲିଯାଇଥିଲେ। ଶୁକ୍ରବାର ସକାଳେ ମଧପୁର ଗ୍ରାମର ଜଣେ ଛେଳି ଚରାଳି ଉକ୍ତ ଗ୍ରାମର ଖେଳପଡିଆ ନିକଟସ୍ଥ ନାଳ କଡରେ ଉତ୍କଟ ଦୁର୍ଗନ୍ଧ ବାହାରୁଥିବା ଏବଂ ମାଟି ଖୋଳି କେତେକ କୁକୁର ପଚା ମାଂସ ଖାଉଥିବା ଦେଖିବାକୁ ପାଇଥିଲେ। ପାଖକୁ ଯାଇ ଦେଖିବାରୁ ଏକଫୁଟ ଗଭୀରରେ ଏକ ଗଳିତ ମୃତଦେହ ରହିଥିବା ଓ ନିକଟରେ ଏକ ଡ୍ରେସ ଓ ଭଙ୍ଗା କାଚ ଚୁଡି ପଡିଥିବା ଦେଖିବାକୁ ପାଇ ଛେଳିଚରାଳି ଜଣକ ତାଳକୁଣ୍ଡି ପଞ୍ଚାୟତର ସରପଞ୍ଚ ଆମାର୍ସନ ହେମ୍ବ୍ରମଙ୍କୁ ଜଣାଇଥିଲେ । ସରପଞ୍ଚ ନିଜେ ଘଟଣା ସ୍ଥଳରେ ପହଞ୍ଚିବା ସହ ରିଆମାଳ ଥାନା ପୋଲିସକୁ ଏନେଇ ସୂଚନା ଦେବାରୁ ସନ୍ଧ୍ୟାରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମାତ୍ର ନିକଟ ଅତୀତରେ ଉକ୍ତ ଗ୍ରାମର କୌଣସି ବିବାହିତା ମହିଳାଙ୍କର ମୃତ୍ୟୁ ଘଟି ନ ଥିବାରୁ ଏହା କାହାର ମୃତଦେହ ତାହା ଜଣାପଡି ନ ଥିଲା। ଫଳରେ ଏହା ଏକ ହତ୍ୟାକାଣ୍ଡ ହୋଇଥିବା ପୋଲିସ ସନ୍ଦେହ କରିବା ସହ ଅଧିକ ତଦନ୍ତ ନିମନ୍ତେ ସାଇଣ୍ଟିଫିକ ଟିମ୍‌ର ସହାୟତାକୁ ଅପେକ୍ଷା କରିଥିଲା। ସାଇଣ୍ଟିଫିକ ଟିମ୍ ଉପସ୍ଥିତିରେ ମାଟିତଳୁ ମୃତଦେହ ଉଦ୍ଧାର କରାଯିବା ପରେ ଏହା ତାଙ୍କର ଝିଅ ମୀନାର ବୋଲି ଜାନକୀ ଚିହ୍ନଟ କରିଥିଲେ। ମୃତଦେହ ଉଦ୍ଧାର ସମୟରେ ଏକ ଶାଲ ଦ୍ୱାରା ମୀନାଙ୍କ ଗଳାକୁ ବନ୍ଧା ଯାଇଥିବା ଦେଖିବାକୁ ମିଳିଥିଲା। ଫଳରେ ଶାଲ ଦ୍ୱାରା ଗଳାଚିପି ମୀନାଙ୍କୁ ହତ୍ୟା କରାଯାଇଥିବା ନେଇ ପୋଲିସର ସନ୍ଦେହ ଦୃଢୀଭୁତ ହୋଇଛି। ଏ ମାମଲାରେ କାହାରିକୁ ପୋଲିସ ଗିରଫ କରିପାରି ନ ଥିବା ଜଣାପଡିଛି ।

# ରିଆମାଳ, ବାରକୋଟ ବ୍ଲକକୁ ରାଜସ୍ୱ ଉପଖଣ୍ଡ ଘୋଷଣା ଦାବି

ଦେବଗଡ,୨।୩(ଶଶାଙ୍କ ଶେଖର ଝାଙ୍କର)

**ଜିଲା କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ସ୍ମାରକପତ୍ର**

ଦେବଗଡ ଜିଲାର ରିଆମାଳ ଓ ବାରକୋଟ ବ୍ଲକକୁ ରାଜସ୍ୱ ଉପଖଣ୍ଡ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ନିମନ୍ତେ ଦେବଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ଦାବି କରାଯାଇଛି। ଏମର୍ମରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦେବଗଡ଼ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପାଳଙ୍କ ଅନୁପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କୁ ଉପରୋକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦେବଗଡ ଜିଲା ଏକ ପଛୁଆ ଜିଲା ହୋଇଥିବା ବେଳେ ଜିଲାର ୯୦ ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି। ନିକଟ ଅତୀତରେ ରାଜ୍ୟ ସରକାର ନୂତନ ଭାବେ ରାଜ୍ୟର ୩୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିଛନ୍ତି । ମାତ୍ର ବିଡମ୍ବନାର ବିଷୟ ଏହା ଯେ, ଦେବଗଡ଼ ଜିଲାର କୋଣସି ବ୍ଲକକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିନାହାନ୍ତି। ଏଣୁ ଉପରୋକ୍ତ ରିଆମାଳ ଓ ବାରକୋଟ ବ୍ଲକକୁ ରାଜସ୍ୱ ଉପଖଣ୍ଡ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କଲେ ଅଞ୍ଚଳବାସୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ହାତ ପାଆନ୍ତାରେ ପାଇପାରିବେ ବୋଲି ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ ଓ ଜିଲା ଯୁବ କଂଗ୍ରେସ ସଭାପତି ସଲମନ ହେନେଜଙ୍କ ସମେତ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।



ଦେବଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ପୋଲ ନାହିଁ ତ ଭୋଟ ନାହିଁ

ରିଆମାଳ,୨।୩(ନିରଞ୍ଜନନ ବେହେରା)

**ନିର୍ବାଚନ ପୂର୍ବରୁ ଭୋଟ ବର୍ଜନ ଚେତାବନୀ**

ଦେବଗଡ ଜିଲା ରିଆମାଳ ବ୍ଲକ ଚଢେଇମରା ପଞ୍ଚାୟତ ଝରାବେରେଣୀ ଗ୍ରାମର ଦୀର୍ଘଦିନର ସମସ୍ୟା ଓ ଦାବି ପରେ ବି ପୋଲ ହୋଇପାରୁନି। ଫଳରେ ୩ଟି ପଞ୍ଚାୟତର ଗ୍ରାମବାସୀ ଭୋଟ ବର୍ଜନ ଚେତାବନୀ ଦେଇଛନ୍ତି। ଝେରାବେରେଣୀ ଗ୍ରାମରେ ପୋଲ ପାଇଁ ୨କି.ମି ରାସ୍ତାକୁ ୧୭କି.ମି. ରାସ୍ତା ବୁଲି ବୁଢାପାଳ ଯିବାକୁ ପଡୁଛି। ଚଢେଇମରା, ଡୁଙ୍ଗାମାଳ ଓ ନୂଆଁପଡା ପଞ୍ଚାୟତର ଲୋକେ ଟିକିରା ନଦୀ ମଧ୍ୟରେ ସ୍ୱଳ୍ପ ସମୟ ମଧ୍ୟରେ ବୁଢାପାଳ ଯାଇଥାନ୍ତି। ବିଭିନ୍ନ ସମୟରେ ଜନନୀ ଯନ୍ତ୍ରଣା ଠାରୁ ଆରମ୍ଭ କରି ଆମ୍ବୁଲାନ୍ସ ବିଳମ୍ବରେ ଆସିବା, ଦେହ ଖରାପ ହେଲେ ମେଡିକାଲ ଯିବା ଏବଂ ବର୍ଷାଦିନେ ସ୍କୁଲ କଲେଜର ଛାତ୍ରୀଛାତ୍ରମାନେ ବିପଦ ସଂକୁଳ ଅବସ୍ଥାରେ ନଦୀର ପାଣି ଭିତରେ ଯିବା ଆସିବା କରିଥାନ୍ତି। ଏନେଇ ଜନ ଅସନ୍ତୋଷ ଦେଖାଦେଇଛି। ତେବେ ନିର୍ବାଚନ ପୂର୍ବରୁ ପୋଲ ନିର୍ମାଣ ନ ହେଲେ ଭୋଟ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ଉପସ୍ଥିତ ଗ୍ରାମବାସୀ।

# ପାକ୍ସ ସମ୍ପାଦକ, କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ସୋନପୁର,୨।୩(ମୃତ୍ୟୁଞ୍ଜୟ ଶତପଥୀ)

ନିଖିଳ ଓଡିଶା ପାକ୍ସ ଓ ଲ୍ୟାମ୍ପ୍ସ କର୍ମଚାରୀ ସଂଘ ପକ୍ଷରୁ ୩ ଦଫା ଦାବି ନେଇ ଆନ୍ଦୋଳନ ଆରମ୍ଭ ହୋଇଛି। କର୍ମଚାରୀମାନେ ଗତ ୧ ତାରିଖ ଠାରୁ ସମୂହ ଛୁଟିନେଇଛନ୍ତି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାର ମୋଟ ୬୬ଟି ପାକ୍ସ(ପ୍ରାଥମିକ କୃଷି ସମବାୟ ସମିତି)ରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ସୋନପୁର ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଅଧୀନରେ ଥିବା ସୋନପୁର, ବିନିକା, ଡୁଙ୍ଗୁରିପାଲି ଓ ତରଭା ବ୍ଲକର ୪୪ଟି ଏବଂ ବୀରମହାରାଜପୁର ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଅଧୀନରେ ଥିବା ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ୨୨ଟି ପାକ୍ସର କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହି ଆନ୍ଦୋଳନ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପାକ୍ସ ଓ ଲ୍ୟାମ୍ପ୍ସ କର୍ମଚାରୀଙ୍କୁ କ୍ୟାଡରଭୁକ୍ତ କରି ବଦଳି କରିବା, ଷଷ୍ଠ ବେତନ କମିଶନ ହାରରେ ପାଉଥିବା କର୍ମଚାରୀଙ୍କ ଡି.ଏ ୧୬୪% ରୁ ୨୩୦% କୁ ବୃଦ୍ଧି ଓ ସପ୍ତମ ବେତନ କମିଶନକୁ ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ ସଂଘ ପକ୍ଷରୁ ଏହି ଆନ୍ଦୋଳନ କରାଯାଇଛି। ରାଜ୍ୟ ସରକାର ଏହି ଦାବିଗୁଡିକ ପୂରଣ ନ କଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଆନ୍ଦୋଳନରେ ପାକ୍ସ ସମ୍ପାଦକ, ସହ ସମ୍ପାଦକ, ପିଅନ ଓ ରାତ୍ରି ଜଗୁଆଳି ସାମିଲ ହୋଇଛନ୍ତି। ଅନ୍ୟପକ୍ଷେ ମାର୍ଚ୍ଚ ୧ ତାରିଖରୁ ରବି ଋତୁ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପାକ୍ସ କର୍ମଚାରୀ ସମୂହ ଛୁଟିରେ ଥିବାରୁ ସମସ୍ୟା ସୃଷ୍ଟି ହେଲାଣି। ଜିଲାରେ ଚାଷୀ ପଞ୍ଜୀକରଣ ହୋଇପାରୁନି।

# ଶ୍ରୀୟା ହେଲେ ବ୍ଲକ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ

ଅମରପାଲି,୨।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବିଜୁ ମହିଳା ଜନତା ଦଳର ନୂତନ ସଭାନେତ୍ରୀ ଭାବରେ ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀଙ୍କୁ ନିଯୁକ୍ତ କରାଯାଇଛି। ରାଜ୍ୟ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ତାଙ୍କୁ ଏହି ନିଯୁକ୍ତି ଦେଇଥିବା ଜଣାପଡ଼ିଛି। କର୍ମୀ ପୂର୍ବରୁ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା, ସ୍ଥାନୀୟ ପଞ୍ଚାୟତ ସମିତିର ଉପାଧ୍ୟକ୍ଷା, ପିତାମହୁଲ ଓ ଉଫୁଲା ପଞ୍ଚାୟତର ସମିତି ସଭ୍ୟା ତଥା ପୂର୍ବତନ ଏମ୍‌ପି କଳିକେଶ ସିଂହଦେଓଙ୍କ ନୋମିନି ମଧ୍ୟ ରହିଥିଲେ। ସେ ବର୍ତ୍ତମାନ ଉଫୁଲା ଗ୍ରାମ ପଞ୍ଚାୟତର ସରପଞ୍ଚ ରହିବା ସହ ଉଫୁଲା ସେବା ସମବାୟ ସମିତିର ଉପସଭାନେତ୍ରୀ, ବ୍ଲକ ସରପଞ୍ଚ ସଂଘର ସଭାନେତ୍ରୀ ଓ ଜିଲା ସରପଞ୍ଚ ସଂଘ ସାଧାରଣ ସମ୍ପାଦିକା ଅଛନ୍ତି। କର୍ମୀଙ୍କ ନୂତନ ନିଯୁକ୍ତିରେ ବିଜୁ ଜନତା ଦଳ କର୍ମୀ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି।



ଶ୍ରୀୟା କର୍ମୀ।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2024-04, ତା.23.02.2023ରିଖ

**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳରେ 36(ଛତିଶ) ମାସ ସମୟ ଅବଧି ନିମନ୍ତେ ଟ୍ରେନ୍ ଇଣ୍ଡିକେଶନ୍ ବୋର୍ଡ଼ (TIB) (19 ଷ୍ଟେସନ), କୋଚ୍ ଇଣ୍ଡିକେଶନ୍ ବୋର୍ଡ଼ (CIB) (12 ଷ୍ଟେସନ) ଏବଂ ଆଟ୍ ଏ ଗ୍ଲାନ୍ସ (At a Glance) ଡିସ୍ପ୍ଲେ ବୋର୍ଡ଼ (3 ଷ୍ଟେସନ) ଗୁଡ଼ିକର ଅନ୍ ସାଇଟ୍ (Onsite) ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।

**ଟେଣ୍ଡର ମୂଲ୍ୟ (₹):** 2,20,91,084.46, EMD (₹): 2,60,500/-, ଟେଣ୍ଡର ନଥିପତ୍ର ମୂଲ୍ୟ (₹): 11,800/- ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.18.03.2024 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର)/ ସମ୍ବଲପୁର
PR-1140/O/23-24



## ବିଦ୍ୟୁତ୍ ସରବରାହ ସଂକ୍ରାନ୍ତୀୟ ସର୍ବସାଧାରଣ ବିଜ୍ଞପ୍ତି

ଦକ୍ଷିଣ ପୂର୍ବ ରେଳପଥର ନିମ୍ନଲିଖିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳଧାରଣା ଏବଂ ପରିସରର ସମସ୍ତ ବ୍ୟବହାରକାରୀମାନଙ୍କୁ ଏତଦ୍ୱାରା ସୂଚନା ଦିଆଯାଉଅଛି କି, ସେଠାରେ **ତା୨୧।୦୩।୨୦୨୪ରିଖ କିମ୍ବା ତାହାପରେ ୨୫୦୦୦ ଭୋଲ୍ଟ, ୫୦ ହର୍ଜ, ଏସି ଓଭରହେଡ୍ ଟ୍ରାକ୍ସନ ଓ୍ୟାରଗୁଡ଼ିକରେ ବିଜୁଳି ସରବରାହ ଆରମ୍ଭ କରିଦିଆଯିବ। ତା୨୧।୦୩।୨୦୨୪ରିଖ** ଓ ତାହା ପରଠାରୁ ଓଭରହେଡ୍ ଟ୍ରାକ୍ସନ ଲାଇନ୍‌କୁ ସବୁ ସମୟରେ ଜୀବନ୍ତ ବିବେଚନା କରାଯିବ ଏବଂ ଉକ୍ତ ଓଭରହେଡ୍ ଲାଇନ୍ ନିକଟରେ କୌଣସି ଅଣଅଧିକୃତ ବ୍ୟକ୍ତି ଯିବେନାହିଁ କିମ୍ବା କୌଣସି କାମ କରିବେ ନାହିଁ। **ସେକ୍ସନ:** ଦ.ପୂ. ରେଳପଥର ଚକ୍ରଧରପୁର ଡିଭିଜନରେ ବିଏନ୍‌ଡିଏମ୍-ଓଆର୍‌ଜିଏ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସଂକ୍ରାନ୍ତରେ ବିଜିକେଏ-ଲିଙ୍କ୍ ବି ସେକ୍ସନ ମଧ୍ୟରେ ଫିଡର୍ ଲାଇନ୍ ସମେତ ଅବସ୍ଥିତି ନଂ. ୫୭୪/୨୯ (କିମି ଚେନେଜ୍ ୫୭୪/୮୬୧.୦୦ ) ରୁ ୫୭୪/୩୧ (କିମି ଚେନେଜ୍ ୫୭୪/୯୨୪.୦୦) ମଧ୍ୟରେ ନୂଆ ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (ଏସ୍‌ପି)ଗୁଡ଼ିକରେ ଶକ୍ତି ସରବରାହ ଆରମ୍ଭ କରିବ । **ଶକ୍ତି ସରବରାହ ଆରମ୍ଭ ତାରିଖ: ୨୧।୦୩।୨୦୨୪।**

(PR-1194) **ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ସିଓଏନ୍), ରାଉରକେଲା**

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



## ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
No. CAD-4422

No.-CHEP/TW-02 (Vol.-VI)/1057 Date: 01.03.2024

TENDER CALL NOTICE NO.-CHEP-90/2023-24

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / General Order Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of different types of MCCB, MPCB and Auxiliary Contactors required for Generating Units of CHEP, Chiplima | Rs.2,360/- (Rs.2,000/- + GST @18%) | Rs.3,120/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.04.03.2024 up to 12:30 PM of dtd.18.03.2024.

OIPR-04006/11/0070/2324 Sd/- C & P Head, CHEP, Chiplima



## GOVERNMENT OF JHARKHAND
## OFFICE OF THE EXECUTIVE ENGINEER
## R.C.D. , ROAD DIVISION, SAHIBGANJ

e- Procurement Notice
e-Tender Reference no.- RCD/SAHIBGANJ/ 177/2023-24 Dated : 01.03.2024

| | | |
|---|---|---|
| 1 | Name of Work | Reconstruction work of Khairbani (on NH-133A) to Sanmani (on RCD, ODR Road) via Jhumarbandh, Dibrikol, Chhota Orsa Pahar Road (Total Length- 7.580 KM) under Road Division, Sahibganj for the year 2023-24 |
| 2 (a) | Estimated Cost (Rs) | Rs. 40,27,19,600.00 (Rupees Forty Crore Twenty Seven Lakh Nineteen Thousand Six Hundred and Zero Paise) Only. |
| (b) | Bid Security (Rs) | 40,28,000.00 (Rupees Forty Lakh and Twenty Eight Thousand) Only. |
| 3 | Time of Completion | 13 (Thirteen) Months |
| 4 | Last date / Time for receipt of bids | 18.04.2024 upto 12.00 Noon |
| 5 | Pre-Bid Meeting | 26.03.2024 from 03.00 P.M. |
| 6 | Date of Publication of Tender on website | 16.03.2024 from 10.30 A.M. |
| 7 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 8 | Contact no. of Procurement officer | 8271102250 |
| 9 | Helpline number of e- Procurement cell | 0651 - 2401010 |

Further details can be seen on website *http://jharkhandtenders.gov.in*
Note : Estimated Cost may increase or decrease

EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, SAHIBGANJ

PR 321146 (Road)23-24*D



## झारखण्ड सरकार
## कार्यपालक अभियंता का कार्यालय
## ग्रामीण कार्य विभाग,कार्य प्रमण्डल,लोहरदगा

ई – अतिअल्पकालीन पुनर्निविदा आमंत्रण सूचना

ई– अतिअल्पकालीन पुनर्निविदा संख्याः– 14/2023-24 / RWD /LOHARDAGA दिनांक 01.03.2024

कार्यपालक अभियंता,ग्रामीण कार्य विभाग , कार्य प्रमण्डल, लोहरदगा द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

| क्रम सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि ( रूपये में ) अंक में | अक्षर में | कार्य समाप्ति की तिथि | टेन्डर कॉल नं0 |
|---|---|---|---|---|---|---|
| 1 | EE RWD/ LOHARDAGA / 04/ STPKG -04/ 2023-24 | खिजरी मोड़ से खवासखिजरी तक पथ की सुदृढ़ीकरण कार्य। (लं0– 0.750 कि0 मी0)<br>नगजुआ से गोपालगंज तक पथ की सुदृढ़ीकरण कार्य। (लं0– 5.500 कि0 मी0)<br>नगजुआ से ख्वासअम्बा तक पथ की सुदृढ़ीकरण कार्य। (लं0– 2.100 कि0मी0)<br>बड़गांई मोड़ से बड़गांई तक पथ की सुदृढ़ीकरण कार्य। (लं0– 1.900 कि0 मी0)<br>नरौली से खण्डा तक पथ की सुदृढ़ीकरण कार्य। (लं0– 3.400 कि0 मी0)<br>गजनी मोड़ से उलटी तक पथ की सुदृढ़ीकरण कार्य। (लं0– 1.700 कि0 मी0)<br>नगजुआ रेलवे स्टेशन से गाराडीह मोड़ तक पथ की सुदृढ़ीकरण कार्य। (लं0– 1.600 कि0 मी0)<br>चटटी कैरो पी0 डब्लू0 डी0 पथ पचगांई से अम्बाटोली तक पथ की सुदृढ़ीकरण कार्य। (लं0– 1.590 कि0 मी0)<br>चेरिमा से सिया टोली तक पथ की सुदृढ़ीकरण कार्य। (लं0– 1.400 कि0 मी0)<br>नरौली मोड़ से नरौली तक पथ की सुदृढ़ीकरण कार्य। (लं0– 1.400 कि0 मी0)<br>आर0 ई0 ओ0 पथ (हल्दी बगीचा) नगजुआ से गजनी तक पथ की सुदृढ़ीकरण कार्य। (लं0– 2.600 कि0 मी0) | 13,22,12,100.00 | तेरह करोड़ बाईस लाख बारह हजार एक सौ रू0 मात्र । | 15 माह | तृतीय |

2. वेबसाईट में निविदा प्रकाशन की तिथि :– 02.03.2024 ।
3. ई–निविदा प्राप्ति की अंतिम तिथि एवं समय :– 09.03.2024 अपराहन् 5.00 बजे ।
4. निविदा खोलने की तिथि एवं समय 11.03.2024 अपराहन 12.30 बजे ।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग ,कार्य प्रमण्डल, लोहरदगा पुराना डी0 आर0 डी0 ए0 भवन, लोहरदगा, पिन कोड– 835302
6. ई– निविदा प्रकोष्ठ का दूरभाष सं0.– 06526316381
7. निविदा शुल्क एवं अग्रधन की राशि विभागीय पत्रांक 3130 (अनु0 ) दिनांक 09.10.2023 के निदेशानुसार केवल Online Mode द्वारा स्वीकार्य होगी ।
8. निविदा शुल्क एवं अग्रधन की राशि का ई– भुगतान जिस खाता से किया जायेगा ,उसी खाते में अग्रधन की राशि वापस होगी । अगर खाता को बंद कर दिया जाता है तो उसकी सारी जबावदेही निविदादाता की होगी ।

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रा0 का वि0 ,
कार्य प्रमण्डल, लोहरदगा

PR 321242 Lohardaga(23-24).D



## Directorate of Textiles, Odisha
Satyanagar, Bhubaneswar-751007

No.CAD-4438

**INVITING APPLICATIONS FOR EMPANELMENT OF MCP**

ADVERTISEMENT REFERENCE: SADHAC L.N 178/ 01.03.2024

Directorate of Textiles, Odisha invites fresh applications from interested skilled Weavers/ Dyers from Handloom sector for empanelment as State Level Master Crafts Person (MCP) to impart training indifferent trades like (i) Basic weaving (ii) weaving with Jalla & Dobby (iii) Weaving with Jacquard (iv) Tie & dye making and weaving (v) Dyeing (vi) Gurusishya Parampara under capacity building program (skill up gradation training) of the scheme POHI. **Last Date for submission of Application form: Date- 20.03.2024, time-5:00 PM.** Bio-data Form for empanelment in the list of MCP and Formal structure & Syllabus of the training programme can be downloaded from the websites: www.sadhacodisha.org.in, https://handloom.odisha.gov.in , https://textiles.odisha.gov.in, https://www.sambalpuribastralaya.com https://www.boyanika.com.

Interested candidates are requested to send their applications along with duly filled in Bio-data by Regd./ Speed Post on address. State Agency for Development of Handloom Clusters (SADHAC) At: Directorate of Textiles, Odisha 1st floor, Satyanagar, Bhubaneswar-751007 (Odisha), Ph. No.0674-2572256

OIPR-31012/11/0002/2324 **Sd/- Member Secretary, SADHAC**



No.W-55

ACCESS TO JUSTICE FOR ALL

## ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୪

ତା୦୯।୦୩।୨୦୨୪ରିଖ (ଦ୍ୱିତୀୟ ଶନିବାର) ଜିଲ୍ଲା ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଓ ୧୭।୦୩।୨୦୨୪ (ରବିବାର) ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପରିସରରେ

**ବିଶେଷ ସୂଚନା**

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨. ତେବେ ଆପଣ ସେ ମକଦ୍ଦମା / ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩. ତା୦୯।୦୩।୨୦୨୪ରିଖ (ଦ୍ୱିତୀୟ ଶନିବାର) ପ୍ରତ୍ୟେକ ଜିଲ୍ଲା ସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଓ ତା ୧୭।୦୩।୨୦୨୪ରିଖ (ରବିବାର) ଦିନ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା(ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ) / ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନ୍‌ସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା କୋର୍ଟରେ ଓ ରାଜ୍ୟ /ଜିଲ୍ଲା / ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସମ୍ପତ୍ତି ଅଧିକାର ମାମଲା / ଖାଉଟି ବିବାଦ / ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରିରେ ଦାଏର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ) / ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା / ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮. ଦୀର୍ଘ ଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ:
ମୋ.- ୯୪୩୮୫୭୮୫୮୬ / ୯୪୩୭୯୫୯୭୩୧
ଇ-ମେଲ୍: oslsa2020@gmail.com

OIPR-18008/11/0019/2324




# ଜବ୍ ଖୋଜା



ପାଠ ପଢ଼ିବା ପରେ ଭଲ ଜବ୍‌ଟିଏ ପାଇବାକୁ ସବୁ ଯୁବପିଢ଼ିଙ୍କର ଲକ୍ଷ୍ୟ ଥାଏ। ତେବେ ଏଥିପାଇଁ ଠିକ୍ ସମୟରେ ବିଭିନ୍ନ ଜବ୍ ଭ୍ୟାକେନ୍ସି ସମ୍ପର୍କରେ ଜାଣିବା ଏବଂ ଆପ୍ଲାଏ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଇଞ୍ଜିନିୟରିଂ, ମେଡିକାଲ୍, ଶିକ୍ଷା, ରେଲ୍‌ୱେ, ବ୍ୟାଙ୍କିଙ୍ଗ, କର୍ପୋରେଟ୍, ମାର୍କେଟିଂ, ଏନ୍‌ଜିଓ ଭଳି ବିଭିନ୍ନ କ୍ଷେତ୍ରରେ ଜବ୍ ଖୋଜିବା ଲାଗି ବିଭିନ୍ନ ୱେବ୍‌ସାଇଟ୍ ଉପଲବ୍ଧ। ତେବେ କେଉଁ ଜବ୍ ପାଇଁ କେଉଁ ୱେବ୍‌ସାଇଟ୍ ଫଲୋ କଲେ ଉପକୃତ ହେବେ, ସେ ସମ୍ପର୍କରେ ଧାରଣା ରହିବା ଆବଶ୍ୟକ...

**ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି ସମ୍ବନ୍ଧୀୟ ଜବ୍:**– ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ମେକାନିକାଲ୍, ଇଲେକ୍ଟ୍ରିକାଲ୍, ଇଲେକ୍ଟ୍ରୋନିକ୍ସ, ସିଭିଲ୍, କମ୍ପ୍ୟୁଟର୍ ଇଞ୍ଜିନିୟରିଂ କ୍ଷେତ୍ରରେ କ୍ୟାରିୟର ଗଢିବାକୁ ଅଧିକ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ତେବେ ଏଭଳି ଜବ୍ ପାଇଁ ଶିକ୍ଷାଗତ ଯୋଗ୍ୟତା ଥିଲେ ବି ଅନେକେ ଭଲ ଜବ୍ ପାଇବାରୁ ବଞ୍ଚିତ ହୋଇଥାଆନ୍ତି। ଏହାର ମୁଖ୍ୟ କାରଣ ହେଉଛି ସଠିକ୍ ସୂଚନାର ଅଭାବ ବା ଠିକ୍ ଭାବେ ଜବ୍ ନ ଖୋଜିପାରିବା। ହେଲେ ଯଦି ଆପଣ ଏଭଳି ଜବ୍ ଖୋଜୁଛନ୍ତି, ତେବେ ଫ୍ରି ଜବ୍ ଆଲର୍ଟ (www.freejobalert.com), ଆଡା୨୪୭ (www.adda247.com), ନୌକ୍ରୀ.କମ୍ (naukri.com), କ୍ୱିକର୍‌ଜବ୍ (QuikrJobs.com) ଭଳି ସାଇଟ୍‌ଗୁଡ଼ିକରେ ଜବ୍ ଭ୍ୟାକେନ୍ସି ସୂଚନା ସହଜରେ ପାଇପାରିବେ। ସେହିପରି ବର୍ତ୍ତମାନ ସଫ୍ଟୱେର୍ ଏବଂ ଟେକ୍ନୋଲୋଜି ସମ୍ବନ୍ଧିତ ବିଭିନ୍ନ କ୍ଷେତ୍ରରେ ଜବ୍‌ର ଡିମାଣ୍ଡ ବହୁତ ବଢିଚାଲିଛି। ଏଭଳି ଜବ୍ ଖୋଜୁଥିଲେ ଡାଇସ୍.କମ୍(www.dice.com) ସାଇଟ୍ ଆପଣଙ୍କ ପାଇଁ ବେଷ୍ଟ ସାଇଟ୍। ପ୍ରଥମେ ଏହି ସାଇଟ୍‌ରେ ରେଜିଷ୍ଟର କରିବାକୁ ହୋଇଥାଏ। ଏଠାରେ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ଏଆଇ, ମୋବାଇଲ୍ ଆପ୍ଲିକେଶନ୍ ଡେଭେଲପର୍, ଜାଭା, ଓରାକ୍‌ଲ, ନେଟ୍‌ୱର୍କ ଇଞ୍ଜିନିୟର, ସିଷ୍ଟମ ଇଞ୍ଜିନିୟର, ପିଏଚ୍‌ପି, ଲିନକ୍ସ ଆଦି ସମ୍ବନ୍ଧିତ ଅଧିକାଂଶ ଜବ୍ ସମ୍ପର୍କରେ ତଥ୍ୟ ଖୁବ୍ ସହଜରେ ପାଇଯିବେ। କେବଳ ଏତିକି ନୁହେଁ, ଏଥିରେ ଥିବା ସାଲାରି କାଲ୍‌କୁଲେଟର୍ ଟୁଲ୍ ବ୍ୟବହାର କରି ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ଅନୁଯାୟୀ କେଉଁ ଜବ୍ ପାଇଁ କେତେ ଦରମା ସେ ସମ୍ପର୍କରେ ଜାଣିପାରିବେ। ଆହୁରି ମଧ୍ୟ ଏହି ସାଇଟ୍‌ରେ ଟପ୍ ଏମ୍ପ୍ଲୟର୍ସ, କଷ୍ଟମ ଜବ୍ ନୋଟିଫିକେଶନ୍ ସହିତ କ୍ୱିକ୍ ଆପ୍ଲାଏ ଭଳି ଅପ୍ସନ ବି ରହିଛି।

**ସରକାରୀ ଚାକିରି:** ଭଲ ଦରମା ସହ ଏକ ଦୀର୍ଘସ୍ଥାୟୀ ଜବ୍ କରିବାକୁ ସବୁ ଯୁବପିଢ଼ିଙ୍କ ମନରେ ଲକ୍ଷ୍ୟ ଥାଏ। ଆଉ ଏଥିପାଇଁ ସରକାରୀ ଚାକିରିଠୁ ଭଲ ବିକଳ୍ପ ଆଉ କ'ଣ ବା ହୋଇପାରେ! ତେବେ ଏଭଳି ଚାକିରିର ନୋଟିସ୍ ଅବା ବିଜ୍ଞପ୍ତି କେବେ, କେଉଁଠି ପ୍ରକାଶ ପାଏ ସେ ସମ୍ପର୍କରେ ଯଥା ସମୟରେ ଜାଣି ନ ପାରିବା କାରଣରୁ ଅନେକେ ଏହି ଜବ୍ ପାଇବାରୁ ବଞ୍ଚିତ ହୁଅନ୍ତି। ତେଣୁ ସରକାରୀ ଚାକିରି ସମ୍ପର୍କରେ ସୂଚନା ପାଇବା ଲାଗି ଫ୍ରିଜବ୍ ଆଲର୍ଟ (www.freejobalert.com) ୱେବ୍‌ସାଇଟ୍ ବେଶ୍ ଉପକାରରେ ଆସିପାରେ। ଏଠାରେ ସମସ୍ତ ପ୍ରକାରର ସରକାରୀ ତଥା ସାର୍ବଜନୀନ କ୍ଷେତ୍ରରେ ଚାକିରି ସମ୍ପର୍କରେ ସୂଚନା ଉପଲବ୍ଧ। ଏହା ବ୍ୟତୀତ ବିଭିନ୍ନ ପ୍ରମୁଖ ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକ ସମ୍ବନ୍ଧିତ ନୋଟିଫିକେଶନ୍ ବି ଏହି ସାଇଟ୍‌ରେ ମିଳିଥାଏ। ଏହାକୁ ବ୍ୟବହାର କରିବା ଲାଗି ରେଜିଷ୍ଟ୍ରେଶନ୍‌ର ଆବଶ୍ୟକତା ବି ନାହିଁ। ଏହା ବ୍ୟତୀତ ସରକାରୀ ରେଜଲ୍ଟ (www.sarkariresult.com), ଇଜି ଆପ୍ଲାଏ (www.easyapply.co.in), ଇଣ୍ଡିଆନ୍ ଗଭର୍ନମେଣ୍ଟ ଜବ୍ (www.indiangovtjobs.in) ଭଳି ୱେବ୍‌ସାଇଟ୍ ମଧ୍ୟ ବେଶ୍ କାମରେ ଆସିଥାଏ।

**ନନ୍ ପ୍ରଫିଟ୍ ଅର୍ଗାନାଇଜେଶନ୍ ଜବ୍:** କେବଳ ସରକାରୀ ସଂସ୍ଥା କିମ୍ବା କମ୍ପାନୀଗୁଡ଼ିକରେ ନୁହେଁ, ବର୍ତ୍ତମାନ ନନ୍‌ପ୍ରଫିଟ୍ ଅର୍ଗାନାଇଜେଶନ୍‌ଗୁଡ଼ିକରେ ମଧ୍ୟ ଚାକିରି ଅପ୍ସନ ଢେର୍। ହେଲେ ଏ କ୍ଷେତ୍ରରେ କେଉଁଠି ଭ୍ୟାକେନ୍ସି ଅଛି ଜାଣିବା ସହଜ ହେଉ ନ ଥିବାରୁ ଅନେକେ ଆଶାୟୀ ଭଲ ଜବ୍ ପାଇବାରୁ ବଞ୍ଚିତ ହୁଅନ୍ତି। ହେଲେ ଏ କ୍ଷେତ୍ରରେ ବିଭିନ୍ନ ଜବ୍ ସମ୍ପର୍କରେ ଜାଣିବା ଲାଗି ଆଇଡିଆଲିଷ୍ଟ.ଓଆର୍‌ଜି (ideal-ist.org) ସବୁଠୁ ଭଲ ବିକଳ୍ପ। ଏହି ୱେବ୍‌ସାଇଟ୍‌ରୁ ଆପଣ ବିଭିନ୍ନ ଅର୍ଗାନାଇଜେଶନ୍‌ରେ ନିଜ ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା ଏବଂ ଆବଶ୍ୟକତା ଅନୁଯାୟୀ ପାର୍ଟଟାଇମ୍, ଫୁଲଟାଇମ୍ ଜବ୍ ଖୋଜି ପାରିବେ।

**ଦିନଥିଲା, ଭଲ ଜବ୍‌ଟିଏ ଖୋଜିବା ଥିଲା ଏକ କଷ୍ଟକର କାର୍ଯ୍ୟ। କେବେ ଖବରକାଗଜରେ ବିଜ୍ଞାପନକୁ ଅପେକ୍ଷା କରିବାକୁ ପଡୁଥିଲା ତ ଆଉ କେବେ ବାୟୋଡାଟା ଏବଂ ସାର୍ଟିଫିକେଟ୍ ଧରି ଏ ଅଫିସ୍‌ରୁ ସେ ଅଫିସ୍‌କୁ ଧାଇଁବାକୁ ପଡୁଥିଲା। ହେଲେ ବର୍ତ୍ତମାନର ଇଣ୍ଟରନେଟ୍ ଯୁଗରେ ବିଭିନ୍ନ ଜବ୍ ସମ୍ପର୍କରେ ସୂଚନା ପାଇଁ ଅନେକ ୱେବ୍‌ସାଇଟ୍ ଉପଲବ୍ଧ। ତେବେ କେଉଁ ଜବ୍ ପାଇଁ କେଉଁ ସାଇଟ୍ ଖୋଜିବା ଦରକାର, ସେ ସମ୍ପର୍କରେ ଜାଣିରଖିଲେ ଜବ୍ ଖୋଜିବା କାର୍ଯ୍ୟ ହୋଇଯାଏ ଆହୁରି ସହଜ...**

**ଜବ୍ ସମ୍ପର୍କରେ ସୂଚନା ଦେଉଥିବା କେତୋଟି ପ୍ରମୁଖ ୱେବ୍‌ସାଇଟ୍...**

www.freejobalert.com
www.adda247.com
www.sarkariresult.com
www.easyapply.co.in
www.indiangovtjobs.in
www.naukri.com
www.linkedin.com
www.quikr.com
www.dice.com
www.monsterindia.com
http://neuvoo.com
www.indeed.com
www.ziprecruiter.com







## ଏ ସପ୍ତାହର ପ୍ରଶ୍ନ

୧– ତାଓ୍ୱି ଉତ୍ସବ ................ଠାରେ ପାଳନ କରଯାଏ ?
୨– ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସ–୨୦୨୪ର ମାସ୍କଟ୍ .............. ?
୩– କାଜାଖସ୍ତାନର ନୂଆ ପ୍ରଧାନମନ୍ତ୍ରୀ............... ?
୪– ନ୍ୟାଶନାଲ୍ ସାଇନ୍ସ ଡେ'– ୨୦୨୪ର ଥିମ୍ ........... ?
୫– ଆସାନୁର୍ ପାଇପ୍‌ଲାଇନ୍ ଟର୍ମିନାଲ୍ ........... ରାଜ୍ୟରେ ଅବସ୍ଥିତ ?

## ଗତ ସପ୍ତାହର ଉତ୍ତର

୧ ସୁରଟ ଏୟାରପୋର୍ଟ
୨ ହରିୟାଣା
୩ ବିଶ୍ ମୁମେଣ୍ଟ
୪ ୟେମେନ୍
୫ ଫାତିମା ୱାଶିମ୍

## ଉତ୍ତରଦାତା


ଅନ୍ନପୂର୍ଣ୍ଣା ମହାନ୍ତି, କଟକ


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ /୧୦

### ପୃଥିବୀର ଲୋକପ୍ରିୟ ଏସି ବ୍ରାଣ୍ଡ

୧ ........ ଡାଇକିନ
୨ ........ ହିଟାଚି
୩ ........ ବ୍ଲୁ ଷ୍ଟାର୍
୪ ........ କ୍ୟାରିୟର୍
୫ ........ ୱର୍‌ପୁଲ୍
୬ ........ ଭୋଲ୍ଟାସ୍
୭ ........ ପାନାସୋନିକ୍
୮ ........ ଏଲ୍‌ଜି
୯ ........ ସାମ୍‌ସଙ୍ଗ
୧୦ ........ ଇଲେକ୍ଟ୍ରୋଲକ୍ସ




## ଜାଣନ୍ତୁ ଦୁନିଆ

# ବ୍ରୁନେଇ

**ବ୍ରୁନେଇ ହେଉଛି ପୃଥିବୀର ଧନୀ ଦେଶଗୁଡ଼ିକ ମଧ୍ୟରେ ଅନ୍ୟତମ। ଦକ୍ଷିଣ–ପୂର୍ବ ଏସୀୟ ଏହି ବିକାଶଶୀଳ ଦେଶଟି କେତେକ ସ୍ୱତନ୍ତ୍ର କାରଣ ପାଇଁ ଅନ୍ୟମାନଙ୍କଠାରୁ ଭିନ୍ନ। ଜାଣନ୍ତୁ ଏହି ଦେଶ ସମ୍ପର୍କରେ...**



✲ ଦକ୍ଷିଣ–ପୂର୍ବ ଏସିଆରେ ବ୍ରୁନେଇ ହେଉଛି ସର୍ବାଧିକ ସଂଖ୍ୟକ ମେଦବହୁଳ ବ୍ୟକ୍ତି ଥିବା ଦେଶ। ସେଠାରେ ୫୧ ପ୍ରତିଶତ ସ୍କୁଲ୍ ପିଲାଙ୍କଠାରେ ମେଦବହୁଳତା ଦେଖିବାକୁ ମିଳେ। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ସେଠାକାର ଲୋକେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ନାହିଁ, ଯେଉଁଥିପାଇଁ ସେଠାରେ ମାତ୍ର ହାତଗଣତି ମ୍ୟାକ୍ ଡୋନାଲ୍ଡ ଭଳି ରେଷ୍ଟୁରାଣ୍ଟ ରହିଛି।

✲ ବ୍ରୁନେଇ ଦାରୁସାଲାମ୍ ହେଉଛି ଏହି ଦେଶର ଅଫିସିଆଲ୍ ନାମ। ଏହା ୧, ଜାନୁୟାରୀ ୧୯୮୪ରେ ଏକ ସ୍ୱାଧୀନ ଦେଶ ହୋଇଥିଲେ ସୁଦ୍ଧା ଏଠାରେ ଏବେବି ରାଜତନ୍ତ୍ରକୁ ଗୁରୁତ୍ୱ ଦିଆଯାଏ। ହାଜି ହସନ୍‌ଲାଲ୍ ବୋଲ୍‌କିଆହ ମୁଇଜାଦ୍ଦୀନ୍ ୱାଦା ବର୍ତ୍ତମାନ ଏହି ଦେଶର ରାଜା ବା ସୁଲତାନ୍। ସେଠାକାର ସୁଲତାନ୍ ପ୍ରଧାନମନ୍ତ୍ରୀ ପଦ ସହିତ ଡିଫେନ୍ସ, ଫାଇନାନ୍ସ ଏବଂ ଫରେନ୍ ଆଫାୟାର୍ସ ଏବଂ ଟ୍ରେଡ୍ ମିନିଷ୍ଟର ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି।

✲ ସୁଲ୍‌ତାନଙ୍କ ପାଖରେ ଅନେକ ଦାମୀ କାମ୍ କଲେକ୍ସନ ଥିବା ବେଳେ ଗୋଟିଏ ସୁନାରେ ତିଆରି ପ୍ରାଇଭେଟ୍ ଜେଟ୍ ମଧ୍ୟ ରହିଛି।

✲ ଏହି ଦେଶର ଲୋକଙ୍କ ଆୟୁକାଳ ସାଧାରଣତଃ ଅନ୍ୟମାନଙ୍କଠାରୁ ବେଶି। ଅର୍ଥାତ୍ ୭୫–୯୩ ବର୍ଷ।

✲ ଏହା ପୃଥିବୀର ଏକ ଧନୀ ଦେଶ ହୋଇଥିଲେ ସୁଦ୍ଧା ଏଠାକାର ଲୋକେ ଦାମୀ ଏବଂ ବଡ଼ ଘର ପରିବର୍ତ୍ତେ କାର୍‌ରେ ଅଧିକ ସଉକ ରଖନ୍ତି। ଆଉ ଏଥିପାଇଁ ପୃଥିବୀର ଅନ୍ୟ ଦେଶଗୁଡ଼ିକ ତୁଳନାରେ ଏହି ଦେଶରେ କାର୍ ଉପଭୋକ୍ତାଙ୍କ ସଂଖ୍ୟା ସର୍ବାଧିକ।

✲ ଏଠାକାର ପ୍ରତିଟି ଘର ବାହାର କାନ୍ଥରେ ଘର ମାଲିକଙ୍କୁ ନିଜ ପତ୍ନୀଙ୍କ ଫଟୋ ସହିତ ସୁଲତାନ୍‌ଙ୍କ ଫଟୋ ଲଗାଇବା ବାଧ୍ୟତାମୂଳକ।

✲ ଏହି ଦେଶରେ ଆଲ୍‌କହଲ୍ ବିକ୍ରି ଏବଂ ପିଇବା ଆଇନବିରୁଦ୍ଧ। ହେଲେ ଏଠାରେ ରହୁଥିବା ଅଣ–ମୁସ୍‌ଲିମ୍‌ମାନେ ୨ ଲିଟର ପର୍ଯ୍ୟନ୍ତ ଆଲ୍‌କହଲ୍ ଦେଶକୁ ଆଣିବାର ଅନୁମତି ରହିଛି।

✲ ସେଠାରେ ବହୁ ପରିମାଣରେ ଗଚ୍ଛିତ ତୈଳ ଥିବାରୁ ଖୁବ୍ କମ୍ ଦରରେ ତେଲ ମିଳିଥାଏ।

✲ ଏହା ହେଉଛି ଦକ୍ଷିଣ ଏସିଆର ସବୁଠୁ ଅଧିକ ମୁସଲମାନ ରହୁଥିବା ଦେଶ। ଏଠାରେ ଅନେକ ସୁନ୍ଦର ମସ୍‌ଜିଦ୍ ରହିଛି।



## ଯୁଥ୍ ଆଲର୍ଟ

# ବ୍ଲାକ୍ କଫି ଅଧିକ ପିଉଥିଲେ...

**ବର୍ତ୍ତମାନ ବ୍ଲାକ୍ କଫି ପିଇବା ଅନେକ ଯୁବତୀ ଯୁବକଙ୍କର ଏକ ସଉକ ପାଲଟିଗଲାଣି। କ୍ଷୀର ସହିତ କଫି ଏବଂ ଚିନିର କମ୍ବିନେଶନ୍ ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇ ନ ଥିବା ବେଳେ ବ୍ଲାକ୍ କଫି ଭଲ ବୋଲି ମଧ୍ୟ କୁହାଯାଏ। ଶରୀର ଓ ମନକୁ ଫୁର୍ତ୍ତି କରିବା ଲାଗି ଅନେକେ ଦିନରେ ଏକାଧିକ ଥର ମଧ୍ୟ ବ୍ଲାକ୍ କଫି ପିଇଥାଆନ୍ତି। ହେଲେ ଜାଣନ୍ତିକି ଅଧିକ ବ୍ଲାକ୍ କଫି ପିଇବା ବି ସ୍ୱାସ୍ଥ୍ୟପକ୍ଷେ ହାନିକାରକ...**





**ଏସିଡିଟି ବଢ଼ାଇଥାଏ:** କଫିରେ ଅମ୍ଳ ପରିମାଣ ଅଧିକ। ତେଣୁ ଅଧିକ କଫି ପିଇବା ଦ୍ୱାରା ଏସିଡିଟି, ଛାତି ଜଳିବା, ପିଏଚ୍ ବାଲାନ୍ସ ଅସନ୍ତୁଳିତ ହେବା, ବଦହଜମୀ ହେବା ସହ ହାଡ଼ ଏବଂ ଜଏଣ୍ଟରେ ଯନ୍ତ୍ରଣା ହେବା ଆଦି ସମସ୍ୟା ଦେଖାଦେଇଥାଏ।

**ଉପୁଯାଏ କୋଷ୍ଠକାଠନ୍ୟ ସମସ୍ୟା:** କଫିରେ ଅଧିକ ପରିମାଣରେ କଫିନ୍ ରହିଥାଏ ଯାହା କୋଷ୍ଠକାଠିନ୍ୟ ସମସ୍ୟା ବଢ଼ାଇଥାଏ। କେବଳ ଏତିକି ନୁହେଁ, କଫି ପିଇବା ଏକ ଏଭଳି ଆଡିକ୍ସନରେ ପରିଣତ ହୋଇଯାଏ, ଦିନେ ନ ପିଇଲେ ମୁଣ୍ଡ ବିନ୍ଧିବା, ଅଳସୁଆ ବା ମାନ୍ଦା ଲାଗିବା ଭଳି ସମସ୍ୟା ଉପୁଜିଥାଏ।

**ହ୍ରାସ କରେ ଶକ୍ତି:** ଆଡ୍ରେନାଲ୍ ଗ୍ଲାଣ୍ଡ ପ୍ରାକୃତିକ ଉପାୟରେ ଶରୀରକୁ ଶକ୍ତି ଯୋଗାଇଥାଏ। କଫିରେ ଥିବା କଫିନ୍ ଆଡ୍ରେନାଲ୍ ଗ୍ଲାଣ୍ଡକୁ ଶରୀରକୁ ଶକ୍ତି ଯୋଗାଉଥିବା ହର୍‌ମୋନ କ୍ଷରଣ କରିବାରେ ସାହାଯ୍ୟ କରିଥାଏ। ତେଣୁ ଅଳ୍ପ ପରିମାଣରେ ଏହାକୁ ପିଇବା ସ୍ୱାସ୍ଥ୍ୟପକ୍ଷେ ଲାଭଦାୟକ। ହେଲେ ବାରମ୍ବାର କଫି ପିଇବା ଦ୍ୱାରା ଆଡ୍ରେନାଲ୍ ଗ୍ଲାଣ୍ଡ ଉପରେ ଚାପ ପଡ଼ିଥାଏ। ଫଳରେ ତାହା ପ୍ରାକୃତିକ ଉପାୟରେ ଶକ୍ତି ଯୋଗାଇ ନ ପାରିବା ସହ ଆଡ୍ରେନାଲ୍ ଫଟିଗ୍, ବର୍ନଆଉଟ୍ କିମ୍ବା ହର୍ମୋନ ଇମ୍‌ବାଲାନ୍ସ ଭଳି ସମସ୍ୟା ଉପୁଜିଥାଏ।

**ବଢ଼ାଏ ଡାଇବେଟିସ୍ ଆଶଙ୍କା:** ମାନସିକ ଚାପ ଦୂର କରିବା ଲାଗି ଅନେକେ କଫି ପିଅନ୍ତି। ଏହାଦ୍ୱାରା କିଛି ସମୟ ପାଇଁ ଏଥିରୁ ମୁକ୍ତି ମିଳିଥାଏ। ହେଲେ ଟେନ୍‌ସନ୍ ଫ୍ରି ହେବା ଆଳରେ ବାରମ୍ବାର ବ୍ଲାକ୍ କଫି ପିଇଲେ ଶରୀରରେ କର୍ଟିସଲ୍ ବୃଦ୍ଧି ପାଇଥାଏ। ଫଳରେ ଶରୀରରେ ଚର୍ବି ଅଂଶ ବଢ଼ିଥାଏ। କେବଳ ଏତିକି ନୁହେଁ, ବାରମ୍ବାର ବ୍ଲାକ୍ କଫି ପିଇବା ଦ୍ୱାରା ଇନ୍‌ସୁଲିନ୍ କ୍ଷରଣ କମିଥାଏ, ଯାହାକି ଡାଇବେଟିସ୍ ହେବାର ମୁଖ୍ୟ କାରଣ।

**ସାଜେ ନିଦ୍ରାହୀନତାର କାରଣ:** ବ୍ଲାକ୍ କଫି ଅଧିକ ପିଇବା ଦ୍ୱାରା ନିଦ୍ରାହୀନତା ସମସ୍ୟା ଉପୁଜିପାରେ। ତେଣୁ ରାତିରେ ଏକ ଭଲ ଏବଂ ଶାନ୍ତିପୂର୍ଣ୍ଣ ନିଦ୍ରା ଚାହୁଁଥିଲେ ଶୋଇବାର ଦୁଇ ଘଣ୍ଟା ପୂର୍ବରୁ ଆଦୌ ବ୍ଲାକ୍ କଫି କିମ୍ବା କ୍ଷୀରଯୁକ୍ତ କଫି ପିଅନ୍ତୁ ନାହିଁ।

# ୧୨୦ ବିଧାନସଭା, ୧୭ ଲୋକ ସଭା ଆସନରେ ଜିତିବ ବିଜେଡି: ସସ୍ମିତ

ଭୁବନେଶ୍ୱର, ୨।୩(ସୁନିତ୍ ମିଶ୍ର)



**ଭାଜପାର କେତେଜଣ ନେତା ମେଣ୍ଟ ଗୁଜବ ଚଳାଇଛନ୍ତି**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଏବଂ ୫-ଟି ପ୍ରକରଣରେ ସାରା ରାଜ୍ୟରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟ ଯୋଗୁ ବିଜେଡି ରାଜନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଦୃଢ଼ ସ୍ଥାନରେ ରହିଛି। ଆଗାମୀ ନିର୍ବାଚନରେ ବିଜେଡି ୧୨୦ରୁ ଅଧିକ ବିଧାନସଭା ଏବଂ ୧୭ରୁ ଅଧିକ ଲୋକ ସଭା ଆସନରେ ଜିତିବ ବୋଲି ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସସ୍ମିତ କହିଛନ୍ତି, ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକଙ୍କୁ ବିପୁଳ ଆଶୀର୍ବାଦ କରିବା ସହ ରେକର୍ଡ ସଂଖ୍ୟକ ଆସନ ଜିତାଇବାକୁ ସାଢେ ୪ କୋଟି ରାଜ୍ୟବାସୀ ମନ ସ୍ଥିର କରିସାରିଲେଣି। ଜନବିରୋଧୀ କାର୍ଯ୍ୟ କରି ବିଜେଡିରୁ ଯେଉଁମାନେ ବିଦା ହୋଇଛନ୍ତି ଏବଂ ଆଗାମୀ ନିର୍ବାଚନରେ ଯେଉଁମାନେ ଟିକେଟ ପାଇବା ସମ୍ଭାବନା ନାହିଁ କିମ୍ବା ଯାହାର ଭବିଷ୍ୟତ ବିଜେଡିରେ ନାହିଁ, ସେମାନଙ୍କୁ ଭାଜପା ରାଜ୍ୟ ଶାଖା ପାଛୋଟି ନେଉଛି । କାରଣ ଓଡ଼ିଶା ଭାଜପା ପାଖରେ ୧୪୭ ବିଧାନସଭା ଏବଂ ୨୧ ଲୋକସଭା ଆସନ ପାଇଁ ପ୍ରାର୍ଥୀ ନାହାନ୍ତି। ବିଜେଡି ସବୁବେଳେ ଜନତାଙ୍କ ପାଇଁ କାର୍ଯ୍ୟ କରିଛି ଏବଂ ଜନତାଙ୍କ ସହ ରହିଛି, ଆଗାମୀ ଦିନରେ ମଧ୍ୟ ରହିବ। ଭାଜପାର କେତେଜଣ ହାତଗଣତି ନେତା ଓଡ଼ିଶାରେ ମେଣ୍ଟ ହେବା ନେଇ ଗୁଜବ ସୃଷ୍ଟି କରୁଛନ୍ତି ବୋଲି ସସ୍ମିତ କହିଛନ୍ତି ।

# ବିଜେଡିରୁ ଇସ୍ତଫା ଦେଲେ ବିଧାୟକ ଅରବିନ୍ଦ ଢାଲି

ଭୁବନେଶ୍ୱର, ୨।୩(ସୁନିତ୍ ମିଶ୍ର)

**ଆଜି ଭାଜପାରେ ଯୋଗଦେବେ ବୋଲି ଦେଲେ ଆଗୁଆ ସୂଚନା**



ନିର୍ବାଚନ ପୂର୍ବରୁ ବିଭିନ୍ନ ରାଜନୈତିକ ପାର୍ଟି ଭିତରେ ଦଳ ଡିଆଁ ପର୍ବ ଆରମ୍ଭ ହୋଇଯାଇଛି। ବିଜେଡିର ବରିଷ୍ଠ ନେତା ତଥା ୫ ଥରର ବିଧାୟକ ଅରବିନ୍ଦ ଢାଲି ଦଳରୁ ଇସ୍ତଫା ଦେଇଛନ୍ତି। ଜୟଦେବ ନିର୍ବାଚନମଣ୍ଡଳୀରୁ ବିଧାୟକ ଥିବା ଢାଲି ଶନିବାର ବିଜେଡି ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଇ-ମେଲ୍ ଯୋଗେ ସେ ତାଙ୍କ ଇସ୍ତଫାପତ୍ର ପଠାଇଛନ୍ତି। ରବିବାର ସେ ଭାଜପାରେ ଯୋଗଦେବେ ବୋଲି ସୂଚନା ଦେଇଛନ୍ତି।

ଦଳ ଛାଡ଼ିବା ନେଇ କୌଣସି ନିର୍ଦ୍ଦିଷ୍ଟ କାରଣ ନ କହି ଅରବିନ୍ଦ କହିଛନ୍ତି, ସେ ଜଣେ ଅନୁଶାସିତ କାର୍ଯ୍ୟକର୍ତ୍ତା। ୩୫ ବର୍ଷ ହେଲାଣି ରାଜନୀତିରେ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ସମସ୍ତଙ୍କର ନିଜର ଆଶା ରହିଛି। କିନ୍ତୁ ଏହା କେତେଦୂର ସମ୍ପୂର୍ଣ୍ଣ ହେବ ତାହା ସମୟ କହିବ। ତେଣୁ ମନ ହେଲା ଦଳ ଛାଡ଼ିଦେଲି। ମୁଖ୍ୟମନ୍ତ୍ରୀଙ୍କୁ ଇସ୍ତଫାପତ୍ର ଦେଇଛନ୍ତି। ସନ୍ତୁଷ୍ଟ ନାହିଁ ବୋଲି ଦଳ ଛାଡ଼ିଛନ୍ତି। ଭାଜପାରେ ଆନୁଷ୍ଠାନିକ ଭାବେ ଯୋଗଦେବା ବେଳେ ହିଁ ଛାଡ଼ିବାର କାରଣ କହିବେ ବୋଲି ଢାଲି କହିଛନ୍ତି। ଢାଲି ୧୯୯୦, ୧୯୯୫ ଏବଂ ୨୦୦୦ରେ ମାଲକାନଗିରିରୁ ବିଧାୟକ ଥିଲେ। ଏହାପରେ ଭାଜପା-ବିଜେଡି ମେଣ୍ଟ ଭାଙ୍ଗିବା ପରେ ବିଜେଡିରେ ମିଶିଥିଲେ। ୨୦୦୯ ଓ ୨୦୧୯ରେ ୨ଥର ବିଜେଡି ଟିକେଟରେ ଜୟଦେବ ଆସନରୁ ବିଧାୟକ ହୋଇଥିଲେ। ବିଜେଡିରୁ ବିଦା ହୋଇଥିବା ୨ ଜଣ ବିଧାୟକ ପ୍ରଦୀପ ପାଣିଗ୍ରାହୀ, ପ୍ରଶାନ୍ତ ଜଗଦେବ ନିକଟରେ ଭାଜପାରେ ଯୋଗଦେଇଥିବା ବେଳେ କିଛିଦିନ ତଳେ ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାଏକ ମଧ ଦଳରୁ ଇସ୍ତଫା ଦେଇସାରିଛନ୍ତି। ହେଲେ ପ୍ରେମାନନ୍ଦ ଏ ପର୍ଯ୍ୟନ୍ତ ଅନ୍ୟ କୌଣସି ଦଳରେ ଯୋଗ ଦେଇନାହାନ୍ତି।

# ୪ରେ ପଦ୍ମ ଧରିବେ ରାଜୁ

ଭଦ୍ରକ, ୨।୩ (ସନାତନ ରାଉତ)



ପଦ୍ମ ଧରିବେ ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ(ରାଜୁ)। ଆସନ୍ତା ୪ ତାରିଖରେ ସମର୍ଥକଙ୍କୁ ନେଇ ଭୁବନେଶ୍ୱରରେ ଭାଜପାରେ ସାମିଲ ହେବେ ବୋଲି ରାଜେନ୍ଦ୍ର କହିଛନ୍ତି। ଧାମନଗରର ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ମୃତ୍ୟୁ ପରେ ୨୦୨୨ରେ ହୋଇଥିବା ଉପନିର୍ବାଚନରେ ବିଜେଡିରୁ ଟିକେଟ ନ ମିଳିବାରୁ ରାଜେନ୍ଦ୍ର ବିଦ୍ରୋହୀ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ସେତେବେଳେ ବିଜେଡିକୁ ହରାଇବାର ପ୍ରମୁଖ ଭୂମିକା ଗ୍ରହଣ କରିଥିବା ରାଜେନ୍ଦ୍ର ରାଜ୍ୟରେ ଚର୍ଚ୍ଚିତ ଚେହେରା ପାଲଟିଥିଲେ। ଉପନିର୍ବାଚନରେ ମାତ୍ର ୮,୧୫୩ ଭୋଟ୍ ପାଇଥିଲେ ମଧ୍ୟ ଶାସକ ଦଳର ବିଜୟଧାରାରେ ବ୍ରେକ୍ ଲଗାଇବାରେ ତାଙ୍କର ବଡ଼ ଭୂମିକା ଥିଲା। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଟିକେଟରେ ଲଢ଼ିଥିବା ରାଜେନ୍ଦ୍ର ଭାଜପା ପ୍ରାର୍ଥୀ ବିଷ୍ଣୁ ସେଠୀଙ୍କଠାରୁ ୪,୬୨୫ ଭୋଟ୍‌ରେ ପରାଜିତ ହୋଇଥିଲେ। ଉପନିର୍ବାଚନରେ ତାଙ୍କୁ ଟିକେଟ ନ ଦେଇ ବିଜେଡି ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ କରି ମହିଳା କାର୍ଡ ଖେଳିଥିଲା। କିନ୍ତୁ ରାଜେନ୍ଦ୍ର ତାଙ୍କର ଅସନ୍ତୋଷ ବ୍ୟକ୍ତ କରି ବିଜେଡିର ସବୁ ରଣକୌଶଳକୁ ବିଫଳ କରିଦେଇଥିଲେ। ବିଦ୍ରୋହୀ ପ୍ରାର୍ଥୀ ହେବା ପରେ ବିଜେଡି ପକ୍ଷରୁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା। ଉପନିର୍ବାଚନ ପରେ ରାଜେନ୍ଦ୍ର କେଉଁ ଦଳକୁ ଯିବେ ଏବଂ ତାଙ୍କର ରାଜନୈତିକ ଭବିଷ୍ୟତ କ'ଣ ହେବ ବୋଲି ଚର୍ଚ୍ଚା ଜୋର ଧରିଥିଲା। ଗତ କିଛିଦିନ ଧରି ସେ ଭାଜପାରେ ଯୋଗଦେବେ ବୋଲି ଚର୍ଚ୍ଚା ଲାଗି ରହିଥିଲା। ଏବେ ସବୁ କଳ୍ପନା ଜଳ୍ପନାର ଅନ୍ତଃ ଘଟାଇ ଭାଜପାରେ ସାମିଲ ହେବେ ବୋଲି ସେ କହିଛନ୍ତି।

# ପିପିଲି ଭାଜପାରେ ଛକାପଞ୍ଝା

**ପିପିଲି-ଡେଲାଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀ**

**ଟିକେଟ ଆଶାରେ ଆଶ୍ରିତ, ରାଧାମୋହନ, ସରୋଜ**



ଆଶ୍ରିତ ପଟ୍ଟନାୟକ



ରାଧାମୋହନ



ସରୋଜ ପ୍ରଧାନ

ପିପିଲି, ୨।୩ (ପ୍ରଭାତ ମହାପାତ୍ର)

ପୁରୀ ଜିଲା ପିପିଲି-ଡେଲାଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀରୁ ଭାରତୀୟ ଜନତା ପାର୍ଟି (ଭାଜପା)ରୁ ପ୍ରାର୍ଥୀ ହେବା ଲାଗି ଛକାପଞ୍ଝା ଆରମ୍ଭ ହୋଇଯାଇଛି। ଅଦ୍ୟାବଧି ଟିକେଟ୍ ପାଇବା ପାଇଁ ଏମାନେ ନିଜ ଢଙ୍ଗରେ ଚେଷ୍ଟା ଚଳାଇଛନ୍ତି। ସେମାନେ ହେଲେ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ଯୁବ ସାମାଜିକ କର୍ମୀ ରାଧାମୋହନ ଓ ଯୁବ ଭାଜପା ନେତା ସରୋଜ ପ୍ରଧାନ। ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀରୁ ଆଶ୍ରିତ ପଟ୍ଟନାୟକ ଥରେ ସ୍ୱାଧୀନ ଓ ଦୁଇ ଥର ଭାଜପାରୁ ଟିକେଟ ପାଇ ହାରିଛନ୍ତି। ଆଶ୍ରିତ ପୁରୀ ଜିଲା ଭାଜପା ସଭାପତି ରହିଥିବା ବେଳେ ତାଙ୍କର ପିପିଲି ବ୍ଲକ ସଂଗଠନ ସୁଦୃଢ଼ ରହିଛି। ସେହିପରି ରାଧାମୋହନଙ୍କ ଡେଲାଙ୍ଗ ବ୍ଲକରେ ସମର୍ଥନ ରହିଥିବା କୁହାଯାଉଥିବା ବେଳେ ସରୋଜ ଏହି ନିର୍ବାଚନମଣ୍ଡଳୀରେ ଚା'ଖଟି ଠାରୁ ଆରମ୍ଭ କରି ଅନ୍ୟଦଳର କର୍ମୀଙ୍କୁ ଭାଜପାରେ ସାମିଲ କରି ନିଜର ସଙ୍ଗଠନକୁ ମଜଭୁତ କରୁଛନ୍ତି।

ଏହି ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ (ବିଜେଡି) ଗଡ଼ ଭାବେ ବେଶ୍ ପରିଚିତ । ୧୯୮୫ ମସିହାଠାରୁ ୨୦୧୯ ପର୍ଯ୍ୟନ୍ତ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କର ଏଠାରେ ପ୍ରଭାବ ରହିଆସିଥିଲା। ସେ ୭ଥର ବିଧାୟକ ହୋଇଥିଲେ। ସ୍ୱର୍ଗତ ମହାରଥୀଙ୍କୁ କଡ଼ା ଟକ୍କର ଦେଇ ଥରେ ମାତ୍ର ୧୯୯୫ ରୁ ୧୯୯୯ ଯାଏ କଂଗ୍ରେସର ବିଧାୟକ ହୋଇଥିଲେ ସ୍ୱର୍ଗତ ଯୁଧିଷ୍ଠିର ସାମନ୍ତରାୟ । ତେବେ କଂଗ୍ରେସ ବିଶେଷକରି ସାମନ୍ତରାୟଙ୍କ ସମର୍ଥନରେ ୨୦୦୭ରେ ପିପିଲି ବ୍ଲକ ଅଧ୍ୟକ୍ଷ ଓ ୨୦୧୨ରେ କଂଗ୍ରେସର ଜିଲା ପରିଷଦ ସଭ୍ୟ ହୋଇଥିଲେ ଆଶ୍ରିତ ପଟ୍ଟନାୟକ । ଜିଲାପରିଷଦ ସଭ୍ୟ ହେବା ପରେ ପିପିଲି ନିର୍ବାଚନମଣ୍ଡଳୀରୁ ୨୦୧୪ରେ ସେ ସ୍ୱାଧୀନ ଭାବେ ବିଧାୟକ ପ୍ରାର୍ଥୀ ହୋଇ ୧୮ହଜାର ଭୋଟ ପାଇଥିଲେ । ସେ ସ୍ୱାଧୀନ ପ୍ରାର୍ଥୀ ହେବା ଯୋଗୁ ପୂର୍ବତନ ବିଧାୟକ ସାମନ୍ତରାୟ ବହୁ ଭୋଟ ବ୍ୟବଧାନରେ ମହାରଥୀଙ୍କଠାରୁ ହାରିଯାଇଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନରେ ପିପିଲି ଯୁବ ଭାଜପା ନେତା ଜନ୍ମେଜୟ ଜେନାଙ୍କ ନେତୃତ୍ୱରେ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀର ୬ଟି ଜିଲା ପରିଷଦ ଜୋନ୍‌ରୁ ଭାଜପାକୁ ୫୪ ହଜାର ଭୋଟ ମିଳିଥିଲା । ୨୦୧୯ରେ ଆଶ୍ରିତ ପଟ୍ଟନାୟକ ଭାଜପାରେ ମିଶିବା ସହ ବିଧାୟକ ପ୍ରାର୍ଥୀ ହୋଇ ୭୨ହଜାର ୭୩୧ଖଣ୍ଡ ଭୋଟ ପାଇଥିଲେ। ପ୍ରଦୀପ ମହାରଥୀଙ୍କଠାରୁ ଆଶ୍ରିତ ପଟ୍ଟନାୟକ ୧୫ହଜାର ୭୮୨ଖଣ୍ଡ ଭୋଟରେ ହାରିଥିଲେ। ୨୦୨୦ ଅକ୍ଟୋବର ୪ରେ ପ୍ରଦୀପ ମହାରଥୀଙ୍କ ଅକାଳ ବିୟୋଗ ପରେ ୨୦୨୧ରେ ଏହି ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୯ଜଣ ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରେ ଭାଜପାରୁ ଆଶ୍ରିତ ପଟ୍ଟନାୟକ, ବିଜେଡିରୁ ସ୍ୱର୍ଗତ ମହାରଥୀଙ୍କ ପୁତ୍ର ରୁଦ୍ରପ୍ରତାପ ମହାରଥୀଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଏଥିରେ ରୁଦ୍ରପ୍ରତାପ ନିର୍ବାଚିତ ହୋଇଥିଲେ।

ଅଦ୍ୟାବଧି କିଏ କେଉଁ ଦଳରୁ ପ୍ରାର୍ଥୀ ହେବେ ଜଣାପଡ଼ି ନ ଥିଲା ବେଳେ ଭାଜପାରୁ ଉପରଲିଖିତ ନେତାଙ୍କ ସହ ନିର୍ବାଚନ ପାଖେଇ ଆସିଲେ ଆଉ କିଏ ଯୋଡ଼ି ହୋଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ତେବେ ଯାହା ଚର୍ଚ୍ଚା ହେଉଛି, ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ ଟିକେଟ ପାଇବା ପାଇଁ ଆଶା ରଖିଥିବା ବେଳେ ତାଙ୍କ ରାସ୍ତାରେ ଦୁଇ ଯୁବ ସଙ୍ଗଠକ ରାଧାମୋହନ ଓ ସରୋଜ ପ୍ରଧାନ କଣ୍ଟା ସାଜିପାରନ୍ତି। ତେଣୁ ଏ ଦୁହିଁଙ୍କ ସମର୍ଥକ ନିର୍ବାଚନମଣ୍ଡଳୀରେ ନୂଆ ପ୍ରାର୍ଥୀଙ୍କୁ ଟିକେଟ ମିଳିବା ଦରକାର ବୋଲି କହୁଛନ୍ତି।

# ଲୋକ ସଭା ନିର୍ବାଚନ: ଭାଜପା ପ୍ରଥମ ପ୍ରାର୍ଥୀ ତାଲିକା

| | | |
|---|---|---|
| | **ଉତ୍ତରପ୍ରଦେଶ** | |
| ୧. | ବାରାଣସୀ | ନରେନ୍ଦ୍ର ମୋଦି |
| | **ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ** | |
| ୨. | ଆଣ୍ଡାମାନ ଏବଂ ନିକୋବର | ବିଷ୍ଣୁପଦ ରାୟ |
| | **ଅରୁଣାଚଳ ପ୍ରଦେଶ** | |
| ୩. | ଅରୁଣାଚଳ ପଶ୍ଚିମ | କିରେନ ରିଜିଜୁ |
| ୪. | ଅରୁଣାଚଳ ପୂର୍ବ | ଟାପିର ଗାଓ |
| | **ଆସାମ** | |
| ୫. | କରିମଗଞ୍ଜ | କ୍ରିପନାଥ ମଲ୍ଲ |
| ୬. | ସିଲଚର୍ | ପରିମଳ ଶୁକ୍ଳବୈଦ୍ୟ |
| ୭. | ସ୍ୱୟଂଶାସିତ ଜିଲା | ଅମରସିଂହ ଟିସୋ |
| ୮. | ଗୁଆହାଟି | ବିଜୁଳି କଳିତା ମେଧି |
| ୯. | ମଙ୍ଗଳଦୋଇ | ଦିଲୀପ ସାଇକିଆ |
| ୧୦. | ତେଜପୁର | ରଞ୍ଜିତ ଦତ୍ତ |
| ୧୧. | ନାଓଗଙ୍ଗ | ସୁରେଶ ବୋରା |
| ୧୨. | କାଲିଆବୋର | କାମାକ୍ଷାପ୍ରସାଦ ତସା |
| ୧୩. | ଜୋରହାଟ | ତପନ କୁମାର ଗୋଗଇ |
| ୧୪. | ଡିବ୍ରୁଗଡ଼ | ସର୍ବାନନ୍ଦ ସୋନୋୱାଲ |
| ୧୫. | ଲଖିମପୁର | ପ୍ରଧାନ ବରୁଆ |
| | **ଛତିଶଗଡ଼** | |
| ୧୬. | ସର୍ଗୁଜା | ଚିନ୍ତାମଣି ମହାରାଜ |
| ୧୭. | ରାୟଗଡ଼ | ରାଧେଶ୍ୟାମ ରାଠିଆ |
| ୧୮. | ଜାଞ୍ଜଗିର-ଚମ୍ପା | କମଲେଶ ଜାଙ୍ଗଡ଼ |
| ୧୯. | କୋର୍ବା | ସୁଶ୍ରୀ ସରୋଜ ପାଣ୍ଡେ |
| ୨୦. | ବିଲାସପୁର | ତୋଖନ ସାହୁ |
| ୨୧. | ରାଜନନ୍ଦଗାଁ | ସନ୍ତୋଷ ପାଣ୍ଡେ |
| ୨୨. | ଦୁର୍ଗ | ବିଜୟ ବଘେଲ |
| ୨୩. | ରାୟପୁର | ବ୍ରିଜ୍‌ମୋହନ ଅଗରୱାଲ |
| ୨୪. | ମହାସମୁନ୍ଦ | ରୁପ କୁମାରୀ ଚୌଧରୀ |
| ୨୫. | ବସ୍ତର | ମହେଶ କାଶ୍ୟପ |
| ୨୬. | କାଙ୍କେର | ଭୋଜରାଜ ନାଗ |
| | **ଦାଦ୍ରା ଏବଂ ନଗର ହାବେଲି ଏବଂ ଡାମନ ଓ ଡିଉ** | |
| ୨୭. | ଡାମନ ଓ ଡିଉ | ଲାଲୁଭାଇ ପଟେଲ |
| | **ଦିଲ୍ଲୀ** | |
| ୨୮. | ଚାନ୍ଦନୀଚୌକ | ପ୍ରବୀଣ ଖଣ୍ଡେଲୱାଲ |
| ୨୯. | ଉତ୍ତର ପୂର୍ବ ଦିଲ୍ଲୀ | ମନୋଜ ତିୱାରୀ |
| ୩୦ | ନୂଆଦିଲ୍ଲୀ | ସୁଶ୍ରୀ ବାଂଶୁରୀ ସ୍ୱରାଜ |
| ୩୧. | ପଶ୍ଚିମଦିଲ୍ଲୀ | କୁ. କମଲଜିତ ସହରାବତ |
| ୩୨. | ଦକ୍ଷିଣଦିଲ୍ଲୀ | ରାମବୀର ସିଂହ ବିଧୁରୀ |
| | **ଗୋଆ** | |
| ୩୩. | ଉତ୍ତରଗୋଆ | ଶ୍ରୀପଦ ୟେସୋ ନାଏକ |
| | **ଗୁଜରାଟ** | |
| ୩୪. | କଚ୍ଛ (ଏସ୍‌ସି) | ବିନୋଦଭାଇ ଲଖମାସି ଚଭଡା |
| ୩୫. | ବନାସକାଣ୍ଠା | ରେଖାବେନ ହିତେଶଭାଇ ଚୌଧରୀ |
| ୩୬. | ପାଟନା | ଭରତସିଂହଜୀ ଦାଭି |
| ୩୭. | ଗାନ୍ଧୀନଗର | ଅମିତ୍ ଶାହ |
| ୩୮. | ଅହମ୍ମଦାବାଦ ପଶ୍ଚିମ | ଦିନେଶ ଭାଇ କୋଦାରଭାଇ ମକୱାନା |
| ୩୯. | ରାଜକୋଟ | ପରଷୋତ୍ତମ ରୁପାଲା |
| ୪୦. | ପୋରବନ୍ଦର | ମନସୁଖଭାଇ ମାଣ୍ଡବ୍ୟ |
| ୪୧. | ଜାମନଗର | ପୁନମବେନ୍ ମାଡମ |
| ୪୨. | ଆନନ୍ଦ | ମିତେଶଭାଇ ଆର.ପଟେଲ |
| ୪୩. | ଖେଡା | ଦେବୁସିଂହ ଚୌହାନ |
| ୪୪. | ପଞ୍ଚମହଲ | ରାଜପାଲ ସିଂହ ମହେନ୍ଦ୍ରସିଂହ ଯାଦବ |
| ୪୫. | ଜୋହାଦ (ଏସ୍‌ଟି) | ଜଶୱନ୍ତସିଂହ ଭାଭୋର |
| ୪୬. | ଭରୁଚ୍ | ମନସୁଖଭାଇ ବସାଭା |
| ୪୭. | ବର୍ଦ୍ଦୋଲି (ଏସ୍‌ଟି) | ପ୍ରଭୁଭାଇ ଏନ୍. ବସାଭା |
| ୪୮. | ନବସାରୀ | ସି. ଆର୍. ପାଟିଲ |
| | **ଜମ୍ମୁ ଏବଂ କଶ୍ମୀର** | |
| ୪୯. | ଉଧମପୁର | ଜିତେନ୍ଦ୍ର ସିଂହ |
| ୫୦. | ଜମ୍ମୁ | ଯୁଗଳକିଶୋର ଶର୍ମା |
| | **ଝାଡ଼ଖଣ୍ଡ** | |
| ୫୧. | ରାଜମହଲ (ଏସ୍‌ଟି) | ତାଲା ମାରାଣ୍ଡି |
| ୫୨. | ଦୁମ୍‌କା (ଏସ୍‌ଟି) | ସୁନିଲ ସୋରେନ୍ |
| ୫୩. | ଗୋଡ୍ଡା | ନିଶିକାନ୍ତ ଦୁବେ |
| ୫୪. | କୋଡର୍ମା | ଅନ୍ନପୂର୍ଣ୍ଣା ଦେବୀ |
| ୫୫. | ରାଞ୍ଚି | ସଞ୍ଜୟ ସେଠ୍ |
| ୫୬. | ଜାମସେଦପୁର | ବିଦ୍ୟୁତ୍ ବରଣ ମହାତୋ |
| ୫୭. | ସିଂହଭୂମ (ଏସ୍‌ଟି) | ଗୀତା କୋଡା |
| ୫୮. | ଖୁଣ୍ଟି (ଏସ୍‌ଟି) | ଅର୍ଜୁନ ମୁଣ୍ଡା |
| ୫୯. | ଲୋହାରଦଗା | ସମୀର ଓରାଓଁ |
| ୬୦. | ପଲାମୁ (ଏସ୍‌ଟି) | ବିଷ୍ଣୁଦୟାଲ ରାମ |
| ୬୧. | ହଜାରିବାଗ | ମନୀଷ ଜୟସ୍ୱାଲ |
| | **କେରଳ** | |
| ୬୨. | କାଶରଗୋଡ଼ | ଏମ୍.ଏଲ୍. ଅଶ୍ୱିନୀ |
| ୬୩. | କନ୍ନୁର | ସି. ରଘୁନାଥ |
| ୬୪. | ବଡ଼କରା | ପ୍ରଫୁଲ୍ଲ କ୍ରିଷ୍ଣା |
| ୬୫. | କୋଝିକୋଡ଼ | ଏମ୍.ଟି. ରମେଶ |
| ୬୬. | ମଲ୍ଲପୁରମ୍ | ଡ. ଅବଦୁଲ ସଲାମ |
| ୬୭. | ପୋନାନୀ | ନିବେଦିତା ସୁବ୍ରମଣିଅନ |
| ୬୮. | ପଲକାଢ | ସି. କ୍ରିଷ୍ଣକୁମାର |
| ୬୯. | ଥ୍ରୀସୁର | ସୁରେଶ ଗୋପୀ |
| ୭୦. | ଅଲପୁଝା | ଶୋଭା ସୁରେନ୍ଦ୍ରନ୍ |
| ୭୧. | ପଠାନମହିତା | ଅନୀଲ କେ. ଆଣ୍ଟୋନି |
| ୭୨. | ଆଣ୍ଟିଙ୍ଗଲ | ଭି. ମୁରଲୀଧରନ୍ |
| ୭୩. | ଥିରୁଭାନନ୍ତପୁରମ୍ | ରାଜୀବ ଚନ୍ଦ୍ରଶେଖର |
| | **ମଧ୍ୟପ୍ରଦେଶ** | |
| ୭୪. | ମୋରେନା | ଶିବମଙ୍ଗଳସିଂହ ତୋମାର |
| ୭୫. | ଭିଣ୍ଡ (ଏସ୍‌ସି) | ସନ୍ଧ୍ୟା ରାୟ |
| ୭୬. | ଗ୍ୱାଲିଅର | ଭରତସିଂହ ଖୁସ୍‌ୱା |
| ୭୭. | ଗୁନା | ଜ୍ୟୋତିରାଦିତ୍ୟ ସିନ୍ଧିଆ |
| ୭୮. | ସାଗର | ଲତା ୱାଙ୍ଖେଡେ |
| ୭୯. | ଟିକମଗଡ଼ (ଏସ୍‌ସି) | ବୀରେନ୍ଦ୍ର ଖାଟିକ |
| ୮୦. | ଦମୋହ | ରାହୁଲ ଲୋଧି |
| ୮୧. | ଖଜୁରାହୋ | ଭି.ଡି. ଶର୍ମା |
| ୮୨. | ସତନା | ଗଣେଶ ସିଂହ |
| ୮୩. | ରେବା | ଜନାର୍ଦ୍ଦନ ମିଶ୍ର |
| ୮୪. | ସିଧି | ରାଜେଶ ମିଶ୍ର |
| ୮୫. | ସାହଡୋଲ (ଏସ୍‌ଟି) | ହୀମାଦ୍ରି ସିଂହ |
| ୮୬. | ଜବଲପୁର | ଆଶିଷ ଦୁବେ |
| ୮୭. | ମଣ୍ଡଲ (ଏସ୍‌ଟି) | ଫଗନସିଂହ କୁଲାସ୍ତେ |
| ୮୮. | ହୋସାଙ୍ଗବାଦ | ଦର୍ଶନସିଂହ ଚୌଧରୀ |
| ୮୯. | ବିଦିଶା | ଶିବରାଜସିଂହ ଚୌହାନ |
| ୯୦. | ଭୋପାଳ | ଆଲୋକ ଶର୍ମା |
| ୯୧. | ରାଜଗଡ଼ | ରୋଡମଲ ନାଗର |
| ୯୨. | ଦେବାସ (ଏସ୍‌ଟି) | ମହେନ୍ଦ୍ରସିଂହ ସୋଲାଙ୍କି |
| ୯୩. | ମଣ୍ଡସୌର | ସୁଧିର ଗୁପ୍ତା |
| ୯୪. | ରତଲାମ (ଏସ୍‌ଟି) | ଅନୀତା ନାଗର ସିଂହ ଚୌହାନ |
| ୯୫. | ଖର୍ଗୋନ (ଏସ୍‌ଟି) | ରାଜେନ୍ଦ୍ର ପଟେଲ |
| ୯୬. | ଖଣ୍ଡୱା | ଜ୍ଞାନେଶ୍ୱର ପାଟିଲ |
| ୯୭. | ବେଟୁଲ (ଏସ୍‌ଟି) | ଦୁର୍ଗାଦାଶ ଉଇକେ |
| | **ରାଜସ୍ଥାନ** | |
| ୯୮. | ବିକାନେର (ଏସ୍‌ଟି) | ଅର୍ଜୁନରାମ ମେଘୱାଲ |
| ୯୯. | ଚୁରୁ | ଦେବେନ୍ଦ୍ର ଝାଝରିଆ |
| ୧୦୦. | ସିକର | ସ୍ୱାମୀ ସୁମେଧାନନ୍ଦ ସରସ୍ୱତୀ |
| ୧୦୧. | ଅଲୱାର | ଭୂପେନ୍ଦ୍ର ଯାଦବ |
| ୧୦୨. | ଭରତପୁର (ଏସ୍‌ସି) | ରାମସ୍ୱରୂପ କୋଲି |
| ୧୦୩. | ନାଗୁଆର | ଜ୍ୟୋତି ମିର୍ଦ୍ଧା |
| ୧୦୪. | ପାଲି | ପି.ପି. ଚୌଧରୀ |
| ୧୦୫. | ଯୋଧପୁର | ଗଜେନ୍ଦ୍ରସିଂହ ଶେଖାୱତ |
| ୧୦୬. | ବାର୍‌ମେର | କୈଳାଶ ଚୌଧରୀ |
| ୧୦୭. | ଜାଲୋର | ଲୁମ୍ବାରାମ ଚୌଧରୀ |
| ୧୦୮. | ଉଦୟପୁର (ଏସ୍‌ଟି) | ମନ୍ନାଲାଲ ରାୱତ |
| ୧୦୯. | ବଂଶାରା (ଏସ୍‌ଟି) | ମହେନ୍ଦ୍ର ମାଲବ୍ୟ |
| ୧୧୦. | ଚିତ୍ତୋରଗଡ଼ | ସି.ପି. ଯୋଶୀ |
| ୧୧୧. | କୋଟା | ଓମ୍ ବିର୍ଲା |
| ୧୧୨. | ଝଲୱାର ବାରାଁ | ଦୁଶ୍ୟନ୍ତ ସିଂହ |
| | **ତେଲଙ୍ଗାନା** | |
| ୧୧୩. | କରିମନଗର | ବଣ୍ଡି ସଞ୍ଜୟ କୁମାର |
| ୧୧୪. | ନିଜାମବାଦ | ଅରବିନ୍ଦ ଧର୍ମପୁରୀ |
| ୧୧୫. | ଜହିରାବାଦ | ବି.ବି. ପାଟଲ |
| ୧୧୬. | ମଲକାଜାଗିର | ଏଟେଲା ରାଜେନ୍ଦର |
| ୧୧୭. | ସିକନ୍ଦରାବାଦ | ଜି.କିଷାନ ରେଡ୍ଡୀ |
| ୧୧୮. | ହାଇଦ୍ରାବାଦ | ମାଧବୀ ଲତା |
| ୧୧୯. | ଚେଲ୍‌ବେଲ୍ଲା | କୋଣ୍ଡା ବିଶ୍ୱେଶ୍ୱର ରେଡ୍ଡୀ |
| ୧୨୦. | ନଗରକୁର୍ନୁଲ | ପି. ଭରତ |
| ୧୨୧. | ଭୋଙ୍ଗିର | ବୋରା ନରଶାହ ଗୌଡ |
| | **ତ୍ରିପୁରା** | |
| ୧୨୨. | ତ୍ରିପୁରା ପଶ୍ଚିମ | ବିପ୍ଲବ କୁମାର ଦେବ |
| | **ଉତ୍ତରାଖଣ୍ଡ** | |
| ୧୨୩. | ଟେହରି ଗଡୱାଲ | ମାଲା ରାଜ୍ୟଲକ୍ଷ୍ମୀ ଶାହ |
| ୧୨୪. | ଅଲମୋରା | ଅଜୟ୍ ଟମ୍‌ଟା |
| ୧୨୫. | ନୈନିତାଲ-ଉଧମସିଂହ ନଗର | ଅଜୟ୍ ଭଟ୍ଟ |
| | **ଉତ୍ତରପ୍ରଦେଶ** | |
| ୧୨୬. | କୈରାନା | ପ୍ରଦୀପ କୁମାର |
| ୧୨୭. | ମୁଜାଫରନଗର | ସଞ୍ଜୀବ କୁମାର ବଲ୍ୟାନ |
| ୧୨୮. | ନାଗିନା (ଏସ୍‌ସି) | ଓମ୍ କୁମାର |
| ୧୨୯. | ରାମପୁର | ଘନଶ୍ୟାମ ଲୋଧି |
| ୧୩୦. | ସମ୍ଭଲ | ପରମେଶ୍ୱରଲାଲ ସାଇନି |
| ୧୩୧. | ଅମରୋହା | କନୱାରସିଂହ ତନୱାର |
| ୧୩୨. | ଗୌତମବୁଦ୍ଧନଗର | ମହେଶ ଶର୍ମା |
| ୧୩୩. | ବୁଲନ୍ଦସହର | ଭୋଲା ସିଂହ |
| ୧୩୪. | ମଥୁରା | ହେମା ମାଲିନୀ |
| ୧୩୫. | ଆଗ୍ରା (ଏସ୍‌ସି) | ସତ୍ୟପାଲସିଂହ ବଘେଲ |
| ୧୩୬. | ଫତେପୁର ସିକ୍ରି | ରାଜକୁମାର ଚହର |
| ୧୩୭. | ଏଟା | ରାଜବୀର ସିଂହ (ରାଜୁ ଭୋୟା) |
| ୧୩୮. | ଅମ୍ବଲା | ଧର୍ମେନ୍ଦ୍ର କାଶ୍ୟପ |
| ୧୩୯. | ଶାହାଜାହନପୁର | ଅରୁଣ କୁମାର ସାଗର |
| ୧୪୦. | ଖେରି | ଅଜୟ୍ ମିଶ୍ରା 'ଟେନି' |
| ୧୪୧. | ଧୌରହରା | ରେଖା ବର୍ମା |
| ୧୪୨. | ସୀତାପୁର | ରାଜେଶ ବର୍ମା |
| ୧୪୩. | ହାର୍ଦୋଇ (ଏସ୍‌ସି) | ଜୟପ୍ରକାଶ ରାୱତ |
| ୧୪୪. | ମିଶ୍ରିଖ (ଏସ୍‌ସି) | ଅଶୋକ କୁମାର ରାୱତ |
| ୧୪୫. | ଉନ୍ନାଓ | ସାକ୍ଷୀ ମହାରାଜ |
| ୧୪୬. | ମୋହନଲାଲଗଞ୍ଜ | କୌଶଲ କିଶୋର |
| ୧୪୭. | ଲକ୍ଷ୍ନୌ | ରାଜନାଥ ସିଂହ |
| ୧୪୮. | ଆମେଠି | ସ୍ମୃତି ଇରାନୀ |
| ୧୪୯. | ପ୍ରତାପଗଡ଼ | ସଙ୍ଗମଲାଲ ଗୁପ୍ତା |
| ୧୫୦. | ଫାରୁଖାବାଦ | ମୁକେଶ ରାଜପୁତ |
| ୧୫୧. | ଇଟାୱା (ଏସ୍‌ସି) | ରାମଶଙ୍କର କଠେରିଆ |
| ୧୫୨. | କନୌଜ | ସୁବ୍ରତ ପାଠକ |
| ୧୫୩. | ଆକବରପୁର | ଦେବେନ୍ଦ୍ର ସିଂହ 'ଭୋଲେ' |
| ୧୫୪. | ଜଲାନ (ଏସ୍‌ସି) | ଭାନୁପ୍ରତାପ ସିଂହ ବର୍ମା |
| ୧୫୫. | ଝାନ୍‌ସି | ଅନୁରାଗ ଶର୍ମା |
| ୧୫୬. | ହମିରପୁର | କୁଅଁର ପୁଷ୍ପେନ୍ଦ୍ର ସିଂହ ଚନ୍ଦେଲ |
| ୧୫୭. | ବାନ୍ଦା | ଆର୍.କେ. ସିଂହ ପଟେଲ |
| ୧୫୮. | ଫତେପୁର | ସାଧ୍ୱୀ ନିରଞ୍ଜନ ଜ୍ୟୋତି |
| ୧୫୯. | ବାରବାଙ୍କୀ (ଏସ୍‌ସି) | ଉପେନ୍ଦ୍ର ସିଂହ ରାୱତ |
| ୧୬୦. | ଫୈଜାବାଦ | ଲାଲୁ ସିଂହ |
| ୧୬୧. | ଆମ୍ବେଡକରନଗର | ରିତେଶ ପାଣ୍ଡେ |
| ୧୬୨. | ଶ୍ରାବସ୍ତି | ସାକେତ ମିଶ୍ରା |
| ୧୬୩. | ଗୋଣ୍ଡା | କୀର୍ତ୍ତି ବର୍ଦ୍ଧନ ସିଂହ(ରାଜା ଭାୟା) |
| ୧୬୪. | ଦୋମାରିଆଗଞ୍ଜ | ଜଗଦମ୍ବିକା ପାଲ |
| ୧୬୫. | ବସ୍ତି | ହରିଶ ଦ୍ୱିବେଦୀ |
| ୧୬୬. | ଶାନ୍ତକବିରନଗର | ପ୍ରବୀଣ କୁମାର ନିଶାଦ |
| ୧୬୭. | ମହାରାଜଗଞ୍ଜ | ପଙ୍କଜ ଚୌଧରୀ |
| ୧୬୮. | ଗୋରଖପୁର | ରବି କିଶାନ |
| ୧୬୯. | କୁଶିନଗର | ବିଜୟ୍ କୁମାର ଦୁବେ |
| ୧୭୦. | ବାଂଶଗାଓଁ (ଏସ୍‌ସି) | କମଲେଶ ପାଶ୍ୱାନ |
| ୧୭୧. | ଲାଲଗଞ୍ଜ (ଏସ୍‌ସି) | ନିଲମ ସୋନକର |
| ୧୭୨. | ଆଜମଗଡ଼ | ଦୀନେଶ ଲାଲ ଯାଦବ 'ନିରହୁଆ' |
| ୧୭୩. | ସାଲେମପୁର | ରବୀନ୍ଦ୍ର କୁଶୱାହା |
| ୧୭୪. | ଯୋନପୁର | କୃପାଶଙ୍କର ସିଂହ |
| ୧୭୫. | ଚନ୍ଦାଉଲି | ମହେନ୍ଦ୍ର ନାଥ ପାଣ୍ଡେ |
| ୧୭୬. | କୁଚବିହାର (ଏସ୍‌ସି) | ନୀତିଶ ପ୍ରମାଣିକ |
| ୧୭୭. | ଆଲିପୁରଦୁଆର | ମନୋଜ ଟିଗା |
| ୧୭୮. | ବାଲୁରଘାଟ | ସୁକାନ୍ତ ମଜୁମଦାର |
| ୧୭୯. | ମାଲଦାହା ଉତ୍ତର | ଖଗେନ ମୁର୍ମୁ |
| ୧୮୦. | ମାଲଦାହା ଦକ୍ଷିଣ | ଶ୍ରୀରୂପା ମିତ୍ରା ଚୌଧରୀ |
| ୧୮୧. | ବହରାମପୁର | ନିର୍ମଳ କୁମାର ଶାହା |
| ୧୮୨. | ମୁର୍ଶିଦାବାଦ | ଗୌରୀଶଙ୍କର ଘୋଷ |
| ୧୮୩. | ରାଣାଘାଟ (ଏସ୍‌ସି) | ଜଗନ୍ନାଥ ସରକାର |
| ୧୮୪. | ବନଗାଓଁ (ଏସ୍‌ସି) | ଶାନ୍ତନୁ ଠାକୁର |
| ୧୮୫. | ଜୟନଗର (ଏସ୍‌ସି) | ଅଶୋକ କଣ୍ଡାରୀ |
| ୧୮୬. | ଯାଦବପୁର | ଅନିର୍ବାଣ ଗାଙ୍ଗୁଲି |
| ୧୮୭. | ହାୱଡା | ରଥିନୀ ଚକ୍ରବର୍ତ୍ତୀ |
| ୧୮୮. | ହୁଗ୍ଲି | ଲୋକେତ ଚାଟାର୍ଜୀ |
| ୧୮୯. | କାନ୍ଥୀ | ସୌମେନ୍ଦୁ ଅଧିକାରୀ |
| ୧୯୦. | ଘାଟଲ | ହିରଣ୍ମୟ ଚଟ୍ଟୋପାଧ୍ୟାୟ |
| ୧୯୧. | ପୁରୁଲିଆ | ଜ୍ୟୋତିର୍ମୟ ସିଂହ ମହାତୋ |
| ୧୯୨. | ବାଙ୍କୁଡା | ସୁଭାଷ ସର୍କାର |
| ୧୯୩. | ବିଷ୍ଣୁପୁର (ଏସ୍‌ସି) | ସୌମିତ୍ର ଖାନ୍ |
| ୧୯୪. | ଆସାନସୋଲ | ପୱନ ସିଂହ |
| ୧୯୫. | ବୋଲପୁର (ଏସ୍‌ସି) | ପ୍ରିୟା ସାହା |

# ଭାଜପାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଓଡ଼ିଶା ନାହିଁ

ଭୁବନେଶ୍ୱର, ୨।୩(ସୁନିତ୍ ମିଶ୍ର)

**■ ୬ରେ ରାଜ୍ୟ ନିର୍ବାଚନ କମିଟି ବୈଠକ ପରେ ଘୋଷଣା: ମନମୋହନ**

**■ ଧର୍ମେନ୍ଦ୍ର, ଜୁଏଲ ଏବଂ ଅପରାଜିତାଙ୍କ ନାଁ ଏହି ପର୍ଯ୍ୟାୟରେ ଘୋଷଣା ହୋଇପାରେ ନେଇ ଚର୍ଚ୍ଚା**

୨୦୨୪ ସାଧାରଣ ନିର୍ବାଚନ ପାଇଁ ଭାଜପା ତା'ର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ଦଳ ପକ୍ଷରୁ ମୋଟ ୧୬ଟି ରାଜ୍ୟ ଏବଂ ୨ଟି କେନ୍ଦ୍ର ଶାସିତ ଅଞ୍ଚଳର ୧୯୫ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ହେଲେ ପ୍ରଥମ ପର୍ଯ୍ୟାୟରେ ପ୍ରକାଶ ପାଇଥିବା ତାଲିକାରେ ଓଡ଼ିଶାର କାହାରି ନାଁ ନାହିଁ। ଅନେକ କେନ୍ଦ୍ରମନ୍ତ୍ରୀ ଏବଂ ରାଜ୍ୟ ନେତୃବୃନ୍ଦ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରୁ ୨ କିମ୍ବା ୩ ଜଣଙ୍କ ନାମ ଘୋଷଣା କରାଯାଇପାରେ ବୋଲି କହୁଥିଲେ। ସେମିତି କିଛି ହେଲାନାହିଁ। ଶେଷରେ ଗଣମାଧ୍ୟମ ଆଗରେ ଏହି ପ୍ରସଙ୍ଗରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖିଛନ୍ତି। ମନମୋହନ ସ୍ପଷ୍ଟୀକରଣ ଦେଇ କହିଛନ୍ତି, ଆସନ୍ତା ୬ ତାରିଖରେ ରାଜ୍ୟ ନିର୍ବାଚନ କମିଟି ବୈଠକ ବସିବ। ଏହାପରେ ପ୍ରାର୍ଥୀ ତାଲିକା ଆସିବ। ଏହି ବୈଠକ ପରେ କେନ୍ଦ୍ରକୁ ସମ୍ଭାବ୍ୟ ପ୍ରାର୍ଥୀଙ୍କ ତାଲିକା ପଠାଯିବ। ଅନୁମୋଦନ ମିଳିଲା ପରେ ପ୍ରାର୍ଥୀଙ୍କ ନାଁ ଘୋଷଣା ହେବ। ପ୍ରାର୍ଥୀଙ୍କୁ ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ। ଦଳର ସଂସଦୀୟ କମିଟି ବୈଠକରେ ଆଲୋଚନା ହୋଇଛି। ଖୁବ୍‌ଶୀଘ୍ର ଓଡ଼ିଶାର ଇଲେକ୍ସନ କମିଟି ବୈଠକ ବସିବ। ରବିବାର ସୁଦ୍ଧା ରାଜ୍ୟର ସମସ୍ତ ବିଧାନସଭା ଓ ଲୋକ ସଭା ପାଇଁ ଦଳୀୟ ପର୍ଯ୍ୟବେକ୍ଷକମାନଙ୍କ ରିପୋର୍ଟ ଆସିବ। ୬ରେ ରାଜ୍ୟ ନିର୍ବାଚନ କମିଟି ବୈଠକ ବସି କେନ୍ଦ୍ରକୁ ପଠାଯିବ। କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକରେ ଏହି ନାଁଗୁଡ଼ିକୁ ଅନୁମୋଦନ ମିଳିବା ପରେ ଓଡ଼ିଶାର ଲୋକ ସଭା ଆସନ ନିମନ୍ତେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ହେବ ବୋଲି ସେ କହିଛନ୍ତି। ତେବେ କିଛିଦିନ ହେଲା ଭାଜପାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ଜୁଏଲ ଓରାମ ଏବଂ ଭୁବନେଶ୍ୱରରୁ ଅପରାଜିତା ଷଡ଼ଙ୍ଗୀଙ୍କ ନାଁ ଦଳ ଆଗୁଆ ଘୋଷଣା କରିଦେଇପାରେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ସେପରି କିଛି ନ ହେବାକୁ ନେଇ ମଧ୍ୟ ଭିନ୍ନ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ପୂର୍ବତନ ବିଜେଡି ବିଧାୟକ ମୁକୁନ୍ଦ ସୋଡ଼ି ଦଳ ଛାଡ଼ିଲେ



ମାଲକାନଗିରି, ୨।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରିର ପୂର୍ବତନ ବିଜେଡି ବିଧାୟକ ମୁକୁନ୍ଦ ସୋଡ଼ି ଶନିବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ସେଥିରେ ଇସ୍ତଫାର କାରଣ ଦର୍ଶାଇ ନ ଥିବା ବେଳେ ରବିବାର ସେ ଭାଜପାରେ ଭୁବନେଶ୍ୱରଠାରେ ମିଶିବେ ବୋଲି କହିଛନ୍ତି । ଦଳ ଛାଡିବାର କାରଣ ପଚାରିବାରୁ ଭାଜପାରେ ଯୋଗଦେବା ପରେ ଗଣମାଧ୍ୟମକୁ ସମସ୍ତ ସୂଚନା ଦେବେ ସେ ବୋଲି କହିଛନ୍ତି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସର୍ବଭାରତୀୟ ସ୍ତରରେ ୧.୬୨ଲକ୍ଷ କୋଟିର ପ୍ରକଳ୍ପ ଉଦ୍‌ଘାଟିତ

## ଅଏଲ ଆଣ୍ଡ ଗ୍ୟାସ୍ ପ୍ରକଳ୍ପର ଶୁଭାରମ୍ଭକଲେ ମୋଦି



**ନୂଆଦିଲ୍ଲୀ,୨।୩**

ଘରୋଇ ବଜାରର ତୈଳ ଏବଂ ଗ୍ୟାସ୍‌ର ଚାହିଦା ମେଣ୍ଟାଇବା ପାଇଁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଭାରତୀୟସ୍ତରରେ ୧.୬୨ଲକ୍ଷ କୋଟିର ଅଏଲ ଆଣ୍ଡ ଗ୍ୟାସ୍ ପ୍ରକଳ୍ପର ଶୁଭାରମ୍ଭ ସହ ବିହାରର ବେଗୁସରାଇରୁ ଦେଶବାସୀଙ୍କ ପାଇଁ ଉତ୍ସର୍ଗୀକୃତ କରିଛନ୍ତି। ସେହିଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓଏନ୍‌ଜିସିର କ୍ରିଷ୍ଣା-ଗୋଦାବରୀ ଡିପ୍‌ୱାଟର ପ୍ରୋଜେକ୍ଟରୁ ପ୍ରଥମ ତୈଳ ଟ୍ୟାଙ୍କର କେଜି ବେସିନ୍‌ରୁ ଉତ୍ତୋଳନ ହୋଇଛି। ଉକ୍ତ ଟ୍ୟାଙ୍କରଗୁଡିକୁ ପ୍ରଧାନମନ୍ତ୍ରୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବିହାରର ବହୁ ମନ୍ତ୍ରୀ, ବିଭିନ୍ନ କମ୍ପାନୀର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ରାଜ୍ୟ ବିହାର, ହରିୟାଣା, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ ଏବଂ କର୍ନାଟକ ଭଳି ରାଜ୍ୟରେ ଏହି ଅଏଲ ଆଣ୍ଡ ଗ୍ୟାସ୍ ପ୍ରକଳ୍ପର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଅନ୍ୟାନ୍ୟ ପ୍ରକଳ୍ପର ଶୁଭାରମ୍ଭ ସହିତ ୪ଟି ରେଳ ଗାଡ଼ିର ଶୁଭାରମ୍ଭ କରାଯାଇଥିଲା।

# ୫ ସରକାରୀ ଆଇଟିଆଇ ସହ ଟିପିସିଓଡିଏଲ୍‌ର ବୁଝାମଣା



**ଭୁବନେଶ୍ୱର,୨।୩**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ୫ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ସହ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ଘୋଷଣା କରି ଓଡ଼ିଶାର ଯୁବବର୍ଗଙ୍କ ସମ୍ଭାବନାକୁ ସମୃଦ୍ଧ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଶିକ୍ଷାଗତ ଜ୍ଞାନ ଓ ଶିଳ୍ପ ଆବଶ୍ୟକତା ଭିତରେ ଥିବା ଅନ୍ତରକୁ ଦୂରକରି ଯୁବବର୍ଗଙ୍କ ପ୍ରତିଭାକୁ ସୁଦୃଢ଼ କରିବା ଏବଂ ପେସାଦାର ଯାତ୍ରା ଲାଗି ସୁବିଧା ପ୍ରଦାନ କରିବା ଦିଗରେ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ଏହି ବୁଝାମଣାପତ୍ର ଦର୍ଶାଉଛି। ଏମ୍‌ଓୟୁଗୁଡ଼ିକ ସ୍ୱାକ୍ଷର ଅବସରରେ ଟିପିସିଓଡିଏଲ୍‌ର ଚିଫ୍-ଅପରେଶନ ସର୍ଭିସେସ୍ ରାଜକୁମାର ରସ୍ତୋଗୀ, ବରିଷ୍ଠ ମହାପ୍ରବନ୍ଧକ (ମାନବ ସମ୍ବଳ) ବୁଦ୍ଧିଶ କୁମାର ବେହେରା, ଓଡ଼ିଶା ଡିସ୍‌କମ୍‌ଗୁଡ଼ିକର ଶିକ୍ଷଣୀୟ ଓ ବିକାଶ ମୁଖ୍ୟ ଏବଂ କଲେଜର ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ। ପୁରୀ ସରକାରୀ ଆଇଟିଆଇ,ଢେଙ୍କାନାଳ ସରକାରୀ ଆଇଟିଆଇ, କଟକ ସରକାରୀ ଆଇଟିଆ, ଭୁବନେଶ୍ୱର ସରକାରୀ ଆଇଟିଆଇ ଏବଂ ପଟ୍ଟାମୁଣ୍ଡାଇ ସରକାରୀ ଆଇଟିଆଇ ସହ ଉକ୍ତ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଓଡ଼ିଶାରେ ଦକ୍ଷତା ବିକାଶ ଓ ସଶକ୍ତୀକରଣକୁ ଆଗକୁ ବଢ଼ାଇବାରେ ଆମ ଉଦ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବିଷୟରେ ଘୋଷଣାକରି ଆମେ ବେଶ୍ ଆନନ୍ଦିତ।

# ଜେଏସ୍‌ଡବ୍ଲ୍ୟୁ ଓଡ଼ିଶା ମାଇନ୍ସ ଡିଭିଜନ ପୁରସ୍କୃତ



**ଭୁବନେଶ୍ୱର,୨।୩**

ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍(ଓଡ଼ିଶା ଖଣି ଡିଭିଜନ)କୁ ନିକଟରେ ସମ୍ମାନଜନକ ପୁରସ୍କାରରେ ପୁରସ୍କୃତ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୫ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହର ଅନ୍ତିମ ଓ ପୁରସ୍କାର ବିତରଣ ଉତ୍ସବରେ କମ୍ପାନୀକୁ ବିଭିନ୍ନ ବର୍ଗରେ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟ ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ (ଆଇବିଏମ୍) ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ବିଶେଷକରି ଜେଏସ୍‌ଡବ୍ଲ୍ୟୁ ୪ଟି ଖଣି କ୍ଷେତ୍ରର ବିଭିନ୍ନ ବର୍ଗରେ ଉନ୍ନତ ପ୍ରଦର୍ଶନ ଲାଗି ପୁରସ୍କୃତ ହୋଇଛି। ଏପରିକି ପରିବେଶର ସୁରକ୍ଷା ଦିଗରେ କମ୍ପାନୀର ଅବଦାନକୁ ସ୍ୱୀକୃତି ଦେବା ସହ କାର୍ଯ୍ୟକ୍ରମରେ ବୃକ୍ଷରୋପଣ ପାଇଁ ଯଯାଙ୍ଗ ମାଇନ୍ସ ପ୍ରଥମ ପୁରସ୍କାର ଲାଭ କରିଛି। ଏହାସହ ନାରାୟଣପୋଷି ମାଇନ୍ସ ବର୍ଜ୍ୟବସ୍ତୁ ଡମ୍ପିଂ ପରିଚାଳନା ବର୍ଗରେ ପ୍ରଥମ ପୁରସ୍କାର ହାସଲ କରିଛି। ସେହିଭଳି ନୂଆଗାଁ ଖଣିରେ ବ୍ୟବସ୍ଥିତ ବୈଜ୍ଞାନିକ ବିକାଶରେ ଦ୍ୱିତୀୟ ପୁରସ୍କାର ଓ ପରିବେଶ ମନିଟରିଂରେ ତୃତୀୟ ପୁରସ୍କାର ହାସଲ କରିଛି। ସେହିପରି ଗୋନୁଆ ଖଣିକୁ ସ୍ଥାୟୀ ବିକାଶ ବର୍ଗରେ ଦ୍ୱିତୀୟ ପୁରସ୍କାର ମିଳିଛି। ଅପରପକ୍ଷରେ ଗୋନୁଆ ଆଇରନ ଓ୍ୱର ମାଇନ୍ସର ମାଇନ୍ସ ମ୍ୟାନେଜର ନିଖିଲ ବେହୁରିଆଙ୍କୁ ପରିବେଶ ଉପଯୋଗୀ କାର୍ଯ୍ୟ ଲାଗି ପରିବେଶ ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଇଣ୍ଡିଆନ୍ ବ୍ୟାଙ୍କର ନବୀକରଣ ଶାଖା ପରିସର ଉଦ୍‌ଘାଟିତ



**ଭୁବନେଶ୍ୱର,୨।୩ (ଅଭୟ ଦାଶ)**

ଇଣ୍ଡିଆନ୍ ବ୍ୟାଙ୍କର ଗଞ୍ଜାମସ୍ଥିତ ଭେଜିପୁଟଠାରେ ଥିବା ପଥରା ଶାଖାର ନବୀକରଣ ପରିସର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ଏମ୍.ଅରୁଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର (ପଥରା ଶାଖାର ନବୀକରଣ ପରିସର) ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଉଚ୍ଛବ ଚନ୍ଦ୍ର ପାତ୍ର,ଉପ-ଆଞ୍ଚଳିକ ମୁଖ୍ୟ ଅରକ୍ଷିତ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଏହି ପରିପ୍ରେକ୍ଷୀରେ ଯୋଗଦେଇଥିବା ସମସ୍ତ ଗ୍ରାହକଙ୍କୁ ପାତ୍ର ଧନ୍ୟବାଦ ଜଣାଇବା ସହ ବିଭିନ୍ନ ବ୍ୟାଙ୍କିଙ୍ଗ୍ ଉତ୍ପାଦ ଯଥା: ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି), ଗୃହ ଋଣ, ଗାଡ଼ି ଋଣ, ଏମ୍‌ଏସ୍‌ଏମ୍‌ଇ ଉତ୍ପାଦ ଏବଂ ଇଣ୍ଡିଆନ୍ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବ୍ୟାଙ୍କିଙ୍ଗ୍ ସେବା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିଭଳି ବ୍ୟାଙ୍କର ୩୦୦ ଓ ୪୦୦ ଦିନିଆ ମିଆଦୀ ଜମା ଉପରେ ବ୍ୟାଙ୍କର ଉଚ୍ଚତମ ସୁଧ ହାର ଉପରେ ସେ ବିସ୍ତୃତ ସୂଚନା ଦେଇଥିଲେ। ଅପରପକ୍ଷରେ ୨୪ଘଣ୍ଟିଆ ବ୍ୟାଙ୍କିଙ୍ଗ୍ ସେବା ନିମନ୍ତେ ଡିଜିଟାଲ ପ୍ଲାଟ୍‌ଫର୍ମକୁ ଆପଣେଇବା ପାଇଁ ପାତ୍ର ସମସ୍ତ ଗ୍ରାହକଙ୍କୁ ନିବେଦନ କରିଥିଲେ। ପରିଶେଷରେ ପଥରା ଶାଖାର ଶାଖା ପ୍ରବନ୍ଧକ ପ୍ରଦୀପ କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ସିଜିୟୁର ୪ର୍ଥ ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୨।୩**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି(ସିଜିୟୁ)ର ୪ର୍ଥ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁଧୀନ୍ଦ୍ର ନାଥ ପଣ୍ଡାଙ୍କ ମୁଖ୍ୟ ଅଭିବାଦନ ସହ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଞ୍ଜୀବ କୁମାର ରାଉତଙ୍କ ବକ୍ତବ୍ୟ ଶ୍ରୋତାମଣ୍ଡଳୀଙ୍କୁ ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିଥିଲା । ରାଉତ ଉତ୍ସାହର ସହିତ ବିଶ୍ୱବିଦ୍ୟାଳୟର ଭବିଷ୍ୟତ ପାଇଁ ନିଜର ଦୃଷ୍ଟିକୋଣ ଓ ଏହାର ଗତିପଥ ଗଠନ ପାଇଁ ନିଆଯାଇଥିବା ପ୍ରମୁଖ ପଦକ୍ଷେପଗୁଡ଼ିକୁ ଦର୍ଶାଇଥିଲେ।

ସେହିଭଳି ସିଜିୟୁ କ୍ୟାମ୍ପସ ମଧ୍ୟରେ ଏକ ଷ୍ଟାର୍ଟଅପ୍ ଇକୋସିଷ୍ଟମ କରିବା ପାଇଁ ରାଉତଙ୍କର ଅଦମ୍ୟ ପ୍ରତିବଦ୍ଧତା ପ୍ରକାଶିତ ହୋଇଥିଲା । ରାଉତ ୨୬ଟି ସେଣ୍ଟର ଅଫ୍ ଏକ୍ସିଲେନ୍ସ ଏବଂ ଦୁଇଟି ବ୍ୟବସାୟ ଇନ୍‌କ୍ୟୁବେଟର ସିଭିଇସିଇ ଟିଆଇଏଫ୍ (CVECE TIF) ଓ ଏଆଇସି ସିଭିଆରସିଇଏଫ୍ (AIC CVRCEF) ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସାମାଜିକ ଉଦ୍ୟୋଗୀ ତଥା ଅଗ୍ରଣୀ ନିବେଶକ ନାଗରାଜ ପ୍ରକାଶଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ଆଗକୁ ବଢ଼ିଥିଲା। ନାଗରାଜ ଏହି ଅବସରରେ ତାଙ୍କର ଏକ ପୁସ୍ତକ ବ୍ୟାକ୍ ଟୁ ଭାରତ (Back to Bharat)ର ଉନ୍ମୋଚନ କରିଥିଲେ ।

# ପିଭିଏମ୍‌ଆଇର ନୂତନ ଉତ୍ପାଦ

**ଭୁବନେଶ୍ୱର,୨।୩**

ପରଫେଟ୍ଟି ଭ୍ୟାନ୍ ମେଲେ ଇଣ୍ଡିଆ (ପିଭିଏମ୍‌ଆଇ)ର ନୂତନ ଉତ୍ପାଦ ତଥା ଫ୍ଲାଗ୍‌ଶିପ୍ ଗମ୍ ଏବଂ ମିଣ୍ଟସ୍ ବ୍ରାଣ୍ଡ୍‌ର ଶୁଭାରମ୍ଭ ସହ ବଜାର ପ୍ରବେଶ ହୋଇଯାଇଛି। ବିଶେଷକରି ସେଣ୍ଟର ଫ୍ରେସ୍‌ର ନୂତନ ଉତ୍ପାଦ ସେଣ୍ଟର ଫ୍ରେସ୍ ମିଣ୍ଟସ୍ ମିଣ୍ଟରେ ଲେମନ ହନି ସ୍ୱାଦର ନୂତନ ଉପସ୍ଥାପନ ହୋଇଛି।

ଏ ସମ୍ପର୍କରେ ପିଭିଏମ୍‌ଆଇର ମାର୍କେଟିଂ ନିର୍ଦ୍ଦେଶକ ଗୁଞ୍ଜନ ଖେତାନ କହିଛନ୍ତି, ଆମର ଫ୍ଲାଗ୍‌ଶିପ୍ ଗମ୍ ଏବଂ ମିଣ୍ଟସ୍ ବ୍ରାଣ୍ଡ୍ ସେଣ୍ଟର ଫ୍ରେସ୍ ତା'ର ଦୀର୍ଘସ୍ଥାୟୀ ତାଜା ନିଃଶ୍ୱାସ ସହିତ ସମକକ୍ଷ ହୋଇଛି। ଏପରିକି ଲେମ୍ବୁ ଓ ହନି ସ୍ୱାଦର ଶୁଭାରମ୍ଭ ସହିତ ଆମେ ବେଶ୍ ଉତ୍ସାହିତ ଅଛୁ। ଆମର ଗ୍ରାହକମାନଙ୍କୁ ସେମାନେ ବିଶ୍ୱାସ କରୁଥିବା ସତେଜତାକୁ ଉପଭୋଗ କରିବା ପାଇଁ ଏକ ନୂତନ ଉତ୍ପାଦ ପ୍ରଦାନ କରୁଛୁ।


# Classified Everyday

0674-2580101, 2549949



MATRIMONIAL

## BRIDE WANTED

**Bride required for handsome, Khyatriya groom, 6 ft. 34 years, M.Tech., MNC Job, Salary 18 lakhs PA, own house at Bhubaneswar from Khyatriya / Karan / Khandayat caste. Mob.: 9937960677, 9827040725.** D-2636

## GROOM WANTED

Govt. Job, ବୟସ-33 ବିଧବା ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 8260950613. D-2682

Age-30, Private ଚାକିରି କରୁଥିବା ସୁନ୍ଦରୀ ବ୍ରାହ୍ମଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଆବଶ୍ୟକ। 6370559357. D-75319

60 ବୟସ୍କା Govt. Retd. ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। (Urgent Need). 7077871702. D-2681



REAL ESTATE

## SALE

Book 3BHK, 4BHK premium flat at Saubhagya Nagar, OUAT Square, Near Khimji & Narula Sweets, Handover Aug. 2024. 9439716901. D-75522

**29decimal Gharabadi Commercial plot SALE at Puri near Mangala-ghat new Bus Stand. Best for Apartment, Market Complex, School etc. Only Genuine Buyer please call- 9438109040/ 9438220432, No Broker.** D-2676

**Gated community residential gharabari boundarywall plot sale at Rangabazar & Balianta, 30ft. road, electricity, plantetion. 8763887357, 8144730854.** D-75916

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

**Plot sale Bhubaneswar, Sundarpada Road**ରେ ଦଧିବାମନପୁର ମୌଜା **yellowzone** ଘରବାରି **30' road, pole** ଥାଇ **sqft.-1200/-** ମିଳୁଛି। **Biswajit-7008184348.** D-71069

**Fullyfurnished 3BHK flat for sale at Sahidnagar, Bhubaneswar 2nd Floor 1697sqft. 500mtr. from Vanivihar Chhak opposite Income Tax Office, Close to NH-Price- 1.70cr. Contact Owner- 9437061571, 6372063203.** D-75923

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75919

Ready to Move New (2BHK- Rs. 22,00,000/-) and (1BHK- Rs.11,00,000/-) flats for sales at Sundarpada, Bhubaneswar. Contact- 7008346486. D-75523

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75712

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

Gharabari plot sale Bhubaneswar- Sundarpada Xavier University with boundarywall. 6372670155. D-75922

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921



CONSTRUCTION

**Construct your dream home @899/-, 1399/- includes Architecture structure with 3 years FMC. We provide plan approval, boring & interior work- SNV Engineering - 9439295469.** D-75917

Do you want to construct dream house on your own plot for details please contact K.K. Construction. 7008268129, 9439143273. D-71385

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

## GENERAL

## SALE

ଗାଈ ଖାଇବା ଘାସ ପାଇଁ ଯୋଗାଯୋଗ କରନ୍ତୁ। Ph- 9438184813, 9238697188. D-2675




**Newly open health benefits spa special offer@999 Bapujinagar, 8018429809.** D-76105

Relax, refresh your body, mind by expert therapist. Contact: 9938843929. D-76104

Relax refreshment body massage therapy by experience lady therapist. 7008773793. D-76102

**Relax, Refresh your body, Mind at Saikrupa Spa with best therapies. 8984068077.** D-2600

Kerala body massage best therapist @ 699/- Bhubaneswar. 9337672475. Ganeshspa.in. D-2612

**Ashirvaad Salon and SPA get good massage for your health tha best therapy. 7077181074.** D-75711

## AFFIDAVIT

By virtue of an affidavit No-1222 dated 15.02.2024, sworn before Executive Magistrate, Bhadrak, I, Bijay kumar Soren (45), S/o- Udayanath Soren, Vill- Baralpokhari, P.S.- Bhadrak(T), Dist.- Bhadrak hereby declare that at the time of preparation of my Driving Licence my name mentioned as per spelling as Bijaya ku. Soren. Hence Bijay kumar Soren and Bijaya ku. Soren same and one person. D-2683

## LEGAL NOTICE

ମାନନୀୟ,
ଶ୍ରୀଯୁକ୍ତ ଅତିରିକ୍ତ ବରିଷ୍ଠ ଦେୱାନୀ ଅଦାଲତ, ତାଳଚେର
ସିଭିଲ୍ ସୁଟ୍ ନଂ.-୩୦୪/୨୦୨୧

ଦିପକ ବେହେରା ଏବଂ ଅନ୍ୟମାନେ .....ବାଦୀ
ବନାମ
ମଧୁ ନାଏକ ଏବଂ ଅନ୍ୟମାନେ ......ପ୍ରତିବାଦୀ

ନୋଟିସ

ପ୍ରାପ୍ତେଷୁ,
୧) ଲକ୍ଷ୍ମୀ ବେହେରା, ବୟସ ୫୮ବର୍ଷ, ସ୍ୱାମୀ- ୰ମାର୍କଣ୍ଡ ବେହେରା, ସା/ପୋ.ଅ- ସିରିଗିଡ଼ା, ଥାନା- ତେଲକୋଇ, ଜି- କେନ୍ଦୁଝର, ୨) ଦାରୁବ୍ରହ୍ମ ନାଏକ, ବୟସ ୫୦ବର୍ଷ, ପିତା- ଗୌରାଙ୍ଗ ନାଏକ, ସା/ପୋ.ଅ- ସାନତ୍ରିବିଡ଼ା, ଥାନା- କଣିହାଁ, ସ.ଡି- ତାଳଚେର, ଜି- ଅନୁଗୋଳ।

ଏତଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଛି କି ଯେ, ଆପଣଙ୍କ ନାମରେ ଉପରୋକ୍ତ ମକଦ୍ଦମା ଦାଏର ହୋଇଅଛି। ଏଣୁ ଆପଣମାନେ ଧାର୍ଯ୍ୟ ତାରିଖ ତା୧୦।୦୪।୨୪ରିଖ ସମୟ ସକାଳ ୧୦.୩୦ ଘଟିକାରେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ହାଜର ହୋଇ ମକଦ୍ଦମାର ଜବାବ ସୱାଲ ଦାଖଲ କରିବେ, ନଚେତ୍ ଆପଣଙ୍କ ନାମରେ ଅଦାଲତ ଏକତରଫା ଭାବରେ ମକଦ୍ଦମା ବିଚାର କରିବେ। ଅଦ୍ୟ ତା୨୯।୦୨।୨୪ରିଖରେ ଅଦାଲତଙ୍କର ମୋହର ଦସ୍ତଖତ ଦିଆଗଲା।

ତାଳଚେର
ତା ୨୯।୦୨।୨୦୨୪

ମୋହର ସହ ସ୍ୱାକ୍ଷର
ଅତିରିକ୍ତ ବରିଷ୍ଠ ଦେୱାନୀ ଅଦାଲତ, ତାଳଚେର
ଧ-୨୬୭୪

## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**OAS HUB**
*Make your dreams into reality*
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018



**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଚେନ୍ନାଇରେ ଆଜି ଚେନ୍ନାଇନ୍-ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୨।୩ (ତପନ ସ୍ୱାଇଁ)

ଚେନ୍ନାଇର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରବିବାର ଚେନ୍ନାଇନ୍ ଏଫ୍‌ସି ଓ ଓଡ଼ିଶା ଏଫ୍‌ସି ମଧ୍ୟରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ମ୍ୟାଚ ଅନୁଷ୍ଠିତ ହେବ। ଓଡ଼ିଶା ଏଫ୍‌ସି ଗତ ଅକ୍ଟୋବର ପରେ କୌଣସି

## ଇଣ୍ଡିଆନ ସୁପର ଲିଗ୍

ମ୍ୟାଚ ହାରିନାହିଁ। ଅନ୍ୟପକ୍ଷରେ ଚେନ୍ନାଇନ୍ ଗତ ୫ ମ୍ୟାଚରୁ ୪ଟିରେ ପରାଜିତ ହୋଇଛି। ତେଣୁ ଘରୋଇ ପରିବେଶରେ ଚେନ୍ନାଇନ୍ ବିଜୟ ପଥକୁ ଫେରିବାକୁ ନିଶ୍ଚିତ ଚେଷ୍ଟା କରିବ। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ମ୍ୟାଚ ଜିତି ଶୀର୍ଷରେ ନିଜର ସ୍ଥାନକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ରହିବ।

ଓଡ଼ିଶା ଏଫ୍‌ସି ଗତ କିଛି ମାସ ଧରି ଚମତ୍କାର ଖେଳ ପ୍ରଦର୍ଶନ କରିଆସିଛି। ମୋହନ ବାଗାନ ସୁପର ଜାଏଣ୍ଟ ଏବଂ ମୁମ୍ବାଇ ସିଟି ଏଫ୍‌ସି ନିକଟରୁ କଡ଼ା ଚ୍ୟାଲେଞ୍ଜ ପାଇଥିଲେ ହେଁ ମୁଣ୍ଡ ଉଚ୍ଚା ରଖିବାରେ ସକ୍ଷମ ହୋଇଛି। ଏହି ଜଗରନଟ୍ସ ଦଳ ୧୭ ମ୍ୟାଚ ଖେଳି ୧୦ ବିଜୟ, ୫ ଡ୍ର ଓ ୨ ପରାଜୟ ସହ ୩୫ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ଅପରିବର୍ତ୍ତିତ ରହିଛି। ଗୋଟିଏ ମ୍ୟାଚ କମ୍ ଖେଳିଥିବା ମୋହନ ବାଗାନ ୧୬ ମ୍ୟାଚରୁ ୩୩ ପଏଣ୍ଟ ପାଇ ଦ୍ୱିତୀୟରେ ରହିଛି। ମୁମ୍ବାଇ ସିଟି ଏଫ୍‌ସି ୧୬ ମ୍ୟାଚରୁ ୩୨ ପଏଣ୍ଟରେ ରହିଛି। ଅନ୍ୟପକ୍ଷରେ ଚେନ୍ନାଇନ୍ ଏଫ୍‌ସି ଚଳିତ ସିଜନରେ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୧୬ ମ୍ୟାଚରୁ ମାତ୍ର ୪ ବିଜୟ ସହ ୧୫ ପଏଣ୍ଟ ପାଇଛି। ଫଳରେ ୧୨ ଦଳ ବିଶିଷ୍ଟ ଟେବୁଲରେ ୧୧ଶ ସ୍ଥାନରେ ରହିଛି। ପୂର୍ବ ୨ ମ୍ୟାଚରେ ଏହି ଦଳ ଯଥାକ୍ରମେ ମୁମ୍ବାଇ ସିଟି ଏଫ୍‌ସି ନିକଟରୁ ୦-୨ ଓ ଇଷ୍ଟ ବେଙ୍ଗଲଠାରୁ ୦-୧ ଗୋଲରେ ପରାଜିତ ହୋଇଛି। ଦଳ ୯ ମ୍ୟାଚ ହାରି ସାରିଥିବାରୁ ମୁଖ୍ୟ କୋଚ୍ ଓଏନ କୋଲେଙ୍କ ଚିନ୍ତା ବଢ଼ିଛି। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ଗତ ୪ ମ୍ୟାଚରେ ଚେନ୍ନାଇନ୍ ଏଫ୍‌ସି ନିକଟରୁ ହାରିନାହିଁ। ତେଣୁ ଆଗାମୀ ମ୍ୟାଚକୁ ଯଦି ଡ୍ର ରଖେ ତେବେ ଦ୍ୱିତୀୟ ଥରପାଇଁ କୌଣସି ଦଳ ବିପକ୍ଷରେ ସର୍ବାଧିକ ୫ ମ୍ୟାଚରେ ଅପରାଜେୟ ରହିବ। ପୂର୍ବରୁ ନର୍ଥ ଇଷ୍ଟ ୟୁନାଇଟେଡ ବିପକ୍ଷରେ ଦଳ ୫ ମ୍ୟାଚରେ ଅପରାଜେୟ ରହିବା ରେକର୍ଡ ରଖିଛି। ଓଡ଼ିଶା ଏଫ୍‌ସି ଚଳିତ ସିଜିନରେ ଖେଳିଥିବା ପୂର୍ବ ୧୩ଟି ମ୍ୟାଚରେ ପରାଜୟ ସ୍ୱାଦ ପାଇନାହିଁ। ଏହା ମଧ୍ୟରୁ ୯ ମ୍ୟାଚରେ ବିଜୟୀ ହୋଇଛି। ଏହି ଦଳ ପ୍ରଥମାର୍ଦ୍ଧର ଶେଷ ୧୫ ମିନିଟ ମଧ୍ୟରେ ୧୩ ଗୋଲ ଦେଇଥିବାବେଳେ ମାତ୍ର ଗୋଟିଏ ବରଣ କରିଛି। ଏହା ଦଳକୁ ବେଶ୍ ଫାଇଦାରେ ରଖିଛି।



ଓଡ଼ିଶା ଏଫ୍‌ସି ଦଳର ଖେଳାଳିଙ୍କ ଅଭ୍ୟାସ।

### ରେକର୍ଡ

ପୂର୍ବ ରେକର୍ଡ ଦେଖିଲେ ଓଡ଼ିଶା ଏଫ୍‌ସି ପଲା ଭାରି ରହିଛି। ଦୁଇ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୧୯ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଓଡ଼ିଶା ଏଫ୍‌ସି ୮ଟିରେ ବିଜୟୀ ହୋଇଥିବାବେଳେ ଚେନ୍ନାଇନ୍ ଏଫ୍‌ସି ମାତ୍ର ୩ଟିରେ ବିଜୟ ସ୍ୱାଦ ଚାଖିଛି। ୮ ମ୍ୟାଚ ଡ୍ର ରହିଛି। ଆଗାମୀ ମ୍ୟାଚରେ ଓଡ଼ିଶା ଏଫ୍‌ସିର ରୟ କ୍ରିଷ୍ଣା ୧୦୦ତମ ମ୍ୟାଚ ଖେଳିବେ। ଆଇଏସ୍ଏଲ୍ ଇତିହାସରେ ୪୧ତମ ଖେଳାଳି ଭାବେ ସେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିବେ। ‘‘ଘରୋଇ ପରିବେଶରେ ଖେଳିବାବେଳେ ଆମକୁ ଶ୍ରେଷ୍ଠ ପ୍ରଦର୍ଶନ ଦେବା ନିହାତି ଆବଶ୍ୟକ। ମୁମ୍ବାଇ ସିଟି ଏଫ୍‌ସି ନିକଟରୁ ଘରୋଇ ପରିବେଶରେ ହାରିବା ଦୁର୍ଭାଗ୍ୟଜନକ ଥିଲା। ତେବେ ପିଲାମାନେ ତ୍ରୁଟିରୁ ଶିକ୍ଷାଲାଭ କରିଛନ୍ତି। ଆମେ ଆଗାମୀ ମ୍ୟାଚ ପାଇଁ ପ୍ରସ୍ତୁତ’’ ବୋଲି ଚେନ୍ନାଇନ୍ ଏଫ୍‌ସି ମୁଖ୍ୟ କୋଚ୍ ଓଏନ କୋଲେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ସର୍ଜିଓ ଲୋବେରା କହିଛନ୍ତି ଯେ, ‘‘ପ୍ରତି ଗେମ୍ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଗତ ମ୍ୟାଚ ଜିତିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ଚେନ୍ନାଇନ୍ ଏକ କଷ୍ଟସାଧ୍ୟ ଦଳ। ଏହି ଦଳକୁ ହରାଇବା ସହଜ ନୁହେଁ। ସେହି ଅନୁସାରେ ପ୍ରସ୍ତୁତି ସହ ଆମେ ପଡ଼ିଆକୁ ଓହ୍ଲାଇବୁ’’।

# ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ୧୬୪ରେ ସୀମିତ

ୱେଲିଂଟନ (ନ୍ୟୁଜିଲାଣ୍ଡ), ୨।୩ (ଏପି)

ସ୍ଥାନୀୟ ବେସିନ ରିଜର୍ଭଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ପାର୍ଟ-ଟାଇମ୍ ଅଫ୍ ସ୍ପିନର ଗ୍ଲେନ ଫିଲିପ୍ସ (୫/୪୫)ଙ୍କ ପାଞ୍ଚ ଉଇକେଟ ସଫଳତା ଯୋଗୁ ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସକୁ ୧୬୪ ରନରେ ସୀମିତ କରିଦେଇଛି ନ୍ୟୁଜିଲାଣ୍ଡ। ଭ୍ରମଣକାରୀ ଦଳ ମାତ୍ର ୪ ଘଣ୍ଟା ଭିତରେ ଅଲଆଉଟ ହୋଯାଇଥିଲା। ଫିଲିପ୍ସ ତାଙ୍କ ପ୍ରଥମ ୫ ଉଇକେଟ ସଫଳତାରେ ଉସ୍ମାନ ଖ୍ୱାଜା (୨୮), ପ୍ରଥମ ଇନିଂସରେ ଶତକ ହାସଲ କରିଥିବା କାମେରନ ଗ୍ରୀନ୍ (୩୪), ଟ୍ରାଭିସ ହେଡ୍ (୨୯), ମିଚେଲ ମାର୍ଶ (୦) ଏବଂ ଆଲେକ୍ସ କାରେ ରହିଛନ୍ତି। ଅନ୍ୟ ସଫଳ ବୋଲର ମ୍ୟାଟ ହେନ୍‌ରୀ ୩୬ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଛନ୍ତି। ପ୍ରଥମ ଇନିଂସରେ ୨୦୪ ରନ ଅଗ୍ରଣୀ ଲାଭ କରିଥିବାରୁ ଅଷ୍ଟ୍ରେଲିଆ ଓଭରଅଲ୍ ୩୬୮ରନ ଅଗ୍ରଣୀ ଲାଭ କରିଥିବାବେଳେ ନ୍ୟୁଜିଲାଣ୍ଡ ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟ ବିନିମୟରେ ୧୧୧ ରନ ସଂଗ୍ରହ କରିନେଇଛି। ଦଳ ତଥାପି ଆହୁରି ୨୫୭ ରନ ପଛରେ ରହିଛି। ଷ୍ଟମ୍ପ ଅପସାରଣ ପୂର୍ବରୁ ରାଚିନ ରବୀନ୍ଦ୍ର ୭୭ ବଲ୍‌ରୁ ତାଙ୍କ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୫୬ ରନ କରି ଅପରାଜିତ ରହିଥିବା ବେଳେ ତାଙ୍କ ସହିତ ଡେରିଲ ମିଚେଲ ୧୨ ରନ କରି ନଟ୍ ଆଉଟ ରହିଛନ୍ତି।



ଉଇକେଟ ନେବାପରେ ଉଲ୍ଲସିତ ଗ୍ଲେନ୍ ଫିଲିପ୍ସ।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୮୩
ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୭୯
ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୫୧.୧ ଓଭରରେ ୧୬୪/ଅଲଆଉଟ (ନାଥାନ ଲ୍ରନ୍-୪୧, କାମେରନ ଗ୍ରୀନ୍-୩୪; ଗ୍ଲେନ ଫିଲିପ୍ସ-୫/୪୫, ମ୍ୟାଟ ହେନ୍‌ରୀ ୩/୩୬, ଟିମ୍ ସାଉଦି୦୨/୪୬)।
ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୧୧୧/୩ (ରାଚିନ ରବୀନ୍ଦ୍ର-୫୬*; ନାଥାନ ଲିଅନ୍-୨/୨୭)।


## BLOCK SWASTHYA SAMITY, DHENKANAL
BLOCK PROGRAMME MANAGEMENT UNIT,
CHC KHAJURIAKATA
NATIONAL HEALTH MISSION

Notice No.102 Date:1.3.2024

**No.E-905:**Sealed tenders are invited from reputed agencies/ individuals for engagement of Hirinf the vehicle in the CHC Khajiriakata. The details regarding application format, terms and conditions of the tenders may be download from district website i.e. www.dhenkanal.nic. In. The tenders should reach the office of the undersigned latest by 16.03.2024, 5.00 PM through speed post. Registered post/ courier only. The tender will be opened on 18.03.2024 at 2.30 PM in the office of the undersigned in presence of the bidders/ authorized representative of the bidders. The undersigned is not responsible for any postal delay and reserves all right to cancel any or all the tender at any stage of selection/ finalization process without assigning any reason thereof. Any typographical error may be exempted.

Sd./- Medical Officer I/C,
CHC, Khajuriakata, Dhenkanal

OIPR-10154/11/0001/2324

## OFFICE OF THE DEAN & PRINCIPAL
MAHARAJA KRISHNA CHANDRA GAJAPATI
MEDICAL COLLEGE, BRAHMAPUR-760004, GANJAM, ORISSA
No.2363/MCB-24/Welfare/Berhampur dated the 1st March, 2024

**CORRIGENDUM**

**No.E-904:**The tender call advertisement published vide No.1274, Dt.6.2.2024 for printing of Practical Records etc. published in newspaper & website www.mkcgmch.org. in which the last date for submission was 28.2.2024. Due to insufficient bidder the last date for submission of Technical Bid is 8.3.2024 and opening of financial bid will be intimated later on. The other terms & conditions mentioned in the tender paper and published in the website is unaltered.

Sd./- Dean & Principal
MKCG Medical College, Berhampur
OIPR-10013/11/0040/2324

e-Mail:iwmporissa@gmail.com
## DIRECTORATE OF SOIL CONSERVATION & WATERSHED DEVELOPMENT, BHUBANESWAR, ODISHA
Bid Identification No.:
E.E. (A), DSC & WD (O), C/Z-01 of 2022-23

**No.L-254:**The Executive Engineer C/Z DSC & WD on behalf of Governor of Odisha, invites percentage Rate bids in single cover system in ONLINE MODE , as detailed below.
1. Estimated Cost- Ranging from Rs. 7 lakh to 34.00 lakh
2. Bid Cost: Rs 4000/- - 6,000/- as Mentioned against each in Column - 04
3. Period of completion: Calendar Months Mentioned in Column - 05
4. No. of works (Tender): 12 nos.
5. EMD: 1% of tendered amount
6. Class of Contractor: As Mentioned in Column - 06
7. Date & Time of availability of bid document in the portal :02.03.2024 at 11.00 A.M. To 16.03.2024 up to 5.30 P.M
8. Last date / Time for receipt of bids in the portal: 16.03.2024 up to 5.30 PM
9. Date of submission of documents: 18.03.2024 10:30 A.M. to 20.03.2024 up to 12.00 PM (Except Holidays)
10. Date & time of opening of online bids: 20.03.2024 3.00 PM & onwards
11. Name and address of the officer inviting Bid Executive Engineer C/Z O/o DSC & WB Bhubaneswar Odisha
Further details can be seen from the e-Procurement portal- **http://tendersodisha.gov.in.**

A. All the volumes/documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender)
B. The Tender documents published by the Tender inviting Officer (Procurement Officer Publisher) in the website "http://tendersodisha.gov.in" will appear in the Latest.
C. The Bidders have to participate in ONLINE bidding only. Further details can be seen from the website "http://tendersodisha.gov.in". Any addendum/ corrigendum/ cancellation of tender can also be seen in the said website.

Sd./- Executive Engineer (Agril)
DSC & WD, Central Zone,
Bhubaneswar
OIPR-01470/11/0019/2324

## OFFICE OF THE DIVISIONAL FOREST OFFICER & WILDLIFE WARDEN, CHANDAKA WILDLIFE DIVISION
Telephone No.: 0674-2355400
Email id: dfo.chandakawl@odisha.gov.in

**Tender Inviting Notice for Design, Supply, Installation and Commissioning of AI Based System (e-Eye) for Reduction of Human-Elephant Conflict their Protection and Monitoring at Bharatpur-Jagannath Prasad Sector of Chandaka - Dampara Wildlife Sanctuary of Chandaka Wildlife Division.**
**Ref.: Tender Letter No. 01/2023-24 Dt.29.02.2024.**

No. MM-488: Divisional Forest Officer, Chandaka Wildlife Division invites bids from only companies in corporate under the Companies Act 1956 or the Companies Act 2013 having its office in Odisha for Design, Supply, Installation and Commissioning of AI Based System for Reduction of Human-Elephant Conflict their Protection and Monitoring at Bharatpur-Jagannath Prasad Sector of Chandaka-Dampara Wildlife Sanctuary of Chandaka Wildlife Division.

| | | |
|---|---|---|
| 1 | Tender Publishing date | 29.02.2024 |
| 2 | Bid Document Download Start Date | 01.03.2024 |
| 3 | Bid Submission Start Date | 06.03.2024 |
| 4 | Last Date for Bid Clarification | 06.03.2024 |
| 5 | Bid Submission End Date | 06.03.2024, 05.00 P.M. |
| 6 | Bid Opening Date | 07.03.2024 |

For more information visit **https://www.khordha.nic.in / https://www.odishaforest.in / www.wildlifeodisha.in or www.chandakawildlife.in.**

OIPR-08020/11/0005/2324

## ZILLA SWASTHYA SAMITI
DISTRICT PROGRAMME MANAGEMENT UNIT (NHM)
DHH, MODIPARA, SAMBALPUR
**NOTICE INVITING PROPOSAL**
TENDER CALL NOTICE FOR HIRING OF SPUTUM TRANSPORTATION AGENCY

**Adv. No. 54** **Date: 29.02.2024**

No. E-902: Sealed tenders are invited from registered Courier Agency/Carrier Transporter Agency/Individual for Human Sputum Transportation. Details regarding eligibility criteria, terms & conditions and the formats of submission of tender (Technical & Price Bid) are mentioned in the tender document which may be downloaded from the website: **www.sambalpur.nic.in**. The tenders should reach the office of the undersigned by 18.03.2024 (till 05.00 P.M.) The tenders will be opened at 11.00 A.M. on 19.03.2024. The undersigned reserves the right to reject any or all the tenders without assigning any reason thereof.

Sd./- Chief District Medical &
Public Health Officer, Sambalpur
OIPR-10049/11/0010/2324

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH
Short Tender Call No. 1299 Dt.01.03.2024

**SHORT TENDER CALL NOTICE**

No. E-903: Sealed tenders are hereby invited from authorized agencies/firms/suppliers for supply of Anti-TB Drugs under National Tuberculosis Elimination Programme for Bargarh district. Bid documents should be submitted through Regd. Post/Speed Post/Courier. For date, time & terms and conditions regarding tender call, please log on to the district website: **www. bargarh.nic.in**.

Sd./- Chief District Medical &
Public Health Officer, Bargarh
OIPR-10124/11/0021/2324

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: 8352/ଭୁ.ଉ.କ., ଭୁବନେଶ୍ୱର ତା: ୨୭।୦୨।୨୦୨୪ରିଖ
CS-15/85(Pt)

**ସୂଚନା**

No. CAD-4421: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ. MIG-I-G-1/24କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୨୧୮୦/ଏ.ଏଲ୍ ତା୨୭।୦୧।୨୦୦୫ରିଖ ଅନୁଯାୟୀ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ DGM of IFCI Ltd. ଶ୍ରୀ ଦୀପକ ଘୋଷଙ୍କ ନାମରୁ ଶ୍ରୀ ସୁବାସ ଚନ୍ଦ୍ର କବି, ପିତା: ଧନେଶ୍ୱର କବି, ଗ୍ରାମ/ପୋଷ୍ଟ: ଲଙ୍କାପଡ଼ା, ଭାୟା: ତେଣ୍ଡାକୁଡ଼ା, ଥାନା: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁରଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା।
ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ସୁବାସ ଚନ୍ଦ୍ର କବି ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀଜଗନ୍ନାଥ ପଣ୍ଡା, ପିତା: ସ୍ୱର୍ଗତ ଲତୁକିଶୋର ପଣ୍ଡା, ଗ୍ରାମ: ପ୍ରତାପପୁର, ଥାନା: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0710/2324

## OFFICE OF THE SUPERINTENDING ENGINEER
SUNDARGARH (R&B) DIVISION
SUNDARGARH, ODISHA 770001

RFQ No: 1/2023-24 Date: 27.02.2024

**REQUEST FOR QUALIFICATION**

**No.B-1863:**Selection of Agency for Empanelment of Architecture/Design/Consultancy Firms for Various Works in Sundargarh District under District Mineral Foundation, Sundargarh
Superintending Engineer, Sundargarh (R&B) Division, Sundargarh Govt. of Odisha, invites sealed proposals from eligible bidders for "Selection of Agency for Empanelment of Architecture/Design/Consultancy Firms for Various Works in Sundargarh District under District Mineral Foundation, Sundargarh"
Bidders fulfilling the prescribed eligibility criteria of the RFQ can access and download the complete RFQ Document and other details from https://sundergarh.nic.in.

**The major events under the bid process are:**

| Sr. No. | List of Key Events | Critical Dates |
|---|---|---|
| 1 | Date of Issue of RFQ | 27.02.2024 |
| 2 | Date of Pre-Bid Meeting | 04.03.2024 at 12.00 PM |
| 3 | Venue of Pre-Bid Meeting | Conference Hall, 1st Floor, DMF Building, Collectorate, Sundargarh-770001, Odisha |
| 4 | Issue of Pre-Proposal Clarifications | 04.03.2024 via online mode |
| 5 | Last Date for Submission of Bid | 11.03.2024 by 11.00 AM |
| 6 | Date of Opening of Technical Bid | 11.03.2024 at 11.30 AM |
| 7 | Date of Technical Presentation | 11.03.2024 at 01.00 PM |
| 8 | Method of Selection | Price Based Selection- Least Cost Selection |

The proposal complete in all respects must reach the undersigned by **Speed Post/Registered Post/ Courier** only latest by **11.03.2024 before 11:00 AM** in a sealed envelope clearly mentioning on the top of it **"Selection of Agency for Empanelment of Architecture/Design/ Consultancy Firms of Various Works in Sundargarh District under District Mineral Foundation Sundargarh"**. The proposals received beyond the last date and time will be rejected. The authority reserves the right to reject any/ all proposals without assigning any reason thereof.
**Address for Submission of Proposal:**
**Office of the Superintending Engineer,**
**Sundargarh Division, Sundargarh, Odisha - 770001**

Sd./-Superintending Engineer
Sundargarh (R&B) Division
OIPR-34043/11/0032/2324

## ODISHA LIFT IRRIGATION CORPORATION LTD.
(A GOVT. OF ODISHA UNDERTAKING)
OFFICE OF THE EXECUTIVE ENGINEER, L.I.DIVISION, BALANGIR.
E-mail: www. eeolicbgr@rediffmail.com
**"E"-Procurement Notice**
BID IDENTIFICATION NO. OLIC-BLGR-07 /2023-24, Dt. 28.02.2024.

**No.CAD-4405:**Bids are invited from intending tenderers having valid license as specified against the work for installation & energisation of new R.L.Projects with supply of all materials under Percentage rate contract on turn-key basis. 1. Name of Works: Installation & energisation of new R.L.Projects with supply of all materials on Turnkey basis. 2. Total Nos. of Packages: 97. 3. Approximate Estimated Cost: Rs. 26.59 Lakhs to 31.38 Lakhs. 4. Class of Contractor: As mentioned in packages. 5. Period of completion: 120 days for all Projects from the date of issue of work order. 6. Other details as follows.

| Procurement Officer | Bid Identification No | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I. Division, Balangir |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Balangir | OLIC-BLGR-07/2023-24 | 12.03.2024 at 11 Hrs. | 19.03.2024 upto 17 Hrs. | 18.03.2024 upto 17 Hrs. | 20.03.2024 at 11 Hrs. |

• Details can be seen from the Website **www.tendersodisha.gov.in**
• Any Corrigendum/ Addendum will be displayed in the above website only.

OIPR-32154/11/0007/2324 Sd./- EXECUTIVE ENGINEER, L.I.DIVISION, BALANGIR

## GOVERNMENT OF ODISHA
OFFICE OF THE SUPERINTENDING ENGINEER,
R.W.S&S DIVISION, SAMBALPUR
Email-eerwsssbp@gmail.com
**"e"-Procurement Notice**
Bid Identification No.RWSS (SBP):- 11/2023-24

**No.O-2709:**1.Name of the Work: Execution of RPWS Scheme to village Kardola of Dhankauda block and Construction of boundary wall on back side of store cum-Sub-Division office at Ainthapali, Sambalpur of Sambalpur District.2. Total Number of Work: 2 Nos. (Two), 3. Estimated Cost: Rs.17.38 Lakhs to Rs.73.14 lakhs. 4. Class of Contractor: B & A, D & C, 5. Period of Completion: Three Months, Six Months.

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer RWSS Division, Sambalpur | RWSS (SBP):- 11/2023-24 | 06.03.2024 | upto 5.00 P.M. of 15.03.2024 |

**Further details can be seen from the e-Procurement portal "www.tendersorissa.gov.in" Subsequent corrigendum if required shall be appeared in the website only.**

OIPR-25015/11/0008/2324 Sd./- Superintending Engineer, R.W.S&S Division, Sambalpur

GOVERNMENT OF ODISHA, DEPARTMENT OF WATER RESOURCES
## OFFICE OF THE CHIEF ENGINEER & BASIN MANAGER
TEL BASIN, BHAWANIPATNA, DIST: KALAHANDI
E-mail ID: cetelbasinbhp@gmail.com/ Phone No.06670-230209
**NOTICE INVITING TENDER**
**E-Procurement Notice No.-CE&BM, TEL-16/2023-24, Bid Identification No. CETEL-BID-08/2023-24**

**No.A-1643:**The Chief Engineer & Basin Manager, Tel Basin, Bhawanipatna on behalf of Governor of Odisha invites online **percentage rate tender** through e-procurement in **double cover system**.

**Table-1: Details of Critical Dates, details of work, Bid Security**

| Pkg. No. | Name of Works | Approx. Tender Cost | Class of Contractor | Bid Security/EMD (online) (in INR) | Cost of tender document-(online) (in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of F.P.E. on Under left from Chatabhata to Kholan RD 00 M to 4000 M | Rs.5,98,24,489/- (Excluding G.S.T.) | 'A' Class | Rs.5,98,245/- | Rs.10,000/- | 12 (Twelve) Calendar Months |

**Table-2: e-Procurement Details:**

| Procurement Officer | Bid Identification No. | Availability of tender online for bidding | | Date of Seeking tender clarification | Date & Time of opening of tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Chief Engineer & Basin Manager, Tel Basin,Bhawanipatna | CETEL-BID 08/2023-24 | Dt.12.03.2024 at 10.00 hours | Dt.06.04.2024 upto 17.30 hours | Dt.12.03.2024 to 04.04.2024 at Office during office hours. | Dt.08.04.2024 at 11.00 hours | To be intimated after evaluation of Technical Bid | Office of Chief Engineer & Basin Manager, Tel Basin, Bhawanipatna |

Further details can be seen from the Govt. website www.tendersodisha.gov.in. *Other Terms & Conditions can be seen from the Government website www.tendersodisha.gov.in. * The Corrigendum/Cancellation of Tender, if any, will be uploaded and can be seen from the above website only.

Sd./- Chief Engineer & Basin Manager
Tel Basin, Bhawanipatna
OIPR-32317/11/0020/2324

## STATE POLLUTION CONTROL BOARD, ODISHA
[Department of Forest, Environment & Climate Change, Govt. of Odisha]
Paribesh Bhawan, A/118, Nilakanthanagar, Unit-VIII, Bhubaneswar - 751012

No.: 2695/IND-II-NOC-MISC-289 Date: 29.02.2024

**ବିଜ୍ଞାପନ**

No. CAD-4413: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ତହସିଲାଦର କୁକୁଡ଼ାଖଣ୍ଡି, ରାଜ୍ୟ ପରିବେଶ ପ୍ରଭାବ ଆକଳନ ପ୍ରାଧିକରଣ (SEIAA) ଓଡ଼ିଶାଠାରୁ ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ତହସିଲ ଅନ୍ତର୍ଗତ ୧୫.୪୬୯ କ୍ଷେତ୍ରରେ ଅବସ୍ଥିତ କୁସୁମୀ ଏବଂ ମୋହୁଦା ପଥର କ୍ୱାରି କ୍ଲଷ୍ଟର (୭ ନମ୍ବର ପଥର କ୍ୱାରି) ପାଇଁ ସଂଶୋଧିତ ଟର୍ମ ଅଫ୍ ରେଫରେନ୍ସ (ToR) ତା୧୯।୦୧।୨୦୨୪ରିଖ ହାସଲ କରିଛନ୍ତି ଏବଂ ଏହାର ପରିବେଶ ମୂଲ୍ୟାଙ୍କନ ସହିତ ରାଜ୍ୟ ପରିବେଶ ପ୍ରଭାବ ଆକଳନ ପ୍ରାଧିକରଣ (SEIAA)ଠାରୁ ପରିବେଶୀୟ ମଞ୍ଜୁରୀ ପାଇଁ ଆବେଦନ କରିଛନ୍ତି। ଯେହେତୁ ପୂର୍ବରୁ ୫ଟି ପଥର ଖଣି ପାଇଁ ଜନଶୁଣାଣି ହୋଇଥିଲା ଓ ପୁରାତନ ଖଣିଗୁଡ଼ିକ ପୂର୍ବ ଟର୍ମ ଅଫ୍ ରେଫରେନ୍ସ (ToR) ରେ ଅନ୍ତର୍ଭୁକ୍ତ ହୋଇସାରିଛି ସେଥିପାଇଁ ପରିବେଶ ପ୍ରଭାବ ଆକଳନ ବିଜ୍ଞପ୍ତି – ୨୦୦୬ର 7 (ii) ଅନୁଯାୟୀ ରାଜ୍ୟ ପରିବେଶ ପ୍ରଭାବ ଆକଳନ ପ୍ରାଧିକରଣ (SEIAA) ପୁନର୍ବାର ଅବଶିଷ୍ଟ ୨ଟି ଖଣି ପାଇଁ ସର୍ବସାଧାରଣ ଜନ ଶୁଣାଣିକୁ ବାଦ୍ କରିଛନ୍ତି।

ବର୍ତ୍ତମାନ ତହସିଲଦାର କୁକୁଡ଼ାଖଣ୍ଡି (ପ୍ରକଳ୍ପ ପ୍ରସ୍ତାବକ), ଗଞ୍ଜାମ ଜିଲ୍ଲାର କୁକୁଡ଼ାଖଣ୍ଡି ତହସିଲ ଅନ୍ତର୍ଗତ ମହୁଡ଼ା ଗ୍ରାମରେ ଶ୍ରୀ ତୁଷାରକାନ୍ତି ଦାଶ ଏବଂ ବି ବାଲାଜୀ ରେଡ୍ଡୀଙ୍କର (ଲିଜ୍‌ଧାରୀ) ୪.୩୩୦ ହେକ୍ଟର ପରିମିତ ଅଞ୍ଚଳରେ (ପ୍ଲଟ ନଂ. ୧୪୦୬, ଖାତା ନଂ. ୬୬୯) ଅବସ୍ଥିତ ୨ଟି ପଥର ଖଣି ନିମିତ୍ତ ଜନ ପରାମର୍ଶ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାକୁ ଆବେଦନ କରିଛନ୍ତି।

ବର୍ତ୍ତମାନ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କର ନିର୍ଦ୍ଦେଶ କ୍ରମେ ପୁନର୍ବାର ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରାଯାଉଛି।

ଉପରୋକ୍ତ ବିଷୟବସ୍ତୁ ଉପରେ ଯେ କୌଣସି ବ୍ୟକ୍ତିବିଶେଷ ସେମାନଙ୍କ ପ୍ରସ୍ତାବ, ମତାମତ ଓ ଆପତ୍ତି ଇତ୍ୟାଦିକୁ ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଭୁବନେଶ୍ୱର, ଓଡ଼ିଶାଙ୍କୁ ରେଜିଷ୍ଟ୍ରି ଡାକ ଯୋଗେ କିମ୍ବା ଇ-ମେଲ୍: **publichearing@ospcboard.org**ରେ ଯୋଗାଯୋଗ କରିପାରିବେ।

ଏହି ପ୍ରସଙ୍ଗରେ ଅଧିକ ସ୍ପଷ୍ଟୀକରଣ ପାଇଁ ଆଞ୍ଚଳିକ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ବ୍ରହ୍ମପୁର କିମ୍ବା ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଭୁବନେଶ୍ୱରରେ ଓଡ଼ିଶା ସହିତ ଯୋଗାଯୋଗ କରାଯାଇପାରେ। ଧାର୍ଯ୍ୟ ସମୟ ମଧ୍ୟରେ ଲିଖିତ ଆକାରରେ ଦାଖଲ ନକଲେ ମନ୍ତବ୍ୟଗୁଡ଼ିକ ଗ୍ରହଣ କରାଯିବ ନାହିଁ।

ସ୍ୱା./– ସଦସ୍ୟ ସଚିବ
OSPCB-CTE-MISC-0027-2022/09/2024
OIPR-08012/11/0177/2324

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩/୨୦୨୪ Bhubaneswar, Sunday, March 3/2024







# ଋଣ ବୋଝ ଅସହ୍ୟ: ଚାଷୀଙ୍କ ଆତ୍ମହତ୍ୟା

ଛେଣ୍ଡିପଦା,୨।୩ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସାପୋଇସାହିର ଯୁବ ଚାଷୀ ତ୍ରିନାଥ ପ୍ରଧାନ(୪୧) ଋଣ ଶୁଝି ନ ପାରି ଶନିବାର ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଚାଷୀଙ୍କ ବଡ଼ ବାପା ବୃନ୍ଦାବନ ପ୍ରଧାନ ଏ ନେଇ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ସାପୋଇସାହିର ସ୍ୱର୍ଗତ ବୈକୁଣ୍ଠ ପ୍ରଧାନଙ୍କ ପୁଅ ତ୍ରିନାଥ ଚାଷ ପାଇଁ ଲୋନ୍‌ରେ ପାୱାରଟିଲର ଆଣିଥିଲେ। କୃଷି ଋଣ ଆଣି ଚାଷ କାର୍ଯ୍ୟରେ ଖର୍ଚ୍ଚ କରିଥିଲେ। କିନ୍ତୁ ଚାଷରେ ତାଙ୍କୁ ବହୁ କ୍ଷତି ସହିବାକୁ ପଡ଼ିଥିଲା। ଫଳରେ ଋଣ କିପରି ଶୁଝିବେ ସେ ନେଇ ସେ ଚିନ୍ତିତ ହୋଇପଡ଼ିଥିଲେ। ଋଣ ଟଙ୍କା ପରିଶୋଧ କରିବା ପାଇଁ ମଧ୍ୟ ତାଙ୍କ ଉପରେ ଚାପ ପଡୁଥିଲା। ଏହାକୁ ନେଇ ପରିବାରରେ ଅଶାନ୍ତି ଲାଗି ରହୁଥିଲା। ତେଣୁ ଋଣ ଭାର ସାହି ନ ପାରି ତ୍ରିନାଥ ପୂର୍ବାହ୍ନ ୧୧ଟାରେ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। କିଛି ସମୟ ପରେ ପରିବାର ଲୋକ ଏହା ଦେଖି ତାଙ୍କୁ ତୁରନ୍ତ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତୁରନ୍ତ ମୃତ ଚାଷୀଙ୍କ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅଣୁଅସ୍ତ୍ର ନିର୍ମାଣ ପାଇଁ ପାକିସ୍ତାନ ଯାଉଥିଲା ସରଞ୍ଜାମ

## ଚାଇନାରୁ ଯାଉଥିବା ଜାହାଜକୁ ଅଟକାଇଲା ଭାରତ

ମୁମ୍ବାଇ,୨।୩(ପି.ଟି.)



ଚାଇନାରୁ ପାକିସ୍ତାନକୁ ଯାଉଥିବା ଏକ ଜାହାଜକୁ ଭାରତୀୟ ସୁରକ୍ଷା ଏଜେନ୍ସି ମୁମ୍ବାଇର ନାଭା ଶେଭା ବନ୍ଦରରେ ଅଟକାଇଥିଲା। ଜାହାଜରେ ଦ୍ୱୈତ ବ୍ୟବହାର୍ଯ୍ୟ ସାମଗ୍ରୀ ଥିଲା, ଯାହା ପାକସ୍ତାନର ଅଣୁଅସ୍ତ୍ର ଏବଂ ବାଲିଷ୍ଟିକ୍ ମିଶାଇଲ୍ ପ୍ରୋଗ୍ରାମରେ ବ୍ୟବହାର କରାଯାଇପାରିବ ବୋଲି ସୀମାଶୁଳ୍କ ବିଭାଗର ଜଣେ ଅଧିକାରୀ ଶନିବାର କହିଛନ୍ତି। ମାଲ୍‌ଟାର ସିଏମ୍ଏ ସିଜିଏମ୍ ଆଟ୍ଟିଲା ଜାହାଜ ଆଣବିକ ସାମଗ୍ରୀ ନେଇ କରାଚୀ ବନ୍ଦର ଅଭିମୁଖେ ଯାଉଥିବାବେଳେ ଗତ ଜାନୁଆରୀ ୨୩ରେ ଗୋଇନ୍ଦା ସୂଚନା ପାଇବା ପରେ ସୀମାଶୁଳ୍କ ଅଧିକାରୀମାନେ ଉକ୍ତ ଜାହାଜକୁ ଅଟକାଇଥିଲେ। ଜାହାଜରେ ଇଟାଲୀ କମ୍ପାନୀ ନିର୍ମିତ ଏକ କମ୍ପ୍ୟୁଟର ନ୍ୟୁମେରିକାଲ କଣ୍ଟ୍ରୋଲ (ସିଏନ୍‌ସି) ମେଶିନ୍ ରହିଥିଲା। ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ଉକ୍ତ ଉପକରଣ ପାକିସ୍ତାନର କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ନିର୍ମାଣରେ ବ୍ୟବହାର ହୋଇଥାନ୍ତା। ୧୯୯୬ରୁ ସିଏନ୍‌ସି ମେଶିନ୍‌କୁ ଅନ୍ତର୍ଜାତୀୟ ଯୁଦ୍ଧାସ୍ତ୍ର ନିୟନ୍ତ୍ରଣ ବ୍ୟବସ୍ଥା ୱାସେନାର ଆରେଞ୍ଜମେଣ୍ଟରେ ରଖାଯାଇଛି। ଆଣବିକ ଅସ୍ତ୍ର ପ୍ରସାର ରୋକିବା ଲକ୍ଷ୍ୟରେ ଏହା କରାଯାଇଥିଲା। ଉତ୍ତର କୋରିଆ ଏହାର ଆଣବିକ କାର୍ଯ୍ୟକ୍ରମରେ ସିଏନ୍‌ସି ମେଶିନ୍‌ର ବ୍ୟବହାର କରିଥିଲା। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)ର ଏକ ଟିମ୍ ଜାହାଜରେ ଥିବା ଉକ୍ତ ସାମଗ୍ରୀଗୁଡ଼ିକୁ ଅନୁଧ୍ୟାନ କଲାପରେ ଏହା ପାକିସ୍ତାନର ଆଣବିକ କାର୍ଯ୍ୟକ୍ରମରେ ବ୍ୟବହାର ହୋଇପାରେ ବୋଲି କହିଥିଲା। ଗୋଇନ୍ଦା ଅଧିକାରୀମାନେ ସତର୍କ କରାଇବା ପରେ ବନ୍ଦର କର୍ତ୍ତୃପକ୍ଷ ଭାରତୀୟ ପ୍ରତିରକ୍ଷା କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଯାଞ୍ଚ ପରେ ସନ୍ଦିଗ୍ଧ ସାମଗ୍ରୀକୁ ଜବତ କରାଯାଇଛି। ପାକିସ୍ତାନ ଏବଂ ଚାଇନା ଦ୍ୱାରା ଅଣୁଅସ୍ତ୍ରର ସମ୍ଭାବ୍ୟ ପ୍ରସାର ରୋକିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ସାଙ୍ଘାଇ ଜେଏକ୍ସଇ ଗ୍ଲୋବାଲ ଲଜିଷ୍ଟିକ୍ସ କମ୍ପାନୀ ଲିଃ ପାକିସ୍ତାନ ୱିଙ୍ଗ୍ସ ପ୍ରା.ଲିଃ ନିକଟକୁ ସାମଗ୍ରୀଗୁଡ଼ିକୁ ପଠାଉଥିଲା। ଅଧିକ ତଦନ୍ତ କରାଯିବା ପରେ ୨୨,୧୮୦ କେଜି ସାମଗ୍ରୀକୁ ତାଇୟୁନ ମାଇନିଂ ଇମ୍ପୋର୍ଟ ଆଣ୍ଡ ଏକ୍ସପର୍ଟ କମ୍ପାନୀ ସାମଗ୍ରୀଗୁଡ଼ିକୁ ପାକିସ୍ତାନର କସ୍‌ମସ୍ ଇଞ୍ଜିନିୟରିଂ ଉଦ୍ଦେଶ୍ୟରେ ପଠାଇଥିବା ଜଣାପଡ଼ିଥିଲା। ପାକିସ୍ତାନ ଚାଇନାକୁ ମାଧ୍ୟମ ଭାବେ ବ୍ୟବହାର କରି ଆମେରିକା ଏବଂ ୟୁରୋପରୁ ପ୍ରତିବନ୍ଧିତ ବସ୍ତୁ ସଂଗ୍ରହ କରିବାରେ ସଫଳ ହେବା ଚିନ୍ତାର ବିଷୟ ବୋଲି ଅଧିକାରୀମାନେ କହିଛନ୍ତି।

# ସ୍ପେନ୍ ମହିଳାଙ୍କୁ ଗଣବଳାତ୍କାର

ଡୁମ୍‌କା ,୨।୩

ସ୍ପେନ୍‌ର ଜଣେ ମହିଳା ପର୍ଯ୍ୟଟକ ତାଙ୍କ ସ୍ୱାମୀଙ୍କ ସହ ବାଇକ୍‌ରେ ବୁଲିବାକୁ ଯାଇଥିବାବେଳେ ଝାଡ଼ଖଣ୍ଡର ଡୁମ୍‌କା ଜିଲାରେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଦମ୍ପତି ଶୁକ୍ରବାର ରାତିରେ ଜିଲାର ହଂସଡିହାସ୍ଥିତ ଏକ ନିଛାଟିଆ ଅଞ୍ଚଳରେ ଅଟକିଥିବାବେଳେ ଅତ୍ୟାଚାରର ଶିକାର ହୋଇଥିଲେ। ଦୁର୍ବୃତ୍ତମାନେ ଉଭୟଙ୍କୁ ମାଡ଼ ମାରିବା ପରେ ମହିଳାଙ୍କୁ ଗଣବଳାତ୍କାର କରିଥିଲେ। ଏହି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ଜରମୁଣ୍ଡି ଏସ୍‌ଡିପିଓ ସନ୍ତୋଷ କୁମାରଙ୍କ କହିବା ଅନୁଯାୟୀ ବାଂଲାଦେଶରୁ ବାଇକ୍‌ରେ ଆସିଥିବା ଉକ୍ତ ଦମ୍ପତି ଡୁମ୍‌କା ଦେଇ ବିହାରର ଭାଗଲପୁର ଯାଉଥିବାବେଳେ ଏକ ଅସ୍ଥାୟୀ ଟେଣ୍ଟରେ ରାତି କଟାଇବା ପାଇଁ ହଂସଡିହା ବଜାର ନିକଟରେ ଅଟକିଥିଲେ। ସେମାନେ ବିହାର ଦେଇ ନେପାଳ ଯାଇଥାନ୍ତେ। ପୀଡ଼ିତାଙ୍କୁ ଡୁମ୍‌କାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ତଦନ୍ତ ଜାରି ରହିଛି। ଡୁମ୍‌କା ଏସ୍‌ପି ପୀତାମ୍ବର ସିଂ ଖେରୱାରଙ୍କ କହିବା ଅନୁଯାୟୀ, ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବା ସହ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ସ୍ପେନ୍‌ର ଏହି ଦମ୍ପତିଙ୍କ ଗସ୍ତ ଏବଂ ଡୁମ୍‌କାରେ ରହଣି ସମ୍ପର୍କରେ ଜିଲା ପ୍ରଶାସନ ନିକଟରେ କୌଣସି ଖବର ନ ଥିଲା ବୋଲି ସେ କହିଛନ୍ତି। ଘଟଣାର ଅନୁଧ୍ୟାନ ପାଇଁ ଏକ କମିଟି ଗଢ଼ାଯାଇଥିବା ଫୁଲୋ ଝାନୋ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଅନୁକୁରନ ପୂର୍ତ୍ତି କହିଛନ୍ତି। ଡାକ୍ତରୀ ପରୀକ୍ଷାରୁ ପୀଡ଼ିତାଙ୍କର ଆଭ୍ୟନ୍ତରୀଣ କ୍ଷତ ସମ୍ପର୍କରେ ଜଣାପଡ଼ି ନ ଥିବାରୁ ବଳାତ୍କାର କରାଯାଇଥିବା ନେଇ ସ୍ପଷ୍ଟ ହୋଇନାହିଁ। ଡାକ୍ତରୀ ଅନୁଧ୍ୟାନ ଜାରି ରହିଛି। ବିଦେଶିନୀଙ୍କୁ ଗଣବଳାତ୍କାର ଘଟଣାରେ ଝାଡ଼ଖଣ୍ଡରେ ଆଇନ ଶୃଙ୍ଖଳା ଭୁଶୁଡ଼ି ପଡ଼ିଥିବା ଭାଜପା ବିଧାୟକ ଅନନ୍ତ ଓଝା କହିଛନ୍ତି। ରାଜ୍ୟରେ ବିଦେଶୀମାନେ ମଧ୍ୟ ସୁରକ୍ଷିତ ନୁହନ୍ତି। ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଝାଡ଼ଖଣ୍ଡ ମନ୍ତ୍ରୀ ବନ୍ନା ଗୁପ୍ତା ପ୍ରତିଶ୍ରୁତି ଦେଇଛନ୍ତି।




# ଜନଜାତି ବହୁଳ ଜିଲାରେ ନିୟୋଜିତ ବହୁଭାଷୀ ଶିକ୍ଷକଙ୍କ ପାରିତୋଷିକ ୧୦ହଜାରକୁ ବୃଦ୍ଧି

**ଯୋଗ୍ୟତା ଭିତ୍ତିରେ ନିୟମିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର,୨।୩(ସୁନିତ୍ ମିଶ୍ର)

ରାଜ୍ୟର ଜନଜାତି ବହୁଳ ଜିଲାଗୁଡ଼ିକରେ ଜନଜାତି ବର୍ଗର ପିଲାମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବହୁଭାଷୀ ଶିକ୍ଷା ସ୍ୱେଚ୍ଛାସେବୀ (ଏମ୍ଏଲ୍ଇ-ଇଭି) ନିୟୋଜିତ କରାଯାଇଛି। ସୂଚନାଯୋଗ୍ୟ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଜିଲା ଗସ୍ତ କରିବା ସମୟରେ ସେମାନେ ତାଙ୍କ ଅସୁବିଧା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ତ୍ତମାନ ସେମାନଙ୍କ ଦାବିକୁ ସହୃଦୟତାର ସହ ବିଚାରକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବହୁଭାଷୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ପାରିତୋଷିକ ୫୩୭୯ ଟଙ୍କାରୁ ବୃଦ୍ଧିକରି ୧୦ ହଜାର ଟଙ୍କା କରିଛନ୍ତି। ଏହା ବ୍ୟତୀତ ଯୋଗ୍ୟତା ଭିତ୍ତିରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗରେ ବହୁଭାଷୀ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ପିଏଚ୍ଆଇଇଭିଙ୍କ ଦରମା ୧୦ ହଜାର ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର,୨।୩(ସୁନିତ୍ ମିଶ୍ର)

ରାଜ୍ୟର ବିଭିନ୍ନ ବିଦ୍ୟାଳୟର ଅଧ୍ୟୟନରତ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ତଥା ସ୍ୱତନ୍ତ୍ର ସେବା ଯୋଗାଇବା ନିମନ୍ତେ ରାଜ୍ୟ ସରକାର ୨୦୧୪ରୁ ବିଭିନ୍ନ ଗ୍ରାମପଞ୍ଚାୟତରେ ଭିନ୍ନକ୍ଷମ ଶିକ୍ଷା ସ୍ୱେଚ୍ଛାସେବୀ (ପିଏଚ୍ଆଇଇଭି)ମାନଙ୍କୁ ନିୟୋଜିତ କରାଯାଇଥିଲା। ବର୍ତ୍ତମାନ ଏହି ଶିକ୍ଷା ସ୍ୱେଚ୍ଛାସେବୀମାନଙ୍କୁ ମାସିକ ୫୩୭୯ ଟଙ୍କା ପାରିତୋଷିକ ଦିଆଯାଉଥିଲା। ଏବେ ସେମାନଙ୍କ ଦରମା ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସୂଚନାଯୋଗ୍ୟ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଜିଲା ଗସ୍ତ ଅବସରରେ ସେମାନେ ସେମାନଙ୍କ ଅସୁବିଧା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ଭିନ୍ନକ୍ଷମ ଶିକ୍ଷା ସ୍ୱେଚ୍ଛାସେବୀମାନଙ୍କ ବିଭିନ୍ନ ଦାବିକୁ ବିଚାରକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କ ପାରିତୋଷିକ ୧୦,୦୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ବର୍ତ୍ତମାନ ନିୟୋଜିତ ୧୧୧୭ ଜଣ ଭିନ୍ନକ୍ଷମ ଶିକ୍ଷା ସ୍ୱେଚ୍ଛାସେବୀ ଉପକୃତ ହେବେ।

# ମାଓବାଦୀଙ୍କ ଆକ୍ରମଣ: ଭାଜପା ନେତାଙ୍କ ମୃତ୍ୟୁ



ତିରୁପତି କଟଲା

ମାଲକାନଗିରି,୨।୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରର ବିଜାପୁରରେ ମାଓବାଦୀ ଭାଜପା ନେତା ତିରୁପତି କଟଲାଙ୍କ ଉପରକୁ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ବିଜାପୁର ଜିଲାର ତୟାନାର ଗ୍ରାମକୁ ତିରୁପତି ନିଜର ସମ୍ପର୍କୀୟଙ୍କ ବାହାଘରକୁ ଯୋଗ ଦେବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ସଶସ୍ତ୍ର ମାଓବାଦୀ ତିରୁପତିଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଏନେଇ ତିରୁପତିଙ୍କ ସମ୍ପର୍କୀୟମାନେ ଜାଣି ତୟାନାର ପୋଲିସକୁ ଖବର ଦେଇଥିଲେ। ପୋଲିସ ତୁରନ୍ତ ପହଞ୍ଚି ଗୁରୁତର ଅବସ୍ଥାରେ ତିରୁପତିଙ୍କୁ ବିଜାପୁର ଜିଲା ଚିକିତ୍ସାଳୟକୁ ନେଉଥିବା ବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏନେଇ ବିଜାପୁର ଜିଲା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଗତ ବର୍ଷେ ମଧ୍ୟରେ ମାଓବାଦୀଙ୍କ ଆକ୍ରମଣରେ ତିରୁପତିଙ୍କୁ ମିଶାଇ ୮ ଭାଜପା ନେତାଙ୍କର ମୃତ୍ୟୁ ଘଟିଛି।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଦଶମ ପର୍ଯ୍ୟାୟ ଶୁଭାରମ୍ଭ

## ଉପକୃତ ହେଲେଣି ୨୯,୬୫୧ ବରିଷ୍ଠ ନାଗରିକ

ଭୁବନେଶ୍ୱର(ବନ୍ଦନା ସେଠୀ)/ ବାଲେଶ୍ୱର,୨।୩(ମାନସ ବିଶ୍ୱାଳ)



ବାଲେଶ୍ୱର ଷ୍ଟେଶନରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରୁଛନ୍ତି।

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ଦଶମ ପର୍ଯ୍ୟାୟ ଟ୍ରେନ୍ ଯାତ୍ରାର ଶୁଭାରମ୍ଭ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ଜିଲାର ବରିଷ୍ଠ ନାଗରିକମାନେ ଏଥିରେ ସାମିଲ ହୋଇ ଆଗ୍ରା ଓ ମଥୁରା ଯାତ୍ରା କରିଛନ୍ତି। ଏକ ଭିଡିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ସମସ୍ତ ତୀର୍ଥଯାତ୍ରୀଙ୍କୁ ଶୁଭକାମନା ଜଣାଇ କହିଛନ୍ତି, ଏହାଦ୍ୱାରା ବିଭିନ୍ନ ଅଞ୍ଚଳର ସଂସ୍କୃତି ଓ ତୀର୍ଥସ୍ଥଳ ସମ୍ପର୍କରେ ଜାଣିହେବ। ୨୦୧୬ରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ଅଦ୍ୟାବଧି ରାଜ୍ୟର ପ୍ରାୟ ୨୯ହଜାର ୬୫୧ଜଣ ବରିଷ୍ଠ ନାଗରିକ ସାମିଲ ହୋଇ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରି ଆଧ୍ୟାତ୍ମିକ ଅନୁଭବ କରିଛନ୍ତି। ଏହି ତୀର୍ଥଯାତ୍ରା ମାଧ୍ୟମରେ ପାରସ୍ପରିକ ସଦ୍ଭାବ ଏବଂ ଜାତୀୟ ସଂହତି ବଜାୟ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଯାତ୍ରୀମାନେ ଶୁକ୍ରବାର ଜିଲା ପ୍ରଶାସନସହାୟତାରେନିଜଗ୍ରାମରୁସଦର ମହକୁମା ଏବଂ ସେଠାରୁ ବାଲେଶ୍ୱରର ପଦ୍ମାବତୀ ପାର୍କରେ ଅପରାହ୍ନ ୩ଟାରେ ପହଞ୍ଚିବା ପରେ ସେଠାରେ ପଞ୍ଜୀକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସ୍ୱାଗତ କରାଯାଇଥିଲା। ସେମାନଙ୍କ ରହଣି, ଖାଦ୍ୟ ପାନୀୟ ବ୍ୟବସ୍ଥା ସହ ଆମୋଦ ନିମନ୍ତେ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା। ଶନିବାର ପ୍ରତ୍ୟୁଷରୁ ସେମାନଙ୍କୁ ବାଲେଶ୍ୱର ରେଳଷ୍ଟେଶନ ଅଣାଯାଇ ପାରମ୍ପରିକ ନୃତ୍ୟ ଗୀତରେ ଷ୍ଟେଶନ ପ୍ରବେଶ କରାଯାଇଥିଲା। ଆଇଆରସିଟିସି ତରଫରୁ ଫୁଲ, ଚନ୍ଦନ ଓ ମାଳା ଦେଇ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଏଥିସହ ସେମାନଙ୍କୁ ଯାତ୍ରାର ଟିକେଟ୍ ଏବଂ ଆବଶ୍ୟକ ସାମଗ୍ରୀ ଥିବା କିଟ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବାଲେଶ୍ୱର ରେଳ ଷ୍ଟେଶନ୍‌ରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷ ଡ.ଲେନିନ୍ ମହାନ୍ତି, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଉପଦେଷ୍ଟା ଦୁର୍ଗା ପ୍ରସାଦ ସାମନ୍ତରାୟ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ବାଳମୁକୁନ୍ଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶେଷ ପର୍ଯ୍ୟାୟ ଯାତ୍ରାରେ ୯୭୦ଜଣ ତୀର୍ଥଯାତ୍ରୀ ଏବଂ ୩୦ଜଣ ଅଧିକାରୀ ସାମିଲ ଅଛନ୍ତି। ସେମାନେ ଆଗ୍ରା ଓ ମଥୁରାରେ ତୀର୍ଥ କରି ଆସନ୍ତା ୭ରେ ବାଲେଶ୍ୱରରେ ପହଞ୍ଚିବେ। ପୂର୍ବରୁ ଆଇଆରସିଟିସି ସହଯୋଗରେ ଆୟୋଜିତ ୨୯ଟି ଯାତ୍ରାରେ ୨୮ ହଜାର ୬୫୧ଜଣ ବରିଷ୍ଠ ନାଗରିକ ଦେଶର ବିଭିନ୍ନ ତୀର୍ଥସ୍ଥାନକୁ ଯାତ୍ରା କରିଥିଲେ।

# ସଭା ଅଧାରୁ ଉଠିଆସିଲେ ନରସିଂହ

ବଲାଙ୍ଗୀର, ୨।୩ (ବୀରେନ୍ଦ୍ର କୁମାର ଝାଙ୍କର)



ବିଧାୟକ ନରସିଂହ ମିଶ୍ର

**ଭୀମ ଭୋଇ ମେଡିକାଲ କଲେଜ ଟିଚିଂ ହସ୍ପିଟାଲ ଉଦ୍‌ଘାଟନ**

**ସଭାରେ ବିଧାୟକଙ୍କୁ କହିବାକୁ ଦେଲେନାହିଁ**

ବଲାଙ୍ଗୀର ଗନ୍ଧରେଲସ୍ଥିତ ଭୀମଭୋଇ ମେଡିକାଲ କଲେଜ କ୍ୟାମ୍ପସରେ ନବନିର୍ମିତ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଂ ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ଶନିବାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନବନିର୍ମିତ ହସ୍ପିଟାଲ କୋଠା ସମ୍ମୁଖରେ ଏକ ଉଦ୍‌ଘାଟନୀ ସଭା ଆୟୋଜନ କରାଯାଇଥିଲା। ଏଠାରେ ମନ୍ତ୍ରୀ ଟୁକୁନୀ ସାହୁ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ବିଧାୟକ ନରସିଂହ ମିଶ୍ର, ଜିଲା ପରିଷଦ ସଭାପତି ଦେବକୀ ସାହୁ, ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ପୌରାଧ୍ୟକ୍ଷା ଲିକା ସାହୁ, ମେଡିକାଲ କଲେଜ ଡିନ୍ ପ୍ରଫେସର ଡ. ସ୍ୱୟଂପ୍ରଭା ପ୍ରଧାନ ମଞ୍ଚାସୀନ ହୋଇଥିଲେ। ଏହି ସଭାରେ ବିଧାୟକ ନରସିଂହ ମିଶ୍ରଙ୍କୁ କହିବାକୁ ସୁଯୋଗ ନ ଦେବାରୁ ସେ ସଭାମଞ୍ଚ ଛାଡି ତଳକୁ ଓହ୍ଲାଇ ଆସିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ ଯେ, ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ସମ୍ପୂର୍ଣ୍ଣ ହୋଇ ନ ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ସଭାରେ ତାଙ୍କୁ କହିବାକୁ ସୁଯୋଗ ଦିଆଯାଇନାହିଁ। କେବଳ ବିଜେଡି ନେତାମନ୍ତ୍ରୀଙ୍କୁ ବାଛି ବାଛି କହିବାର ସୁଯୋଗ ଦିଆଯାଇଛି। ତାଙ୍କୁ କହିବାର ସୁଯୋଗ ନ ଦେଇ ଏହି ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଅପମାନ କରାଯାଇଛି। ଏହା ଏକ ସରକାରୀ କାର୍ଯ୍ୟକ୍ରମ ଥିଲା। ସରକାରୀ ସଭାରେ ମନ୍ତ୍ରୀ ନିଜେ ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ବକ୍ତବ୍ୟ ରଖିବା ଅସାମ୍ବିଧାନିକ। ଏହାକୁ ବଲାଙ୍ଗୀରବାସୀ କଦାପି ଗ୍ରହଣ କରିବେ ନାହିଁ ବୋଲି ବିଧାୟକ କହିଥିଲେ। ସେ ନିଜେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଥିବାବେଳେ ଏଠାରେ ମେଡିକାଲ କଲେଜ ଓ ହସ୍ପିଟାଲର ଶିଳାନ୍ୟାସ କରିଥିଲେ। ସରକାରୀ ଦଳ ନେତାମାନଙ୍କ ବିରୋଧ ଯୋଗୁ ଦୀର୍ଘ ବର୍ଷ ଧରି ଏହି ମେଡିକାଲ କଲେଜ ହସ୍ପିଟାଲ ହୋଇପାରି ନ ଥିଲା। ବୈଠକ ଅଧାରୁ ବିଧାୟକ ମିଶ୍ର ଉଠି ଆସିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା।

# ନବୋଦୟ ବିଦ୍ୟାଳୟ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

**ହଷ୍ଟେଲରୁ ମିଳିଲା ଝୁଲନ୍ତା ମୃତଦେହ**

**ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ପରିବାର ଲୋକେ**

ବାସୁଦେବପୁର,୨।୩ (ନାରାୟଣ ପ୍ରସାଦ ବାରିକ୍)



ମୃତ ଛାତ୍ରୀଙ୍କ ମା'।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପଞ୍ଚାୟତର ଚାନ୍ଦିମାଳଠାରେ ଥିବା ଜବାହର ନବୋଦୟ ବିଦ୍ୟାଳୟର ଜଣେ ଦ୍ୱାଦଶ ଶ୍ରେଣୀ ଛାତ୍ରୀଙ୍କ ଶନିବାର ସକାଳେ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତା ଛାତ୍ରୀ ହେଲେ ଧାମନଗର ବ୍ଲକର ପଧାନୀ ପଞ୍ଚାୟତ କୁରୁରିଆ ଗାଁର ସୁରେନ୍ଦ୍ର ବେହେରାଙ୍କ ଝିଅ ଅର୍ପିତା(୧୭)। ସୋମବାର ଫିଜିକ୍ସ ପରୀକ୍ଷା ଥିବାବେଳେ ଦିନକ ପୂର୍ବରୁ ତାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସକାଳ ୬ରୁ ସାଢ଼େ ୬ ଭିତରେ ଅର୍ପିତା ମା' ଓ ସାନଭାଇଙ୍କ ସହ ଫୋନ୍‌ରେ ସ୍ୱାଭାବିକ ଭାବେ କଥା ହୋଇଥିଲେ ବୋଲି ମା' ପୁଷ୍ପଲତା କହିଥିବା ବେଳେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି।

ଅର୍ପିତା ସକାଳେ ଉଠି ବିଦ୍ୟାଳୟର ୨ଟି କ୍ଲାସ୍ କରିଥିଲେ। ପରେ ଅନ୍ୟ ଏକ କ୍ଲାସ୍‌କୁ ସେ ନ ଆସିବାରୁ ପ୍ରାୟ ୭ଟା ୪୫ ବେଳେ ମାଟ୍ରନ ମେନକା ରାଉତ ହଷ୍ଟେଲର ଅର୍ପିତାଙ୍କ ରୁମ୍‌କୁ ଯାଇଥିଲେ। ସେଠାରେ ଏକ ଆପ୍ରୋନରେ ଫାଶି ଲଗାଇ ଅର୍ପିତା ଝୁଲୁଥିବା ଦେଖିବାକୁ ପାଇଥିଲେ। ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ କର୍ମଚାରୀ ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଶିକ୍ଷୟିତ୍ରୀ କଳ୍ପନା ଦାସ କହିଛନ୍ତି। ଖବରପାଇ ଅର୍ପିତାଙ୍କ ମା' ବାପା ଡାକ୍ତରଖାନାରେ ପହଞ୍ଚିଥିଲେ। ସେଠାରେ ଝିଅର ମୃତଦେହ ଦେଖି ସେମାନେ ହତବାକ୍ ହୋଇଯାଇଥିଲେ। ଏହି ଘଟଣା ପରେ ବିଦ୍ୟାଳୟ ପରିସରରେ ଭୟର ବାତାବରଣ ଦେଖାଦେଇଛି। ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଘରକୁ ନେବା ପାଇଁ ଫାଟକ ପାଖରେ ଭିଡ଼ ଜମାଇବା ସହ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ମଧ୍ୟାହ୍ନରେ ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା ଏବଂ କଷିଆ ସାମୁଦ୍ରିକ ଥାନା ଆଇଆଇସି ସାବିତ୍ରୀ ପଣ୍ଡାଙ୍କ ଉପସ୍ଥିତିରେ ସାଇଣ୍ଟିଫିକ ଟିମ୍ ଘଟଣାର ତଦନ୍ତ କରିଛି। ବିଦ୍ୟାଳୟ ଗେଟ୍ ପାଖ ଓ କ୍ୟାମ୍ପସରେ ପୋଲିସ ମୁତୟନ କରାଯାଇଛି। ରିପୋର୍ଟ ଲେଖାହେବା ସୁଦ୍ଧା ଛାତ୍ରୀଙ୍କ ପରିବାର ପକ୍ଷରୁ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବାବେଳେ କଷିଆ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୪) ରୁଜୁ କରିଛି।

# ବ୍ରାହ୍ମଣୀରେ ବୁଡ଼ି ୨ ଯୁବକ ନିଖୋଜ

ପଟ୍ଟାମୁଣ୍ଡାଇ, ୨।୩ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ନିମପୁର ଗାଁ ନିକଟ ବ୍ରାହ୍ମଣୀ ନଦୀରେ ଶନିବାର ମଧ୍ୟାହ୍ନରେ ୨ ଯୁବକ ଗାଧୋଇବା ବେଳେ ଅସାବଧାନତାବଶତଃ ଗଭୀର ପାଣିରେ ବୁଡି ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ଦ୍ୱୟ ଉତ୍ତରପ୍ରଦେଶ ଆଗ୍ରା ଅଞ୍ଚଳ ତଣ୍ଡାଲା ଗ୍ରାମର ଅଜିତ କୁଆଁର(୨୨), ଜାଭେଦ୍ ଖାନ (୨୦)। ଏକ କମ୍ପାନୀର କଲରପ୍ରିଣ୍ଟ ୱାଲ କରିବାକୁ ଆସି ଫେରୁଥିବା ବେଳେ ଏପରି ଘଟଣା ଘଟିଯାଇଛି। ପଟ୍ଟାମୁଣ୍ଡାଇ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ସୂଚନା ଅନୁଯାୟୀ, ଆଗ୍ରା ଅଞ୍ଚଳ ତଣ୍ଡାଲା ଗ୍ରାମର ୭ ଜଣ ଯୁବକ ଏକ କମ୍ପାନୀର ୱାଲ ରଙ୍ଗ କାମ ପାଇଁ ଦୀର୍ଘ ୧୫ ଦିନ ହେବ ପଟ୍ଟାମୁଣ୍ଡାଇ ଅଞ୍ଚଳକୁ ଆସିଥିଲେ। କାମ ସାରି ଫେରୁଥିବା ସମୟରେ ନିମପୁର ନିକଟ ନରେନ୍ଦ୍ରପୁର ଘାଟ ପାଖରେ ଗାଡ଼ି ରଖି ୬ ଜଣ ଯୁବକ ଗାଧୋଇବାକୁ ଯାଇଥିଲେ। ସେଠାରେ ସେମାନେ ଗାଧୋଉଥିବା ବେଳେ ହଠାତ୍ ୨ ଜଣ ଗଭୀର ନଦୀ ପାଣିରେ ବୁଡ଼ି ଯାଇଥିବା ବେଳେ ୪ ଅକ୍ଳକେ ବର୍ତ୍ତିଯାଇଥିଲେ। ତେବେ ଆଗ୍ରାରୁ ସାଙ୍ଗ ହୋଇ ୭ ଜଣ କାମ ପାଇଁ ଓଡ଼ିଶା ଆସିଥିଲେ। କିନ୍ତୁ ଦୁଇ ସାଙ୍ଗ ନିଖୋଜ ଥିବାରୁ ୫ ଜଣ ଚିନ୍ତାରେ ଅଛନ୍ତି। ଅଗ୍ନିଶମ କର୍ମଚାରୀମାନେ ସନ୍ଧ୍ୟା ପର୍ଯ୍ୟନ୍ତ ବୋଟ ମାଧ୍ୟମରେ ବ୍ରାହ୍ମଣୀ ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା।

# ୫-ଟି ଅଧ୍ୟକ୍ଷଙ୍କୁ ଭେଟିଲେ ନବଗଠିତ ଏନ୍ଏସିର ଜନସାଧାରଣ

**ଅନ୍ୟ ସଙ୍ଗଠନର ଅନେକ ସଦସ୍ୟ ମଧ୍ୟ ଭେଟିଲେ**

ଭୁବନେଶ୍ୱର,୨।୩(ସୁନିତ୍ ମିଶ୍ର)

ରାଜ୍ୟର ୨ଟି ନବଗଠିତ ମ୍ୟୁନିସିପାଲିଟି, ୮ଟି ବିଜ୍ଞାପିତ ଅଞ୍ଚଳ ପରିଷଦର ଜନସାଧାରଣ ଓ ୪ଟି ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ଶନିବାର ନବୀନ ନିବାସଠାରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଧନ୍ୟବାଦ ଅର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ପାଇଁ ସେମାନେ କୃତଜ୍ଞତା ପ୍ରକାଶ କରିଛନ୍ତି। ୫-ଟି ଅଧ୍ୟକ୍ଷ ସେମାନଙ୍କୁ ଧନ୍ୟବାଦ ଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀ ଓଡ଼ିଶାର ବିକାଶ ପାଇଁ ଦିନରାତି କାମ କରୁଛନ୍ତି। ସମସ୍ତଙ୍କୁ ସେ ନିଜ ପରିବାରର ସଦସ୍ୟ ବୋଲି ଭାବନ୍ତି। ସମସ୍ତେ ମିଳିମିଶି ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ନୂଆ ଓଡ଼ିଶା ଗଠନ ପାଇଁ କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ରାଜ୍ୟରେ ୩୫ଟି ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ୩ଟି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ମ୍ୟୁନିସିପାଲିଟି ଭାବେ ମୁଖ୍ୟମନ୍ତ୍ରୀ ଉନ୍ନୀତ କରିଥିଲେ। ଆଜି ନବଗଠିତ ବିଭିନ୍ନ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ମ୍ୟୁନିସିପାଲିଟିର ଜନସାଧାରଣ ନବୀନ ନିବାସଠାରେ ୫-ଟି ଅଧ୍ୟକ୍ଷଙ୍କୁ ଭେଟି ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କରିଛନ୍ତି। ସେମାନଙ୍କ ସହ କୃଷକସାଥୀ ସଂଘ, ଓମ୍‌ଫେଡ୍ ରିଟେଲର ସଂଘ, ନିଖିଳ ଓଡ଼ିଶା ଲେଫ୍ଟ ଆଉଟ ଗଣଶିକ୍ଷକ ମହାସଂଘ ଏବଂ ଓଡ଼ିଶା ପ୍ରଦେଶ ଲକ୍ଷେ ଘର ଦଳିତ ଜାତି ସମାଜ ମହାସଂଘର କର୍ମକର୍ତ୍ତାମାନେ ମଧ୍ୟ ତାଙ୍କୁ ଭେଟି କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଛନ୍ତି। ନବଗଠିତ ବୌଦ୍ଧଗଡ ମ୍ୟୁନିସିପାଲିଟି, କରଞ୍ଜିଆ ମ୍ୟୁନିସିପାଲିଟି, ବେତନଟୀ, ପାଣିକୋଇଲି, ଜାରକା, ବନ୍ତା, ସିମୁଳିଆ, କଣ୍ଟାମାଳ, ଶେରଗଡ ଓ ରାଇକିଆ ବିଜ୍ଞାପିତ ଅଞ୍ଚଳ ପରିଷଦର ଜନସାଧାରଣଙ୍କ ସହିତ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିଧାୟକ ଅଶୋକ କୁମାର ବଳ, ବିଧାୟକ ପ୍ରଣବ ବଳବନ୍ତରାୟ, ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ମହିଧର ରଣା, ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା ପ୍ରମୁଖ ୫-ଟି ଅଧ୍ୟକ୍ଷଙ୍କୁ ଭେଟିଛନ୍ତି।

# ସାମୟିକ କଳା ଓ କ୍ରୀଡ଼ା ଶିକ୍ଷକଙ୍କ ପାରିଶ୍ରମିକ ୧୦ହଜାର ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର,୨।୩(ସୁନିତ୍ ମିଶ୍ର)

- **ଶିକ୍ଷୟିତ୍ରୀଙ୍କୁ ମିଳିବ ମାତୃତ୍ୱ ଛୁଟି**
- **୨୪ ପରିବର୍ତ୍ତେ ୩୦ ପିରିୟଡ୍‌ରେ ଶିକ୍ଷାଦାନ କରିବେ**
- **ମାସିକିଆ ପାରିଶ୍ରମିକ ବର୍ଷକୁ ୧୦ ମାସ ବଦଳରେ ୧୨ ମାସ ପାଇବେ**

ରାଜ୍ୟର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ନିୟୋଜିତ ସାମୟିକ କଳା ଓ କ୍ରୀଡ଼ା ପ୍ରଶିକ୍ଷକମାନଙ୍କ ମାସିକ ପାରିଶ୍ରମିକକୁ ରାଜ୍ୟ ସରକାର ୭ ହଜାରରୁ ବୃଦ୍ଧିକରି ୧୦ ହଜାର ଟଙ୍କା କରିଛନ୍ତି। ଏଣିକି ସେମାନଙ୍କ ମାସିକ ପାରିଶ୍ରମିକ ବର୍ଷକୁ ୧୦ ମାସ ପରିବର୍ତ୍ତେ ପୂରା ୧୨ ମାସ ପାଇଁ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଘୋଷଣା କରିଛନ୍ତି। ମାସିକ ୨୪ଟି ପିରିୟଡ୍ ପରିବର୍ତ୍ତେ ୩୦ଟି ପିରିୟଡ୍‌ରେ ସେମାନେ ଶିକ୍ଷାଦାନ କରିବେ। ଏହାସହ ଅନ୍ୟ ସରକାରୀ କର୍ମଚାରୀମାନଙ୍କ ପରି ମହିଳା କଳା ଓ କ୍ରୀଡ଼ା ପ୍ରଶିକ୍ଷକମାନେ ଆବଶ୍ୟକ ସ୍ଥଳେ ମାତୃତ୍ୱ ଛୁଟି ମଧ୍ୟ ପାଇପାରିବେ।

ସୂଚନାଯୋଗ୍ୟ ଯେ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଜିଲା ଗସ୍ତ ଅବସରରେ ସେମାନେ ସେମାନଙ୍କ ଅସୁବିଧା ସମ୍ପର୍କରେ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ୪୬୦୫ ଜଣ କଳା ଶିକ୍ଷକ ଶିକ୍ଷୟିତ୍ରୀ ଉପକୃତ ହେବେ। ରାଜ୍ୟର କେତେକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କୁ କଳା ଓ ଶାରୀରିକ ଶିକ୍ଷା ତାଲିମ ଦେବା ପାଇଁ ସାମୟିକ କଳା ଓ କ୍ରୀଡ଼ା ଶିକ୍ଷକ ନିୟୋଜିତ କରାଯାଇଛି।

# ଭାପୁର ବ୍ଲକର ସାଙ୍ଗଠନିକ ପରିବର୍ତ୍ତନ କଲା ବିଜେଡି

- **ଶିବପ୍ରସାଦ ବିଜେଡିର ବ୍ଲକ ସଭାପତି**
- **ସନ୍ତୋଷ ଯୁବ, ସତ୍ୟବ୍ରତ ଛାତ୍ର ସଭାପତି**

ଭୁବନେଶ୍ୱର,୨।୩(ସୁନିତ୍ ମିଶ୍ର)

ବିଜେଡି ପକ୍ଷରୁ ଶନିବାର ନୟାଗଡ଼ ଜିଲା ଭାପୁର ବ୍ଲକ ପାଇଁ ବିଭିନ୍ନ ସାଙ୍ଗଠନିକ ଦାୟିତ୍ୱ ବଣ୍ଟାଯାଇଛି। ଭାପୁର ବ୍ଲକ ସଭାପତି ଭାବେ ଶିବ ପ୍ରସାଦ ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଭାପତି ଭାବେ ବେଣୁଧର ପ୍ରଧାନ ଏବଂ ଉପସଭାପତି ଭାବେ ଭରତ କୁମାର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାସହ ଲକ୍ଷ୍ମୀଧର ସାମନ୍ତରାୟ, ସନ୍ତୋଷ କୁମାର ତ୍ରିପାଠୀ, ମଧୁସୂଦନ ରଥ, ପଠାଣି ପଟ୍ଟନାୟକ, ଶତ୍ରୁଘ୍ନ ପଣ୍ଡା, ବୈକୁଣ୍ଠ ଦାସ, ଶାନ୍ତିଲତା ବେହେରା, ଲିଙ୍ଗରାଜ ଦାସ, ଗଣନାଥ ଦାସ ଏବଂ ପ୍ରଦୀପ କୁମାର ବେହେରାଙ୍କୁ ପରାମର୍ଶଦାତା ଭାବେ ନିଯୁକ୍ତି ମିଳିଛି। ସେହିପରି ଭାପୁର ବ୍ଲକର ଯୁବ ସଭାପତି ଭାବେ ସନ୍ତୋଷ କୁମାର ପାଲଟାସିଂ ଏବଂ ସତ୍ୟବ୍ରତ ମହାରଣାଙ୍କୁ ବ୍ଲକର ଛାତ୍ର ସଭାପତି ଦାୟିତ୍ୱ ମିଳିଛି।

# ୨ ଏଏସ୍ଆଇଙ୍କୁ ଗିରଫ କଲା ଭିଜିଲାନ୍ସ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ମାହାଙ୍ଗା (ଯଯାତି ସିଂହ)/ ଡାବୁଗାଁ,୨।୩(ପ୍ରଜ୍ଞାରଞ୍ଜନ ପରିଡା)




ସୀମାଞ୍ଚଳ ମହାରଣା ଆଲୋକ ଷଡ଼ଙ୍ଗୀ

**ଲାଞ୍ଚ ନେଉଥିଲେ, ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି**

ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ୨ଜଣ ପୋଲିସ ଏଏସ୍ଆଇ। ସେମାନେ ହେଲେ କଟକ ଜିଲା ଭଦ୍ରେଶ୍ୱର ଥାନାର ଏଏସ୍ଆଇ ଆଲୋକ କୁମାର ଷଡ଼ଙ୍ଗୀ ଓ ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଏଏସ୍ଆଇସୀମାଞ୍ଚଳମହାରଣା।ଏଏସ୍ଆଇ ଷଡ଼ଙ୍ଗୀ ଏକ ମାମଲାରେ ସହାୟତା କରିବା ପାଇଁ ଅଭିଯୋଗକାରୀଙ୍କଠାରୁ ୮ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ କଟକ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିବା ସହ ତାଙ୍କଠାରୁ ସମସ୍ତ ଟଙ୍କା ଜବତ କରିଛି। ଏହାପରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ଟିମ୍ ଭଦ୍ରେଶ୍ୱରସ୍ଥିତ ତାଙ୍କ ଭଡାଘର, ଜଗତ୍‌ସିଂପୁରରେ ଥିବା ପୈତୃକ ଘର ଓ ପୁରୀସ୍ଥିତ ଆବାସିକ ଘରେ ଚଢାଉ ଚାଲିଛି। ଏନେଇ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୦୬/୨୦୨୪ ) ରୁଜୁ କରାଯାଇ ଏଏସ୍ଆଇ ଷଡଙ୍ଗୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଜମିଜମା ବିବାଦକୁ ନେଇ ଜଗବନ୍ଧୁ ରାଉତ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ଭଦ୍ରେଶ୍ୱର ଥାନାରେ ଏକ ଅଭିଯୋଗ ରହିଛି। ସେହିପରି ସେ ମଧ୍ୟ ପ୍ରତିପକ୍ଷଙ୍କ ନାମରେ ଅଭିଯୋଗ କରିଛନ୍ତି। ତେବେ ଏଥିରେ ସହାୟତା କରିବାକୁ ଏଏସ୍ଆଇ ଷଡ଼ଙ୍ଗୀ ଜଗବନ୍ଧୁଙ୍କୁ ୧୦ ହଜାର ଟଙ୍କା ଦାବିକରିଥିଲେ। ଏନେଇ ଜଗବନ୍ଧୁ ଭିଜିଲାନ୍ସରେ ଜଣାଇବା ପରେ ଯୋଜନା ମୁତାବକ ଥାନାରେ ଏଏସଆଇ ଷଡ଼ଙ୍ଗୀଙ୍କୁ ୮ ହଜାର ଟଙ୍କା ଦେଉଥିବାବେଳେ ସାଦା ପୋଷାକରେ ଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ।

ସେହିଭଳି ଏକ ଗଣ୍ଡଗୋଳ ମାମଲାରୁ ନାମ କାଟିବାକୁ ଡାବୁଗାଁଥାନା ଏଏସ୍ଆଇ ମହାରଣା ଶନିବାର ପାପଡ଼ାହାଣ୍ଡି ବ୍ଲକ ରାଉଁଳିଗୁଡ଼ାର ମକରନ୍ଦ ଜାନିଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡିଥିଲେ। ତେବେ ଭିଜିଲାନ୍ସ ଅଧିକାରୀଙ୍କୁ ଦେଖି ଲାଞ୍ଚ ଟଙ୍କାକୁ ଥାନାର ମାଲଖାନକୁ ଫୋପାଡି ଦେଇଥିଲେ। ଭିଜିଲାନ୍ସ ଅଧିକାରୀମାନେ ମାଲଖାନାରୁ ଲାଞ୍ଚ ଅର୍ଥ ଜବତ କରିବା ସହ ଦୁଇଟି ସ୍ଥାନରେ ଥିବା ଘରେ ଚଢାଉ କରୁଛନ୍ତି। ଏଥିସହ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଏଏସ୍ଆଇ ମହାରଣାଙ୍କୁ ଗିରଫ କରିଛି। କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ମକରନ୍ଦ ଗତ ୮ ତାରିଖ ସନ୍ଧ୍ୟାରେ ନାଟ ଦେଖିବାକୁ ଚାଲିଚାଲି ଯାଉଥିବାବେଳେ ଗାଁର ପଦୁସିଂ ଜାନି ବାଇକ୍ (ଓଡି-୨୪ଡି-୭୧୩୫)ରେ ଆସି ତାଙ୍କୁ ପଛପଟରୁ ଧକ୍କା ଦେଇଥିଲେ। ପ୍ରତିବାଦ କରିବାରୁ ପଦୁସିଂ ଗାଳିଗୁଲଜ କରିବା ସହ ଲୁହା ରଡ୍‌ରେ ମକରନ୍ଦଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଏହା ଦେଖି ମକରନ୍ଦଙ୍କ ଭାଇ ଓ ଭାଉଜ ଅଟକାଇବାରୁ ପଦୁସିଂ ସେମାନଙ୍କୁ ମଧ୍ୟ ଗାଳିଗୁଲଜ କରି ମାଡ଼ ମାରିଥିଲେ। ଏନେଇ ମକରନ୍ଦ ୯ ତାରିଖରେ ପଦୁସିଂଙ୍କ ନାମରେ ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୩ /୨୪ରେ ଏକ ମାମଲା ରୁଜୁ କରିଥିଲା। ଅନ୍ୟପକ୍ଷରେ ପଦୁସିଂ ମଧ୍ୟ ମକରନ୍ଦ ଓ ତାଙ୍କ ସ୍ତ୍ରୀ ଫନୀଙ୍କ ନାମରେ ଆକ୍ରମଣ ଓ ଗାଳିଗୁଲଜ ଅଭିଯୋଗ କରିଥିଲେ। ଏନେଇ ନଂ. ୩୪/୨୪ରେ ଡାବୁଗାଁ ପୋଲିସ ଆଉଏକ ମାମଲା ରୁଜୁ କରିଛି। ଉଭୟ ମାମଲାକୁ ଏଏସ୍ଆଇ ମହାରଣା ତଦନ୍ତ କରୁଥିଲେ। ମାମଲାରୁ ଫନୀଙ୍କ ନାମ କାଟିଦେବା ପାଇଁ ଏଏସ୍ଆଇ ମକରନ୍ଦଙ୍କୁ ଲାଞ୍ଚ ମାଗିବାରୁ ସେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଶନିବାର ମଧ୍ୟାହ୍ନରେ ମକରନ୍ଦଙ୍କଠାରୁ ଏଏସ୍ଆଇ ମହାରଣା ୫ ହଜାର ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା।



